# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୫/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 15/2025 Page 16 ₹ 7.00

୫୧ଶ ଭାଗ ୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 83 ମୂଲ୍ୟ₹୭/-




## ଅର୍ଜୁନ-ମଲାଇକାଙ୍କ ପ୍ୟାଚ୍‌ଅପ୍

ବଲିଉଡ୍‌ର ଚର୍ଚ୍ଚିତ ଯୋଡ଼ି ମଲାଇକା ଅରୋରା ଏବଂ ଅର୍ଜୁନ କପୁର ପରସ୍ପରଠାରୁ ଦୂରେଇ ଯାଇଥିବା କୁହାଯାଉଥିଲା। ସେମାନଙ୍କ ମଧ୍ୟରେ ପୁଣିଥରେ ପ୍ୟାଚ୍‌ଅପ୍ ହୋଇଥିବା ଚର୍ଚ୍ଚା ହେଉଛି। ୦୨

୧୬ 

## ହରମନପ୍ରୀତ ଆଶାବାଦୀ

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶକ୍ତିଶାଳୀ ଦଳ ଗୁଡ଼ିକ ବିପକ୍ଷରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଆଶା ପ୍ରକାଶ କରିଛନ୍ତି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ।



## ସୁନାଦର ୮୭,୦୮୦ ଟଙ୍କା

**ଭୁବନେଶ୍ୱର,୧୪।୨(ଅଭୟ ଦାଶ)**

କ୍ରମାଗତ ଭାବେ ସୁନା ଦର ବଢ଼ି ଚାଲିଥିଲାବେଳେ ରୁପା ଦର ମଧ୍ୟ ବୃଦ୍ଧି ପାଇ ଚାଲିଛି। ଶୁକ୍ରବାର ଭୁବନେଶ୍ୱରରେ ସୁନା ୨୪ କ୍ୟାରେଟ୍ ପ୍ରତି ୧୦ ଗ୍ରାମର ଦାମ୍ ୮୭, ୦୮୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍‌ର ଦାମ୍ ୭୯,୯୦୦ ଟଙ୍କା ରହିଛି। ଗୋଟିଏ ପଟରେ ଦର ବୃଦ୍ଧି ଯୋଗୁ ବ୍ୟବସାୟ ମାନ୍ଦା ରହିଥିଲାବେଳେ ଅପରପକ୍ଷରେ ବିବାହ ଓ ଅନ୍ୟାନ୍ୟ ଶୁଭକାର୍ଯ୍ୟ ପାଇଁ ସବୁବର୍ଗର ଗ୍ରାହକ ଅତିରିକ୍ତ ଖର୍ଚ୍ଚାନ୍ତ ସହ ଉଚ୍ଚା ଦରରେ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଧାତୁ କ୍ରୟ କରୁଛନ୍ତି।

**ଆଜିର ସମ୍ପାଦକୀୟ**

**ନିଯୁକ୍ତିରେ ପରିବର୍ତ୍ତନ**






ଆମେରିକାର ୱାଶିଂଟନ ଡିସିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରମର୍ଦ୍ଦନ କରୁଥିବାର ଏକ ବିଶେଷ ମୁହୂର୍ତ୍ତ।

# ଭାରତକୁ ଟାରିଫ୍, ମୋଦିଙ୍କୁ ତାରିଫ୍

**ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ୱାଶିଂଟନ୍ ଡିସିରେ ଭେଟିଛନ୍ତି। ନିକଟରେ ବେଆଇନ ଭାରତୀୟ ଆପ୍ରବାସୀଙ୍କୁ ଟ୍ରମ୍ପ୍ ପ୍ରଶାସନ ଫେରାଇବା କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏଚ୍‌୧ବି ଭିଜା ସଂକ୍ରାନ୍ତରେ କଠୋର ମନୋଭାବ ପୋଷଣ କରିଛି। ଏଭଳି ସ୍ଥଳେ ଆଶା କରାଯାଉଥିଲା, ମୋଦିଙ୍କ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ। କିନ୍ତୁ ଟ୍ରମ୍ପ୍ କହିଛନ୍ତି, ଯେଉଁ ରାଷ୍ଟ୍ରଗୁଡ଼ିକ ଆମେରିକୀୟ ସାମଗ୍ରୀ ଉପରେ ଆମଦାନୀ ଟିକସ ବସାଉଛନ୍ତି, ସେମାନଙ୍କ ବିପକ୍ଷରେ ପାରସ୍ପରିକ ଶୁଳ୍କ (ରେସିପ୍ରେକାଲ ଟାରିଫ୍) ଲାଗୁ କରାଯିବ, ସିଏ ବନ୍ଧୁ ରାଷ୍ଟ୍ର ହୁଅନ୍ତୁ ବା ପ୍ରତିଦ୍ୱନ୍ଦ୍ୱୀ। ଆମେରିକାଠାରୁ ତୈଳ, ଗ୍ୟାସ ଓ ପ୍ରତିରକ୍ଷା ସାମଗ୍ରୀ କିଣିବା ଉପରେ ୱାଶିଂଟନ୍ ଦେଇଥିବା ପ୍ରସ୍ତାବକୁ ଭାରତ ମାନିନେଇଛି। ଅନ୍ୟପକ୍ଷରେ ଭାରତର ଦାବି ଉପରେ ମୋଦି-ଟ୍ରମ୍ପ୍ ଭେଟଘାଟରୁ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଟ୍ରମ୍ପ୍ ଭାରତ ଉପରେ ଅତ୍ୟଧିକ ଶୁଳ୍କ (ଇଂଲିଶ୍‌ରେ ଟାରିଫ୍) ବସାଇବା ନେଇ ସ୍ପଷ୍ଟ କରିଥିବାବେଳେ ଭାରତୀୟ ଗଣମାଧ୍ୟମ ମୋଦିଙ୍କୁ ଟ୍ରମ୍ପ୍ ପ୍ରଶଂସା (ହିନ୍ଦୀରେ ତାରିଫ୍)ରେ ପୋତୁଥିବା ବିଷୟରେ ଉଲ୍ଲେଖ କରୁଥିବା ଦେଖିବାକୁ ମିଳିଛି।**

**ନୂଆଦିଲ୍ଲୀ,୧୪।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ ଦିନିଆ ଆମେରିକା ଗସ୍ତରେ ଯାଇ ଗୁରୁବାର ବିଳମ୍ବିତ ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀଙ୍କୁ ଆଲିଙ୍ଗନ ଓ କରମର୍ଦ୍ଦନ ସହ ଅଭିନନ୍ଦନ ଜଣାଇବା ଅବସରରେ ତାଙ୍କୁ ଜଣେ ଭଲ ମଧ୍ୟସ୍ଥ କହି ତାରିଫ୍ (ପ୍ରଶଂସା) କରିଥିବାବେଳେ ସେପଟେ ଭାରତ ନୂଆ ଟାରିଫ୍ (ଶୁଳ୍କ) ବୋଝ ବହନ କରିବାକୁ ଯାଉଛି। କାରଣ ମୋଦିଙ୍କ ସହ ଆଲୋଚନା ପୂର୍ବରୁ ଟ୍ରମ୍ପ୍ ସହଯୋଗୀ ଓ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଗୁଡ଼ିକ ବିରୋଧରେ ପାରସ୍ପରିକ ଶୁଳ୍କ (ରେସିପ୍ରୋକାଲ ଟାରିଫ୍) ଘୋଷଣା କରିଛନ୍ତି। ଏହି ଟାରିଫ୍ ଲାଗୁ ହେଲେ ଆମେରିକା ସହ ଭାରତର ବାଣିଜ୍ୟ ଗୁରୁତର ପ୍ରଭାବିତ ହେବ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ମୋଦି ଆମେରିକାରେ ପହଞ୍ଚିବା ପରଠାରୁ ସବୁକିଛି ଅନୁକୂଳ ଲାଗୁଥିଲା। ସେ ରହିଥିବା ବ୍ଲେୟାର ହାଉସ୍‌ରୁ ଆମେରିକା ପତାକା କଢ଼ାଯାଇ ସେଠାରେ ତ୍ରିରଙ୍ଗା ଲଗାଯାଇଥିଲା, ଯାହାକି ଗସ୍ତରେ ଆସିଥିବା ବିଦେଶୀ ନେତାଙ୍କ ପାଇଁ ଏକ ବିରଳ ଅଭିବ୍ୟକ୍ତି। ଏଥିସହିତ ଟ୍ରମ୍ପ୍ ପ୍ରଶାସନର ଅନେକ ଶୀର୍ଷ ଅଧିକାରୀମାନଙ୍କ ସହ ମୋଦିଙ୍କ ଆଲୋଚନା ହୋଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ସ୍ପେସ୍‌ଏକ୍ସ ସିଇଓ ତଥା ଟ୍ରମ୍ପ୍ ପ୍ରଶାସନରେ ସରକାରୀ ଦକ୍ଷତା ବିଭାଗ ମୁଖ୍ୟ ଏଲନ୍ ମସ୍କ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ମିଚେଲ୍ ୱାଲ୍ଟଜ୍ ଏବଂ ଜାତୀୟ ଗୋଇନ୍ଦା ମୁଖ୍ୟ ତୁଳସୀ ଗାବାର୍ଡ ପ୍ରମୁଖ। ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍ ମୋଦିଙ୍କୁ ଆଲିଙ୍ଗନ ଏବଂ କରମର୍ଦ୍ଦନ କରି ଅଭିନନ୍ଦନ ଜଣାଇବା କିଛି ସେକେଣ୍ଡ ପର୍ଯ୍ୟନ୍ତ ଚାଲିଥିଲା, ଯାହାର ଦୃଶ୍ୟ ପ୍ରସାରିତ ହୋଇଥିଲା। ବିଭିନ୍ନ ଅଧିକାରୀଙ୍କ ସହ ପରିଚୟ କରାଇବା ପୂର୍ବରୁ ପ୍ରିୟ ବନ୍ଧୁ ମୋଦିଙ୍କୁ ଟ୍ରମ୍ପ୍ ପ୍ରଶଂସାରେ ପୋତିପକାଇଥିଲେ। ଦ୍ୱିପାକ୍ଷିକ ଆଲୋଚନା ପାଇଁ ବସିବା ବେଳେ ଟ୍ରମ୍ପ୍ ନିଜେ ମୋଦିଙ୍କ ପାଇଁ ଚେୟାର ଟାଣିଥିଲେ। କେବଳ ☞ପୃଷ୍ଠା-୪

# ହଟ୍ଟଗୋଳରେ କମ୍ପିଲା, ଅପରାହ୍ନରେ ଗୃହ ଚାଲିଲା

**ଭୁବନେଶ୍ୱର ୧୪।୨ (ବନ୍ଦନା ସେଠୀ)**

ବିଧାନସଭା ବଜେଟ ଅଧିବେଶନର ଶୁକ୍ରବାର ଥିଲା ଦ୍ୱିତୀୟ ଦିନ। ଆରମ୍ଭରୁ ହଟ୍ଟଗୋଳ ଓ ଦୁଇଥର ଗୃହ ମୁଲତବୀ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଥିଲେ। ଗୃହରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ସିଆର୍‌ପି, ବ୍ୟାଙ୍କମିତ୍ର, ଏମ୍‌ବିକେ (ମାଷ୍ଟର ବୁକ୍ କିପର) ଓ ପ୍ରାଣୀମିତ୍ରଙ୍କୁ ସେମାନଙ୍କ ବକେୟା ପାଉଣା ପ୍ରଦାନ କରିବେ। ରାଜ୍ୟରେ ମୋଟ ୬୨ହଜାର ୩୪୧ଜଣ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଥିବାବେଳେ ଖୁବ୍‌ଶୀଘ୍ର ସେମାନଙ୍କୁ ୨୦୨୪ ଏପ୍ରିଲ୍‌ଠାରୁ ୧୦ମାସର ବକେୟା ଦରମା ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାର ମା'ମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ଅଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ☞ପୃଷ୍ଠା-୪

**ଅଷ୍ଟମରେ ୬୯.୫% ପିଲାଙ୍କୁ ଆସୁନି ଫେଡ଼ାଣ** (ପୃଷ୍ଠା-୪)




## ଆମେରିକାରୁ ଆଉ ୧୧୯ ବେଆଇନ ପ୍ରବାସୀ ଭାରତୀୟ ବିଦାହେବେ

ଚଣ୍ଡିଗଡ଼,୧୪।୨(ପି.ଟି.)

ଆମେରିକାରୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୯ ଜଣ ବେଆଇନ ପ୍ରବାସୀ ଭାରତୀୟଙ୍କୁ ବିତାଡ଼ିତ କରାଯାଇଛି। ସେମାନଙ୍କୁ ଆଣି ଆସୁଥିବା ଆମେରିକୀୟ ବିମାନ ଶନିବାର ରାତିରେ ଅମୃତସର ବିମାନବନ୍ଦରରେ ଅବତରଣ କରିପାରେ ବୋଲି ଜଣାପଡ଼ିଛି। ଗତ ମାସରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ସମୟରେ ବେଆଇନ ପ୍ରବାସୀଙ୍କୁ ବିଦାକରିବେ ବୋଲି ସଂକଳ୍ପ କରିଥିଲେ। ୧୧୯ ବେଆଇନ ଭାରତୀୟ ପ୍ରବାସୀଙ୍କ ମଧ୍ୟରେ ୬୭ ଜଣ ପଞ୍ଜାବର ହୋଇଥିବାବେଳେ ହରିୟାଣାରୁ ୩୩, ଗୁଜରାଟରୁ ୮, ଉତ୍ତରପ୍ରଦେଶରୁ ୩, ଗୋଆ, ମହାରାଷ୍ଟ୍ର ଓ ରାଜସ୍ଥାନରୁ ୨ ଜଣ ଲେଖାଏ ଏବଂ ହିମାଚଳପ୍ରଦେଶ ଓ ଜମ୍ମୁ-କଶ୍ମୀରରୁ ଜଣେ ଲେଖାଏ ଅଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଆମେରିକାର ଏକ ସାମରିକ ବିମାନ ୧୦୪ ଜଣ ବେଆଇନ ଭାରତୀୟ ପ୍ରବାସୀଙ୍କୁ ଆଣି ଅମୃତସର ବିମାନବନ୍ଦରରେ ପହଞ୍ଚିଥିଲା। ସେଥିରେ ହରିୟାଣା ଓ ଗୁଜରାଟରୁ ୩୩ ଜଣ ଲେଖାଏ ଏବଂ ପଞ୍ଜାବରୁ ୩୦ ଜଣ ରହିଥିଲେ। ତେବେ ସେମାନଙ୍କ ପ୍ରତି ଦୁର୍ବ୍ୟବହାର କରାଯିବା ସହ ହାତଗୋଡ଼ରେ ବେଡ଼ି ପକାଇ ଅଣାଯାଇଥିବାରୁ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା।

## ନୂଆ ସିଇସି ଚୟନ ପାଇଁ ୧୭ରେ ବୈଠକ

ନୂଆଦିଲ୍ଲୀ,୧୪।୨(ପି.ଟି.)

ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କ କାର୍ଯ୍ୟକାଳ ଆସନ୍ତା ୧୮ ତାରିଖରେ ଶେଷ ହେବାକୁ ଯାଉଛି। ତେଣୁ ନୂଆ ସିଇସି ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ନୂଆ ମୁଖ୍ୟ ନିର୍ବାଚନ କମିଶନରଙ୍କ ନାଁ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ବସିବାକୁ ଯାଉଛି। କମିଟିରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ବୈଠକ ବସି ସର୍ଚ୍ଚ କମିଟି ଦେଇଥିବା ପ୍ରାର୍ଥୀମାନଙ୍କ ସଂକ୍ଷିପ୍ତ ତାଲିକାରୁ ସିଇସି ଚୟନ କରାଯିବ। କମିଟିର ସୁପାରିସ୍‌କ୍ରମେ ନୂଆ ସିଇସି ନିଯୁକ୍ତ ହେବେ। ରାଜୀବ କୁମାରଙ୍କ ପରେ ଜ୍ଞାନେଶ କୁମାର ବରିଷ୍ଠତମ ନିର୍ବାଚନ କମିଶନର ଏବଂ ତାଙ୍କ କାର୍ଯ୍ୟକାଳ ୨୦୨୯ ଜାନୁଆରୀ ୨୬ ପର୍ଯ୍ୟନ୍ତ ରହିଛି।

## ମାର୍ଚ୍ଚ ୧୯ରେ ପୃଥିବୀକୁ ଫେରିବେ ସୁନୀତା ୱିଲିୟମ୍ସ

ୱାଶିଂଟନ,୧୪।୨

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଦୀର୍ଘ ୮ ମାସରୁ ଊର୍ଦ୍ଧ୍ୱ ସମୟ ରହିବା ପରେ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋର ମାର୍ଚ୍ଚ ୧୯ରେ ପୃଥିବୀକୁ ଫେରିବେ। ମହାକାଶରୁ ସେମାନଙ୍କ ସୂଚନା ଅନୁଯାୟୀ ମାର୍ଚ୍ଚ ୧୨ରେ କ୍ରିଉ-୧୦ ମିଶନ ମାର୍ଚ୍ଚ ୧୨ରେ ପୃଥିବୀରୁ ଲଞ୍ଚ୍ କରିବ। ସେଥିରେ ଯାଇଥିବା ମହାକାଶଚାରୀଙ୍କୁ ଉଭୟ ସୁନୀତା ଏବଂ ବୁଚ୍ କାର୍ଯ୍ୟ ହସ୍ତାନ୍ତର କରିବା ପରେ ମାର୍ଚ୍ଚ ୧୯ରେ ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟରେ ପୃଥିବୀକୁ ଫେରିବେ। ସମ୍ପ୍ରତି ସୁନୀତା ଉକ୍ତ ଉଡ଼ନ୍ତା ଲାବରେଟୋରିର କମାଣ୍ଡର ରହିଥିବାବେଳେ ମାର୍ଚ୍ଚ ୧୨ରେ ଯିବାକୁ ଥିବା ଅନ୍ୟ ଜଣେ ମହାକାଶଚାରୀ ଏହି ଦାୟିତ୍ୱ ସମ୍ଭାଳିବେ। ଗତବର୍ଷ ଜୁନ୍‌ରେ ସୁନୀତା ଏବଂ ବୁଚ୍ ବୋଇଂର ଷ୍ଟାର୍‌ଲାଇନର କ୍ୟାପ୍‌ସୁଲ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିଲେ।

# ଟ୍ରମ୍ପଙ୍କ ଟାରିଫ୍: ଯେସାକୁ ତେସା

**ଆମେରିକା ହେଉଛି ଭାରତର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ। ଭାରତ ଆମେରିକାକୁ ଯାନ୍ତ୍ରିକ ଉପକରଣ, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ରତ୍ନ, ଅଳଙ୍କାର, ଔଷଧୀୟ ଉତ୍ପାଦ, ଲାଇଟ୍ କ୍ରୁଡ୍ ଅଏଲ୍, ପେଟ୍ରୋଲିୟମ୍ ଓ ଟେକ୍ସଟାଇଲ୍ସ ସାମଗ୍ରୀ ରପ୍ତାନି କରିଥାଏ। ଅନ୍ୟପକ୍ଷେ ଆମେରିକା ଭାରତକୁ ଖଣିଜ ଇନ୍ଧନ ଓ ତୈଳ, ମୁକ୍ତା, ମୂଲ୍ୟବାନ୍ ଧାତୁ, ନ୍ୟୁକ୍ଲିୟର ରିଏକ୍ଟର୍ସ ବୋଇଲର ଓ ଯନ୍ତ୍ରପାତି, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ରପ୍ତାନି କରିଥାଏ। ୨୦୨୪ରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୧୮.୨ ବିଲିୟନ୍ ଡଲାର ରହିଥିଲା। ଭାରତ ଆମେରିକାରୁ ୫,୭୪୯ ସାମଗ୍ରୀ ଆମଦାନୀ କରିଥିଲା, ଯାହାର ମୂଲ୍ୟ ୪୦.୭ ବିଲିୟନ୍ ଡଲାର ହେବ। ସେହିପରି ଆଲୋଚ୍ୟ ଆର୍ଥିକବର୍ଷରେ ଭାରତରୁ ଆମେରିକାକୁ ୭,୩୪୬ ସାମଗ୍ରୀ ରପ୍ତାନି କରାଯାଇଥିଲା, ଯାହାର ମୂଲ୍ୟ ୭୭.୫ ବିଲିୟନ୍ ଡଲାର ରହିଥିଲା। ଇତିମଧ୍ୟରେ ଫେବୃଆରୀ ୧୩ରେ ଆମେରିକାର ସମସ୍ତ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାରସ୍ପରିକ ଶୁଳ୍କ କଷିବା ପାଇଁ ଏକ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଆସନ୍ତା ଏପ୍ରିଲ ୨ରୁ ଏହି ନୂଆ ଟାରିଫ୍ ଲାଗୁ ହୋଇପାରେ। ଏଥିଯୋଗୁ ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ର ସହ ଆମେରିକାର ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହୋଇପାରେ। କଜିନ୍ସ ବିଶ୍ଳେଷଣ ଅନୁସାରେ ଭାରତ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ୧୦%ରୁ ଅଧିକ ଟିକସ ବସାଇଥାଏ, ଯାହାକି ଆମେରିକା ଭାରତରୁ ଆମଦାନୀ ସାମଗ୍ରୀ ଉପରେ କଷୁଥିବା ଟିକସର ପ୍ରାୟ ୩ ଗୁଣା ଅଧିକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ୱାଶିଂଟନ୍ ଗସ୍ତବେଳେ ଆମେରିକା ସହ ଅସନ୍ତୁଳିତ ବାଣିଜ୍ୟିକ କାରବାରରେ ସନ୍ତୁଳନ ଆଣିବାକୁ ପ୍ରୟାସ କରିଥିବାବେଳେ ଟ୍ରମ୍ପଙ୍କ ଟାରିଫ୍ ଭାରତୀୟ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବଜାର ବିଶେଷଜ୍ଞ ଓ ରେଟିଂ ଏଜେନ୍ସିଗୁଡ଼ିକ ମତ ଦେଇଛନ୍ତି।**

### ପ୍ରଭାବିତ ହେବ ଭାରତ-ଆମେରିକା ବାଣିଜ୍ୟିକ ସମ୍ପର୍କ



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ ଅର୍ଡରରେ ସ୍ୱାକ୍ଷର କରୁଛନ୍ତି।

ୱାଶିଂଟନ୍/ନୂଆଦିଲ୍ଲୀ (ରଏଟର୍ସ/ଏଜେନ୍ସି),୧୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର ଠିକ୍ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଏକ ନୂଆ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ଏହା ହେଉଛି ରେସିପ୍ରୋକାଲ୍ ଟାରିଫ୍ ବା ପାରସ୍ପରିକ ଶୁଳ୍କ। ଅର୍ଥାତ୍ ଯେଉଁ ଦେଶଗୁଡ଼ିକ ଆମେରିକାଠାରୁ ଆମଦାନୀ କରୁଥିବା ସାମଗ୍ରୀଗୁଡ଼ିକ ଉପରେ ଯେତେ ଟିକସ କଷୁଛନ୍ତି, ଏଣିକି ସେହି ଦେଶରୁ ଆମେରିକାକୁ ରପ୍ତନୀ ହେଉଥିବା ସାମଗ୍ରୀ ଉପରେ ମଧ୍ୟ ସମପରିମାଣର ଶୁଳ୍କ ଲାଗୁହେବ। ଅର୍ଡରରେ ସ୍ୱାକ୍ଷର କରିବା ପରେ ଟ୍ରମ୍ପ କହିଛନ୍ତି, ଯେଉଁ ରାଷ୍ଟ୍ର ଆମେରିକାରେ ଫ୍ୟାକ୍ଟ୍ରି, ପ୍ଲାଣ୍ଟ ଆଦି ପ୍ରତିଷ୍ଠା କରି ସାମଗ୍ରୀ ଉତ୍ପାଦନ କରିବେ, ସେମାନଙ୍କ ମେଡିକାଲ, କାର୍, ଚିପ୍ସ, ସେମିକଣ୍ଡକ୍ଟର ଆଦି ଉତ୍ପାଦିତ ସାମଗ୍ରୀ ଉପରେ ଟିକସ ଲାଗିବ ନାହିଁ। କାରଣ ଏହାଦ୍ୱାରା ଆମେରିକାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରେ। କାରଣ ଟିକସ କ୍ଷେତ୍ରରେ ସେ ଆପଣାଇଥିବା 'ଯେସାକୁ ତେସା' ନୀତିରେ ଭାରତୀୟ ବଜାର ବହୁଳ ଭାବେ କ୍ଷତିଗ୍ରସ୍ତ ହେବ। ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ ଭାରତ କଷୁଥିବା ହାରାହାରି ଟିକସ ହେଉଛି ୯.୫%। ଅନ୍ୟପକ୍ଷେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ୩% ଟିକସ କଷିଥାଏ। ପ୍ରତିଷୋଧମୂଳକ ଟିକସ ଲାଗୁ ହେଲେ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକା ବଜାରରେ ପ୍ରବେଶ ପାଇଁ କଷ୍ଟକର ହୋଇଯିବ। ଏଥିଯୋଗୁ ଭାରତର ରପ୍ତାନି ବାଧାପ୍ରାପ୍ତ ହେବ ବୋଲି ନୋମୁରା ରେଟିଂ ଏଜେନ୍ସିର ବିଶେଷଜ୍ଞମାନେ ମତ ଦେଇଛନ୍ତି।

ମୋଦିଙ୍କୁ ଭେଟିବା ପୂର୍ବରୁ ଟ୍ରମ୍ପ ଆହୁରି କହିଥିଲେ, ଭାରତ ହେଉଛି 'ବ୍ୟବସାୟ ପାଇଁ କଷ୍ଟକର ସ୍ଥାନ'। କାରଣ ଏହାର ଟାରିଫ୍ ଅତ୍ୟନ୍ତ ଉଚ୍ଚ ରହିଛି। କିନ୍ତୁ ସେମାନେ ଆମ ପାଇଁ ଟିକସରେ ଯେଉଁ ପରିବର୍ତ୍ତନ ଆଣିବେ, ଆମେ ମଧ୍ୟ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିବୁ। ଏପରି ହେଲେ ଉତ୍ତମ କାରବାର ଚାଲିବ। ଏଭଳି ସ୍ଥଳେ ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କର ପ୍ରଭାବ ସୁଦୂରପ୍ରସାରୀ ହୋଇପାରେ। ଭାରତର ଖାଦ୍ୟ ସାମଗ୍ରୀ, ପନିପରିବା, ଟେକ୍ସଟାଇଲ୍ସ ଓ କପଡ଼ା ସେକ୍ଟର ବିଶେଷ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଇଲେକ୍ଟ୍ରିକାଲ ସାମଗ୍ରୀ, ରତ୍ନ, ଫାର୍ମା ଉତ୍ପାଦ, ଲୌହ, ଷ୍ଟିଲ୍ ଆଦି ମଧ୍ୟ ଭାରତ ଆମେରିକାକୁ ପଠାଇଥାଏ, ଯାହାକି ରପ୍ତାନି କରିବାରେ ଅସୁବିଧା ହେବ। ରପ୍ତାନିରେ ବାଧା ଉପୁଜିଲେ ଏହି ସାମଗ୍ରୀଗୁଡ଼ିକର ଦରଦାମ୍ ଭାରତରେ ବଢ଼ିଯିବା ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶ ଯେ, ୟୁଏସ୍ ରେସିପ୍ରୋକାଲ୍ ଟ୍ରେଡ୍ ଏଗ୍ରିମେଣ୍ଟ୍ସ ଆକ୍ଟ, ୧୯୩୪କୁ ସମ୍ପ୍ରତି ଆମେରିକାର ଜାତୀୟ ସ୍ୱାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଏହାଦ୍ୱାରା ଆମେରିକା ଓ ବାଣିଜ୍ୟିକ ସହଯୋଗୀ ପରସ୍ପରର ଉତ୍ପାଦ ଉପରେ ନିମ୍ନ ଟିକସ ଲଗାଇବା ପାଇଁ ମୂଳଚାଲ କ୍ଷମତା ପାଇଛନ୍ତି। ବିଶେଷକରି ଟ୍ରମ୍ପ ୨.୦ ପ୍ରଶାସନ ଏହାକୁ ଆମେରିକାର ନାଗରିକମାନଙ୍କ ଉନ୍ନତି ପାଇଁ ଉପଯୋଗ କରୁଥିବା କହିଛି।

**୨୦୨୪ରେ ଭାରତ-ଆମେରିକା ବାଣିଜ୍ୟ କାରବାର ୧୧୮.୨ ବିଲିୟନ ଡଲାର**

ଭାରତ ଆମେରିକାକୁ ଯାନ୍ତ୍ରିକ ଉପକରଣ, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ରତ୍ନ, ଅଳଙ୍କାର, ଔଷଧୀୟ ଉତ୍ପାଦ, ଲାଇଟ୍ କ୍ରୁଡ୍ ଅଏଲ୍, ପେଟ୍ରୋଲିୟମ୍ ଓ ଟେକ୍ସଟାଇଲ୍ସ ସାମଗ୍ରୀ ରପ୍ତାନି କରିଥାଏ।

ଆମେରିକା ଭାରତକୁ ଖଣିଜ ଇନ୍ଧନ ଓ ତୈଳ, ମୁକ୍ତା, ମୂଲ୍ୟବାନ୍ ଧାତୁ, ନ୍ୟୁକ୍ଲିୟର ରିଏକ୍ଟର୍ସ ବୋଇଲର ଓ ଯନ୍ତ୍ରପାତି, ବୈଦ୍ୟୁତିକ ଯନ୍ତ୍ରପାତି ଆଦି ରପ୍ତାନି କରିଥାଏ।

## ୟୁକ୍ରେନ୍ ଆଣବିକ କେନ୍ଦ୍ରରେ ରୁଷିଆର ଡ୍ରୋନ୍ ଆକ୍ରମଣ

କିଭ୍,୧୪।୨

ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସର ଅବ୍ୟବହିତ ପୂର୍ବରୁ ୟୁକ୍ରେନ୍ ପାୱାର ପ୍ଲାଣ୍ଟ ଉପରେ ରୁଷିଆ ଡ୍ରୋନ୍ ଆକ୍ରମଣ କରିଛି। ଗୁରୁବାର ରାତି ୨ଟା ୨ ମିନିଟ୍‌ରେ ବିଶ୍ୱକୁ ବିକିରଣରୁ ସୁରକ୍ଷା ଦେଉଥିବା ଚେର୍ନୋବିଲ୍ ଆଣବିକ କେନ୍ଦ୍ର ଉପରେ ରୁଷିଆ ପକ୍ଷରୁ ଉଚ୍ଚ ବିସ୍ଫୋରକଯୁକ୍ତ ଏକ ଡ୍ରୋନ୍ ଆକ୍ରମଣ କରାଯାଇଛି ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୂଚନା ଦେଇଛନ୍ତି। ଚେର୍ନୋବିଲ୍ ଆଣବିକ କେନ୍ଦ୍ରର ଚତୁର୍ଥ ପାୱାର ୟୁନିଟ୍‌କୁ ଆକ୍ରମଣ କରାଯିବା ପରେ ସେଠାରେ ବଡ଼ ବିସ୍ଫୋରଣ ହୋଇଛି। ଏଥିରେ ୟୁନିଟ୍‌ର ଛାତରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଜେଲେନ୍‌ସ୍କି ଏହାକୁ ସାରା ବିଶ୍ୱର ଉପରେ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ରୁଷୀୟ ସୈନ୍ୟ ସାରା ଦେଶର ବିଭିନ୍ନ ଭାଗରେ ୧୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ କୁହାଯାଇଛି।

୨୦୨୨ ଫେବୃଆରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ରୁଷୀୟ ସୈନ୍ୟ ପଡ଼ୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲେ। ସେତେବେଳେ ପୁଟିନ୍ ମନେକରିଥିଲେ, ରୁଷୀୟ ସେନା ସ୍ୱତନ୍ତ୍ର ସାମରିକ ଅଭିଯାନରେ ଖୁବ୍‌ଶୀଘ୍ର ସମଗ୍ର ୟୁକ୍ରେନ୍ ଭୂଖଣ୍ଡକୁ ଦଖଲ କରିବ। ଏହି ଯୁଦ୍ଧ ୭ ଦିନ ଭିତରେ ଶେଷ ହୋଇଯିବ ବୋଲି ସେ



ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ଦିନ କେଇଟା ପରେ ଯୁଦ୍ଧକୁ ୩ ବର୍ଷ ପୂରିବାକୁ ଯାଉଛି। ଇତିମଧ୍ୟରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିଆସିଛନ୍ତି। ଏପରି କି ଆମେରିକା ସମେତ ଅନେକ ୟୁରୋପୀୟ ରାଷ୍ଟ୍ର ରୁଷିଆ ବିରୋଧରେ ଅନେକ ଆର୍ଥିକ ଓ କୂଟନୈତିକ କଟକଣା ଜାରି କରିବା ସହ ୟୁକ୍ରେନ୍‌କୁ ସାମରିକ ତଥା ମାନବୀୟ ସହାୟତା ପ୍ରଦାନ କରିଛନ୍ତି। କିନ୍ତୁ ୨୦୨୫ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ସହ ଯୁଦ୍ଧାବସାନର ସଙ୍କେତ ମିଳିଥିଲା। ଫେବୃଆରୀ ୧୨ରେ ରୁଷୀୟ ପ୍ରତିପକ୍ଷ ପୁଟିନ୍‌ଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ ଏହି ପ୍ରସଙ୍ଗ ଉଠାଇଥିଲେ। ଏହି ପୃଷ୍ଠଭୂମିରେ ଜର୍ମାନୀର ମ୍ୟୁନିକ୍ ସହରରେ ଶୁକ୍ରବାର ସୁରକ୍ଷା ସମ୍ମିଳନୀ ଆରମ୍ଭ ହୋଇଛି। ୧୬ ତାରିଖ ଯାଏ ଚାଲିବାକୁ ଥିବା ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସର ଫୋକସ୍ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଉପରେ ରହିଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହି ଅବସରରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏଭଳି ସମୟରେ ୟୁକ୍ରେନ୍‌ର ଚେର୍ନୋବିଲ୍ ଆଣବିକ ପ୍ଲାଣ୍ଟକୁ ରୁଷୀୟ ସୈନ୍ୟ ଟାର୍ଗେଟ କରିଛନ୍ତି। ଇଣ୍ଟରନ୍ୟାଶନାଲ ଆଟୋମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) କହିଛି, ଆକ୍ରମଣ ଯୋଗୁ ପ୍ଲାଣ୍ଟ ଭିତରେ ଓ ବାହାରେ ବିକିରଣ ସ୍ତର ସ୍ୱାଭାବିକ ଏବଂ ସ୍ଥିର ରହିଛି। ପ୍ରକାଶ ଯେ, ୟୁକ୍ରେନ୍‌ରେ ଥିବା ନ୍ୟୁକ୍ଲିୟର ପ୍ଲାଣ୍ଟଗୁଡ଼ିକ ଉପରେ ରୁଷିଆ ଆକ୍ରମଣର ସମ୍ଭାବ୍ୟ ବିପଦକୁ ନେଇ ଯୁଦ୍ଧ ଆରମ୍ଭରୁ ଆଇଏଇଏ ସତର୍କ କରାଇଆସୁଛି। ଏହା ପୂର୍ବରୁ ମଧ୍ୟ ରୁଷିଆ ଦକ୍ଷିଣ ୟୁକ୍ରେନ୍‌ସ୍ଥିତ ଜାପୋରିଝିଆ ଆଣବିକ କେନ୍ଦ୍ରକୁ ଜବରଦସ୍ତ ଦଖଲ କରି ଏହାର ନିୟନ୍ତ୍ରଣ ନିଜ ହାତକୁ ନେଇଥିଲା।

## କେନ୍ଦ୍ର, ଇସିଙ୍କୁ ଲିଖିତ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୨(ପି.ଟି.)

**ରାଜନୈତିକ ଦଳଙ୍କୁ ଆରଟିଆଇ ଅନ୍ତର୍ଭୁକ୍ତ କରିବାକୁ ଆବେଦନ**

ରାଜନୈତିକ ଦଳଗୁଡ଼ିକୁ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନ୍ତର୍ଭୁକ୍ତ କରିବା ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ୬ଟି ଦଳଠାରୁ ଲିଖିତ ଜବାବ ମାଗିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ଉତ୍ତରଦାୟୀ କରାଇବା ଏବଂ ନିର୍ବାଚନରେ କଳାଟଙ୍କାର ବ୍ୟବହାର ରୋକିବା ପାଇଁ ସେଗୁଡ଼ିକୁ ଆର୍‌ଟିଆଇ ପରିସରଭୁକ୍ତ କରିବାକୁ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଦୁଇଟି ପିଟିଶନ ଦାଏର ହୋଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ଉକ୍ତ ପିଟିଶନ୍‌ର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏଡିଆର୍ ତରଫରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ, ତାଙ୍କ ଆବେଦନ ୧୦ ବର୍ଷ ହେଲା ବିଚାରାଧୀନ ରହିଛି। ପ୍ରତିପକ୍ଷଗୁଡ଼ିକ ୩ ପୃଷ୍ଠା ମଧ୍ୟରେ ସେମାନଙ୍କ ଲିଖିତ ଜବାବ ଦାଖଲ କରିବାକୁ କୁହାଯାଇଛି। ମାମଲାର ଚୂଡ଼ାନ୍ତ ଶୁଣାଣି ଏପ୍ରିଲ ୨୧ରେ ହେବ। ସୂଚନାଯୋଗ୍ୟ, ସମସ୍ତ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକୁ ଆର୍‌ଟିଆଇ ଅଧୀନକୁ ଆଣିବା ପାଇଁ ସେଗୁଡ଼ିକୁ ସରକାରୀ କର୍ତ୍ତୃପକ୍ଷ ଘୋଷଣା କରିବା ନିମନ୍ତେ ଆବେଦନ ଉପରେ ୨୦୧୫ ଜୁଲାଇ ୭ରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ୬ଟି ଦଳଙ୍କୁ ନୋଟିସ୍ ଜାରି କରିଥିଲେ। ୨୦୧୯ରେ ଉପାଧ୍ୟାୟ ଦଳଗୁଡ଼ିକୁ ଆର୍‌ଟିଆଇ ପରିସରଭୁକ୍ତ କରିବାକୁ ଅନୁରୂପ ପିଟିଶନ ଦାଏର କରିଥିଲେ। ଦୁର୍ନୀତି ଏବଂ ସାମ୍ପ୍ରଦାୟିକୀକରଣର ବିପଦର ମୁକାବିଲା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଉପାଧ୍ୟାୟ ନିବେଦନ କରିଥିଲେ। ରାଜନୈତିକ ଦଳଗୁଡ଼ିକୁ ସ୍ୱଚ୍ଛ, ଲୋକଙ୍କ ନିକଟରେ ଉତ୍ତରଦାୟୀ ଏବଂ ନିର୍ବାଚନରେ କଳାଟଙ୍କା ଉପଯୋଗ ବନ୍ଦ କରିବା ପାଇଁ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ'ରେ ପଞ୍ଜୀକୃତ ହୋଇଥିବା ଦଳଗୁଡ଼ିକୁ ସୂଚନା ଅଧିକାର ଆଇନ, ୨୦୦୫ର ଧାରା ୨(ଏଚ୍) ଅନୁଯାୟୀ ସରକାରୀ କର୍ତ୍ତୃପକ୍ଷ ଘୋଷଣା କରିବାକୁ ପିଟିଶନରେ କୁହାଯାଇଥିଲା।

## ଅର୍ଜୁନ-ମଲାଇକାଙ୍କ ପ୍ୟାଚ୍‌ଅପ୍

ମୁମ୍ବାଇ: କେତେବେଳେ ବ୍ରେକ୍‌ଅପ୍ ତ କେତେବେଳେ ପ୍ୟାଚ୍‌ଅପ୍। ଖବରର ଶିରୋନାମାରେ ରହିବାକୁ ପସନ୍ଦ କରନ୍ତି ବଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ ଯୋଡ଼ି ମଲାଇକା ଅରୋରା ଏବଂ ଅର୍ଜୁନ କପୁର। କିଛିଦିନ ଧରି ଉଭୟ ବାଟ ଅଲଗା କରିନେଇଥିବା କୁହାଯାଉଥିଲା। ହେଲେ ଏବେ ତାହା ମିଛ ଲାଗିଲାଣି। କହିବାର ଅର୍ଥ ଦୁହିଁଙ୍କର କୁଆଡେ ପ୍ୟାଚ୍‌ଅପ୍ ହୋଇଯାଇଛି ବୋଲି ଚର୍ଚ୍ଚା ଜୋର ଧରିଛି।

ରିଲିଜ ହେବାକୁ ଯାଉଛି ଫିଲ୍ମ 'ମେରେ ହଜବ୍ୟାଣ୍ଡ କି ବିଓ୍ୱି'। ଏଥିରେ ଅର୍ଜୁନ ଅଭିନେତ୍ରୀ ଭୂମି ପେଡନେକର, ରକୁଲ ପ୍ରିତ ସିଂଙ୍କ ସହ ନଜର ଆସିବେ। ଫେବୃୟାରୀ ୨୧ରେ ଏହା ସିନେମାଘରେ ରିଲିଜ ହେବ। ତେବେ ଏହାକୁ ନେଇ ଅର୍ଜୁନ ଏବେ ପ୍ରମୋଶନରେ ବ୍ୟସ୍ତ ରହୁଛନ୍ତି। ଏହିପରି ଭାବେ ସେ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ଭର୍ସେସ୍ 'ସୁପର ଡ୍ୟାନ୍ସର'ମଞ୍ଚରେ ପହଞ୍ଚିଥିଲେ। ଏଥିରେ ମଲାଇକା ବିଚାରପତି ଆସନ ଅଳଙ୍କୃତ କରିଛନ୍ତି। ଶୋ'ରେ ହିଁ ଦୁଇ ଲଭବାର୍ଡ ମୁହାଁମୁହିଁ ହୋଇଯାଇଛନ୍ତି।

ଶୋ'ରେ ଅର୍ଜୁନ ମଲାଇକାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଅଭିନେତ୍ରୀଙ୍କ ନୃତ୍ୟ ତାଙ୍କୁ ମତୁଆଲା କରେ। ସେସବୁକୁ କହିବାକୁ ଭାଷା ମିଳେନା ବୋଲି ଅର୍ଜୁନ କହିଛନ୍ତି। ମଲାଇକା ହସ ହସ ମୁହଁରେ ହଁ କହୁଥିବାର ପ୍ରମୋ ଭିଡିଓ ସାମ୍ନାକୁ ଆସିଛି।



## ମମତା ପୁଣି ମହାମଣ୍ଡଳେଶ୍ୱର

**ଏକ କୌତୂହଳପୂର୍ଣ୍ଣ ଘଟଣାକ୍ରମରେ ବଲିଉଡ୍‌ର ପୂର୍ବତନ ଅଭିନେତ୍ରୀ ମମତା କୁଲକର୍ଣ୍ଣୀ କିନ୍ନର ଆଖାଡ଼ାର ମହାମଣ୍ଡଳେଶ୍ୱର ପଦବୀରୁ ଇସ୍ତଫା ଦେବାର ୩ ଦିନ ପରେ ତାଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ମହାମଣ୍ଡଳେଶ୍ୱର ଭାବେ ପ୍ରତ୍ୟାବର୍ତ୍ତନ ନେଇ ମମତା ଏକ ଭିଡିଓରେ ନିଜ ବିବୃତି ଜାରି କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ କିନ୍ନର ଆଖଡ଼ାର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଲକ୍ଷ୍ମୀନାରାୟଣ ତ୍ରିପାଠୀ ମମତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଶ୍ରୀ ୟମାଇ ମମତାନନ୍ଦ ଗିରି ନାମରେ ପରିଚିତ ମମତା ସନାତନ ଧର୍ମ ଓ ଆଖଡ଼ା ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି।**

ପ୍ରୟାଗରାଜ,୧୪।୨

ଏକଦା ହିନ୍ଦୀ ଚଳଚ୍ଚିତ୍ର ଜଗତରେ ନିଜ ଅଭିନୟର ଚାତୁରୀ ଓ ଅଙ୍ଗ ପ୍ରଦର୍ଶନକୁ ନେଇ ବହୁଚର୍ଚ୍ଚିତ ଥିବା ମମତା କୁଲକର୍ଣ୍ଣୀ ଦୀର୍ଘ ୨୫ ବର୍ଷ ଧରି ବଲିଉଡ୍‌ରୁ ଉଭାନ ହୋଇଯାଇଥିଲେ। ନିକଟରେ ସେ କେନିଆରୁ ମୁମ୍ବାଇକୁ ଫେରିଥିଲେ। ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ କିନ୍ନର ଆଖଡ଼ାର ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଲକ୍ଷ୍ମୀନାରାୟଣ ତ୍ରିପାଠୀ ଗତମାସରେ ତାଙ୍କୁ ଦୀକ୍ଷା ପ୍ରଦାନ ପୂର୍ବକ ମହାମଣ୍ଡଳେଶ୍ୱର ଉପାଧିରେ ଭୂଷିତ କରିଥିଲେ। ତେବେ ତାଙ୍କୁ ଏହି ପଦରେ ଅଧିଷ୍ଠିତ କରାଯିବା ନେଇ ସାଧୁସନ୍ଥମାନେ ଆପତ୍ତି ଉଠାଇବା ପରେ ଉଭୟ ମମତା ଓ ଲକ୍ଷ୍ମୀନାରାୟଣଙ୍କୁ ମହାମଣ୍ଡଳେଶ୍ୱର ପଦବୀରୁ ହଟାଇ ଦିଆଯାଇଥିଲା। ଆଖଡ଼ା ପ୍ରତିଷ୍ଠାତା ଅଜୟ ଦାସ ଓ ଲକ୍ଷ୍ମୀନାରାୟଣଙ୍କ ମଧ୍ୟରେ କ୍ଷମତାଯୁଦ୍ଧ ଯୋଗୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେତେବେଳେ କୁହାଯାଇଥିଲା।



ମମତା କୁଲକର୍ଣ୍ଣୀ

ବିଦା ହେବା ପରେ ମମତା ଇସ୍ତଫା ଦେଇଥିଲେ। ଏନେଇ ମମତା ଏକ ଭିଡିଓ ଜାରିକରି କହିଛନ୍ତି, ୨ ଦିନ ପୂର୍ବେ କେତେଜଣ ବ୍ୟକ୍ତି ମୋ ଗୁରୁ ଡ. ତ୍ରିପାଠୀଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଥିଲେ। ମୁଁ ଭାବପ୍ରବଣ ହୋଇ ଇସ୍ତଫା ଦେଇଥିଲି। କିନ୍ତୁ ମୋ ଗୁରୁ ମୋତେ ପୁନଃ ଅବସ୍ଥାପିତ କରିଛନ୍ତି।




# ସରକାରୀ ବିଶ୍ୱବିଦ୍ୟାଳୟର ୨୦୦୩ ଅଧ୍ୟାପକ ପଦବୀରୁ ୧୩୦୭ ଖାଲି

ଭୁବନେଶ୍ୱର,୧୪।୨(ସୁଚିସ୍ମିତା ସାହୁ)

ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧାରୁ ଅଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଅତିଥି ଅଧ୍ୟାପକ/ଅଧ୍ୟାପିକାଙ୍କ ଭରସାରେ ଚାଲିଛି। ସେହିପରି ୫ଟି ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଛି କୁଳପତି ପଦବୀ। ଶୁକ୍ରବାର ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଉପସ୍ଥାପନା କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉକ୍ତ ତଥ୍ୟ ଅନୁଯାୟୀ, ରାଜ୍ୟରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗରେ ମୋଟ ୨୦୦୩ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ଅଛି। ସେଥିମଧ୍ୟରୁ ୬୯୬ଟି ପଦବୀରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟରତ ଥିବାବେଳେ ୧୩୦୭ଟି ପଦବୀ ଖାଲି ପଡ଼ିଛି। ତେଣୁ ୯୬୩ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକର ବିଭିନ୍ନ ବିଭାଗରେ ମୋଟ ୨୬୯୨ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ରହିଥିବାବେଳେ ୭୮୨ଟି ପଦବୀରେ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ୧୯୧୦ଟି ପଦବୀ ଖାଲି ପଡ଼ିଛି।

## ଓଡ଼ିଆ, ବିକ୍ରମଦେବ ଓ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଛି ସବୁ ପଦବୀ

ଓଡ଼ିଆ ବିଶ୍ୱବିଦ୍ୟାଳୟରେ ୨୧ଟି ଅଧ୍ୟାପକ ପଦବୀ ରହିଛି। ୩ଟି ପ୍ରଫେସର, ୬ଟି ଆସୋସିଏଟ୍ ପ୍ରଫେସର ଓ ୧୨ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଥିବା ବେଳେ ସବୁ ଖାଲି ପଡ଼ିଛି। ୧୦ଜଣ ଅତିଥି ଅଧ୍ୟାପକ (୩ ପ୍ରଫେସର ଓ ୭ ଜଣ ଆସିଷ୍ଟାଣ୍ଟ ପ୍ରଫେସର)ରେ ଏହି ବିଶ୍ୱବିଦ୍ୟାଳୟ ଚାଲିଛି। ସେହିପରି ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୧୧୨ଟିରୁ ୧୧୨ଟି, ଧରଣୀଧର ବିଶ୍ୱବିଦ୍ୟାଳୟରେ ୯୭ଟିରୁ ୯୭ଟି, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୧୧୧ରୁ ୧୧୧ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋଟ ୨୩୯ଟି ପଦରୁ ୧୩୬ଟି ପଦବୀ ଖାଲି ପଡ଼ିଛି। ସେଥିରୁ ୪୬ଟି ପ୍ରଫେସର ପଦବୀ ଥିବା ବେଳେ ୩୬ଟି ଖାଲି ପଡ଼ିଛି। ସେହିପରି ୭୫ଟି ଆସୋସିଏଟ୍ ପ୍ରଫେସର ପଦବୀ ରହିଥିବା ବେଳେ ୪୫ଟି ଓ ୧୧୮ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀରୁ ୫୫ଟି ଖାଲି ପଡ଼ିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ମୋଟ ୨୬୭ଟି ପଦବୀ ରହିଥିବା ବେଳେ ୧୫୭ଟି ଖାଲି ପଡ଼ିଛି। ଏମ୍ଏସ୍‌ସିବିରେ ୧୧୫ଟି ଅଧ୍ୟାପକ ପଦବୀରୁ ୬୫ଟି ଖାଲି ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ଥିବା ୧୮୨ଟି ପଦବୀରୁ ୯୩ଟି ଖାଲି ପଡ଼ିଛି। ଜିଏମ୍ ବିଶ୍ୱବିଦ୍ୟାଳୟରେ ୧୪୪ରୁ ୭୮ଟି, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩୫ଟିରୁ ୭୧ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୧୭ଟିରୁ ୪୯ଟି, ଏସ୍‌ଜେଏସ୍‌ଭିରେ ୩୮ଟିରୁ ୧୯ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୧୩୭ଟିରୁ ୭୮ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୨୬ଟିରୁ ୧୦୬ଟି, ଏମ୍ଏସ୍ ଲ' ବିଶ୍ୱବିଦ୍ୟାଳୟରେ ୫୦ରୁ ୩୦ ଓ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୧୧୨ଟିରୁ ୮୪ଟି ପଦବୀ ଖାଲି ପଡ଼ିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# 'ଅନୁସନ୍ଧାନ' ପୋର୍ଟାଲ ଲୋକାର୍ପିତ

## ଅନ୍‌ଲାଇନରେ ଏଫ୍ଆଇଆର୍ ଟ୍ରାକିଂ ସୁଗମ ହେବ

ରାଉରକେଲା,୧୪।୨(ସଙ୍ଗୀତା ଜେନା)

ନାଗରିକମାନଙ୍କ ପକ୍ଷରୁ ଥାନାରେ ହେଉଥିବା ଏଫ୍ଆଇଆର୍‌ର ସୁଗମ ଟ୍ରାକିଂ ଏବଂ ପୋଲିସ କାର୍ଯ୍ୟକଳାପରେ ପାରଦର୍ଶିତା ଆଣିବା ପାଇଁ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି) ସହଯୋଗରେ ରାଉରକେଲା ପୋଲିସ ପକ୍ଷରୁ 'ଅନୁସନ୍ଧାନ' ନାମରେ ଏକ ପୋର୍ଟାଲ ବିକଶିତ କରାଯାଇଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଓ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମିଳିତ ଭାବେ ଏହି ନୂତନ ପୋର୍ଟାଲର ଶୁଭାରମ୍ଭ କରିଥିଲେ। 'ଅନୁସନ୍ଧାନ' ପୋର୍ଟାଲ ମାଧ୍ୟମରେ ଅଭିଯୋଗକାରୀମାନେ ସେମାନଙ୍କ ଏତଲାର ବର୍ତ୍ତମାନ ସ୍ଥିତି ଯାଞ୍ଚ କରିବାର ସୁବିଧା ପାଇବେ। ଏହାଦ୍ୱାରା ମାମଲା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବାରେ ସୁଗମ ଏବଂ ଦକ୍ଷ ଅଭିଜ୍ଞତା ସୁନିଶ୍ଚିତ ହେବ। ଏହି ପୋର୍ଟାଲ ଆଇନଗତ ଅନୁପାଳନ, ଉପଯୋଗକର୍ତ୍ତା ଅନୁକୂଳ ଇଣ୍ଟରଫେସ୍, ସ୍ୱଚ୍ଛତା ଓ ଦାୟିତ୍ୱ, ଡାଟା ସୁରକ୍ଷା ଓ ଗୋପନୀତା, ବହୁ ଭାଷା, ସ୍ୱୟଂ ସୂଚନା ନାଗରିକ ଇଣ୍ଟରଫେସ୍, ଅଧିକାରୀ ଇଣ୍ଟରଫେସ୍, କାଗଜବିହୀନ ସୁବିଧା ଆଦି ପ୍ରମୁଖ ବୈଶିଷ୍ଟ୍ୟ ବହନ କରୁଛି। ଏହି ଅବସରରେ ଏସ୍‌ପି ୱାଧୱାନୀ କହିଥିଲେ, ଏନ୍ଆଇଟି ସହଯୋଗରେ ବିକଶିତ ହୋଇଥିବା 'ଅନୁସନ୍ଧାନ' ପୋର୍ଟାଲ ରାଜ୍ୟରେ ପ୍ରଥମ। ଏହି ପୋର୍ଟାଲ ଦ୍ୱାରା ନିଜ ମୋବାଇଲ ନମ୍ବରରେ ଦାଖଲ କରାଯାଇଥିବା ଏଫ୍ଆଇଆର୍ ଷ୍ଟାଟସ୍ ରିପୋର୍ଟ ସହଜରେ ଦେଖାଯାଇପାରିବ। ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କୁ ଯୋଗାଯୋଗ ନ କରି ଉକ୍ତ ପୋର୍ଟାଲ ଜରିଆରେ ଗତ ୮ ମାସର କେଶ୍ ରିପୋର୍ଟ ଜଣାଯାଇପାରିବ। ଏତଲାକାରୀ ନିଜ ମୋବାଇଲ ଏସ୍ଏମ୍ଏସ୍ ମାଧ୍ୟମରେ ପୋଲିସର ତଦନ୍ତ ଆଗକୁ କଣ ହେବ ତାହାର ଅପ୍‌ଡେଟ୍ ନେଇପାରିବେ ବୋଲି ଏସ୍‌ପି ୱାଧୱାନୀ କହିଥିଲେ। ଏନ୍ଆଇଟି ନିର୍ଦ୍ଦେଶକ ରାଓ କହିଲେ, 'ଅନୁସନ୍ଧାନ' ପୋର୍ଟାଲ ନାଗରିକ ଓ ପୋଲିସ ଯୋଗସୂତ୍ରରେ ପାରଦର୍ଶିତା ବଜାୟ ରଖିବ। ଏହି କାର୍ଯ୍ୟରେ ଏନ୍ଆଇଟି ରାଉରକେଲା ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଏଥିପାଇଁ ପୋଲିସ ବିଭାଗ ଏନ୍ଆଇଟିର ସହଯୋଗ ଲୋଡ଼ିଥିଲା ବୋଲି ରାଓ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ପ୍ରଭାଶଙ୍କର ନାଏକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୋଲିସ ମୁଖ୍ୟାଳୟରେ ପୋର୍ଟାଲର ଶୁଭାରମ୍ଭ କରାଯାଉଛି।

# ବିକଶିତ ଓଡ଼ିଶାର ସାରଥି ହେବେ ମତ୍ସ୍ୟଚାଷୀ, ପ୍ରାଣୀପାଳକ

## ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଶୁକ୍ରବାର ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆଠାରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ମତ୍ସ୍ୟ ଓ ପ୍ରାଣୀପାଳନ କୃଷି ଅର୍ଥନୀତି ଓ ପ୍ରଗତିକୁ ବହୁଗୁଣିତ କରିବାରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଲେ, ବିକଶିତ ଓଡ଼ିଶା ଗଠନରେ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକମାନେ ସାରଥି ସାଜିବେ। ଜୀବନ୍ତ ପ୍ରଦର୍ଶନୀରୁ ପ୍ରତ୍ୟକ୍ଷ ଉପଲବ୍ଧି ଆହରଣ, ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜ୍ଞାନାର୍ଜନ, ବିଶେଷଜ୍ଞଙ୍କଠାରୁ ମାର୍ଗଦର୍ଶନ, ସଫଳ ଚାଷୀଙ୍କ ସହ ଭାବ ବିନିମୟ ଦ୍ୱାରା ପ୍ରେରିତ ହୋଇ ଚାଷୀମାନେ ଏହାକୁ କର୍ମ କ୍ଷେତ୍ରରେ ପ୍ରୟୋଗ କଲେ ସେମାନଙ୍କ ସାମାଜିକ-ଆର୍ଥିକ ସଶକ୍ତୀକରଣ ହୋଇପାରିବ। ଚାଷୀଙ୍କ ଆୟ ଦୁଇ ଗୁଣା କରିବା ହେଉଛି ଆମ ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ଗୋକୁଳାନନ୍ଦ କହିଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ସମାବେଶର ଚଳିତବର୍ଷର ବିଷୟବସ୍ତୁ ରହିଛି 'ମତ୍ସ୍ୟ ଓ ପ୍ରାଣୀପାଳନ, ଜୀବନଜୀବିକା ଜୈବ ସନ୍ତୁଳନ'। ଏଥିରେ ମୋଟ ୧୧ଟି ଇଣ୍ଟରାକ୍ଟିଭ ପ୍ୟାନେଲ ଆଲୋଚନାଚକ୍ର ଆୟୋଜନ ହୋଇଛି। 'ମନ୍ତ୍ରୀଙ୍କୁ ପଚାରନ୍ତୁ' କାର୍ଯ୍ୟକ୍ରମରେ ସିଧାସଳଖ ବିଭାଗୀୟ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ ଉତ୍ତର ରଖିବେ। ପ୍ରାୟ ୨୦୦ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣୀପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହୋଇଛି। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ ସ୍ୱାଗତ ଭାଷଣ ଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏମ୍‌ପେଡାର ଅଧ୍ୟକ୍ଷ ଡି. ଭି. ସାମୀ, ୱାର୍ଲ୍ଡଫିସ୍‌ର ମହାନିର୍ଦ୍ଦେଶକ ଡ.ଏସାମ ୟାସିନ ମହମ୍ମଦଙ୍କ ସହ ବିଭିନ୍ନ ଜିଲାରୁ ବିଭାଗୀୟ ଅଧିକାରୀ, ମତ୍ସ୍ୟଚାଷୀ ଓ ପ୍ରାଣୀପାଳକମାନେ ଯୋଗଦେଇଥିଲେ। ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଫଳ ମତ୍ସ୍ୟ ଚାଷୀ, ପ୍ରାଣୀ ପାଳକ, ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ 'କାମଧେନୁ ଯୋଜନା'ରେ ହିତାଧିକାରୀଙ୍କୁ ନୂଆ ଉଦ୍ୟୋଗ ଆରମ୍ଭ ଲାଗି ଗୋ-ଆହେଡ୍ ପ୍ରମାଣପତ୍ର ଦିଆଯାଇଥିଲା। ପରେ ଦୁଇ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥି ଓ ଅଧିକାରୀମାନେ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିଥିଲେ।


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର 'କାମଧେନୁ' ଯୋଜନାରେ ଜଣେ ହିତାଧିକାରୀଙ୍କୁ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଗୋ-ଆହେଡ୍ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

# ସ୍ନେକ୍ ହେଲ୍ପଲାଇନ ପକ୍ଷରୁ ବାରବାଟୀରେ ଯାଞ୍ଚ

## ୧୬ରେ ସେଲିବ୍ରିଟି କ୍ରିକେଟ ଲିଗ୍

କଟକ,୧୪।୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ୧୬ ତାରିଖରେ ସେଲିବ୍ରିଟି କ୍ରିକେଟ ଲିଗ୍ ଅନୁଷ୍ଠିତ ହେବ। ଅପରାହ୍ନ ୨ଟାରେ ପଞ୍ଜାବ ଦି ଶେର୍-ଭୋଜପୁରୀ ଦବଙ୍ଗ୍ସ ଏବଂ ଅପରାହ୍ନ ୬ଟା ୩୦ରେ ମୁମ୍ବାଇ ହିରୋଜ୍-ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ତେବେ ଷ୍ଟାଡ଼ିୟମରେ ଖେଳ ସମୟରେ ସାପ ଭୟକୁ ଦୃଷ୍ଟିରେ ରଖି ଆୟୋଜକ କମିଟି ସ୍ନେକ୍ ହେଲ୍ପଲାଇନର ସହାୟତା ଲୋଡ଼ିଛି। ଶୁକ୍ରବାର ଅପରାହ୍ନ ସମୟରେ ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଓ ଅନ୍ୟ ଜଣେ ସଦସ୍ୟ ବାରବାଟୀ ଷ୍ଟାଡ଼ିୟମରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏନେଇ ଶୁଭେନ୍ଦୁ କହିଛନ୍ତି, ବାରବାଟୀ ଷ୍ଟାଡ଼ିୟମରେ ଆଗରୁ ଖେଳ ସମୟରେ କେବେ ସାପ ଦେଖାଯାଇ ନାହିଁ। ହେଲେ ଷ୍ଟାଡ଼ିୟମରେ ବର୍ଷାଜଳ ନିଷ୍କାସନ ପାଇଁ ଥିବା ଡ୍ରେନ୍ ସହ ମୁଖ୍ୟ ଡ୍ରେନ୍ ସଂଯୋଗ କରୁଛି। ତେଣୁ ଏହି ଡ୍ରେନ୍ ପଟେ ସାପ ପଶିଆସିବା ଆଶଙ୍କା ରହିଛି। ମ୍ୟାଚ୍ ଓ ଅଭ୍ୟାସ ସମୟରେ ଷ୍ଟାଡ଼ିୟମକୁ ସାପ ପଶିଆସିଲେ ତାହାକୁ ଧରିବା ପାଇଁ ୫ଜଣିଆ ଟିମ୍ ଉପସ୍ଥିତ ରହିବ। ୨୦୨୨ରେ ଗୁଆହାଟୀ ଷ୍ଟାଡ଼ିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି ୨୦ ମ୍ୟାଚ୍ ଚାଲିଥିବାବେଳେ ସାପ ପଶିଥିଲା। ତାହାକୁ ନଜରରେ ରଖି କର୍ତ୍ତୃପକ୍ଷ ଆଗୁଆ ସତର୍କ ହୋଇଥିବା ମଲ୍ଲିକ କହିଛନ୍ତି।


ବାରବାଟୀ ଷ୍ଟାଡ଼ିୟମରେ ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଯାଞ୍ଚ କରୁଛନ୍ତି।

# ମିଠା ହେବ ସମୁଦ୍ର ପାଣି

## ଗଞ୍ଜାମ ଜିଲା ପ୍ରଶାସନ-ଆଇଆର୍‌ଇଏଲ୍ ମଧ୍ୟରେ ଏମ୍ଓୟୁ

ଛତ୍ରପୁର,୧୪।୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲାରେ ସମୁଦ୍ରର ଲୁଣି ପାଣିକୁ ମଧୁର କରାଯିବ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ଜିଲା ପ୍ରଶାସନ ସହ ଆଇଆର୍‌ଇଏଲ୍ (ଭାରତୀୟ ବିରଳ ମୃତ୍ତିକା ଲିମିଟେଡ)ର ଏମ୍ଓୟୁ ସ୍ୱାକ୍ଷର ହୋଇଛି। ଏମ୍ଓୟୁ ସ୍ୱାକ୍ଷର ବେଳେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆଇଆର୍‌ଇଏଲ୍ ଜେନେରାଲ ମ୍ୟାନେଜର ସି.ଭି.ଆର ମୂର୍ତ୍ତି, ବ୍ରହ୍ମପୁର ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ବିକାଶ କୁମାର ପତି ଉପସ୍ଥିତ ଥିଲେ। ପ୍ଲାଣ୍ଟ ଦ୍ୱାରା ପ୍ରସ୍ତୁତ ମଧୁର ଜଳକୁ ଗଞ୍ଜାମବାସୀ ବ୍ୟବହାର କରିବେ। ଆଇଆର୍‌ଇଏଲ୍ ପ୍ଲାଣ୍ଟ ପରିସରରେ ଏହି ପ୍ରୋଜେକ୍ଟ ହେବ। ଏହାର କାମ ଗୋଟିଏ ବର୍ଷ ମଧ୍ୟରେ ସରିବ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଗାଁ ଆର୍ଯ୍ୟପଲ୍ଲୀ ଓ ମାଟିଖାଲକୁ ଏହି ପାଣି ଯୋଗାଇ ଦିଆଯିବ। ଆଇଆରଇଏଲ ଓ ଆର୍‌ଡବ୍ଲ୍ୟୁଏସ୍ଏସ୍ ମିଳିତ ଭାବେ ଦୈନିକ ୧.୫ ଏମ୍ଏଲ୍‌ଡି ପାଣି ଯୋଗାଇଦେବେ। ଏହାଫଳରେ ଖରାଦିନେ ଯେଉଁ ପାଣି ସମସ୍ୟା ରହୁଛି, ତାହା ଦୂର ହୋଇପାରିବ। ଏଥିରେ ୧୫୦୦ରୁ ୨୦୦୦ ପରିବାର ଉପକୃତ ହେବେ। ଆଗକୁ କେତେ ଗାଁକୁ ଜଳ ଯୋଗାଣ ହେବ ତାହା ଏଷ୍ଟିମେଟ ଉପରେ ନିର୍ଭର କରିବ ବୋଲି ଜିଲାପାଳ କହିଛନ୍ତି। ଏହି ପ୍ଲାଣ୍ଟ ପ୍ରତିଷ୍ଠା ପରେ ପାଇପ ବିଛାଯିବା ସହ ପମ୍ପିଂ ଷ୍ଟେଶନ ଓ ଓଭରହେଡ୍ ଟାଙ୍କି ନିର୍ମାଣ କରାଯିବ। ପ୍ରକଳ୍ପ ପାଇଁ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ସରିବ ଏବଂ କାମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଓଡ଼ିଶାରେ ୪୮୦ କି.ମି. ସମୁଦ୍ର ତଟରେ ଏଭଳି ପ୍ରକଳ୍ପ ନାହିଁ। ଇଷ୍ଟ କୋଷ୍ଟ ପାଇଁ ଏହି ପ୍ରକଳ୍ପ ଏକ ଉଦାହରଣ ହେବ। ସମୁଦ୍ର ଜଳକୁ ମଧୁର ଜଳ କରିବା ପରେ ଏହା ଉଭୟ ଶିଳ୍ପ ଓ ସାଧାରଣ ଲୋକଙ୍କ ବ୍ୟବହାରଯୋଗ୍ୟ ହୋଇପାରିବ ବୋଲି ଆଇଆରଇଏଲ ଜେନେରାଲ ମ୍ୟାନେଜର ମୂର୍ତ୍ତି କହିଛନ୍ତି।


ଏମ୍ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ୫ ମାସର ଝିଅକୁ ଅନ୍ୟ ହାତକୁ ଟେକିଦେଲେ ମା'

## ଦାରିଦ୍ର୍ୟ ଆଗରେ ହାର ମାନିଲା ମାତୃତ୍ୱ

ମୋରଡ଼ା(ସ୍ମାରକ ମାଝୀ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ),୧୪।୨

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଦୁଇ ଓଳି ଖାଇବାକୁ ଦେଇ ନ ପାରି ଜନ୍ମଦାତ୍ରୀ ମା' ୫ ମାସର ଶିଶୁକନ୍ୟାଙ୍କୁ ଅନ୍ୟ ହାତକୁ ଟେକି ଦେଇଛନ୍ତି। ଦାରିଦ୍ର୍ୟ କାରଣରୁ ଅଷ୍ଟମ ଗର୍ଭର ଏହି ଶିଶୁ କନ୍ୟାଙ୍କ ଲାଳନପାଳନ ନିମନ୍ତେ ମାତାପିତା ଚରମ ନିଷ୍ପତ୍ତି ଗ୍ରହଣ କରିବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଖବରପାଇ ବ୍ଲକ ପ୍ରଶାସନ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ଜିଲା ଶିଶୁ କଲ୍ୟାଣ ବିଭାଗକୁ ପଠାଇ ଦେଇଛି।

ସୂଚନାଯୋଗ୍ୟ, ଶାମାଖୁଣ୍ଟା ବ୍ଲକ୍ ଆମ୍ବସିକଡା ଗ୍ରାମର ମୋହନ ହାଁସଦା ମୋରଡ଼ା ବ୍ଲକ କୋହି ପଞ୍ଚାୟତ ଅଧୀନ ସନପୁରିଆ ଗ୍ରାମର ଲାଖିଆ ହାଁସଦାଙ୍କୁ ବିବାହ କରିଥିଲେ। ବିବାହ ପରେ ନିଜ ଗ୍ରାମକୁ ନ ଯାଇ ଶ୍ୱଶୁର ଘର ଗ୍ରାମରେ ଏକ ନୁଆଁଣିଆ ପଲିଥିନ ଢଙ୍କା ଭଙ୍ଗା ଦଦରା ଘରେ ବସବାସ କରୁଥିଲେ। ତାଙ୍କର ୪ପୁଅ ଓ ୪ଝିଅ ଅଛନ୍ତି। ସରକାରୀ ସ୍ତରରେ କେବଳ ରାଶନ କାର୍ଡଟିଏ ରହିଥିବା ବେଳେ ମାସକୁ ୩୦କେଜି ଚାଉଳ ପାଇଥାନ୍ତି। ମୋହନ ଦିନମଜୁରିଆ ଭାବେ କାମ କରି ପାଉଥିବା ଅର୍ଥରେ ପରିବାର ଭରଣପୋଷଣ ସମ୍ଭବ ହୋଇପାରୁ ନ ଥିଲା। ୧୦ପ୍ରାଣୀ କୁଟୁମ୍ବଙ୍କୁ ଦୁଇ ଓଳି ପେଟପୂରା ଖାଇବାକୁ ଦେବା ସକ୍ଷମ ହୋଇପାରୁ ନ ଥିବାରୁ ପିଲାମାନେ ଭୋକ ଉପାସରେ ଦିନ କାଟୁଥିବା ନେଇ ମା' ଲାଖିଆ ପ୍ରକାଶ କରିଛନ୍ତି। ଏପରିକି ଭୋକର ଜ୍ୱାଳା ସହି ନ ପାରି ପିଲାମାନେ ହାଣ୍ଡିଆ ଖାଇ ଦିନ କାଟୁଛନ୍ତି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

ଗାଁକୁ ମାଟିହାଣ୍ଡି ବିକ୍ରି କରିବାକୁ ଆସୁଥିବା ଶୂଳିଆପଦା ଥାନା ଅଧୀନ ଧାତିକା ଗ୍ରାମର ମନୋରଞ୍ଜନ ବେହେରାଙ୍କ ସହ ପରିବାର ଲୋକଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଭୋକ ଉପାସରେ ରହୁଥିବା ପିଲାମାନଙ୍କ ମଧ୍ୟରେ ଅଷ୍ଟମ ଗର୍ଭର ୫ମାସର ଶିଶୁକନ୍ୟାଙ୍କୁ ମନୋରଞ୍ଜନଙ୍କୁ ଦେବା ପାଇଁ ମାତାପିତା ରାଜି ହୋଇଥିଲେ। ମନୋରଞ୍ଜନ ଶିଶୁକନ୍ୟାଙ୍କୁ ନିଜ ଗ୍ରାମ ଧାତିକାକୁ ନେଇଯାଇଥିଲେ। ଖବରପାଇ ସମନ୍ୱିତ ମହିଳା ଓ ଶିଶୁ ବିଭାଗର ସୁପରଭାଇଜର ସୁଷମା ପାଣିଗ୍ରାହୀ, ମୋହନପୁର ସିଏଚଓ ଶୁଭସ୍ମିତା ପ୍ରଧାନ, ଅଙ୍ଗନୱାଡି କର୍ମୀ ଗାଉରା କିସ୍କୁ, ଆଶାକର୍ମୀ ଗୀତାଞ୍ଜଳି ଟିପିରିଆ ପ୍ରମୁଖ ମୋହନଙ୍କ ଘରେ ପହଞ୍ଚି ଶିଶୁକନ୍ୟା ବିଷୟରେ ପଚରାଉଚୁରା କରିଥିଲେ। ପରେ ଶୂଳିଆପଦା ସିଡିପିଓ ତନୁଶ୍ରୀ ମିଶ୍ର ଓ ସୁପରଭାଇଜର ସୁଷମା ପାଣିଗ୍ରାହୀ ଧାତିକା ଗ୍ରାମକୁ ଯାଇ ମନୋରଞ୍ଜନଙ୍କ ଘରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ। ତେବେ ମନୋରଞ୍ଜନ ଉକ୍ତ ଶିଶୁ କନ୍ୟାଙ୍କୁ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କୁ ଦେବା ପାଇଁ ସ୍ଥିର କରିଥିବା ଜଣାପଡ଼ିଥିଲା। ମୋରଡ଼ା ଥାନାଧିକାରୀ ସତ୍ୟନାରାୟଣ ବଳ ଏବଂ ଶୂଳିଆପଦା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କୁ ପଚାରିବାରୁ ଉକ୍ତ ଘଟଣା ଏବେ ଜିଲା ଶିଶୁ କଲ୍ୟାଣ ବିଭାଗ ଅଧୀନରେ ରହିଛି। ତେଣୁ ପୋଲିସ ଏହା ଉପରେ କୌଣସି ତଦନ୍ତ କରିବ ନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ଉଦ୍ଧାର ପରେ ଶିଶୁମଙ୍ଗଳ ସମିତିରେ ଉପସ୍ଥିତ କରାଯାଇ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଛି। କିଶୋର ନ୍ୟାୟ ଆଇନ ଅନୁଯାୟୀ ଶିଶୁର ଥଇଥାନ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ଦାରିଦ୍ର୍ୟ ସୀମାରେଖା ତଳେ ରହିଆସୁଥିବା ଉକ୍ତ ପରିବାର ପ୍ରତି ସରକାରୀ ସହାୟତା ପ୍ରଦାନ ପୂର୍ବକ ଶିଶୁମାନଙ୍କୁ ଥଇଥାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଶିଶୁ ସୁରକ୍ଷା ଅଧିକାରିଣୀଙ୍କ ଦ୍ୱାରା ଉଦ୍ଧାର ଶିଶୁକନ୍ୟା।

# ହରିଦ୍ୱାରର ସାଧୁ କହି ମହିଳାଙ୍କୁ ଲୁଟୁଥିବା ୪ ବାବା ଗିରଫ

ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଗତ କିଛି ଦିନ ହେବ ହରିଦ୍ୱାରର ସାଧୁ କହି ବୟସ୍କ ମହିଳାମାନଙ୍କୁ ଲୁଟ୍ କରୁଥିବା ୪ଜଣ ବାବାଙ୍କୁ ସ୍ଥାନୀୟ ପୋଲିସ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଉତ୍ତରଖଣ୍ଡ ଉଦାମସିଂ ଜିଲା ଗଦରପୁର ଥାନା ଅଞ୍ଚଳର ଶାହୀଦ ଅହ୍ମଦ (୨୮) ଓ ଏମ୍‌ଡି ଇକବାଲ (୩୧), ଉତ୍ତରପ୍ରଦେଶ ମିରଟ ଜିଲା କିଲା ଥାନାର ଜୋହର ଅଲି (୨୧) ଏବଂ ଆମରହା ଜିଲା ଗଜରଲା ଥାନାର ଏମ୍‌ଡି ଇସଲାମ (୪୨)। ଶନିବାର ଜେରା କରି କୋର୍ଟ ଚାଲାଣ କରାଯିବ ବୋଲି ଝାରସୁଗୁଡ଼ା ଏସ୍‌ପି ସ୍ମିତ ପରମାର ସୂଚନା ଦେଇଛନ୍ତି। ଆମେ ହରିଦ୍ୱାରରୁ ଆସିଛୁ ତୁମର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବ, ତୁମର ସମସ୍ତ ଦୁଃଖ ଦୂରହେବ ବୋଲି କହିବା ସହିତ କେତେକ ସ୍ଥାନରେ ସୁନା ଶୋଧନ କରି ଦେବୁ ବୋଲି କହୁଥିଲେ। ସୁନା ଦେବା ପରେ ସେମାନେ ଫେରାର ହେଉଥିଲେ। ଏମାନେ ସବୁବେଳେ ୨ଟି ବାଇକ୍ ବ୍ୟବହାର କରୁଥିଲେ ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗତ ବୁଧବାର ଅପରାହ୍ନ ୫ଟାରେ ଟାଉନ ଥାନା ଅନ୍ତର୍ଗତ ସରବାହାଲର ନିରୁପମା ନାୟକ (୫୯)ଙ୍କୁ ସାଧୁ ବେଶରେ ୨ଟି ବାଇକ୍‌ରେ ଆସି ତାଙ୍କଠାରୁ ସୁନା ଚେନ, ମୋବାଇଲ ତଥା ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଟାଉନ ଥାନାରେ ନିରୁପମାଙ୍କ ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସହିତା ୩୦୯(୬)ରେ ମାମଲା (ନଂ.୪୨/୨୫)ରେ ରୁଜୁ ହୋଇଥିଲା। ସେହିପରି ବେଲ୍‌ପାହାଡ଼ ଥାନା ଅନ୍ତର୍ଗତ ଗୁମାଡେରାର ରିତାମଞ୍ଜରୀ ସାହୁଙ୍କଠାରୁ ଗତ ମଙ୍ଗଳବାର ସନ୍ଧ୍ୟା ୫ଟାରେ ୨ଟି ବାଇକ୍‌ରେ ଆସି ସୁନା ଚେନ ତଥା ବିଭିନ୍ନ ଅଳଙ୍କାର ଲୁଟି ନେଇଥିଲେ। ରିତାଙ୍କ ଅଭିଯୋଗକ୍ରମେ ଭାରତୀୟ ନ୍ୟାୟ ସହିଁତା ୩୧୮(୪)/୩(୫)ରେ ଏକ ମାମଲା (ନଂ.୨୯/୨୫) ରୁଜୁ ହୋଇଥିଲା। ଏହି ୨ ଘଟଣା ପରେ ଝାରସୁଗୁଡ଼ା ପୋଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରି ସିସିଟିଭି ଫୁଟେଜରେ କେଉଁ କେଉଁ ଜାଗାରେ ହୋଇଛି ସେ ବିଷୟରେ ଯାଞ୍ଚ କରିଥିଲା। ଏହି ଅପରାଧୀମାନଙ୍କ ସୁରାକ୍ ପାଇ ସମ୍ବଲପୁରରୁ ଝାରସୁଗୁଡ଼ା ପୋଲିସ ଗିରଫ କରିଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜାତି ନନ୍ଦିଘୋଷ କନ୍‌କ୍ଲେଭ, ସ୍ଥାନ: ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା।
- ପୃଥ୍ୱୀପନ୍ନା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ନାଟକ 'ଅଗ୍ନିସ୍ନାତ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- **ପ୍ରଥମ ରାଜ୍ୟସ୍ତରୀୟ ପତିତପାବନ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁଭାରମ୍ଭ, ସ୍ଥାନ: ଭୋଗଡା ପଞ୍ଚାୟତ ଖେଳ ପଡ଼ିଆ, ଭୋଗଡା, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।**

## ପୁରୀ
- ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚସଖା ଖେଳପଡ଼ିଆ ମହୋତ୍ସବ ମଞ୍ଚ, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର ପରିସର, ନୂଆବଜାର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ, ସ୍ଥାନ: ଶିକ୍ଷକ ସଂଘ ଭବନ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।
- କୋଷ୍ଟ କେନାଲ ପୁନରୁଦ୍ଧାର ପାଇଁ କେନ୍ଦ୍ରୀୟ ଟିମ୍‌ର ତଦାରଖ, ସ୍ଥାନ: କୋଷ୍ଟ କେନାଲ ଦକ୍ଷିଣ ମହାବଳାରୁ ଜାମକୁଣ୍ଡା ଲକ୍, ବାଲିଆପାଳ, ସମୟ: ଅପରାହ୍ନ ୧ଟା।
- ୭୮ତମ ସାର୍ବଜନୀନ ବାଣୀଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବଗଦା, ଦୁବଲାଗଡ଼ି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ–ସନ୍ଧ୍ୟା ୬ଟା ୩୦।
- ୧୪ତମ ବାର୍ଷିକ ରୂପସା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ବିଜ୍ଞାନ ମେଳା ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଓଡ଼ିଶା ବ୍ରିଗେଡ ସ୍କୁଲ, ଆଡ଼ିଆ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ମୁନୀସମାଜର ଜିଲା ଅଧିବେଶନ, ସ୍ଥାନ: କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପାଖ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କାନାରା ବ୍ୟାଙ୍କ ବେଙ୍ଗାଲୁରୁ – ସାପିଏନ୍ସ ଦିଲ୍ଲୀ ମଧ୍ୟରେ ଟିଲୋ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ହନୁମାନ ଜୀଉ ମିନି ଷ୍ଟାଡିୟମ, ଟିଲୋ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ନଟରାଜ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଟାଉନ ହଲ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀର ତୃତୀୟ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା ୩୦।

## କେନ୍ଦୁଝର
- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା, ପୂଜା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ଶ୍ରୀ ଅନନ୍ତ ଗୋପାଳ ମନ୍ଦିରର ରତ୍ନମୁଦ ଉତ୍ସବ, କଳସ ପୂଜା, ସୂର୍ଯ୍ୟ ଏବଂ ଗୋ ପୂଜା, ସ୍ଥାନ: : ବଂଚୋ, ହାଟଡ଼ିହୀ, ସମୟ: ସକାଳ ୮ ଟା।
- ଶିଶୁ ଶିବିର ଉତ୍ସବ, ସ୍ଥାନ: ବଣିଆପାଟଶିଶୁ ମନ୍ଦିର, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ଭ୍ରମଣ, ସ୍ଥାନ: ପନ୍ଦାଡ଼ୋ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମପ୍ରହର ନାମଯଜ୍ଞ ଏବଂ ଶୁଭ ଅଧିବାସ, ସ୍ଥାନ: ରମ୍ଭାସ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ
- ମା'ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ:କଉଡ଼ିଖଣି, ସୁହାଗପୁର ବଡ଼ସାହି,ସମୟ:ସକାଳ ୭ଟା।
- ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜା, ସ୍ଥାନ: ଛେଳିଆ(କ), ବଡ଼ସାହି,ସମୟ: ସକାଳ ୭ଟା।
- ଡିଆର୍‌କେ(ବି) ସହିତ ବିଜେଏମସିସି କ୍ରିକେଟ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ ପଡ଼ିଆ,ସମୟ: ସକାଳ ୯ଟା।
- ସର୍ବଭାରତୀୟ ସତ୍ୟ ସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଉଦଳା ଏନ୍‌ଏସି ନାଗପାଳ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭୀମ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ ପାଉଁଶିଆ ଭୀମ ମେଳା ପଡ଼ଆ, ବଡ଼ସାହି,ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା, ସ୍ଥାନ:କଉଡ଼ିଖଣି, ସୁହାଗପୁର ବଡ଼ସାହି,ସମୟ:ସନ୍ଧ୍ୟା ୬ଟା।

## ଗଞ୍ଜାମ
- ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ଦିଗପହଣ୍ଡି ବ୍ଲକ ମଦନମୋହନପୁର ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୫ଟା।
- ୧୧ତମ ବ୍ରହ୍ମପୁର ସାହିତ୍ୟ ଉତ୍ସବ, ସ୍ଥାନ: ଗୋପାଳପୁର ହୋଟେଲ ହିଲ୍‌ଭ୍ୟୁ କଟେଜ୍, ସମୟ: ସନ୍ଧ୍ୟା ୬ଟା ।

## କନ୍ଧମାଳ
- ହନୁମାନ ଜୀଉଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ, ସ୍ଥାନ: ବାଲିଗୁଡା ପାଟଖଣ୍ଡା ମନ୍ଦିର ପରିସର,ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ମହିଳା ଅଧିକାର କର୍ମଶାଳା ଓ ବ୍ଲକସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ପାରାଦୀପ କଲେଜ ଅଡିଟୋରିୟମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଶାରଳା ପୀଠରେ ଜଗନ୍ନାଥ ପଞ୍ଚରାତ୍ର ପ୍ରସ୍ତୁତି ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କନକପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସର୍ବଭାରତୀୟ ବୃହତ୍‌ବନ୍ଦର ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।

## ଯାଜପୁର
- ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଥାନୁଆଳ ପଞ୍ଚାୟତର କାନପୁର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକା ସ୍ଥିତ ସନ୍‌ସାଇନ୍ ପ୍ଲେ ସ୍କୁଲ ପରିସର, ସମୟ: ଅପରାହ୍ନ ୩ଟା୩୦।
- ବ୍ୟାସସରୋବର ମହୋତ୍ସବର ୮ମ ଦିବସ, ସ୍ଥାନ: ବ୍ୟାସସରୋବର ମେଳା ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଯାଜପୁର ଜିଲା ଭାରତ ସ୍କାଉଟ ଆଣ୍ଡ ଗାଇଡର କେମ୍ପୋରି ଉଦ୍‌ଘାଟନ, ସ୍ଥାନ: ଯାଜପୁର ସରକାରୀ ବାଳିକା ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ମହାପ୍ରଭୁ ନୀଳମାଧବଙ୍କ ମାଘମେଳାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ସକାଳ ୭ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଠାଣୀ ସାମନ୍ତ ଫୁଟବଲ ଟୁର୍ନାମେଣ୍ଟ ସପ୍ତମ ଦିବସର ପ୍ରଦର୍ଶନୀ ମ୍ୟାଚରେ ନୟାଗଡ଼ ଜୁନିଅର ବନାମ ଖଣ୍ଡପଡ଼ା ଜୁନିଅର, ସ୍ଥାନ: ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।
- ପଠାଣୀ ସାମନ୍ତ ଫୁଟ୍‌ବଲ ଟୁର୍ନାମେଣ୍ଟ ସପ୍ତମ ଦିବସର ପ୍ରଦର୍ଶନୀ ମ୍ୟାଚରେ ପ୍ରଶାସନ ଏକାଦଶ ବନାମ ସାମ୍ବାଦିକ ଏକାଦଶ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।

ମାଘମେଳା ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ମାଘମେଳା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ସିବିଏସ୍‌ଇ ମ୍ୟାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ସେଣ୍ଟ ଜାଭିଅର ସ୍କୁଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ।

## ନବରଙ୍ଗପୁର
- ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ନବରଙ୍ଗପୁର ୟୁନିକ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- ସିବିଏସ୍‌ଇ ମାଟ୍ରିକ ପରୀକ୍ଷା ଆରମ୍ଭ, ସ୍ଥାନ: ଜବାହାରଲାଲ ନବୋଦୟ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ଆଇଟିଡ଼ିଏ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ :ଅପରାହ୍ନ ୪ ଟା।

## ମାଲକାନଗିରି
- ବ୍ଲକସ୍ତରୀୟ ମହିଳା, ସମାଜ ମଙ୍ଗଳ ଆଇନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ:ପୂର୍ବାହ୍ନ ୧୦ଟା ୩୦।
- ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବୁଟିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ: ସକାଳ ୬ଟା।
- ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜିତ ଦ୍ୱିତୀୟ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ସୁର ଘୁଙ୍ଗୁର ଉତ୍ସବ–୨୦୨୫, ସ୍ଥାନ: ରେଢ଼ାଖୋଲସ୍ଥିତ କଦମ୍ବ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଫ୍ରେଣ୍ଡସ୍ କ୍ଲବ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ଭୁବନେଶ୍ୱର ବନାମ କଟକ ମ୍ୟାଚ୍ , ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା ୩୦ ମିନିଟ।

## ରାଉରକେଲା
- ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- ନୃତ୍ୟପଦ୍ମ– ଅନ୍ତର୍ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଏବଂ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ୯୦ଦଶକ ସ୍ମୃତି–ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୫ ଭଞ୍ଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଲାଜରୁସ୍ ଲାକ୍ରା ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର–୬ ଗ୍ରାସ୍ ଫିଲ୍ଡ, ସମୟ: ସକାଳ ୯ଟା।
- ମାତା–ପୂଜନ ଦିବସ, ସ୍ଥାନ: ହନୁମାନ ବାଟିକା, ସତସଙ୍ଗ ଭବନ, ସମୟ: ସନ୍ଧ୍ୟା ୫ଟା ୩୦।
- ପ୍ରଗତି ଉତ୍କଳ ସଂଘର ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ, ସେକ୍ଟର–୭, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଅଖିଳ ଭାରତୀୟ ଅଘରିଆ ସମାଜ, ଓଡିଶା ପ୍ରଦେଶ ଦଶମ ପ୍ରାନ୍ତୀୟ ମହାସମ୍ମିଳନୀ ଏବଂ ଚତୁର୍ଥ ଗାଙ୍ଗପୁର ଆଞ୍ଚଳିକ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନ ସମାରୋହ, ସ୍ଥାନ: ସବଡେଗା, ସମୟ: ସକାଳ୮ଟା।
- ଅଲ୍ ଇଣ୍ଡିଆ ଅଖଣ୍ଡ ଭୂୟାଁ ସମାଜର ମହାସଭା, ସ୍ଥାନ: ବଡ଼ଗାଁ ଇଲେକ୍ଟ୍ରି ଅଫିସ ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ ନିପୁଣ ଓଡିଶା କାର୍ଯ୍ୟକ୍ରମ,ସ୍ଥାନ: କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଟଙ୍ଗ ସେବାଶ୍ରମର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ ୧ଟା।

## ବରଗଡ଼
- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ବରଗଡ଼, ସମୟ: ସକାଳ ୮ଟା।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି
- ଜୁନାଗଡ଼ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣା ନକଟିଗୁଡା ସେକ୍ସନ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- କମ୍ପାନୀ ସପକ୍ଷରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବଜରଙ୍ଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ନାଳ ପଡ଼ିଆ, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ବାବା ସିଦ୍ଧେଶ୍ୱର ବାବାଙ୍କ ପ୍ରତିଷ୍ଠା ଅବସରରେ କଳସ ଯାତ୍ରା ନଗର ପରିକ୍ରମା, ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ କନକ ଦୁର୍ଗା ମନ୍ଦିର ପରିସର, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ସକାଳ ୯ଟା।
- ସୋନପୁର କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀକୃଷ୍ଣ ଜନ୍ମକଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଯାଦବ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ଦୀପ ମହାଯଜ୍ଞ ଓ ପ୍ରଜ୍ଞା ପୁରାଣ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦ ଓ ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ପ୍ରଗତିଶୀଳ ଶ୍ରମିକ ମଞ୍ଚ ପକ୍ଷରୁ ରାଲି, ସ୍ଥାନ: ବମ୍ବେ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍, ସ୍ଥାନ: ବଇେମୁଣ୍ଡା ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ କାମରେ ନିଜକୁ ନିୟୋଜିତ କରିପାରନ୍ତି। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସନୀୟ କାମ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଯୁକ୍ତିତର୍କ କାରଣରୁ ସାମୟିକ ଅଶାନ୍ତ ରହିପାରନ୍ତି।

**ବୃଷ** ପୂର୍ବନିର୍ଦ୍ଧାରିତ ଯୋଜନାନୁଯାୟୀ ବନ୍ଧୁମିଳନ ସାଙ୍ଗକୁ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପରିସ୍ଥିତିକୁ ସ୍ୱାଭାବିକ କରିବାକୁ ଯାଇ କଅଁଳ କଥା କହି ସବୁ ସମ୍ଭାଳି ନେବେ। ଅଫିସରେ କୌଣସି ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି। ଆର୍ଥିକସ୍ଥିତି ଉନ୍ନତ ରହିବା କାରଣରୁ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିପାରିବେ।

**ମିଥୁନ** କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାର୍ଯ୍ୟରେ ସଫଳତା ଘଟିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବନ୍ଧୁଙ୍କ ଘରୋଇ ସମସ୍ୟାରେ ମନ ବିଚଳିତ ରହିବ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ** ସମସ୍ୟାର ସମାଧାନ ସକାଶେ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତା ନେଲେ ଉପକୃତ ହେବେ। ଲକ୍ଷ୍ୟସାଧନ ପରିପ୍ରେକ୍ଷୀରେ ବିନୟଭାବ ପୋଷଣ କଲେ କୌଣସି କାମ ଅଟକିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ଝମେଲାରେ ପଶନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ ମାତ୍ର ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ସିଂହ** ନିଜର କୌଣସି ଦୁର୍ବଳତା ହେତୁ ଜୋର୍ ଦେଇ ଯୁକ୍ତିତର୍କ କରିବା ଦିଗରୁ ଦୂରେଇ ରହିବେ। ନକାରାତ୍ମକ ଚିନ୍ତାଧାରା ପ୍ରତ୍ୟେକ କ୍ଷେତ୍ରରେ ମନକୁ ବେଶି ବିବ୍ରତ କରିବ। ଯାତ୍ରା ସମୟରେ ପକେଟ୍‌ମାର ପ୍ରତି ସତର୍କ ରହିବା ଭଲ ହେବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ପୂର୍ବପରି ଅକ୍ଷୁଣ୍ଣ ରହିବାରୁ ଶାନ୍ତି ପାଇବେ।

**କନ୍ୟା** ପୂର୍ବ ଶତ୍ରୁତାର ବଦଳା ନେବାକୁ ଯାଇ ନିଜ ଲୋକ ହଇରାଣ କରିପାରନ୍ତି। କର୍ମକ୍ଷେତ୍ରରେ ପାରିବାରିକ ମତଭେଦ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ସାମାନ୍ୟ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଆର୍ଥିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି, ମାଙ୍ଗଳିକ କାର୍ଯ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ।

**ତୁଳା** ଆତ୍ମୀୟମାନଙ୍କ ସହଯୋଗରେ କାର୍ଯ୍ୟରେ ସଫଳତା ହାସଲ କରିବେ। କିଣା ବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ତଥା ବିବାଦୀୟ ପରିସ୍ଥିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ନିର୍ମାଣାଧୀନ କାର୍ଯ୍ୟରେ ପ୍ରତିବନ୍ଧକ ହଟିଯିବାର ଆଶା ରହିଛି।

**ବିଛା** ଅନ୍ୟମାନଙ୍କ ବିଷୟ ଚିନ୍ତାକରି ନିଜ ପ୍ରତି ଅବହେଳା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଦୀର୍ଘଦିନର ଉପରାନ୍ତେ ମାଲିମକଦ୍ଦମାରେ ବିଜୟଲାଭର ସୂଚନା ରହିଛି। କର୍ମକ୍ଷେତ୍ର, ପାରିବାରିକସ୍ଥିତି, ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ଉନ୍ନତଧରଣର ରହିବ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ଜଣେ ସମ୍ପର୍କୀୟଙ୍କ ପରାମର୍ଶରେ ତିର୍ଥାଟନ କିମ୍ବା ପରିଦର୍ଶନ କଥା ଚିନ୍ତା କରିପାରନ୍ତି। ମନରେ ପ୍ରଫୁଲ୍ଲତା ରହିଥିବାରୁ କାର୍ଯ୍ୟସାଧନରେ କୌଣସି ଅସୁବିଧା ରହିବନାହିଁ। କଳା, ସାହିତ୍ୟ, ସାମ୍ବାଦିକତା ଓ ମନୋରଞ୍ଜନ, ଖେଳକୁଦରେ ପ୍ରଶଂସା ପାଇବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ପିଲାଙ୍କ ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ରାଜନୀତି, ସଂଗଠନ, ଗବେଷଣା, ସଭାସମିତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ମାତ୍ର ଧନିଷ୍ଠା ନକ୍ଷତ୍ରର ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ।

**କୁମ୍ଭ** ବନ୍ଧୁମାନଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ରହିବ। ପାରିବାରିକ କ୍ଷେତ୍ର ବୁଝାମଣା ଜନିତ ଶାନ୍ତି ଫେରିଆସିବ। ଆର୍ଥିକ ସମସ୍ୟା,ବନ୍ଧୁଙ୍କ ମତାନ୍ତର,ସ୍ଥଗିତ ରହିଯାଇଥିବା କାମ ସୁବିଧାରେ ସମ୍ପନ୍ନ ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରୁ ବିଶେଷ ଲାଭବାନ୍ ହୋଇପାରନ୍ତି।

**ମୀନ** ପାରିବାରିକ ଜୀବନରେ ସୁଖ ସନ୍ତୋଷ ମାନସିକ ସ୍ଥିରତା ଆଣିବାରେ ସହାୟକ ହେବ। ସାହାଯ୍ୟକାରୀ ମନୋଭାବ କାରଣରୁ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ସକାଳୁ ଶୁଭଖବର ପାଇ ମନ ଏକଦମ୍ ଖୁସି ହୋଇଯିବାର ସୂଚନା ରହିଛି।

ଆଜି ଫେବୃଆରୀ ୧୫ ତାରିଖ, ଫାଲଗୁନ୍ କୃଷ୍ଣ ତୃତୀୟା, ଶନିବାର, ରାଶିନକ୍ଷତ୍ର–ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୯/୧୦ ଗତେ ଘ.୧୦/୩୫ ମଧ୍ୟେ ରାହୁ କାଳ ॥

## ପ୍ରଥମ ପୃଷ୍ଠାରୁ...

### ଭାରତକୁ ଟାରିଫ୍, ...

ସେତିକି ନୁହେଁ, ମୋଦିଙ୍କୁ ଉପହାର ଭାବେ ଟ୍ରମ୍ପ 'ଆୱାର ଜର୍ନି ଟୁଗେଦର' ଶୀର୍ଷକ ଏକ ପୁସ୍ତକ ଦେଇଥିଲେ, ଯେଉଁଥିରେ ଟ୍ରମ୍ପଙ୍କ ପ୍ରଥମ ପାଳି ରାଷ୍ଟ୍ରପତିତ୍ୱ କାଳରେ ମୋଦିଙ୍କ ସହ ରାଲିର ସ୍ନାପ୍‌ଶଟ୍‌ଗୁଡ଼ିକ ରହିଥିଲା। ମିଳିତ ଖବରଦାତା ସମ୍ମିଳନୀରେ ଉଭୟ ନେତା ପରସ୍ପରକୁ ପ୍ରଶଂସା କରିଥିଲେ। ଟ୍ରମ୍ପଙ୍କ 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍'( ଆମେରିକାକୁ ଆଉ ଥରେ ମହାନ୍ କରିବା) ସ୍ଲୋଗାନ୍‌କୁ ମୋଦି ପ୍ରଶଂସା କରିବା ସହ ଭାରତରେ ଆମେ ବିକଶିତ ଭାରତ ପାଇଁ କାମ କରୁଛୁ, ଯାହା ଆମେରିକା ଭାଷାରେ ଏମ୍‌ଆଇଜିଏ (ମେକ୍‌ଇଣ୍ଡିଆ ଗ୍ରେଟ୍‌ଏଗେନ୍) ବୋଲି କହିଥିଲେ। ଯେତେବେଳେ ଭାରତ ଏବଂ ଆମେରିକା ଏକାଠି କାମ କରିବେ, ଏମ୍‌ଏଜିଏ ଏବଂ ଏମ୍‌ଆଇଜିଏ ମିଶି ସମୃଦ୍ଧିର 'ମେଗା' ପାର୍ଟନରଶିପ୍ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ତେବେ ପାରସ୍ପରିକ ପ୍ରଶଂସା ତଳେ ବାଣିଜ୍ୟ ଓ ଟାରିଫ୍‌ର କଠିନ ବାସ୍ତବତା ଲୁଚିରହିଥିଲା। ଦୀର୍ଘଦିନର ମହାନ୍ ବନ୍ଧୁଙ୍କ ସହ ବୈଠକ ପୂର୍ବରୁ ଟ୍ରମ୍ପ ରେସିପ୍ରୋକାଲ ଟାରିଫ୍ ଘୋଷଣା କରିଥିଲେ, ଯେଉଁଥିରୁ ଭାରତ ବାଦ୍ ପଡ଼ିନାହିଁ। ଏହି ଟାରିଫ୍ କଥା ଆସିଲେ ଭାରତ ତାଲିକାର ଶୀର୍ଷରେ ରହିଥାଏ ବୋଲି ଟ୍ରମ୍ପ ଖବରଦାତାମାନଙ୍କୁ କହିଥିଲେ। ମୋଦିଙ୍କ ସହ ଗଣମାଧ୍ୟମକୁ ମିଳିତ ଭାବେ ସମ୍ବୋଧିତ କଲାବେଳେ ଟ୍ରମ୍ପ କହିଥିଲେ, 'ଭାରତ ଆମ ଉପରେ ଯାହା ଶୁଳ୍କ ଲଗାଇବ, ଆମେ ସେଠାରୁ ଆସୁଥିବା ସାମଗ୍ରୀ ଉପରେ ସେପରି ଶୁଳ୍କ ଲଗାଇବୁ'। ତେଣୁ ସେମାନେ ଯେତେ ଶୁଳ୍କ ଲଗାଇଲେ ମଧ୍ୟ ଆମ ପାଇଁ ଏଣିକି ଆଉ କୌଣସି ସମସ୍ୟା ହେବ ନାହିଁ। ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଯୋଗୁ ଭାରତ ଆମେରିକାକୁ ରପ୍ତାନି କରୁଥିବା ବୟନ ସାମଗ୍ରୀ, ଔଷଧ ଏବଂ କୃଷି ସାମଗ୍ରୀଗୁଡ଼ିକ ମହଙ୍ଗା ହେବ। ସମ୍ପ୍ରତି ଭାରତ ସହ ଆମେରିକାର ବାଣିଜ୍ୟ ନିଅଣ୍ଟ ପ୍ରାୟ ୧୦୦ ବିଲିୟନ ଡଲାର ରହିଛି। ଦୀର୍ଘଦିନ ଧରି ରହିଥିବା ଏହି ତାରତମ୍ୟର ସମାଧାନ ପାଇଁ ମୋଦି ଏବଂ ମୁଁ ବୁଝାମଣା ପାଇଁ ରାଜି ବୋଲି ଟ୍ରମ୍ପ କହିଥିଲେ। ମୋଦିଙ୍କ ଏହି ଗସ୍ତବେଳେ ଭାରତ ପ୍ରତି ଟ୍ରମ୍ପଙ୍କ ପ୍ରଶଂସା ଓ ଚାପ ଦେଖିବାକୁ ମିଳିଛି। କେବଳ ଟାରିଫ୍ ନୁହେଁ, ଟ୍ରମ୍ପଙ୍କ ଇମିଗ୍ରେଶନ ନୀତି ମଧ୍ୟ ସେଠାରେ ଥିବା ଭାରତୀୟଙ୍କୁ ଅଡୁଆରେ ପକାଇଛି। ବେଆଇନ ଭାବେ ରହିଥିବା ଭାରତୀୟମାନଙ୍କୁ ଟ୍ରମ୍ପ ସେଠାରୁ ତଡ଼ିବାରେ ଲାଗିଛନ୍ତି। ଇତିମଧ୍ୟରେ ୨ ପର୍ଯ୍ୟାୟରେ ୨୨୩ ଜଣ ବେଆଇନ ପ୍ରବାସୀ ଭାରତୀୟଙ୍କୁ ବିଦା କରାଗଲାଣି।

### ହଟ୍ଟଗୋଳରେ କମ୍ପିଲା, ...

ଆର୍ଥିକ ଅଭିବୃଦ୍ଧି କରାଇବା ଲକ୍ଷ୍ୟ ନେଇ ଲକ୍ଷପତି ଦିଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ୨୦୨୭ ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପ୍ରଶ୍ନକାଳ ଆରମ୍ଭରୁ ଏକାଧିକ ପ୍ରସଙ୍ଗ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ହଟ୍ଟଗୋଳ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ପ୍ରସଙ୍ଗରେ ଉଭୟ ଦଳର ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ପ୍ରତିବାଦ କରିଥିଲେ। ବିଜେଡି ସଦସ୍ୟମାନେ ଚାଷୀମାରଣ ନୀତିକୁ ନେଇ ନାରାବାଜି କରିଥିଲେ। ହୋହାଲ୍ଲା ଭିତରେ ବାଚସ୍ପତି ସୁରମା ପାଢୀ ସେମାନଙ୍କୁ ନିଜ ନିଜ ସ୍ଥାନକୁ ଯିବା ଲାଗି ଏକାଧିକ ବାର ନିବେଦନ କରିଥିଲେ। ସ୍ଥିତି ନ ସୁଧୁରିବାରୁ ମାତ୍ର ୪ ମିନିଟ୍ ଗୃହ ଚାଲିବା ପରେ ୧୦ଟା ୩୪ରୁ ମଧ୍ୟାହ୍ନ ୧୨ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି। ପୁନର୍ବାର ସମାନ ସ୍ଥିତି ଉପୁଜିବାରୁ ପୁଣି ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ତେବେ ୪ଟା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲେ ମଧ୍ୟ ହଟ୍ଟଗୋଳ ଆରମ୍ଭ ହୋଇ ଯିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପିତ ହୋଇପାରି ନ ଥିଲା। ଶନିବାର ବିଧାନସଭାର ତୃତୀୟ ଦିବସରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

# ଅଷ୍ଟମରେ ୬୯.୫% ପିଲାଙ୍କୁ ଆସୁନି ଫେଡ଼ାଣ

**ଭୁବନେଶ୍ୱର,୧୪ା୨ (ସୁଚିସ୍ମିତା ସାହୁ)**

ରାଜ୍ୟରେ ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ଅଧିକାଂଶ ପିଲାଙ୍କୁ ଫେଡାଣ ଓ ହରଣ ଆସୁନି। ଜାତୀୟସ୍ତରରେ ୬୮.୫% ପିଲାଙ୍କୁ ଫେଡାଣ ଆସୁ ନ ଥିବାବେଳେ ୪୫.୮% ପିଲା ହରଣ କରିପାରୁ ନାହାନ୍ତି। ତେବେ ଅସର ରିପୋର୍ଟ ଅନୁସାରେ, ଓଡ଼ିଶାରେ ୬୯.୫ ପ୍ରତିଶତ ପିଲାଙ୍କୁ ଫେଡ଼ାଣ ଓ ୪୮.୮ ପ୍ରତିଶତ ପିଲାଙ୍କୁ ହରଣ ଆସୁନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉପସ୍ଥାପିତ କରିଥିବା ତଥ୍ୟରୁ ଜଣାପଡିଛି। ବାଲିଗୁଡା ବିଧାୟକ ଚକ୍ରମଣି କହଁର ରାଜ୍ୟର ବିଦ୍ୟାଳୟଗୁଡିକରେ ଡ୍ରପ୍‌ଆଉଟ୍ ହାର ଏବଂ ଅସର ରିପୋର୍ଟର ତଥ୍ୟ ଚିନ୍ତାଜନକ ରହୁଛି। ଏନେଇ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ନିତ୍ୟାନନ୍ଦ ୧୦ବର୍ଷର ବିବୃତି ରଖି କହିଲେ, ୨୦୧୪ରେ ୭୩.୪ ପ୍ରତିଶତ ଏବଂ ୨୦୨୪ରେ ୬୯.୫ ପ୍ରତିଶତ ଛାତ୍ରୀଛାତ୍ର ଫେଡାଣ ଜାଣି ନ ଥିବା ତଥ୍ୟରୁ ଜଣାପଡିଛି। ସେହିପରି ୨୦୧୪ରେ ୩୭.୯% ଓ ୨୦୨୪ରେ ୪୮.୮% ବିଦ୍ୟାର୍ଥୀ ହରଣ ଜାଣିନାହାନ୍ତି। ଏହି ସଂଖ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି। ବିଗତ ଦଶ ବର୍ଷରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ଫେଡାଣରେ ମାତ୍ର ୬% ଏବଂ ହରଣରେ ୧୧% ପିଲା ସମାଧାନ କରିପାରୁଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟର ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୬୦୦୯ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ୧୭୯୮ ଶିକ୍ଷକ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦୨୫ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ୧୭ଟି ଜିଲାରେ ୨୧ଟି ଭାଷାରେ ଶିକ୍ଷାଦାନ କରାଯାଉଛି। ଏହିସବୁ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ୩୧୮୮ ଶିକ୍ଷକଙ୍କୁ ବହୁଭାଷୀ ଶିକ୍ଷା ସହାୟକ ଏବଂ ୧୪୩ଜଣ ବହୁଭାଷୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ବର୍ତ୍ତମାନ ରାଜ୍ୟର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୨୪୮୪ଟି ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି।

# ରାଜ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ଭିକାରି: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ

**ଭୁବନେଶ୍ୱର ୧୪ା୨ (ବନ୍ଦନା ସେଠୀ)**

ରାଜ୍ୟରେ ଏବେ ୫ହଜାର ୨୮୪ଜଣ ଭିକାରି ଅଛନ୍ତି। ସେଥିମଧ୍ୟରୁ କଟକରେ ସର୍ବାଧିକ ୧ହଜାର ୬୦ ଭିକାରି ରହିଛନ୍ତି। ଏନେଇ ଶୁକ୍ରବାର ବିଧାନସଭାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ତଥ୍ୟ ଅନୁସାରେ, କଟକରେ ସର୍ବାଧିକ ଭିକାରି ଥିବାବେଳେ ବରଗଡ଼ରେ ୫୯୫, ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୪୮୨, ସୁନ୍ଦରଗଡ଼ରେ ୪୧୭ ଓ ପୁରୀରେ ୩୫୦ ଭିକାରି ଅଛନ୍ତି। ରାଜ୍ୟକୁ ଭିକାରିମୁକ୍ତ କରିବାକୁ ସରକାର ଅଭିଯାନ ଚଳାଇଛନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ପୁରୀଠାରେ ନୀଳାଦ୍ରି ନିଳୟ, ଭୁବନେଶ୍ୱରରେ ଏକାମ୍ର ନିଳୟ ଅଭିଯାନ ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ବିଧାନସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ତଥ୍ୟ ଦେଇଛନ୍ତି।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅବସରରେ କଳସଯାତ୍ରା।

**ତାଳଚେର,୧୪।୨(ମନୋଜ ନନ୍ଦ)**

ତାଳଚେର ବ୍ଲକ ସୋଲଡ଼ା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ନବନିର୍ମିତ ଜଗନ୍ନାଥ ମନ୍ଦିରର ଓ ପାର୍ଶ୍ୱ ଦେବତାମାନଙ୍କ ପ୍ରାଣପ୍ରତିଷ୍ଠା ମହୋତ୍ସବ ୧୩ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ବାଲିବନ୍ଧ ପୋଖରୀରୁ ପବିତ୍ର ପାଣି ଆଣି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ସ୍ଥାପନ କରିଥିଲେ। ପରେ ବିଭିନ୍ନ ପୂଜାନୀତି ଆରମ୍ଭ ହୋଇଥିଲା। ଆସନ୍ତା ରବିବାର ବିଗ୍ରହମାନଙ୍କ ନଗର ପରିକ୍ରମା, ସୋମବାର ଦେବତାମାନଙ୍କ ନ୍ୟାସବିଧି, ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ ଆଦି କରାଯିବ। ଏହାସହିତ ଜଗନ୍ନାଥ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ସହ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।


RAIN, SUN AND FIREPROOF
KONARK IS THE RIGHT ROOF

KONARK
Right at the top

USE
KONARK
AC SHEETS & ACCESSORIES

UAL - ODISHA
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com

WHILE SOME PERSUE FOR EXCELLENCE
WE ARE BORN TO EXCELL.


## ଉଚ୍ଚ ବିଦ୍ୟାଳୟରେ ହୋମଯଜ୍ଞ

**ଛେଣ୍ଡିପଦା,୧୪।୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବଡ଼ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସ୍ୱାମୀ ଦୟାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ହୋମଯଜ୍ଞ କରାଯାଇଥିଲା। ପରେ ବକ୍ତୃତା ଓ ବେଦପାଠ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଆ ସିନେ ପରଦାରେ ଢେଙ୍କାନାଳ ମାଟିର ମହକ

## ଜ୍ୟୋତ୍ସ୍ନା ମିଶ୍ର, ରାଲି ନନ୍ଦ ଓ ସ୍ୱପ୍ନା ପ୍ରିୟଦର୍ଶିନୀ

ଢେଙ୍କାନାଳ କଳା, ସଂସ୍କୃତିର ଜିଲା ଭାବେ କେବଳ ରାଜ୍ୟ କାହିଁକି ଜାତୀୟସ୍ତରରେ ମଧ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଢେଙ୍କାନାଳର ପ୍ରତିଭାବାନ କଳାକାରମାନେ କେବଳ ଶାସ୍ତ୍ରୀୟ ନୃତ୍ୟ କାହିଁକି, ମଞ୍ଚ ଅଭିନୟ ଏବଂ ଚଳଚ୍ଚିତ୍ର ଅଭିନୟରେ ନିଜର ପାରଦର୍ଶିତା ଦେଖାଇ ଓଡ଼ିଶାରେ ଢେଙ୍କାନାଳ ପାଇଁ ସାଜିଛନ୍ତି ଗର୍ବ ଓ ଗୌରବର ପ୍ରତୀକ। ସେମାନଙ୍କ ମଧ୍ୟରୁ ଢେଙ୍କାନାଳ ମାଟିର ମହକ ଭାବେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଓ ଗୁରୁ ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର, ରାଲି ନନ୍ଦ ଓ ସ୍ୱପ୍ନା ପ୍ରିୟଦର୍ଶିନୀ ଅନ୍ୟତମ। ଏହି ୩ଜଣଙ୍କୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା

ଢେଙ୍କାନାଳର ବରିଷ୍ଠ ସାଂସ୍କୃତିକ ସଂଗଠକ କୃଷ୍ଣ କୁମାର ମିଶ୍ରଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର। ସେ ୧୯୮୧ରେ ଓଡ଼ିଆ ଚଳଚ୍ଚିତ୍ର 'କାଚଘର'ରେ ପ୍ରମୁଖ ନାୟିକା ଭାବେ ଅଭିନୟ କରି ଦିଲ୍ଲୀଠାରେ ସେହି ସମୟରେ କ୍ରିଟିକ୍ କାଉନସିଲ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। 'କାଚଘର' ବ୍ୟତୀତ ସେ 'ଦେବଯାନୀ' ଓ 'ଉଲ୍କା' ଚଳଚ୍ଚିତ୍ରରେ ମଧ ଅଭିନୟ କରିଛନ୍ତି। ସେ 'ଦେବଯାନୀ' ଚଳଚ୍ଚିତ୍ରରେ ଅଜିତ ଦାସଙ୍କ ସହିତ ଅଭିନୟ କରିଥିଲେ। ଚଳଚ୍ଚିତ୍ର ଅଭିନୟ ଛାଡ଼ିବା ପରେ ସେ ଓଡ଼ିଶୀ ଓ ଅନ୍ୟ ଶାସ୍ତ୍ରୀୟ ନୃତ୍ୟକୁ ଆପଣାଇ ତାଙ୍କର ନିଜସ୍ୱ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟରେ କଳାକାରମାନଙ୍କୁ ଓଡିଶୀ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରଶିକ୍ଷଣ ଜାରି ରଖିଛନ୍ତି। ସେ ନୃତ୍ୟ ବିଶାରଦ ପାସ୍ କରିବା ସହିତ ଦୂରଦର୍ଶନରେ ଜଣେ ପଞ୍ଜିକୃତ ବି-ଗ୍ରେଡ୍ କଳାକାର ବୋଲି ଜଣାପଡିଛି। ଜିଲା ପ୍ରଶାସନ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଢେଙ୍କାନାଳ ମହୋତ୍ସବରେ ତାଙ୍କୁ ପ୍ରସିଦ୍ଧ ରାଜ୍ୟସ୍ତରୀୟ ମହିମା ସମ୍ମାନ ପ୍ରଦାନ କରାଯିବା ସହ ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ ସମ୍ବର୍ଦ୍ଧିତ ହୋଇଛନ୍ତି।

ସେହିପରି ଢେଙ୍କାନାଳ ମାଟିର ଅନ୍ୟତମ ମହକ ହେଲେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ରାଲି ନନ୍ଦ। ରାଲି ନିଜ ଛୋଟ ବେଳୁ ଓଡିଶୀ ନୃତ୍ୟକୁ ଆପଣାଇ ଜଣେ ପ୍ରତିଷ୍ଠିତ ଓଡିଶୀ ନୃତ୍ୟଶିଳ୍ପୀ ଭାବେ ସମଗ୍ର ରାଜ୍ୟରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ନିଜର ପ୍ରଥମ ଓଡିଆ ଚଳଚ୍ଚିତ୍ର 'କଳିଙ୍ଗପୁତ୍ର'ରେ ସଫଳ ଅଭିନୟ କରି ୨୦୦୮ରେ ରାଜ୍ୟ ସରକାରଙ୍କର ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ଆକାଶ ଦାସନାୟକଙ୍କ ସହ ଅଭିନୟ



ଜ୍ୟୋତ୍ସ୍ନା ମିଶ୍ର



ରାଲି ନନ୍ଦ




ସ୍ୱପ୍ନା ପ୍ରିୟଦର୍ଶିନୀ

କରିଥିଲେ। ଏହାପରେ ସେ ପଛକୁ ଫେରି ଚାହିଁ ନ ଥିଲେ। ପରେ ପରେ ସେ 'ଆକାଶେ କି ରଙ୍ଗ ଲାଗିଲା' ଅନୁଭବ ମହାନ୍ତିଙ୍କ ସହ, 'ତୁ ଥିଲେ ମୋ ଡର କାହାକୁ'ରେ ବୁଦ୍ଧାଦିତ୍ୟ, ବିଜୟ ମହାନ୍ତି ଓ ମହାଶ୍ୱେତାଙ୍କ ସହ ଅଭିନୟ କରି ବେଶ ପ୍ରଶଂସିତ ହୋଇଥିଲେ। ସେହିପରି 'ମା ଖୋଜେ ମମତା'ରେ ମିହିର ଦାସଙ୍କ ସହ ଅଭିନୟ କରିଥିଲେ। ଏତଦବ୍ୟତୀତ ସେ 'ସୁପରଷ୍ଟାର', 'ଅଭିମାନୀ ପ୍ରିୟା ମୋର', 'ଟଙ୍କା ତୋତେ ସଲାମ', 'ପୁଣି ଦେଖାହେବ ଆର ଜନମରେ', 'ଓଁ ନମଃ ଶିବାୟ', 'ନଈ ସେପାରି କନକଗୋରୀ' ସହିତ ଏକ ଛତିଶଗଡ଼ି ଚଳଚ୍ଚିତ୍ରରେ ମଧ ଅଭିନୟ କରିଛନ୍ତି। ସେ ରାଜ୍ୟ ସମେତ ଢେଙ୍କାନାଳ ଜିଲା ପ୍ରଶାସନ, ସଂସ୍କୃତି ପରିଷଦ ଓ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ନିଜର ପ୍ରତିଭା ପାଇଁ ବହୁବାର ସମ୍ମାନିତ ହୋଇଛନ୍ତି। ସେ ଢେଙ୍କାନାଳର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ପରିଚାଳକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ନିଜର ଜୀବନସାଥୀ କରିଛନ୍ତି।

ସେହିପରି ବର୍ତ୍ତମାନ ପିଢ଼ିର ଅଭିନେତ୍ରୀ ଭାବେ ସିନେ ପରଦାରେ ଚର୍ଚ୍ଚିତ ଚେହେରା ହେଉଛନ୍ତି ଢେଙ୍କାନାଳ ମାଟିର ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ସ୍ୱପ୍ନା ୨୦୨୧ରେ ଏମ୍ ଟିଭି ସୁପର ମଡେଲ ଅଫ୍ ଦି ଇୟର ସିଜିନ-୨ରେ ପ୍ରଥମ ଓଡ଼ିଆ ଝିଅ ଭାବେ ଶ୍ରେଷ୍ଠ ୩ଜଣଙ୍କ ମଧ୍ୟରେ ରହିଥିଲେ। ଏହାପରେ ସେ ୨୦୨୧ରେ ପ୍ରଥମ ଓଡ଼ିଆ ସିନେମା 'ଟୁ ଚକୋଲେଟ'ରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହାପରେ ସେ ଅନୁଭବ ମହାନ୍ତିଙ୍କ ସହ 'ଲଭ୍ ଇନ୍ ଲଣ୍ଡନ'ରେ ପ୍ରଭାବୀ ଅଭିନୟ କରି ଓଡିଆ ଚଳଚ୍ଚିତ୍ର ଜଗତରେ ଚର୍ଚ୍ଚିତ ହୋଇଥିଲେ। ତାଙ୍କର ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଦୋ ଛକି' ମୁକ୍ତିଲାଭ ଅପେକ୍ଷାରେ ରହିଛି। ନିକଟରେ ସେ ଏକ ହିନ୍ଦୀ ମ୍ୟୁଜିକ ଭିଡିଓରେ ହିନ୍ଦୀ ଓ ପଞ୍ଜାବୀ ଜଗତର ବରିଷ୍ଠ ଚଳଚ୍ଚିତ୍ର ଅଭିନେତା କନୱଲଜିତ୍ ଓ ପଞ୍ଜାବୀ ଗାୟକ ଗୁରନଜର ଛଟାଙ୍କ ସହ ଅଭିନୟ କରି ଚର୍ଚ୍ଚିତ ହୋଇଛନ୍ତି। ସେ ମଧ ବୟେଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିଜର ପ୍ରତିଭା ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଢେଙ୍କାନାଳର କୁଞ୍ଜକାନ୍ତ ଅଞ୍ଚଳରେ ରହୁଥିବା ବିଶିଷ୍ଟ ବ୍ୟାଙ୍କ ଅଧିକାରୀ ବିଶ୍ୱଜିତ ରାଉତରାୟ ଓ ମଧୁମିତା ରାଉତରାୟଙ୍କ କନ୍ୟା ଅଟନ୍ତି।

ଢେଙ୍କାନାଳରେ ପ୍ରତିଭାବାନ କଳାକାରମାନେ ନିଜର ପ୍ରତିଭା ପ୍ରଦର୍ଶନ କରି ରାଜ୍ୟ ଓ ଜାତୀୟସ୍ତରରେ ଢେଙ୍କାନାଳକୁ ଗର୍ବିତ କରିବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଏହି ମାଟି ପାଇଁ ସେମାନେ ମହକ ବୋଲି କଳା ଓ ସଂସ୍କୃତି ପ୍ରେମୀମାନେ ମତବ୍ୟକ୍ତ କରନ୍ତି।

**ରିପୋର୍ଟ- ରତନ ନାୟାର, ଢେଙ୍କାନାଳ**




ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା



# ନିଯୁକ୍ତିରେ ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗତ ସପ୍ତାହରେ ଦିଲ୍ଲୀ ଅମଲାତାନ୍ତ୍ରିକ ପରିସରରେ କିଛି କୌତୂହଳ ଘଟଣା ଘଟିଥିଲା। ସରକାର ଯୁଗ୍ମ ସଚିବ (ଜେଏସ୍) କିମ୍ବା ଜେଏସ୍ ଭଳି ସମାନ ପଦବୀଗୁଡ଼ିକ ପାଇଁ ୪୨ ଅଧିକାରୀଙ୍କ ନିଯୁକ୍ତି ତାଲିକା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଏହି ତାଲିକାରେ ୨୦୦୯ ବ୍ୟାଚ୍‌ର କେବଳ ୧୬ ଜଣ ଆଇଏଏସ୍ ଅଧିକାରୀ ଥିଲେ। ଏହା ସ୍ପଷ୍ଟତଃ ଏକ ବିଭାଜନ। ଏହି ସଂଖ୍ୟାକୁ ନେଇ ଆଇଏଏସ୍ କ୍ୟାଡରର ପ୍ରତିନିଧିତ୍ୱ ଭଲ ମନେହେଉଥିଲେ ବି ଏହା ନୈରାଶ୍ୟଜନକ। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, କେନ୍ଦ୍ରୀୟ ସଚିବାଳୟ ସେବା (ସିଏସ୍ଏସ୍) ଅଧିକାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ନେଇଥିବା ଜଣାପଡୁଛି। ଏହି ପ୍ରକ୍ରିୟାରୁ ଜଣାପଡୁଛି ଯେ, କେତେଜଣ ଆଇଏଏସ୍ ଅଧିକାରୀ ଜେଏସ୍ ସ୍ତରକୁ ପ୍ରବେଶ କରିଥିବାବେଳେ ସିଏସ୍ଏସ୍ ଓ ଅନ୍ୟ କେନ୍ଦ୍ରୀୟ ସେବାରୁ ଆସିଥିବା ଅଣ-ଆଇଏଏସ୍ ଅଧିକାରୀମାନେ ସେମାନଙ୍କ ଅଂଶ ଧୀରେ ଧୀରେ ବୃଦ୍ଧି କରୁଛନ୍ତି। ଏହି ପଦକ୍ଷେପ ସମ୍ଭବତଃ ଆଇଏଏସ୍ ଅଧିକାରୀଙ୍କ ପ୍ରାଧାନ୍ୟକୁ ଦୁର୍ବଳ କରିବା ସହ ଅନ୍ୟ ସେବାଗୁଡ଼ିକ ମଧ୍ୟରେ ଅଧିକ ସମାନ ଭାବେ କ୍ଷମତାର ପୁନଃ ବଣ୍ଟନ କରୁଛି କି? ଏଭଳି ପଦକ୍ଷେପ ବାବୁ ପରିସରରେ କଳ୍ପନାଜଳ୍ପନା ସହ ଗୁଞ୍ଜରଣ ସୃଷ୍ଟି କରିଛି। ଆଇଏଏସ୍‌ର ପାରମ୍ପରିକ ଆଧିପତ୍ୟକୁ ନେଇ ସରକାର ଅଧିକ ସତର୍କ ବୋଲି କେତେକେ ବିଚାର କରୁଛନ୍ତି। ଅନ୍ୟମାନେ ଯୁକ୍ତି ବାଢୁଛନ୍ତି ଯେ, କେନ୍ଦ୍ରର ଆଶା ପୂରଣ କରୁଥିବା ଏହି ସେବା ନିଜେ ଅଧିକ ବିକଶିତ ହେବାରେ ବିଫଳ ହେଉଛି। ସେ ଯାହା ବି ହେଉଥାଉ, ଏହା ସ୍ପଷ୍ଟ ଯେ, ଗୋଟିଏ ସମୟରେ ଆଇଏଏସ୍ ଅଧିକାରୀଙ୍କ ପାଇଁ ନିଯୁକ୍ତି ତାଲିକାକୁ ଏକ ସ୍ୱାଭାବିକ ପ୍ରଗତି ବୋଲି ବିଚାର କରାଯାଉଥିଲା, ଏବେ ଏଥିରେ ଆଉ ନିଶ୍ଚିତତା ନାହିଁ।

### ସମୟୋପଯୋଗୀ ଆଶ୍ୱସ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୱାଶିଂଟନ୍ ଗସ୍ତ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ପଦକ୍ଷେପ ନେଇଥିଲେ। ସେ ଫରେନ୍ କରପ୍ଟ ପ୍ରାକ୍ଟିସ୍ ଆକ୍ଟ (ଏଫ୍‌ସିପିଏ) ବା ବିଦେଶୀ ଦୁର୍ନୀତି ଆଚରଣ ଆଇନ ଅଧୀନରେ ଥିବା ଅଭିଯୋଗକୁ ବନ୍ଦ କରିବା ପାଇଁ ନ୍ୟାୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍ଥିକ ଅନିୟମିତତା କାର୍ଯ୍ୟ ପାଇଁ ଆଇନଗତ ଯୁଦ୍ଧର ସମ୍ମୁଖୀନ ହେଉଥିବା ଅନେକେ ବିଶ୍ୱସ୍ତରୀୟ ବିଜନେସ୍‌ର ମାଲିକ ଓ କମ୍ପାନୀ ଉପରେ ଏହାର ଏକ ଦୀର୍ଘମିଆଦୀ ପରିଣାମ ପଡ଼ିବାର ସମ୍ଭାବନା ଦେଖାଦେଇଛି। ଆମ ବିଚାରରେ, ଭାରତର ଜଣେ ଉଦ୍ୟୋଗପତି ଆମେରିକାର ନ୍ୟାୟିକ କ୍ଷମତାପ୍ରାପ୍ତ ସଂସ୍ଥାଗୁଡ଼ିକର ଟାର୍ଗେଟ୍ ବା ଯାଞ୍ଚରେ ରହିଛନ୍ତି, ତାଙ୍କୁ ଏଥିରୁ ଆଶ୍ୱସ୍ତି ମିଳିପାରେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ବାବୁମାନେ ଏବେ ଆଶା ବାନ୍ଧିଛନ୍ତି ଯେ, ସେମାନେ ପୁନର୍ବାର ପ୍ରଶଂସା ପାଇପାରିବେ। ଦେଖିବାକୁ ଗଲେ ବିଜନେସ୍ ଚୁକ୍ତି ହାସଲ କରିବା ପାଇଁ ବିଦେଶୀ ଅଧିକାରୀଙ୍କୁ ଲାଞ୍ଚ ଦେବା ଉପରେ ଏଫ୍‌ସିପିଏ ୧୯୭୭ରୁ କଟକଣା ଲଗାଇଛି। ଅନେକ ବର୍ଷ ମଧ୍ୟରେ ଏହା ଭାରତ ସମେତ ବିଶ୍ୱରେ ଅନେକ କର୍ପୋରେଟ୍ ମାଲିକଙ୍କୁ ଧରିପାରିଛି। ଆମେରିକାର ନ୍ୟାୟିକ ପଦକ୍ଷେପର ଭୟ ଏହାର କମ୍ପାନୀଗୁଡ଼ିକ ଉପରେ ମଧ୍ୟ ଗମ୍ଭୀର ବିପଦ ସୃଷ୍ଟି କରିଛି। ଟ୍ରମ୍ପଙ୍କ ସରକାରୀ ଆଦେଶ ଏଫ୍‌ସିପିଏ ଅଭିଯୋଗ ବିଚାରକୁ ରୋକି ଥିବାବେଳେ ସାମ୍ପ୍ରତିକ ଘଟଣାଗୁଡ଼ିକର ପୁନଃ ମୂଲ୍ୟାୟନ କରାଯାଇପାରେ। ସମ୍ଭବତଃ ଅଭିଯୋଗ କିମ୍ବା ବୁଝାମଣାକୁ ବନ୍ଦ କରିପାରେ, ଯାହା ଅଭିଯୁକ୍ତଙ୍କ ପାଇଁ ଅନୁକୂଳ। ତେବେ ବିଶ୍ୱସ୍ତରରେ କମ୍ପାନୀରେ କାର୍ଯ୍ୟରତ ଲୋକଙ୍କ ମଙ୍ଗଳ ପାଇଁ ଲଢୁଥିବା ବ୍ୟକ୍ତିମାନେ ଯୁକ୍ତି ଉପସ୍ଥାପନ କରନ୍ତି ଯେ, ଦୁର୍ନୀତି ବିରୋଧୀ ଆଇନକୁ ଦୁର୍ବଳ କଲେ ତାହା କର୍ପୋରେଟ୍ ଦୁର୍ନୀତିକୁ ପ୍ରୋତ୍ସାହିତ କରିବ। ଏହାସହ ବିଶ୍ୱରେ ନୈତିକ ମାନକକୁ ମଧ୍ୟ କ୍ଷତି ପହଞ୍ଚାଇବ।

### ଅତିରିକ୍ତ ଦାୟିତ୍ୱ

ପୁନର୍ବାର ଗୁଜରାଟ ଅମଲାତାନ୍ତ୍ରିକ ପରିସରରେ ଅଦଳବଦଳ କରାଯାଇଛି। ଏହି କ୍ରମରେ ୯ ଜିଲାପାଳ ଓ ୧୬ ଡିଡିଓଙ୍କ ସମେତ ୬୮ ବରିଷ୍ଠ ଅଧିକାରୀଙ୍କୁ ବଦଳି କରାଯାଇଛି। ଏହି କାର୍ଯ୍ୟ ଶାସନ, ପ୍ରାଥମିକତା ଏବଂ ସ୍ଥାୟିତ୍ୱ ସମ୍ପର୍କରେ ପ୍ରାସଙ୍ଗିକ ପ୍ରଶ୍ନ ଉଠାଇଛି। ମୁଖ୍ୟ ସଚିବ ଭାବେ ପଙ୍କଜ ଜୋଶୀଙ୍କ ନିଯୁକ୍ତିରୁ ଏହା ଆରମ୍ଭ ହୋଇଛି। ସେ ଛାଡ଼ିଯାଇଥିବା ଦାୟିତ୍ୱଗୁଡ଼ିକର ପୁନଃ ବଣ୍ଟନ କରାଯାଇଥିବାବେଳେ ପ୍ରଥମ ଥର ପାଇଁ ଅହମ୍ମଦାବାଦ ଜିଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଏକାବେଳକେ ବଦଳି କରାଯାଇଥିଲା। ଏହି ନିଷ୍ପତ୍ତି ପଛରେ ଏକ ଗଭୀର ରାଜନୈତିକ ଅଭିସନ୍ଧି ଥିବା କୁହାଯାଉଛି। ଏହା ବ୍ୟତୀତ କିଛି ପୁନଃ ନିଯୁକ୍ତି ଘଟଣା ସାମ୍ନାକୁ ଆସିଛି। ସହର ବିକାଶ ଦାୟିତ୍ୱରେ ଥିବା ଅଶ୍ୱିନୀ କୁମାରଙ୍କୁ ଏବେ ବନ୍ଦର ଓ ପରିବହନ ଦାୟିତ୍ୱ ଦିଆଯାଇଛି। ଅର୍ଥ ବିଭାଗର ଅଭିଜ୍ଞ ଅଧିକାରୀ ଟି. ନଟରାଜନଙ୍କୁ ଗୁଜରାଟ ନର୍ମଦା ଭ୍ୟାଲି ଫର୍ଟିଲାଇଜର କମ୍ପାନୀର ଦାୟିତ୍ୱ ଦିଆଯାଇଛି। ଅଭିଜ୍ଞତାରୁ ଲାଭ ଉଠାଇବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। କିନ୍ତୁ ବରିଷ୍ଠ ଅଧିକାରୀମାନଙ୍କୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ହେଉଛି। ଅତିକମ୍‌ରେ ଏବେ ୧୫ ଅଧିକାରୀ ଗୃହ ବ୍ୟାପାର, ବନ୍ଦର ଓ ଶିପିଂ ଏବଂ ପ୍ରଯୁକ୍ତି ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ସମୟରେ ଆଇପିଏସ୍ କ୍ୟାଡରରେ ଲଗାତର ପରିବର୍ତ୍ତନ ଜାରି ରହିଛି। ଏକ ଡଜନରୁ ଊର୍ଦ୍ଧ୍ୱ ଅଧିକାରୀ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ଏପରିକି ଗୁଜରାଟର ଦୁର୍ନୀତି ବିରୋଧୀ ବ୍ୟୁରୋ ମୁଖ୍ୟ ଏବଂ ସିଆଡି କ୍ରାଇମ୍ ଶାଖା ମୁଖ୍ୟ ପଦବୀ ଖାଲିପଡ଼ିଛି। ତେବେ ବଜେଟ ପରେ ଆଉ ଏକ ପର୍ଯ୍ୟାୟ ଅଦଳବଦଳ ହେବ ବୋଲି ଆଶା କରାଯାଉଛି। ତେବେ ଏଭଳି ପରିବର୍ତ୍ତନ କ'ଣ ଉନ୍ନତି ଆଣିପାରିବ।

Email: dilipcherian@gmail.com

# ପେନ୍‌ସନ ବ୍ୟବସ୍ଥା ରହିବ ତ



ବୃହସ୍ପତି ସାମଲ

ସାରା ଦେଶର କର୍ମଚାରୀଙ୍କ ପକ୍ଷରୁ ୨୦୦୪ରୁ ପ୍ରଚଳିତ ନୂତନ ପେନ୍‌ସନ ଯୋଜନା (ଏନ୍‌ପିଏସ୍)ର ସମ୍ପୂର୍ଣ୍ଣ ଉଚ୍ଛେଦ ସହ ପୁରାତନ ପେନ୍‌ସନ ଯୋଜନା (ଓପିଏସ୍)ର ପୁନଃ ପ୍ରଚଳନ ପାଇଁ ଦୀର୍ଘ ୨୦ ବର୍ଷ ଧରି ଯେଉଁ ନିରବଚ୍ଛିନ୍ନ ସଂଗ୍ରାମ ଚାଲିଥିଲା ତାହାର ପରିଣତିସ୍ୱରୂପ କେନ୍ଦ୍ର ସରକାର ୨୪ ଅଗଷ୍ଟ ୨୦୨୪ରେ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏକୀକୃତ ପେନ୍‌ସନ ଯୋଜନା (ୟୁନିଫାଏଡ୍ ପେନ୍‌ସନ ସ୍କିମ ବା ୟୁପିଏସ୍) ନାମରେ ଏକ ନୂଆ ପେନ୍‌ସନ ଯୋଜନା ଘୋଷଣା କରି ୨୫ ଜାନୁଆରୀ ୨୦୨୫ରେ ରାଜପତ୍ର ବିଜ୍ଞପ୍ତି ଜାରି କରିଛନ୍ତି। କିଛି ନେତୃମଣ୍ଡଳୀ ଓ ସଂଗଠନ ଏହାକୁ ସ୍ୱାଗତ କରିଥିଲାବେଳେ, ଓପିଏସ୍ ବଦଳରେ କର୍ମଚାରୀଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏନ୍‌ପିଏସ୍‌ରେ ଯଥେଷ୍ଟ ଉନ୍ନତି ଆଣିବାକୁ କର୍ମଚାରୀ ପକ୍ଷକୁ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି, ଉପରୋକ୍ତ ପ୍ରେସ୍ ଇସ୍ତାହାର ଏବଂ ରାଜପତ୍ର ବିଜ୍ଞପ୍ତି ଭିତରେ ତାଳମେଳ ରହୁ ନ ଥିବାରୁ ବହୁ କର୍ମଚାରୀ ଓ ଶ୍ରମିକ ସଂଗଠନ ନିଜ ନିଜର ଅସନ୍ତୋଷ ଜାହିର କରିବା ସହ ଓପିଏସ୍‌ର ନିଃସର୍ତ୍ତ ପୁନଃ ପ୍ରଚଳନ ଦାବିକୁ ଦୋହରାଉଛନ୍ତି ମଧ୍ୟ। ଇତିମଧ୍ୟରେ, ପେନ୍‌ସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ (ପିଏଫ୍ଆର୍‌ଡିଏ) ୟୁପିଏସ୍‌ର ଚିଠା ନିୟମାବଳୀ ପ୍ରସ୍ତୁତି ପାଇଁ ସର୍ବସାଧାରଣଙ୍କଠାରୁ ଫେବୃଆରୀ ୧୭ ସୁଦ୍ଧା ମତାମତ ଲୋଡ଼ିଥିବା ବେଳେ ଉପରୋକ୍ତ ରାଜପତ୍ର ବିଜ୍ଞପ୍ତିର ଅନେକ ଧାରା ଓ ଶବ୍ଦାବଳୀ କର୍ମଚାରୀଙ୍କ ମନରେ ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରି ବହୁ ପରିମାଣରେ ହତୋତ୍ସାହିତ କରିଛି। ସମସ୍ତଙ୍କ ମନରେ ମାତ୍ର ଗୋଟିଏ ପ୍ରଶ୍ନ, ଆଗକୁ ପେନ୍‌ସନ ବ୍ୟବସ୍ଥା ରହିବ ତ?

ପ୍ରଥମତଃ, ୟୁପିଏସ୍‌କୁ ଏକ ପେନ୍‌ସନ ଯୋଜନା ଭାବେ ୨୪ ଅଗଷ୍ଟ ୨୦୨୪ରେ ଯେଉଁ କ୍ୟାବିନେଟ ମଞ୍ଜୁରୀ ମିଳିଥିଲା, ୨୫ ଜାନୁଆରୀ ୨୦୨୫ର ରାଜପତ୍ର ବିଜ୍ଞପ୍ତି ତାହା ଏକ ନୂତନ ପେନ୍‌ସନ ଯୋଜନା ନୁହେଁ, ବରଂ ଏନ୍‌ପିଏସ୍ ଅନ୍ତର୍ଗତ ଏକ ଇଚ୍ଛାଧୀନ ବ୍ୟାପାର ବୋଲି ସ୍ପଷ୍ଟ କଲା। ଜଣେ କର୍ମଚାରୀ ଚାହିଁଲେ ଇଚ୍ଛା ପ୍ରକଟ କରି ୟୁପିଏସ୍‌କୁ ଆପଣେଇ ପାରିବେ ନ ହେଲେ କୌଣସି ବାଧବାଧକତା ବିନା ଏନ୍‌ପିଏସ୍‌ରେ ପୂର୍ବଭଳି ରହିପାରିବେ। ମାତ୍ର ଥରେ ଇଚ୍ଛାକରି ଆପଣେଇ ନେଲେ, ପୁନର୍ବାର ଏନ୍‌ପିଏସ୍‌କୁ ଫେରିବାର ବାଟ ବନ୍ଦ।

ଦ୍ୱିତୀୟତଃ, ପ୍ରେସ୍ ଇସ୍ତାହାରରେ ଯେଉଁ ସବୁ ଅବସରକାଳୀନ ପ୍ରାପ୍ୟ ସ୍ଥିରୀକୃତ ବୋଲି କୁହାଯାଇଥିଲା, ସେସବୁ ପ୍ରକୃତରେ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ଦ୍ୱାରା ନିୟମିତ ବିନିଯୋଗ (ଉଭୟଙ୍କ ତରଫରୁ ମୂଳ ଦରମାର ଓ ମହଙ୍ଗା ଭତ୍ତାର ୧୦% ଲେଖାଏ)ରୁ ସୃଷ୍ଟି ଇଣ୍ଡିଭିଜୁଆଲ କର୍ପସ ବା ଆଇସି ଓ ସରକାରଙ୍କ ତରଫରୁ ମହଙ୍ଗା ଭତ୍ତା ସହ ମୂଳ ଦରମାର ଅତିରିକ୍ତ ୮.୫%ର ବିନିଯୋଗରେ ସୃଷ୍ଟି ପୁଲ କର୍ପସ ବା ପିସି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ ୟୁପିଏସ୍ ଏକ ପାଣ୍ଠିଭିତ୍ତିକ ଯୋଜନା। ଏହି ଯୋଜନାରୁ ସମ୍ପୂର୍ଣ୍ଣ ସୁବିଧା ପାଇବା ପାଇଁ ଜଣେ କର୍ମଚାରୀଙ୍କୁ ଆଇସିର ସମସ୍ତ ଜମାରାଶି ପିସିକୁ ହସ୍ତାନ୍ତର କରିବାକୁ ହେବ। ଚାକିରିକାଳ ଭିତରେ ଯଦି ଆଂଶିକ ଉଠାଣ ହୋଇଥାଏ, ଏହି ଯୋଜନାରୁ ପୂରା ଲାଭ ଉଠେଇବାକୁ ତାକୁ ଭରଣା କରିବାକୁ ହେବ। ଆଂଶିକ ଉଠାଣ କିମ୍ବା ନିୟମିତ ଦେୟରେ ଖିଲାପ ହୋଇଥିଲେ ପିଏଫ୍ଆର୍‌ଡିଏ ଏକ ବେଞ୍ଚମାର୍କ କର୍ପସ (ବିସି) ନିର୍ଦ୍ଧାରଣ କରିବେ। ଆଇସି ଯଦି ନିର୍ଦ୍ଧାରିତ ପରିମାଣରୁ ଅଧିକ ହୋଇଥାଏ, ତେବେ ବଳକା ପରିମାଣ କର୍ମଚାରୀଙ୍କୁ ଫେରେଇ ଦିଆଯିବ। କିନ୍ତୁ ଯଦି କମ୍ ଥାଏ, ନିର୍ଦ୍ଧାରିତ ପ୍ରାପ୍ୟ ସମାନୁପାତିକ ହାରରେ କମିଯିବ। ଅଧିକନ୍ତୁ, ପୂର୍ଣ୍ଣ ପ୍ରାପ୍ୟ (ଅବସର ପୂର୍ବ ୧୨ ମାସର ହାରାହାରି ମୂଳ ଦରମାର ୫୦%) ପାଇଁ ସର୍ବନିମ୍ନ ୨୫ ବର୍ଷର ନିୟମିତ ଚାକିରି ଆବଶ୍ୟକ ଥିବାବେଳେ, ୨୫ ବର୍ଷରୁ କମ୍ ସମୟ ପାଇଁ ମଧ୍ୟ ପ୍ରାପ୍ୟ ସମାନୁପାତିକ ହେବ। ସର୍ବନିମ୍ନ ପ୍ରାପ୍ୟ ୧୦,୦୦୦ ଟଙ୍କା ପାଇଁ ଅତି କମ୍‌ରେ ୧୦ ବର୍ଷର ନିୟମିତ ଚାକିରି କାଳ ଆବଶ୍ୟକ। କିନ୍ତୁ ତାହା ଥାଇ ମଧ୍ୟ ଯଦି ଆଇସି, ବିସିଠାରୁ କମ୍ ହୋଇଯାଏ, ତେବେ ବି ସର୍ବନିମ୍ନ ପ୍ରାପ୍ୟ ଆନୁପାତିକ ଭାବେ ପ୍ରଦାନ କରାଯିବ। ଏହି ସବୁ ଜଟିଳ ସର୍ତ୍ତାବଳୀରୁ ସ୍ପଷ୍ଟ ଅନୁମେୟ ଯେ ୟୁପିଏସ୍‌ରେ କର୍ମଚାରୀକୁ ସ୍ଥିରୀକୃତ ପ୍ରାପ୍ୟ ମିଳିବାର ସମ୍ଭାବନା ଅତି କ୍ଷୀଣ।



ତୃତୀୟତଃ, ଏନ୍‌ପିଏସ୍‌ରେ କର୍ମଚାରୀର ଦେୟ ମୂଳ ଦରମା ଓ ମହଙ୍ଗା ଭତ୍ତାର ୧୦% ଥିବା ବେଳେ ନିଯୁକ୍ତି ଦାତାଙ୍କର ୧୪% ରହିଛି। ରାଜପତ୍ର ବିଜ୍ଞପ୍ତି ଅନୁଯାୟୀ ସରକାର ତାଙ୍କର ଦେୟ ପରିମାଣକୁ ୧୪%ରୁ ୧୮.୫%କୁ ବୃଦ୍ଧି କରିବେ। ଅର୍ଥାତ ମୋଟ ୨୮.୫%ରୁ ୨୦%କୁ ନେଇ ଆଇସି ଓ ୮.୫%ରେ ପିସିର ସୃଷ୍ଟି ହେବ ଏବଂ ଯୋଜନାଟି ଏପ୍ରିଲ ୨୦୨୫ରୁ ଲାଗୁ ହେବ। କିନ୍ତୁ ଦୁଃଖର ବିଷୟ ଯେ ସରକାରଙ୍କ ଏଇ ଦେୟ ବୃଦ୍ଧି ବାବଦକୁ ଫେବୃଆରୀ ୧, ୨୦୨୫ରେ ଆଗତ କେନ୍ଦ୍ରୀୟ ବଜେଟରେ କୌଣସି ପ୍ରାବଧାନ ନାହିଁ। ତେଣୁ ୟୁପିଏସ୍‌ର ଫଳପ୍ରଦ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ଉପୁଜିବା ଅତି ସ୍ୱାଭାବିକ।

ଏତଦ୍‌ବ୍ୟତୀତ, ସ୍ଥିରୀକୃତ ପ୍ରାପ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ରଖୁଥିବା ୟୁପିଏସ୍ ଯୋଜନାରେ କମ୍ୟୁଟେସନ ତଥା ପରବର୍ତ୍ତୀ ସମୟରେ ପ୍ରାପ୍ୟ ବୃଦ୍ଧିର କିମ୍ବା ସଂଶୋଧନର ପ୍ରାବଧାନ ନାହିଁ। ସେହିଭଳି, ତଥାକଥିତ ସ୍ଥିରୀକୃତ ପାରିବାରିକ ପ୍ରାପ୍ୟ କେବଳ ମୃତ କର୍ମଚାରୀର ସ୍ତ୍ରୀ ଅଥବା ସ୍ୱାମୀଙ୍କ ଭିତରେ ସୀମିତ ରହିଛି। କର୍ମଚାରୀ ହିତରେ ଏନ୍‌ପିଏସ୍‌ରେ ଉନ୍ନତି ଆଣିବାର ପ୍ରତିଶ୍ରୁତି ଦେଇ କେନ୍ଦ୍ର ସରକାର ଏପ୍ରିଲ ୨୦୨୩ରେ ପେନ୍‌ସନ କମିଟି ବସେଇ ଥିଲେ। ହେଲେ ୟୁପିଏସ୍ ନାମରେ ଏକ ଇଚ୍ଛାଧୀନ ପ୍ରସଙ୍ଗକୁ କର୍ମଚାରୀଙ୍କ ପାଖରେ ଉପସ୍ଥାପିତ କରି ସରକାର ପେନ୍‌ସନ ସମସ୍ୟାକୁ ଅଧିକ ଜଟିଳ ଓ ସନ୍ଦେହଜନକ ପରିସ୍ଥିତି ଭିତରକୁ ଠେଲି ଦେଇଛନ୍ତି।

ଶେଷରେ ମୁଖ୍ୟ କଥାଟି ହେଲା, ୨୪ ଅଗଷ୍ଟ ୨୦୨୪ର ପ୍ରେସ ଇସ୍ତାହାର ଅନୁଯାୟୀ ୟୁପିଏସ୍ ସୁନିଶ୍ଚିତ ପେନ୍‌ସନ, ସୁନିଶ୍ଚିତ ପାରିବାରିକ ପେନ୍‌ସନ ଓ ସୁନିଶ୍ଚିତ ସର୍ବନିମ୍ନ ପେନ୍‌ସନ କଥା କୁହାଯାଇଥିବା ବେଳେ, ୨୫ ଜାନୁଆରୀ ୨୦୨୫ର ରାଜପତ୍ର ବିଜ୍ଞପ୍ତି ପେନ୍‌ସନ ବଦଳରେ ପେଆଉଟ ଶବ୍ଦ ବ୍ୟବହାର କରି ଏକ ଭିନ୍ନ ଦିଗକୁ ସୂଚିତ କରୁଛି। ଅର୍ଥାତ୍ ୟୁପିଏସ୍‌ର ପ୍ରଚଳନ ଦ୍ୱାରା ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ ହୋଇ ପେଆଉଟ ବ୍ୟବସ୍ଥାର ଅୟମାରମ୍ଭ ହେଲା ବୋଲି ବୁଝିବାକୁ ହେବ। ଏବେ ଆଉ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ପେନ୍‌ସନଭୋଗୀ ନ ହୋଇ ଅନ୍ୟ କୌଣସି ନାମରେ ହୁଏତ ପରିଚିତ ହେବେ ଯାହାଦ୍ୱାରା ଭବିଷ୍ୟତରେ ଏକ ଭିନ୍ନ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ହୋଇ ସେମାନେ ସରକାରଙ୍କଠାରୁ ପେନ୍‌ସନ ଓ ତତ୍‌ସଂକ୍ରାନ୍ତୀୟ ଲାଭସମୂହ ପାଇବା ପାଇଁ ଦାବି କରିବାର କ୍ଷମତା ହରେଇ ବସିବେ।

ଏହି ପରିପ୍ରେକ୍ଷୀରେ ଭାରତୀୟ ଡାକ ବିଭାଗର ଏକ୍ସଟ୍ରା ଡିପାର୍ଟମେଣ୍ଟାଲ ଏଜେଣ୍ଟ (ଅତିରିକ୍ତ ବିଭାଗୀୟ କର୍ମଚାରୀ) ବା ଇଡିଏ(ଯେଉଁମାନେ ଏବେ ଗ୍ରାମୀଣ ଡାକ ସେବକ ଭାବେ ପରିଚିତ)ଙ୍କ କଥା ଟିକେ ଆଲୋଚନା କରିବା ଯୁକ୍ତିସଙ୍ଗତ ମନେହୁଏ। କେନ୍ଦ୍ର ସରକାରଙ୍କ ଅଧୀନରେ ସିଧାସଳଖ କାମକରି ମଧ୍ୟ ଏମାନେ ନିୟମିତ କେନ୍ଦ୍ର ସରକାରୀ କର୍ମଚାରୀର ମାନ୍ୟତା ପାଇଲେ ନାହିଁ କି ପେନ୍‌ସନ ଭଳି ସୁବିଧା ସୁଯୋଗରୁ ବଞ୍ଚିତ ହେଲେ ମଧ୍ୟ। ଅପରପକ୍ଷେ, ଏମାନଙ୍କୁ କେନ୍ଦ୍ର ସରକାରୀ କର୍ମଚାରୀ ଭାବେ ବିଚାର କରି ରାଜ୍ୟ ସରକାର ରାଶନ କାର୍ଡ, ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ, ଆବାସ ଯୋଜନା ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନାରୁ ଦୂରେଇ ରଖୁଛନ୍ତି। ଶବ୍ଦଟିଏ ବଦଳିଲେ ଗୋଟେ କର୍ମଚାରୀର ଭାଗ୍ୟ କେମିତି ବଦଳିଯାଏ, ଗ୍ରାମୀଣ ଡାକ ସେବକମାନେ ତା'ର ନିଚ୍ଛକ ଉଦାହରଣ। ତେଣୁ ପେନ୍‌ସନରୁ ପେଆଉଟର ଯାତ୍ରା ପ୍ରାରମ୍ଭିକ ପର୍ଯ୍ୟାୟରେ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଓ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପେନ୍‌ସନକୁ ଯେ ସମୂଳେ ବିନାଶ ନ କରିବ, ଏକଥା କିଏ କହିବ।

ମୋ: ୯୪୩୭୦୨୨୬୬୯

# ବାଲ୍ୟବିବାହ ନିଷେଧ ପାଇଁ ନୂଆ ଅଧିକାରୀ



ଘାସିରାମ ପଣ୍ଡା

ବାଲ୍ୟବିବାହର ନିରାକରଣ ପାଇଁ ସରକାର ବଦ୍ଧପରିକର, ଏକଥା ଆଉ ଥରେ ପ୍ରମାଣିତ ହୋଇଛି। ଗତ ବର୍ଷର ଶେଷ ଦିନରେ ମହିଳାଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ଏଣିକି ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପଞ୍ଚାୟତ ସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ସରକାର ଘୋଷଣା କରିବେ। ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଥିବା ୱାର୍ଡେନ ଓ ମାଟ୍ରନ୍‌ମାନଙ୍କୁ ମଧ୍ୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ ଦାୟିତ୍ୱ ଦିଆଯିବ। ଏଥି ସହ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀର ଅତିରିକ୍ତ ଦାୟିତ୍ୱ ଦିଆଯିବ। ସେମାନେ ନିଜ ପରିଧିରେ ଘଟୁଥିବା ବାଲ୍ୟବିବାହ ଘଟଣାକୁ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ସୂଚିତ କରିବେ। ଏମାନେ ସମସ୍ତେ ନିଜର ନାମ ଫଳକରେ ଏହି ପଦବୀକୁ ଉଲ୍ଲେଖ କରିବା ସହ ସହାୟତା ପାଇଁ ଥିବା ସମସ୍ତ ଦେୟମୁକ୍ତ ଫୋନ୍ ନମ୍ବର ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବାଲ୍ୟବିବାହକୁ ପାଠ୍ୟକ୍ରମରେ ସାମିଲକରିବେ।

ଏବେ ପ୍ରତ୍ୟେକ ବ୍ଲକ୍ ସ୍ତରରେ ଆମର ଜଣେ ଜଣେ ବାଲ୍ୟବିବାହ ନିଷେଧ ଅଧିକାରୀ ଅଛନ୍ତି। ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବାଲ୍ୟବିବାହ ରୋକିବା ପାଇଁ ଅଧିକ ଅଧିକାରୀ ନିୟୋଜିତ ହେବେ। ପଞ୍ଚାୟତ ଓ ବିଦ୍ୟାଳୟ ସ୍ତରରେ ନିଯୁକ୍ତି ହେଲେ ତଦାରଖର ପରିଧି କମିବ ଓ ଦାୟିତ୍ୱ ବିଭାଜିତ ହୋଇପାରିବ।

ତେବେ ଏଭଳି ଏକ ନିଷ୍ପତ୍ତି ନେବା ବେଳେ ଅକ୍ଟୋବର ୨୦୨୪ରେ ବାଲ୍ୟବିବାହ ନିରାକରଣ ପାଇଁ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ରାୟକୁ ମଧ୍ୟ ଅନୁଧ୍ୟାନ କରାଯିବା ଆବଶ୍ୟକ। ଏହାଦ୍ୱାରା ଉଚ୍ଚତମ ନ୍ୟାୟାଳୟ ଦେଇଥିବା ମତାମତ ଓ ନିର୍ଦ୍ଦେଶକୁ ଅନୁପାଳନର ସୁଯୋଗ ତିଆରି ହେବ। ଏହି ରାୟରେ ବିଭିନ୍ନ ରାଜ୍ୟରେ ବାଲ୍ୟବିବାହ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ନେଇ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ ସମ୍ପର୍କରେ ନିଜର ମତ ରଖିବାକୁ ଯାଇ କହିଛନ୍ତି, କର୍ନାଟକର ୩୧ଟି ଜିଲାରେ ୫୮,୫୨୨ ଜଣ, ମହାରାଷ୍ଟ୍ରର ୩୬ ଜିଲାରେ ୨୫,୫୬୨ ଜଣ, ଆନ୍ଧ୍ରପ୍ରଦେଶରେ ୧୬,୫୯୦ ଜଣ, ଉତ୍ତରପ୍ରଦେଶରେ ଜିଲାକୁ ଜଣେ ହିସାବରେ ୭୫ଟି ଜିଲା ପାଇଁ ୭୫ ଜଣଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। କର୍ନାଟକ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପଟୁଆରି ପ୍ରଭୃତିଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ଦିଆସରିଛି। ହେଲେ ଏହା ଅତିରିକ୍ତ ଦାୟିତ୍ୱ ହୋଇଥିବାରୁ ବିଶେଷ ସୁଫଳ ପରିଲକ୍ଷିତ ହେଉନାହିଁ। ପୂର୍ବରୁ ନିଜର ମୂଳ ଦାୟିତ୍ୱର ବୋଝରେ ବୁଡ଼ି ରହୁଥିବା ଏହି ଅଧିକାରୀମାନେ ବାଲ୍ୟବିବାହ ପରି ଏକ ସମ୍ବେଦନଶୀଳ ଘଟଣାରେ ପ୍ରଭାବୀ ଢଙ୍ଗରେ କାମ କରିପାରୁନାହାନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଗୁରୁଦାୟିତ୍ୱ ଥିବାରୁ ଏହି ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ଜିଲା ସ୍ତରରେ ଜଣେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି କରିବାକୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ରାଜ୍ୟ ସ୍ୱତନ୍ତ୍ର ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ କରିବା ଉଚିତ ମନେକରୁନାହାନ୍ତି ତେବେ ନ୍ୟାୟାଳୟଙ୍କୁ ଅବଗତ କରିବା ପୂର୍ବକ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷାରେ ଯୌନଶିକ୍ଷାକୁ ସାମିଲକରିବା ପାଇଁ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଛନ୍ତି। ଏହା ଯୌନ ଶୋଷଣ ଓ ହିଂସା ଯୋଗୁ ହେଉଥିବା ଶାରୀରିକ ଓ ମାନସିକ ଅବସାଦ ଦୂରକରିବାରେ ସହାୟକ ହେବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାର ନେବାକୁ ଥିବା ନିଷ୍ପତ୍ତିକୁ ପୁନର୍ବିଚାର ପୂର୍ବକ ଜିଲା ସ୍ତରରେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି, ଅତିରିକ୍ତ ଦାୟିତ୍ୱରେ ହେବାକୁ ଥିବା ନବନିଯୁକ୍ତଙ୍କୁ କେବଳ ବାଲ୍ୟବିବାହ ନିଷେଧ ପାଇଁ ଦାୟିତ୍ୱ ନ ଦେଇ ଅନ୍ୟାନ୍ୟ ଶିଶୁ ଅଧିକାରର ସୁରକ୍ଷା ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଇ ପାରିଲେ ସୁଫଳ ମିଳିବ। ତେବେ ଏମାନଙ୍କୁ ଏସବୁ ବିଷୟ ଓ ପ୍ରକ୍ରିୟା ସମ୍ପର୍କରେ ଦକ୍ଷ କରିବା ପାଇଁ ନିରନ୍ତର ଦକ୍ଷତା ବିକାଶର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସେମାନଙ୍କର କାର୍ଯ୍ୟ ପରିଧି, ଦାୟିତ୍ୱ ଓ ରିପୋର୍ଟିଂରେ ସ୍ପଷ୍ଟତା ରହିବା ଆବଶ୍ୟକ। ନ ହେଲେ ଘଟଣା ଘଟିଲା ପରେ କାହାରି ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇପାରିବ ନାହିଁ। ପାଠ୍ୟକ୍ରମରେ କେବଳ ବାଲ୍ୟବିବାହ ନିଷେଧ ଆଇନ ଓ ପରିଣାମ ବ୍ୟତୀତ ନିଜ ଶରୀରକୁ ବୁଝିବା, କିଶୋରକିଶୋରୀ ବୟସରେ ମାନସିକ, ଆବେଗିକ ଓ ଶାରୀରିକ ପରିବର୍ତ୍ତନ ଓ ଏହାର ପ୍ରଭାବ ଏବଂ ପରିଣାମ ସମ୍ପର୍କରେ ଅବଗତ କରାଇହେଲା ଭଳି ପାଠ୍ୟକ୍ରମ ପ୍ରସ୍ତୁତ ହେଲେ ପିଲାମାନେ ବନ୍ଧୁତା, ସମ୍ପର୍କ ଓ ସମ୍ଭୋଗକୁ ନେଇ ନିଷ୍ପତ୍ତି ନେଇପାରିବେ। ଏହା ବାଲ୍ୟବିବାହ ନିରାକରଣ ସହ କିଶୋରୀ ମାତୃତ୍ୱ ଓ ଯୌନ ଶୋଷଣର ଘଟଣାକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ।



ମୋ: ୯୪୩୮୩୪୧୭୯୪

## ଏଇ ଭାରତରେ

ସ୍କୁଲରେ ପଢୁଥିବାବେଳେ ଅଧାରୁ ପାଠ ଛାଡ଼ି ଦେଇଥିଲେ ତାମିଲନାଡୁର ପୋନାରସି। ହେଲେ କମ୍ ଶିକ୍ଷାଗତ ଯୋଗ୍ୟତାରେ ମଧ୍ୟ ସେ ଏବେ ଜଣେ ସଫଳ ସଜନା ଚାଷୀ ହେବା ସହ ଦକ୍ଷ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ସଜନା ଚାଷ କରି ବର୍ଷକୁ ୧୨ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପୋନାରସିଙ୍କ ବୟସ ଏବେ ୩୮। ସେ ରହୁଛନ୍ତି ଡିଣ୍ଡିଗୁଲ୍‌ରେ ଓ ସେଠାରେ ଏହି ଚାଷ କରୁଛନ୍ତି। ସେ ଏବେ ୧୦ ଏକର ଜମିରେ ଏହି ଚାଷ କରୁଛନ୍ତି। ବିଶେଷକରି ସଜନା ଛୁଇଁ, ଶାଗ, ଚେର ଓ ମଞ୍ଜି ବିକ୍ରି କରି ଭଲ ଲାଭ ପାଉଛନ୍ତି। ପୋନାରସଙ୍କ ପରିବାର ଚାଷ ଉପରେ ନିର୍ଭର କରୁଥିବାରୁ ସେ ଏଭଳି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ କୋଏମ୍ବାଟୁର ସ୍ଥିତ ତାମିଲନାଡୁ କୃଷି ମହାବିଦ୍ୟାଳୟରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପାଇଛନ୍ତି। ସେଠାରେ କୃଷି ବିଶେଷଜ୍ଞ ଜନ୍ କେନେଡିଙ୍କୁ ଭେଟିବା ପରେ କ୍ଷେତ୍ରରେ ସେ ତାଙ୍କୁ ଅଧିକ ସହଯୋଗ କରିଛନ୍ତି। ପୋନାରସି କେବଳ ଚାଷରେ ଅଟକି ଯାଇ ନାହାନ୍ତି, ସେ ସଜନାରୁ ୩୬ ପ୍ରକାର ଉତ୍ପାଦ ପ୍ରସ୍ତୁତ କରିପାରୁଛନ୍ତି। ସଜନା ତେଲଠାରୁ ଆରମ୍ଭ କରି ସାବୁନ, ଶାମ୍ପୁ, ଲିପ୍‌ବାମ୍ ଇତ୍ୟାଦି ତିଆରି ହେଉଛି ସେ ଏବେ ତାମିଲନାଡୁରେ 'ସଜନା ରାଣୀ' ଭାବେ ପରିଚିତ।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ଫେବୃଆରୀ ୧୯୭୬**

- ବାଧତାମୂଳକ ଅବସର ସଂକ୍ରାନ୍ତ ଅଭିଯୋଗର ବିଚାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ମୈନୁଲ ହକ୍ ଚୌଧୁରୀଙ୍କ ୫୪ ବର୍ଷ ବୟସରେ ପରଲୋକ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପକ୍ଷରେ ଯୌତୁକ ଦାନ ଓ ଗ୍ରହଣ ଅବୈଧ ଘୋଷିତ।

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଗକୁ ଏପରି ନ ଘଟୁ

ମହାଶୟ,

ନିକଟରେ ମହାକୁମ୍ଭରେ ଦଳାଚକଟାରେ ସରକାରୀ ତଥ୍ୟ ମୁତାବକ ୩୦ ଜଣ ତୀର୍ଥଯାତ୍ରୀଙ୍କ ଜୀବନହାନି ହେବା ଘଟଣା ପ୍ରକୃତରେ ହୃଦୟବିଦାରକ । ଠିକ୍ ମୃତ୍ୟୁସଂଖ୍ୟାକୁ ନେଇ ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ରହିଛି। ଏତଦବ୍ୟତୀତ ମେଳା ସ୍ଥଳରେ ଘଟିଥିବା କିଛି ଅଗ୍ନିକାଣ୍ଡ ଘଟଣା ଆହୁରି ଚିନ୍ତାଜନକ । ଦିନକୁ ଦିନ ଭିଡ଼ ବଢ଼ିବାରେ ଲାଗିଛି। ନିକଟରେ ଅସମ୍ଭାଳ ଜନସମାଗମ ଯୋଗୁ ପ୍ରୟାଗରାଜକୁ ସଂଲଗ୍ନ କରୁଥିବା ରାଜପଥଗୁଡିକରେ ଟ୍ରାଫିକ ଜାମ୍ ହେତୁ ରାସ୍ତା ଉପରେ ଯାନବାହନଗୁଡିକ ଫସିରହିଥିବାରୁ ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଯେତେବେଳେ କର୍ତ୍ତୃପକ୍ଷ ଜାଣନ୍ତି ଯେ ଏପରି ମହାକୁମ୍ଭ ଅଧିକ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରିବ, ସେଥିପାଇଁ ପ୍ରବାହକୁ ନିୟନ୍ତ୍ରଣ କରିବା, ଅଗ୍ନିକାଣ୍ଡ ଘଟଣା ନ ହେବା ଇତ୍ୟାଦି ପାଇଁ ପର୍ଯ୍ୟାପ୍ତ ସତର୍କତା ଅବଲମ୍ବନ କରିବା ପ୍ରଥମ ପ୍ରାଥମିକତା ଥିଲା। ଏହି ପରିପ୍ରେକ୍ଷୀରେ, ଆଗାମୀ ପବିତ୍ର ଦିନଗୁଡ଼ିକରେ ଏହି ମହାକୁମ୍ଭରେ ଯେପରି ଏପରି ଘଟଣା ନ ଘଟେ, ସେଥିପାଇଁ ସତର୍କ ରହିବା ଆବଶ୍ୟକ ।

– ନବୀନ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | | 6 | 8 |
| 2 | | | 4 | | 3 | | 7 | |
| | 8 | | | | | 4 | | 1 |
| | | | 9 | | 6 | 1 | | |
| 4 | 7 | | | 3 | 8 | 5 | | |
| | | 1 | | | | | | |
| | | | | | | | | |
| | | | | 9 | 1 | | | |
| 1 | 3 | 2 | | | 5 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 9 | 6 | 3 | 1 | 4 | 7 | 2 |
| 2 | 7 | 1 | 9 | 8 | 4 | 5 | 6 | 3 |
| 4 | 3 | 6 | 2 | 7 | 5 | 9 | 1 | 8 |
| 1 | 4 | 7 | 5 | 6 | 8 | 3 | 2 | 9 |
| 9 | 5 | 2 | 4 | 1 | 3 | 7 | 8 | 6 |
| 3 | 6 | 8 | 7 | 9 | 2 | 1 | 5 | 4 |
| 7 | 1 | 3 | 8 | 4 | 6 | 2 | 9 | 5 |
| 8 | 9 | 5 | 3 | 2 | 7 | 6 | 4 | 1 |
| 6 | 2 | 4 | 1 | 5 | 9 | 8 | 3 | 7 |

ଗତକାଲିର ଉତ୍ତର

# ପର୍ଯ୍ୟଟନର ନୂଆ ପରିଚୟ

## ନାରାୟଣ ସେବାଶ୍ରମ




**ପୂରିଲା ପୂରିଲା ଲାଗୁଛି ପ୍ରକୃତି। ଶୋଭା ବର୍ଦ୍ଧନ କରୁଛି ସବୁଜିମା। ଅନନ୍ୟ ଆକର୍ଷଣରେ ଆନମନା ହେଉଛନ୍ତି ଆଗନ୍ତୁକ। ଥରେ ଏଠାରେ ପାଦ ପଡ଼ିଲେ ହାଲ୍‌କା ହୋଇଯାଉଛି ଥକ୍କାପଣ। ସୁଶୋଭିତ ତରୁଲତା ସାଙ୍ଗକୁ ସୁଗନ୍ଧମୟ ପରିବେଶ ତୃପ୍ତ କରିଦେଉଛି ସଭିଙ୍କୁ। ପର୍ଯ୍ୟଟନର ନୂଆ ପରିଚୟ 'ନାରାୟଣ ସେବାଶ୍ରମ' ପୁଲକ ଭରିଦେଉଛି ପର୍ଯ୍ୟଟକଙ୍କ ପ୍ରାଣରେ।**

ଅନୁଗୋଳ ଜିଲା ପର୍ଯ୍ୟଟନରେ ଯୋଡ଼ିହୋଇଛି ଏକ ନୂଆ ନାମ। ସାତକୋଶିଆ ଅଭୟାରଣ୍ୟ ପୂର୍ବରୁ ସମସ୍ତଙ୍କ ନିକଟରେ ପରିଚିତ ଥିବାବେଳେ ଜିଲାର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ନାରାୟଣ ସେବାଶ୍ରମ। ବଅଁରପାଳ ବ୍ଲକ କୁକୁଡ଼ାଙ୍ଗଠାରେ ଥିବା ୧୪ ଏକର ପରିମିତର ଏହି ଉପବନ ନାରାୟଣ ସେବାଶ୍ରମକୁ ନିକଟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ଏହା ବଅଁରପାଳ ବ୍ଲକ ଅଞ୍ଚଳ ପାଇଁ ଖୁସି ଆଣିଦେଇଥିବା ବେଳେ ଜିଲାର ପର୍ଯ୍ୟଟନ ମାନଚିତ୍ରରେ ନୂଆ ପଦଚିହ୍ନ ସୃଷ୍ଟି କରିଛି।

ବଅଁରପାଳ ବ୍ଲକ ସଦର ମହକୁମାଠାରୁ ଅଳ୍ପ ଦୂର ନନ୍ଦିରା ନଦୀକୂଳ କୁକୁଡ଼ାଙ୍ଗ ନିକଟରେ ପୂର୍ବରୁ ଥିବା ଲଣ୍ଡା ପାହାଡ଼ରେ ସୃଷ୍ଟି କରାଯାଇଛି ସବୁଜିମା। ଏଠାରେ ତୁଳସୀ ବଣ ସମେତ ବିଭିନ୍ନ ଔଷଧୀୟ ବୃକ୍ଷ, ଫୁଲ, ଫଳ ଗଛ, ଶୋ' ଗଛ ଆଦି ରହିଛି। ଉପବନ ଭିତରେ କଂକ୍ରିଟ ପାଦଚଲା ରାସ୍ତା ସହିତ ବିଭିନ୍ନ ଦେବଦେବୀ ଏବଂ ମହାପୁରୁଷଙ୍କ ପଥର ମୂର୍ତ୍ତି ସ୍ଥାପିତ ହୋଇଛି। ପର୍ଯ୍ୟଟକଙ୍କ ବସିବା ପାଇଁ ପକ୍କା ବେଞ୍ଚ ନିର୍ମାଣ କରାଯାଇଛି। ପ୍ରବେଶ ପଥରେ ସୁନ୍ଦର ଫାଟକ ତିଆରି ହୋଇଛି। ନନ୍ଦିରା ନଦୀ ଘାଟରେ ପକ୍କା ପାହାଚ କରାଯାଇଛି। ଆଖପାଖ ଗାଁ ଲୋକମାନେ ଦୈନିକ ଅପରାହ୍ଣରେ ନାରାୟଣ ସେବାଶ୍ରମର ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ଉଦ୍ୟାନ ମଧ୍ୟସ୍ଥଳରେ ରହିଛି ନାରାୟଣ ସେବାଶ୍ରମ। ଏହି ସେବାଶ୍ରମରେ ଧାର୍ମିକ ଅନୁଚିନ୍ତନ, ସଭା, ସତ୍‌ସଙ୍ଗ ଆଦି ଅନୁଷ୍ଠିତ ହେଉଛି। କେଇବର୍ଷ ହେଲା ଏହି ସ୍ଥାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଲାଗିଛି। ବିଭିନ୍ନ ଶିକ୍ଷାନୁଷ୍ଠାର ଛାତ୍ରୀଛାତ୍ର, ନାଲ୍‌କୋ, ଜିନ୍ଦଲ, ଭୂଷଣ, ଏମ୍‌ସିଏଲ୍ ପରି କମ୍ପାନୀର କର୍ମଚାରୀମାନେ ଏଠାକୁ ବଣଭୋଜି ପାଇଁ ଆସୁଥିବା ଦେଖାଯାଉଛି। ବିଶେଷକରି ପର୍ଯ୍ୟଟନ ଋତୁରେ ପ୍ରାୟ ୫/୬ ହଜାର ପର୍ଯ୍ୟଟକ ଏଠାକୁ ପରିଦର୍ଶନ, ପିକ୍‌ନିକ୍ ପାଇଁ ଆସୁଥିବା ଅଞ୍ଚଳବାସୀ କହିଛନ୍ତି। ସହରଠାରୁ ଦୂରରେ ଥିବା ଏହି ନିରୋଳା ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଶାନ୍ତ ପରିବେଶ ସମସ୍ତଙ୍କ ପାଇଁ ଆକର୍ଷଣ ସାଜିଥିବାବେଳେ ବିଶୁଦ୍ଧ ପାନୀୟ ଜଳ, ପାର୍କିଂ ସୁବିଧା, ନିଃଶୁଳ୍କ ପ୍ରବେଶ ଆଦି ପର୍ଯ୍ୟଟକମାନଙ୍କୁ ଏଠାକୁ ଟାଣିଆଣୁଛି।

**ରିପୋର୍ଟ– ସୁବାସ ସାହୁ, ବଅଁରପାଳ**

### ପ୍ରାକୃତିକ ପରିବେଶ ପଛରେ ପ୍ରମୋଦ



୨୦୦୫ ପୂର୍ବରୁ କୁକୁଡ଼ାଙ୍ଗ ଗାଁ ନିକଟରେ ଥିବା ଲଣ୍ଡା ପାହାଡ଼ ସମସ୍ତଙ୍କ ପାଇଁ ପରିତ୍ୟକ୍ତ ସ୍ଥାନ ଥିଲା। ଏହି ପତିତ, ପଥୁରିଆ ଜମିରେ ଦୂବ ବି କଅଁଳୁ ନ ଥିଲା। ହେଲେ କୁକୁଡ଼ାଙ୍ଗ ଗ୍ରାମର ପ୍ରମୋଦ କୁମାର ସାହୁ (୪୩) ଏହି ଲଣ୍ଡା ପାହାଡ଼ରେ ଭରିଦେଇଛନ୍ତି ସବୁଜିମା। ଏହି ପ୍ରାକୃତିକ ପରିବେଶ ସୃଷ୍ଟି ପଛରେ ରହିଛି ତାଙ୍କର ଦୀର୍ଘ ୨୦ ବର୍ଷର ଅକ୍ଳାନ୍ତ ପରିଶ୍ରମ। ତାଳଚେର କୋଇଲା ଖଣିର ଏକ ଠିକା ସଂସ୍ଥାରେ ସୁପରଭାଇଜର କାମ କରୁଥିବା ପ୍ରମୋଦ +୨ ଯାଏ ପଢ଼ିଛନ୍ତି। ପ୍ରକୃତି, ପରିବେଶ ପ୍ରତି ତାଙ୍କ ମନରେ ଥିବା ଆଦର ତାଙ୍କୁ ଏହି କାର୍ଯ୍ୟପାଇଁ ପ୍ରୋତ୍ସାହିତ କରିଥିଲା। ପରିବାର ପରିବର୍ତ୍ତେ ପ୍ରକୃତିକୁ ଅଧିକ ଭଲପାଉଥିବା ପ୍ରମୋଦ ନିଜ ଅର୍ଜିତ ଅର୍ଥକୁ ଏଠାରେ ଖର୍ଚ୍ଚ କରୁଛନ୍ତି। ଦୈନିକ କାମରୁ ଫେରିବା ପରେ ବାକି ସମୟ ସେ ଗଛ ଲଗାଇବା, ଯତ୍ନନେବା, ସଫେଇ, ମୂର୍ତ୍ତିଗଢ଼ା ଆଦିରେ ବିତାଉଛନ୍ତି। ଫଳରେ ଯେଉଁଠି ଦିନେ ଲଣ୍ଡାପାହାଡ଼ ଥିଲା ସେଠାରେ ଆଜି ଗଢ଼ିଉଠିଛି ତାଙ୍କ କଳ୍ପନାର ଉଦ୍ୟାନ। ଅଞ୍ଚଳର ପ୍ରକୃତି ପ୍ରେମୀମାନେ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟ ସରକାର ନାରାୟଣ ସେବାଶ୍ରମକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଥିବାରୁ ପ୍ରମୋଦ ଖୁସିବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



# ପ୍ରକୃତି, ସଂସ୍କୃତିର ସଙ୍ଗମସ୍ଥଳ

## ଅନୁଗୋଳର ମନ୍ଦରଗିରି

**ପ୍ରକୃତି, ପରିବେଶରେ ପରିପୂର୍ଣ୍ଣ ମନ୍ଦରଗିରି। ପ୍ରାଚୀନ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଐତିହ୍ୟର ଏହା ସଙ୍ଗମସ୍ଥଳ। ଏଠାକାର ମାଟି ଓ ବୃକ୍ଷରେ ଭରିରହିଛି ଔଷଧୀୟ ଗୁଣବତ୍ତା। ଗୁମ୍ଫାଗୁଡ଼ିକ ମୁନିମାନଙ୍କ ଆବାସସ୍ଥଳ କୁହାଯାଉଥିବା ବେଳେ ଧାଡ଼ି ଧାଡ଼ି ମନ୍ଦିର ଓ ଦେବଦେବୀଙ୍କୁ ନେଇ ରହିଛି ଅନେକ ଅଲୌକିକ କାହାଣୀ। ନିକଟରେ ଅନୁଗୋଳର ମନ୍ଦରଗିରିକୁ ମିଳିଛି ପର୍ଯ୍ୟଟନସ୍ଥଳୀ ମାନ୍ୟତା। ଏଥିସହ ଜିଲା ପର୍ଯ୍ୟଟନରେ ଯୋଡ଼ିହୋଇଛି ଆଉ ଏକ ନୂଆ ନାମ।**

ଅନୁଗୋଳ ସହରଠାରୁ ମାତ୍ର ୧୦ କିଲୋମିଟର ଦୂର ଚନ୍ଦ୍ରବାହାଳ ଗାଁରେ ରହିଛି ମନ୍ଦରଗିରି ପର୍ବତ। ନିକଟରେ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଛନ୍ତି ରାଜ୍ୟ ସରକାର। ମନ୍ଦରଗିରି ପର୍ବତ ଉପରେ ପ୍ରାଚୀନ ଗୁମ୍ଫା ସହିତ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ମନ୍ଦିର ରହିଛି। ପଞ୍ଚମହଲାରୁ ଚନ୍ଦ୍ରବାହାଳର ଭାଲିଆବାଟ ପର୍ଯ୍ୟନ୍ତ ପର୍ବତର ଏକ ଅଂଶ କାଳିମା ମନ୍ଦରଗିରି ଭାବେ ଜଣାଶୁଣା। ଭାଲିଆବାଟରୁ ମୂଷାପାପୁଲିର ଭୀମମୁଣ୍ଡିଆ ଅଂଶକୁ ବାବା ମନ୍ଦରଗିରି ବୋଲି କୁହାଯାଏ। ପଶ୍ଚିମଭାଗରେ ଥିବା ପୁରୁଣାଗଡ଼, ବଡ଼କେରା, ଢୁମୁଣୀ ଆଦି ଅଞ୍ଚଳ ଗୋବର୍ଦ୍ଧନ ପର୍ବତ ଭାବେ ପରିଚିତ।

ସ୍ଥାନୀୟ ଅଞ୍ଚଳବାସୀଙ୍କ ଧର୍ମୀୟ ଭାବନା ସହ ମନ୍ଦରଗିରି ଆରମ୍ଭରୁ ଜଡ଼ିତ। ମା' ବନଦୁର୍ଗା ଓ ଅନନ୍ତ ଗୁମ୍ଫା ମଧ୍ୟରେ ଥିବା ମହାଦେବ ଏଠାକାର ମୁଖ୍ୟ ଆରାଧ୍ୟ ହୋଇଥିଲେ ମଧ୍ୟ ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଅନେକ ଦେବଦେବୀ ପୂଜା ପାଉଛନ୍ତି। ପର୍ବତ ସୁଡ଼ଙ୍ଗରେ ନାଗ ଦେବତା ରହିଥିବା ବିଶ୍ୱାସ କରାଯାଏ। ଉପରି ଭାଗରେ ବିଷ୍ଣୁଙ୍କ ଅନନ୍ତ ଶୟନ ମନ୍ଦିର ରହିଛି। ତଳେ ମା' ତାରିଣୀଙ୍କ ପୀଠ ସ୍ଥାପନ ହୋଇଥିବାବେଳେ ଯଜ୍ଞ ମଣ୍ଡପ, ରାମ ମନ୍ଦିର ସହ ଅନ୍ୟ ମନ୍ଦିର ରହିଛି। ପ୍ରତିବର୍ଷ ମାଘ ମାସରେ ମନ୍ଦରଗିରି ଉପରେ ହେଉଥିବା ମାଘ ମେଳା ଓ ଯଜ୍ଞ ବେଶ୍ ପ୍ରସିଦ୍ଧ। ୫ ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ଏଠାରେ ହୋଇଥାଏ। ଶ୍ରଦ୍ଧାଳୁମାନଙ୍କ କହିବା ଅନୁଯାୟୀ, ଏହି ପର୍ବତ ଏତେ ପବିତ୍ର ଯେ ଏଠାକୁ ଆସି କେହି କେବଳ ମାନସିକ କରି ନ ଥାନ୍ତି, ବରଂ ବିଭିନ୍ନ ରୋଗ ବ୍ୟାଧିରୁ ମୁକ୍ତି ପାଇଁ ଆବଶ୍ୟକ ଔଷଧୀୟ ଗୁଳ୍ମ ସଂଗ୍ରହ କରିନିଅନ୍ତି। ମନ୍ଦିରଗିରି ପର୍ବତ ଔଷଧୀୟ ବୃକ୍ଷଲତାରେ ଭରପୂର। ଅତୀତରେ ରାସ୍ତା ସୁବିଧା ନ ଥିବାରୁ ବହୁ କଷ୍ଟ ସ୍ୱୀକାର କରି ଲୋକେ ଏଠାକୁ ଔଷଧୀୟ ବୃକ୍ଷ ନେବାକୁ ଆସୁଥିବା ନଜିର ରହିଛି। ଭାଦ୍ରବ ଓ ଆଶ୍ୱିନ ମାସରେ ସ୍ଥାନୀୟ ଅଞ୍ଚଳର ଲୋକେ ବନଦୁର୍ଗା, ଅନନ୍ତ ଗୁମ୍ଫା ଓ ଅନନ୍ତ ଶୟନ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ଔଷଧୀୟ ଗଛର ଡାଳ, ପତ୍ର ଓ ଚେର ସଂଗ୍ରହ କରିଥାନ୍ତି। ପର୍ଯ୍ୟଟନ ଦୃଷ୍ଟିରୁ ମଧ୍ୟ ମନ୍ଦରଗିରି ବେଶ୍ ସମୃଦ୍ଧ। ପ୍ରାକୃତିକ ଶୋଭାର ଗନ୍ତାଘର ଏହି ପର୍ବତ ପରିଦର୍ଶନ କରିବାକୁ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ଏହାଛଡ଼ା ଟ୍ରେକିଂ କରିବାକୁ ଅନେକ ଯୁବପିଢ଼ି ଏହି ପର୍ବତକୁ ପସନ୍ଦ କରିଥାନ୍ତି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହା ସ୍ଥାନିତ ହୋଇଥିବାରୁ ଅନୁଗୋଳ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳକୁ ଆସୁଥିବା ପର୍ଯ୍ୟଟକ ନିଶ୍ଚିତ ମନ୍ଦରଗିରି ପର୍ବତର ପ୍ରାକୃତିକ ଶୋଭା ଦେଖିବାକୁ ମନ ବଳାଇବେ ବୋଲି କୁହାଯାଉଛି।

**ରିପୋର୍ଟ– ଜ୍ୟୋତିରଞ୍ଜନ ସାହୁ, ଅନୁଗୋଳ**








# ପ୍ରକୃତି-ଶିବଙ୍କ ମିଳନ ସ୍ଥଳ

## ଆଠମଲ୍ଲିକର ଦେଉଳଝରି

**ଏଠାରେ ରହିଛି ପ୍ରାଚୀନ ସଂସ୍କୃତି ଓ ପରମ୍ପରାର ଛାପ। ଅତୀତରୁ ଏଯାଏ ଉଭୟ ସାଂସ୍କୃତିକ ଏବଂ ଆଧାତ୍ମିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛି ଦେଉଳଝରି। ଏହା କେବଳ ଶୈବପୀଠ ନୁହେଁ ବରଂ ଶାକ୍ତମାନଙ୍କ ଆରାଧନାର ଏକ ପ୍ରମୁଖ ପୁଣ୍ୟପୀଠ ହୋଇପାରିଛି।**

କିଆବଣ ମଧ୍ୟରେ ପୂଜା ପାଉଛନ୍ତି ଆରାଧ୍ୟ ଦେବତା ସିଦ୍ଧେଶ୍ୱର। ପଞ୍ଚଧାରା ଉତ୍ତୁଙ୍ଗ ପର୍ବତ ଶ୍ରେଣୀର ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ନିକଟରେ ବହିଯାଇଛି ଓଡ଼ିଶାର ଗଙ୍ଗା ମହାନଦୀ। ଶୈବପୀଠ ମଧ୍ୟ ଦେଇ ପ୍ରବାହିତ ୫ଟି କ୍ଷୁଦ୍ର ଚିରସ୍ରୋତା ଝରଣା ଧୋଇଦେଉଛି ବାବା ସିଦ୍ଧେଶ୍ୱର ମହାଦେବଙ୍କ ପାଦ। ଉଭୟ ଦେଉଳ ଓ ଝରର ଅପୂର୍ବ ସମନ୍ୱୟ ହିଁ ଏହାକୁ ଦେଉଳଝରି ନାମରେ ନାମିତ କରାଇଛି। ବିଶାଳ ଶୃଙ୍ଗ ପଞ୍ଚଧାରାର ପାଦଦେଶରେ ପ୍ରତିଷ୍ଠିତ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ଚାରି ଶମ୍ଭୁ ସିଦ୍ଧେଶ୍ୱର, ମହେଶ୍ୱର, କେଦାରଶ୍ୱର ଏବଂ ଜାଗେଶ୍ୱରଙ୍କୁ ପୂଜା କରାଯାଏ। ଏହାସହ ଶାକ୍ତ ଧର୍ମର ପ୍ରଧାନ ଠାକୁରାଣୀ ମା' ମାହେଶ୍ୱରୀ, ମା' ଖମ୍ବେଶରୀ ମଧ୍ୟ ଏଠାରେ ପୂଜା ପାଆନ୍ତି। ପ୍ରକୃତି ଓ ଶିବଙ୍କ ମିଳନ ସ୍ଥଳ ଭାବରେ ଅନୁଗୋଳ ଜିଲାରେ ଏହା ବେଶ୍ ପରିଚିତ ଥିବାବେଳେ ଜିଲାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଦେଉଳଝରି ନ ଆସିଲେ ସେମାନଙ୍କ ଭ୍ରମଣ ଅଧୁରା ରହିଯାଏ ବୋଲି କୁହାଯାଉଛି।





ଗଜପତି ରାଜା ସୁବର୍ଣ୍ଣ କେଶରୀଙ୍କୁ ହୋଇଥିବା ସ୍ୱପ୍ନାଦେଶ ଅନୁଯାୟୀ ପ୍ରତିଷ୍ଠା ହୋଇଛି ଦେଉଳଝରି। ଏହି ଶୈବପୀଠର ଅଧିକାଂଶ ଭାଗ କିଆ, କେତକୀ ବଣରେ ପରିପୂର୍ଣ୍ଣ। ଏହି ପୀଠର ଆଖପାଖ ଦୁର୍ମୂଲ୍ୟ ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ଥିବା ଅନେକ ବିଶେଷଜ୍ଞ ମତ ଦିଅନ୍ତି। ଦେଉଳଝରିର ଚାରି ଶମ୍ଭୁଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି ବାବା ସିଦ୍ଧେଶ୍ୱର ମହାଦେବ। ୧୯୩୯ରେ ଆଠମଲ୍ଲିକ ଗଡ଼ଜାତର ରାଜା କିଶୋର ଚନ୍ଦ୍ର ଦେଓଙ୍କ ଦ୍ୱାରା ପକ୍କା ମନ୍ଦିର ନିର୍ମାଣ କରାଯାଇଥିଲା। ମନ୍ଦିର ବେଢ଼ା ମଧ୍ୟରେ ମୁଖ୍ୟ ମନ୍ଦିର, ଜଗମୋହନ, ନାଟ ମନ୍ଦିର, ଭୋଗ ମଣ୍ଡପ ଆଦି ରହିଛି। ଜଗମୋହନ ମନ୍ଦିର ଗର୍ଭଗୃହରେ ଶିବ ଓ ପାର୍ବତୀଙ୍କ ଅଷ୍ଟଧାତୁ ପ୍ରତିମା ଭୂପୃଷ୍ଠରୁ ପ୍ରାୟ ୬ଫୁଟ ତଳେ ପ୍ରତିଷ୍ଠିତ। ଏହି ଲିଙ୍ଗର ନିମ୍ନଭାଗକୁ ଏକ ଉଷ୍ଣଝର ଅନବରତ ଧୋଇବାରେ ଲାଗିଛି। ମନ୍ଦିର ଦକ୍ଷିଣ ଦିଗରେ ଗଣେଶ୍ୱର, ପଶ୍ଚିମ ଦିଗରେ କାର୍ତ୍ତିକେଶ୍ୱର ଏବଂ ଉତ୍ତରରେ ଦେବୀ ସରସ୍ୱତୀ ଅବସ୍ଥାନ କରୁଛନ୍ତି। ଦେଉଳଝରି ପରିସରସ୍ଥ ମାହେଶ୍ୱରୀ ମନ୍ଦିର ସମ୍ମୁଖରେ ରହିଛି ଉଷ୍ଣଜଳ କୁଣ୍ଡ। ଗୋଟିଏ କୁଣ୍ଡ ଶିବଙ୍କ ପ୍ରତୀକ ହୋଇଥିବା ବେଳେ ଏକ ହାତ ଦୂରରେ ରହିଛି ଏକ ଶୀତଳ କୁଣ୍ଡ। ଏହି କୁଣ୍ଡ ଦୁଇଟି ବର୍ଷର ସବୁ ସମୟରେ ନିଜର ଉତ୍ତାପ ଅକ୍ଷୁଣ୍ଣ ରଖିଥାନ୍ତି। ଏଥିସହ ହିମକୁଣ୍ଡ, ଅଗ୍ନିକୁଣ୍ଡ, ତପ୍ତକୁଣ୍ଡ, କ୍ଷୀରକୁଣ୍ଡ, ରକ୍ତକୁଣ୍ଡ, ଲବକୁଶ କୁଣ୍ଡ, ଥଣ୍ଡାକୁଣ୍ଡ, ମରିଚୀକୁଣ୍ଡ ଏବଂ ଘୃତକୁଣ୍ଡ ଆଦି ନାମରେ ଏହା ନାମିତ। ପ୍ରତି କୁଣ୍ଡର ବିଶେଷତ୍ୱ ଭିନ୍ନ ଭିନ୍ନ। ସନ୍ତାନହୀନ ନାରୀ ମରିଚୀ କୁଣ୍ଡରେ ସ୍ନାନକଲେ ସନ୍ତାନପ୍ରାପ୍ତ ହୋଇଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଠାରେ ଥିବା କୁଣ୍ଡଗୁଡ଼ିକ ମଧ୍ୟରୁ ସବୁଠାରୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୫ ଡିଗ୍ରୀ ସେଲ୍‌ସିୟସ। ତେବେ ଗନ୍ଧକ ମିଶି ରହିଥିବାରୁ ଅଧିକାଂଶ କୁଣ୍ଡର ଜଳ ଉତ୍ତପ୍ତ ହେଉଥିବା ବୈଜ୍ଞାନିକମାନେ ମତ ଦିଅନ୍ତି।

**ରିପୋର୍ଟ– ପରିକ୍ଷିତ ସାହୁ, ବଇଣ୍ଡା**







# ବିଷାକ୍ତ କ୍ରୋମିୟମ ପାଣିରେ କବଳିତ ଖଣି ଅଞ୍ଚଳ

- ପ୍ରତିବାଦ ହେଉଛି, ପ୍ରତିକାର ନାହିଁ
- ଏନ୍‌ଜିଟିରେ ଦିନ ଘୁଞ୍ଚାଇ ଚାଲିଛି ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ


ସୁକିନ୍ଦା ଅଞ୍ଚଳର ଡମଶାଳା ନାଳ ପ୍ରଦୂଷିତ ।

**ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳ କ୍ରୋମିୟମ ମିଶ୍ରିତ ବିଷାକ୍ତ ପାଣିରେ କବଳିତ ହୋଇଛି। ଭୂତଳ ଜଳ ମଧ୍ୟ ଏଥିଯୋଗୁ ପ୍ରଭାବିତ ହୋଇଛି। ପୂର୍ବରୁ ଷ୍ଟେଟ୍ ଏନଭାଇରାନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ଏସ୍‌ଇଆଇଏଏ) ପକ୍ଷରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)କୁ ସତର୍କ କରିଆସୁଥିଲେ ହେଁ ପ୍ରତିକାର ବ୍ୟବସ୍ଥା ନୈରାଶ୍ୟଜନକ ରହିଛି। ପରୀକ୍ଷା ରିପୋର୍ଟରେ ଲିଟର ପ୍ରତି ୦.୦୧୫ରୁ ୦.୧୧୭ ମିଲିଗ୍ରାମ ବିଷାକ୍ତ କ୍ରୋମିୟମ ଅଂଶ ମିଳିଛି। ବିଶେଷକରି ସାରୁଆବିଲ ଖଣି ଅଞ୍ଚଳର ଭୂତଳ ଜଳରେ ଅଧିକ କ୍ରୋମିୟମ ଥିବା ଜଣାପଡ଼ିଛି। ଏନ୍‌ଜିଟିରେ ୭୩/୨୦୨୪/ଇଜେଡ୍ ନମ୍ବର ମାମଲାର ନିର୍ଦ୍ଦେଶ ଅନୁସାରେ ହୋଇଥିବା ତଦନ୍ତ ରିପୋର୍ଟରେ ଏହି ସମ୍ବେଦନଶୀଳ ତଥ୍ୟ ଜଣାପଡିଛି। ତେବେ ଏହାର ପ୍ରତିକାର ପାଇଁ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ତତ୍ପରତା ପ୍ରକାଶ ନ କରି ଏନ୍‌ଜିଟି ପାଖରେ ଆସନ୍ତା ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ପୁଣି ସମୟ ମାଗିଛି। ଏନ୍‌ଜିଟିର ୩।୨।୨୦୨୫ ଶୁଣାଣି ରିପୋର୍ଟରୁ ଏହା ଜଣାପଡିଛି।

ଯାଜପୁର ଜିଲାର ଅନେକ ଖଣି, କମ୍ପାନୀ ବ୍ରାହ୍ମଣୀ ନଦୀରୁ ନିର୍ମଳ ପାଣି ନେଇ ଡମଶାଳା ନାଳାକୁ ବିଷାକ୍ତ କରୁଛନ୍ତି। ଫଳରେ ନଦୀନାଳ ସମେତ ବିଭିନ୍ନ ପୋଖରୀ ଏବଂ ଭୂତଳ ଜଳ ଅତିମାତ୍ରାରେ ପ୍ରଦୂଷିତ ହେଉଛି। ଏହି ବିଷାକ୍ତ ପାଣିକୁ ବ୍ୟବହାର କରି ଅଞ୍ଚଳର ଶତାଧିକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଏନ୍‌ଜିଟି ଏକ ୪ ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଯାଜପୁର ଜିଲାପାଳଙ୍କ ପରିଚାଳନାରେ କଳିଙ୍ଗନଗର ଏଡିଏମ୍,ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ସିପିସିବିର ବୈଜ୍ଞାନିକ ଓ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡର ବୈଜ୍ଞାନିକ ସୁକିନ୍ଦା ଅଞ୍ଚଳ ପରିଦର୍ଶନରେ ଯାଇଥିଲେ। ସେଠାରୁ ବିଭିନ୍ନ ଖଣି କମ୍ପାନୀରୁ ବାହାରକୁ ବୋହୁଥିବା ଜଳ ଓ ଭୂତଳ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ଏନେଇ ଏନ୍‌ଜିଟିରେ ୭।୫।୨୦୨୪ରେ ଏସ୍‌ପିସିବି ପକ୍ଷରୁ ପରୀକ୍ଷା ରିପୋର୍ଟ ଓ ସତ୍ୟପାଠ ଦାଖଲ ହୋଇଥିଲା। ଏହି ରିପୋର୍ଟ ଆଧାରରେ ୪।୭।୨୦୨୪ ରେ ଏନ୍‌ଜିଟି ପକ୍ଷରୁ ହୋଇଥିବା ଶୁଣାଣିରେ ସୁକିନ୍ଦା ଖଣି ଅଞ୍ଚଳର ୯ଟି ଜଳ ନମୁନା ସଂଗ୍ରହ ସ୍ଥାନରେ ବିଷାକ୍ତ କ୍ରୋମିୟମ ମିଳିଥିବା ଜଣାପଡ଼ିଥିଲା। ତେବେ ଜଏଣ୍ଟ କମିଟିର ସଦସ୍ୟ ଥିବା ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ଏହାକୁ ଗୁରୁତ୍ୱ ନ ଦେଇ ତଦନ୍ତରେ ଅବହେଳା କରିଥିବା ଏନ୍‌ଜିଟି ପକ୍ଷରୁ ଇଙ୍ଗିତ ହୋଇଥିଲା। ଏହାପରେ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ଓ ଏସ୍‌ପିସିବି ପକ୍ଷରୁ ସମ୍ପୃକ୍ତ ଖଣି ଅଞ୍ଚଳ ପରିଦର୍ଶନରେ ଯାଇ ଏନ୍‌ଜିଟିରେ ରିପୋର୍ଟ ଦାଖଲ କରିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ବିଷାକ୍ତ ପାଣି ଯୋଗୁ ଯାଜପୁର ଜିଲାର କମର୍ଦ୍ଧା, ମଶାସାହି, ହାତୀସାହି, ସରୁଆବିଲ, ଗୁରୁଜଙ୍ଗ, ଓସ୍ତପାଳ, କୁଚିଡାବାଙ୍କ, କୁସୁମଘୁଟ, କଳରଙ୍ଗୀ ଓ ରାମସୋଲ ଏବଂ ଢେଙ୍କାନାଳ ଜିଲା ଭୁବନ ବ୍ଲକର କୃଷ୍ଣପୁର, ଓଡିଶ, ବାରୁଆ, ମଠଖୋକସା, ବାଲିଝାଟି ପ୍ରମୁଖ ଗ୍ରାମର ପ୍ରାୟ ୧୦ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ବର୍ଜ୍ୟପାଣି ସିଧାସଳଖ ଡମଶାଳା ନାଳରେ ମିଶୁଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନମୋହନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ କୌଣସି ଅବହେଳା ହେଉନାହିଁ।

# ରାସ୍ତା ମଝିରେ ଜଳିଗଲା ହିଟାଚି


ରାସ୍ତାରେ ଜଳୁଥିବା ହିଟାଚି ।

**ଯାଜପୁର ସଦର,୧୪।୨ (ସମର ବିଜୟ ଶରଣ):**

ଯାଜପୁର ବ୍ଲକ ୨୦ନମ୍ବର ଜାତୀୟ ରାଜପଥର ବରୁଆଁ–ଯାଜପୁର ମୁଖ୍ୟରାସ୍ତାର ବନ୍ତ ନିକଟରେ ଯାଉଥିବା ଏଆର୍‌ଏସଏସ କମ୍ପାନୀର ଏକ ହିଟାଚି ମେଶିନ ସର୍ଟ ସର୍କିଟ ଯୋଗୁ ରାସ୍ତାରେ ଜଳିଯାଇଛି। ଚାଳକ ଓହ୍ଲାଇ ପଡ଼ିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ନିଆଁ ଭୟରେ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ସମୟ ପାଇଁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବରୁଆଁ ଅଗ୍ନିସେବା ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମା' ବୁଢ଼ୀ ଭାଲୁଶୁଣୀଙ୍କ ଯଜ୍ଞ ଉତ୍ସବ

**ରସୁଲପୁର,୧୪।୨(ରଞ୍ଜିତ ରାଉତ):**



ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମା'ବୁଢ଼ୀ ଭାଲୁଶୁଣୀଙ୍କ ୪୨ତମ ଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ଏଥିରେ ଭୋଟକା ଓ ବାହାଦଲାପୁର ପଞ୍ଚାୟତରୁ ୫ଖଣ୍ଡ ଗାଁର ଗ୍ରାମବାସୀ ଏକାଠି ହୋଇ ମା'ଙ୍କ ଆଶିଷଲାଭ କରିଛନ୍ତି। ଅଗ୍ନି ଉତ୍ସବ ତିଥିରୁ ଆୟୋଜିତ ଯଜ୍ଞୋତ୍ସବକୁ ୫ଜଣ ପଣ୍ଡିତ ପରିଚାଳନା କରିଥିଲେ। ପ୍ରତ୍ୟୁଷରୁ ମା'ଙ୍କ ପୁଷ୍କରିଣୀରୁ ଜଳପୂର୍ଣ୍ଣ କଳସ ଆଣି ପୀଠରେ ଘଟ ସ୍ଥାପନ କରାଯାଇଥିଲା। ମା'ଙ୍କୁ ମାଜଣା କରାଯାଇ ବଡ଼ସିଂହାର ବେଶରେ ଭୂଷିତ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା, ବିଶେଷ ପୂଜା, ନାନାଦି ବେଶରେ ଭୂଷିତ କରାଯାଇ ମା'ଙ୍କୁ ପୂଜା କରାଯାଇଥିଲା। ଯଜ୍ଞ ମଣ୍ଡପରେ ଅଗ୍ନି ସ୍ଥାପନ କରାଯାଇ ବିଭିନ୍ନ ଦେବଦେବୀଙ୍କ ନାମରେ ୧୦୦୮ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ପ୍ରାତଃରେ ମା'ଙ୍କ ପୀଠରେ ଭଜନ ସଂକୀର୍ତ୍ତନ ପରିବେଷଣ କରାଯିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୋଟକା ପଞ୍ଚାୟତର ବିଲିପଡ଼ା, ବାହାଦଲାପୁର ପଞ୍ଚାୟତର ବାହାଦଲାପୁର, ସରିଫାବାଦ, ବାଙ୍କ, ବେରୁଦା ପଞ୍ଚାୟତର ଚିନ୍ତାପଲ୍ଲୀ ଆଦି ଗ୍ରାମର ଆବାଳ ବୃଦ୍ଧ ବନିତା ଯଜ୍ଞୋତ୍ସବ ସ୍ଥଳରରେ ଏକତ୍ରିତ ହୋଇ ମା'ଙ୍କ ନିକଟରେ ପୂର୍ବ ମାନସିକ ଆଧାରରେ ପୂଜା ଅର୍ଚ୍ଚନା କରିଥିଲେ। ରାଜପଥ ଦେଇ ଯାତାୟାତ କରୁଥିବା ଭକ୍ତମାନେ ମା'ଙ୍କ ଆଶିଷ ଲାଭ କରିଥିଲେ। ମଧ୍ୟାହ୍ନରେ ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନ ବନ୍ଦୋବସ୍ତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମା'ଙ୍କ ନିତ୍ୟନୈମିତ୍ୟ ପୂଜା କାର୍ଯ୍ୟରେ ନିୟୋଜିତ ସେବିକା/ସେବକ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ


ଦିଲୀପ କୁମାର ପ୍ରଧାନ

**ଯାଜପୁର ଟାଉନ,୧୪।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ନାବାଳିକାଙ୍କୁ ବଳାତ୍କାର ମାମଲାର ଶୁକ୍ରବାର ଏକ ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଅଭିଜିତ୍ ପଲାଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୪୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଏଥିସହିତ ପୀଡ଼ିତା ନାବାଳିକାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି।

ମାମଲାର ବବରଣୀ ଅନୁଯାୟୀ, ୨୦୨୩ ମାର୍ଚ୍ଚ ୩୦ତାରିଖ ରାମନବମୀ ଦିନ ଧର୍ମଶାଳା ଥାନା ଅନ୍ତର୍ଗତ ଗୁଣ୍ଡିଲୋ ଗ୍ରାମ ହନୁମାନ ମନ୍ଦିରରେ ମେଳା ହେଉଥିଲା। ସେଠାରେ ଥାନା ଅଞ୍ଚଳର ଜଣେ ୯ ବର୍ଷୀୟା ନାବାଳିକା ତାଙ୍କ ସାଙ୍ଗମାନଙ୍କ ସହ ଖେଳୁଥିଲେ। ଏହି ସମୟରେ ଅଞ୍ଚଳର ଦିଲୀପ କୁମାର ପ୍ରଧାନ ଓରଫ ଗାଣ୍ଡୁ(୨୧) ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଘରକୁ ଫେରି ନାବାଳିକା ତାଙ୍କ ପରିବାର ନିକଟରେ ସବୁକଥା କହିଥିଲେ। ଏହା ପରଦିନ ଧର୍ମଶାଳା ଥାନାରେ ନାବାଳିକାଙ୍କ ବାପା ଲିଖିତ ଏତଲା ଦେଇଥିଲେ। ପୋଲିସ ନଂ.୧୬୧/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୦ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଓଲକଣା ମେଲଣ କମିଟିର ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ଠାକୁର ବାଡ଼ିଆ ସଂଘର କର୍ମକର୍ତ୍ତା ।

**ଚଣ୍ଡିଖୋଲ,୧୪।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ପୁରାଣ ପ୍ରସିଦ୍ଧ ଓଲକଣା ମେଲଣ ନିମନ୍ତେ ଠାକୁର ବାଡ଼ିଆ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବଡ଼ଚଣା ବ୍ଲକ ଅନ୍ତର୍ଗତ ଲଙ୍ଗୁଳୀ ମଠ ପରିସରରେ ଓଳାଶୁଣୀ ମଠ ମହନ୍ତ ନାମାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମେଲଣକୁ ଆସୁଥିବା ବିମାନ କିପରି ଶାନ୍ତିଶୃଙ୍ଖଳାର ସହିତ ଆସିବେ ଓ ଲେଉଟାଣି କରିବେ ସେଥିନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସଂଘ ସଂଯୋଜକ ରତିକାନ୍ତ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ପୂର୍ବବର୍ଷର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହନ୍ତ ପର୍ଶୁରାମ ଦାସ, ମହନ୍ତ ସୁଧାକର ଦାସ, ମକର ପ୍ରଧାନ, କରୁଣାକର କର, ବିଜୟ କୁମାର ମଲ୍ଲିକ, ନରେନ୍ଦ୍ର ଓଝା, ବିଚିତ୍ର ନନ୍ଦ ବିହାରୀ, ରମାକାନ୍ତ ଦାସ, ପ୍ରଦ୍ୟୁମ୍ନ ପଣ୍ଡା, ଶ୍ରୀକାନ୍ତ ସାମଲ, ଲାଲ ବିହାରୀ ଦାସ, ନିରଞ୍ଜନ ଦାସ, ଗୋବିନ୍ଦ ଚନ୍ଦ୍ର ଦାସ, ସୀତାରାମ ଅଧିକାରୀ, ରାଜ କିଶୋର ମଲ୍ଲ, ମଧୁସୂଦନ ଦାସ ପ୍ରମୁଖ ବହୁ ଠାକୁର ବାଡ଼ିଆ କର୍ମକର୍ତ୍ତା ଯୋଗଦେଇ ମତ ବିନିମୟ କରିଥିଲେ। କିପରି ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିବ ସେଥିନେଇ ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଲଳିତଗିରି ଠାକୁରଙ୍କ ମୁଖ୍ୟ ସହଯୋଗୀ ସାମ୍ବାଦିକ ବେବର୍ତ୍ତା ଅଜୟ ବଲ୍ଲଭ ଦାସ ଅସୁସ୍ଥ ଥିବାରୁ ସମସ୍ତେ ତାଙ୍କ ଲଳିତଗିରି ବାସଭବନରେ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିଥିଲେ। ପ୍ରଶାନ୍ତ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

# ଏନ୍‌ସି କଲେଜ ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ

**ଯାଜପୁର ଟାଉନ,୧୪।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଏନ୍‌ସି ସ୍ୱୟଂଶାସିତ ମହାବିଦ୍ୟାଳୟ (କଲେଜ) ପରିସରରେ ଜଣେ ଛାତ୍ରଙ୍କୁ କେତେଜଣ ଅଣଛାତ୍ର ମାଡ଼ମାରିଥିବା ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ଛାତ୍ର ହେଲେ ଯୁକ୍ତ୩ କଳା ବିଭାଗର ସୌରଭ ସେଠୀ। ସୌରଭ କଲେଜରେ ସାଙ୍ଗମାନଙ୍କ ସହ କଥା ହେଉଥିବା ସମୟରେ ଅଣ ଛାତ୍ର ମନମୋହନ ସ୍ୱାଇଁ, ପୁପୁନ୍, ଯୁକ୍ତ ୩ ବାଣିଜ୍ୟ ବିଭାଗ ଛାତ୍ର ବିରଞ୍ଚି ନାରାୟଣ କର ଓ ଅନ୍ୟ ୨ଜଣ ଅଣଛାତ୍ର ହଠାତ୍ ସୌରଭଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ରଡ୍‌ରେ ବାଡ଼େଇଥିଲେ। ତାଙ୍କ ବେକକୁ ଚିପି ମାରିଦେବାକୁ ଉଦ୍ୟମ କରୁଥିବା ସମୟରେ କଲେଜର ସିକ୍ୟୁରିଟିଗାର୍ଡ ଦୌଡି ଆସି ସେମାନଙ୍କ କବଳରୁ ସୌରଭଙ୍କୁ ଉଦ୍ଧାର କରିଥିଲେ। ସୌରଭଙ୍କ ବାପା କଲେଜରେ ପହଞ୍ଚି ଅଧ୍ୟକ୍ଷଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ ମଧ୍ୟ ଅଧ୍ୟକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ତେଣୁ ବାଧ୍ୟ ହୋଇ ସୌରଭ ଯାଜପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବ୍ଲକ୍‌ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ



ବୈଠକରେ ଯୋଗଦେଇଥିବା ଯାଜପୁର ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ କର୍ମକର୍ତ୍ତା ।

**ଯାଜପୁର ଟାଉନ,୧୪।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ବ୍ଲକ୍ ଚଇନପୁରସ୍ଥିତ ସୁଦର୍ଶନ ପାଢୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦାମୋଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଯାଜପୁର ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା, ବ୍ଲକସ୍ତରର କର୍ମକର୍ତ୍ତା, ବରିଷ୍ଠ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ରାଜ୍ୟ ସରକାର ଦୀର୍ଘବର୍ଷ ହେଲା ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ପେନ୍‌ସନ ଓ ଅନ୍ୟାନ୍ୟ ସର୍ତ୍ତାବଳୀରୁ ବଞ୍ଚିତ କରିଥିବା ଅଭିଯୋଗ କରିଥିଲେ। ପରେ ଜିଲାର ସାମ୍ବିଧାନିକ କାର୍ଯ୍ୟକ୍ରମକୁ ସମ୍ପାଦନ କରାଯାଇଥିଲା। ରାଜ୍ୟ ସମ୍ପାଦକ ଅଶୋକ ଲେଙ୍କା, ସଂଯୋଜକ ଅକ୍ଷୟ ଖଣ୍ଡାଇ, ଜିଲାର ପୂର୍ବତନ ସଭାପତି ହରିଶଚନ୍ଦ୍ର ମହାରଣା, ଅନିଲ ରାୟ, ବୃଷଭାନୁ ଜେନା, ଯୁଗଳ କିଶୋର ସାହୁ, ଆର୍ଯ୍ୟ ନାରାୟଣ ପଣ୍ଡା, ସତ୍ୟଭୂଷଣ ବାରିକ, ରାଜକିଶୋର ପୋଥାଳ, ଗୋପୀନାଥ ମିଶ୍ର, ବିଦ୍ୟାଧର ଜେନା, ରମାକାନ୍ତ ଭଞ୍ଜ, ମାନସ ରଞ୍ଜନ ଦେବତା, ଜନ୍ମେଜୟ ତ୍ରିପାଠୀ ପ୍ରମୁଖ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବିଧାନିକ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଅନିଲ ରାୟ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟନାରାୟଣ ପଣ୍ଡା, ଉପସଭାପତି ମାନସ ରଞ୍ଜନ ଦେବତା, ଅଚ୍ୟୁତାନନ୍ଦ ପରମାଣିକ, ସମ୍ପାଦକ ବୃଷଭାନୁ ଜେନା, ସହସମ୍ପାଦକ ସତ୍ୟଭୂଷଣ ବାରିକ, ଏସ୍‌କେ ତାଜଉଦ୍ଦିନ, ଯୁଗ୍ମ ସମ୍ପାଦକ ଗୋପୀନାଥ ମିଶ୍ର, କୋଷାଧ୍ୟକ୍ଷ ରାଜକିଶୋର ପୋଥାଳ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଅକ୍ଷୟ ଖଣ୍ଡାଇ, ଉପଦେଷ୍ଟା ମଣ୍ଡଳୀରେ ହରିଶ୍ଚନ୍ଦ୍ର ମହାରଣା, ଯୁଗଳ କିଶୋର ସାହୁ, ରମାକାନ୍ତ ଭଞ୍ଜ, ବିଦ୍ୟାଧର ଜେନା, ଗୌରାଙ୍ଗ ଚରଣ ସ୍ୱାଇଁ, କିଶୋର ଚନ୍ଦ୍ର ଜେନା, ହେମନ୍ତ କୁମାର ସାହୁ ଓ କ୍ଷୀରୋଦ କୁମାର ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ। ପରେ ନୂତନ କର୍ମକର୍ତ୍ତା ରାଜ୍ୟ ସମ୍ପାଦକଙ୍କ ଦ୍ୱାରା ଶପଥ ପାଠ କରିଥିଲେ।

# ବିହାର ବସ୍ ଦୁର୍ଘଟଣା ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

**ଭୋଗରାଇ, ୧୪। ୨( ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱରରୁ ୭୦ଜଣ ଯାତ୍ରୀଙ୍କୁ ନେଇ ପ୍ରୟାଗରାଜ ମହାକୁମ୍ଭରେ ବୁଡ଼ ମାରିବାକୁ ଯାଉଥିବା ଶ୍ରୀରାମଜୀ ବସ୍ ବିହାର କେମୁର ଜିଲା ମଠାନୀଠାରେ ଗତ ବୁଧବାର ମଧ୍ୟରାତ୍ରିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୨ଜଣ ଯୁବକଙ୍କ ଅବସ୍ଥା ଗୁରୁତର ହୋଇ ୟୁପି ବାରାଣସୀ ଏକ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ସକାଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଭୋଗରାଇ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ସୁବାସ ବେହେରା (୪୫)। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟ ଜଣେ ଯୁବକ ଫୁଲବଣୀ ଗ୍ରାମର ବାପି ସାସମଲ( ୩୫) ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶୁକ୍ରବାର କେତେକ ଯାତ୍ରୀ ଆହତ ଅବସ୍ଥାରେ ଘରେ ପହଞ୍ଚିଥିବା ବେଳେ ଅନ୍ୟମାନେ ରାତିରେ ସେଠାରୁ ବାହାରିଥିବା ସୂଚନା ମିଳିଛି।

# ଗ୍ରାମସଭାକୁ ନେଇ ଗାଁ ଚଳଚଞ୍ଚଳ

**ଲୋକଙ୍କ ସ୍ୱରକୁ ଗୁରୁତ୍ୱ**

**ରସୁଲପୁର,୧୪।୨(ରଞ୍ଜିତ ରାଉତ):**


ଗ୍ରାମସଭାରେ ଯୋଗଦେଇଥିବା ଲୋକେ ।

ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ଶୁକ୍ରବାର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ପରେ ଗ୍ରମସଭାକୁ ନେଇ ପୁଣି ଗାଁ ଚଳଚଞ୍ଚଳ ହୋଇଉଠିଛି। ଗ୍ରାମସଭା ଜରିଆରେ ଗ୍ରାମର ଉନ୍ନତିକୁ ଗୁରୁତ୍ୱ ଦିଆଯିବା ସହ ଜନସାଧାରଣଙ୍କ ସାମାଜିକ ସ୍ଥିତିରେ ସୁଧାର ଆଣିବା ଓ ପଞ୍ଚାୟତର ଆୟରେ ବୃଦ୍ଧି ଘଟାଇବା ଲକ୍ଷ୍ୟ ନେଇ 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା ପାଇଁ ଗାଁ ଲୋକଙ୍କ ସହମତିରେ ପ୍ରକଳ୍ପ ଚୟନ କରାଯାଇଛି। ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇ ଗାଁର ବିକାଶ କରାଯିବ ବୋଲି ସଭା ଜରିଆରେ ସୂଚନା ଦିଆଯାଇଛି।

ଗତ ୫ ତାରିଖରେ 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନାକୁ ସରକାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଯୋଜନା ଜରିଆରେ ଗାଁର ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ପ୍ରକଳ୍ପ ଚୟନ କରାଯିବ। ଗ୍ରାମସଭା ଜରିଆରେ ପଞ୍ଚାୟତରେ ଥିବା ସରକାରୀ ସମ୍ପତ୍ତି ଯଥା; ପୁଷ୍କରିଣୀ, ହାଟ, ଘାଟ, କାଞ୍ଜିଆହୁଦା, ଜଙ୍ଗଲ, ତୋଟା ଆଦିର ଉନ୍ନତୀକରଣ କରିବା, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଆଦିର ଭିତ୍ତିଭୂମି ସଜାଡ଼ିବା, ରାସ୍ତାଘାଟ ନିର୍ମାଣ, ପାନୀୟଜଳ ସମସ୍ୟା ଦୂରକରିବା, ସାମୂହିକ ସ୍ୱାସ୍ଥ୍ୟସେବାର ଉନ୍ନତି, ଗୋ, ମତ୍ସ୍ୟ, କୁକୁଡା, ଘୁଷୁରୀ, ବତକ ଭଳି ପ୍ରାଣୀ ସମ୍ପଦର ବିକାଶ, କୃଷିର ବିକାଶ, ଧାର୍ମିକ ପୀଠ ଓ ସାମୂହିକ ବ୍ୟବହାରିକ ସ୍ଥାନର ଉନ୍ନତିକରଣ, ବ୍ୟବସାୟୀଙ୍କୁ ସହଯୋଗୀ ମୂଳକ ପ୍ରକଳ୍ପ ଆଦି ଚୟନ ଉପରେ ଗୁରୁତ୍ୱ ଦିଆଯାଇ ପଞ୍ଚାୟତ ତରଫରୁ ଗ୍ରାମସଭା ଆୟୋନଜ ପାଇଁ ନୋଟିସ ଜାରି କରାଯାଇଥିଲା। ଉକ୍ତ ନୋଟିସ ମୁତାବକ ପ୍ରତ୍ୟେକ ଗାଁରୁ ଜନପ୍ରତିନିଧି, ଜନସାଧାରଣ ପଞ୍ଚାୟତ ମୁହାଁ ହୋଇଥିଲେ। ସଭାରେ ଗାଁର ସମସ୍ୟା ସମ୍ବଳିତ ପ୍ରକଳ୍ପ ତାଲିକା ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ତାଲିକା ଅନୁଯାୟୀ ଗ୍ରାମସଭା ପ୍ରୋସିଡିଂ ଲେଖାଯାଇ ବ୍ଲକରେ ଉପସ୍ଥାପନ କରାଯିବ। ବ୍ଲକ ପକ୍ଷରୁ ଏକ ସ୍କ୍ରିନିଂ କମିଟି ଗଠନ କରାଯାଇ ପ୍ରକଳ୍ପର କାର୍ଯ୍ୟକାରିତା ଓ ଉପଯୋଗିତାକୁ ଯାଞ୍ଚ କରାଯାଇ ଚୂଡ଼ାନ୍ତ କରାଯିବ ବୋଲି ସଭା ଜରିଆରେ ସୂଚନା ଦିଆଯାଇଥିଲା। ବିଭିନ୍ନ ଗାଁରୁ ଆସିଥିବା ପ୍ରକଳ୍ପର ତ୍ୱରିତ କାର୍ଯ୍ୟକାରିତାକୁ ନେଇ ଆଶାବାଦୀ ଅଛନ୍ତି। ଆଗକୁ ଗ୍ରାମସଭା ଓ ଚୟନ ହୋଇଥିବା ପ୍ରକଳ୍ପଗୁଡିକ ବାସ୍ତବକ୍ଷେତ୍ରରେ କେତେ ଫଳପ୍ରଦ ହେଉଛି ତାହା ସମୟ କ୍ରମେ ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

# ପାରମ୍ପରିକ ବାଦ୍ୟରେ ବିମାନ ମେଳଣ ପଡ଼ିଆକୁ ଆସିବ

## ଓଳକଣା ମେଳଣ ପାଇଁ ପ୍ରସ୍ତୁତି ବୈଠକ

ଡେରାବିଶ,୧୪।୨ (ବେବର୍ତ୍ତା ଅଜୟ ଦାସ)



ବୈଠକରେ ଓଳକଣା ମେଳଣ କମିଟିର ସଦସ୍ୟମାନେ।

ପ୍ରସିଦ୍ଧ ଓଳକଣା ମେଳଣ ଆସନ୍ତା ମାର୍ଚ୍ଚ ୧୩ରେ ଅନୁଷ୍ଠିତ ହେବ। ଏଥିପାଇଁ ମେଳଣ ସମନ୍ୱୟ କମିଟି ପକ୍ଷରୁ ସ୍ଥାନୀୟ ନଗୁଳି ମଠରେ ଶୁକ୍ରବାର ପ୍ରସ୍ତୁତି ବୈଠକ ହୋଇଯାଇଛି। କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀ ଓଳକଣାରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳଣ ପାଇଁ ଉଭୟ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ। ତେବେ ଏହି ପ୍ରସ୍ତୁତି ବୈଠକରେ ସମନ୍ୱୟ କମିଟି ସଭାପତି ଡ. ନାମାନନ୍ଦ ଦାଶ ଅଧ୍ୟକ୍ଷତା କରିଥିଲେ। ବୈଠକରେ କମିଟିର ମୁଖ୍ୟ ସଂଯୋଜକ ରତିକାନ୍ତ ସାମଲ ବିଗତବର୍ଷ ମେଳଣରେ ସମସ୍ତ ଠାକୁରବାଡ଼ି ସେବକ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କ ସହ ଯୋଗକ୍ରମେ ଶୃଙ୍ଖଳାର ସହ ମେଳଣ ସମାପନ ହୋଇଥିବା କହିଥିଲେ। ସେହିପରି ଚଳିତ ବର୍ଷ ମେଳଣକୁ ଅଧିକ ଶୃଙ୍ଖଳିତ କରିବା ଉପରେ ସଭାପତିଙ୍କ ନିବେଦନକ୍ରମେ ଉପସ୍ଥିତ ଠାକୁରବାଡି ସେବକ ପ୍ରତିନିଧିମାନେ ନିଜ ନିଜର ମତ ରଖିଥିଲେ। ପାରମ୍ପରିକ ରୀତିନୀତି ଓ ବିଧି ବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ଏହି ମେଳଣକୁ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୨୦ରୁ ଊର୍ଦ୍ଧ୍ୱ ବିମାନ ଆସିଥାନ୍ତି। ପଡ଼ିଆରେ ସେହିଦିନ ଶ୍ରଦ୍ଧାଳୁଙ୍କ ଗହଳିକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ରାପଡ଼ା ଓ କଟକ ଜିଲା ପ୍ରଶାସନକୁ ସହଯୋଗ ପାଇଁ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ସାକ୍ଷାତ ଆଲୋଚନା କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ମେଳଣ ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ପକ୍ଷରୁ ପିଇବା ପାଇଁ ବ୍ୟାପକ ବ୍ୟବସ୍ଥା କରିବା ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ବିଶେଷ କରି ଡେରାବିଶ ଓ ଭଦ୍ରେଶ୍ୱର ଥାନା ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିରେ ସୁପରିଚାଳନ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ପାଇଁ ପ୍ରଶାସନ ନିକଟରେ ଅନୁରୋଧ କରାଯିବା ପାଇଁ ସ୍ଥିରିକୃତ ହୋଇଥିଲା। ତେବେ ପଡିଆ ମଧ୍ୟକୁ ଚାରି ଦ୍ୱାରା ଦେଇ ଆସୁଥିବା ବିମାନ ଶୋଭାଯାତ୍ରାରେ କେବଳ ପାରମ୍ପରିକ ବାଦ୍ୟ ସହ ଘଣ୍ଟ ସଂକୀର୍ତ୍ତନ ମଧ୍ୟରେ ପଡ଼ିଆ ମଧ୍ୟକୁ ବିମାନଗୁଡ଼ିକ ପ୍ରବେଶ କରିବାକୁ ସଭାପତି ଡ. ଦାଶ ନିବେଦନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ଡେରାବିଶ ବ୍ଲକ ରାଜନଗର ଓ ଡେରାବିଶରୁ ଆସୁଥିବା ଆଳି ରାଜା ଓ ରାଣୀଙ୍କ ରାଧାକୃଷ୍ଣ ଓ ମା' ଲକ୍ଷ୍ମୀଙ୍କ ବିମାନ ନିର୍ଦ୍ଦିଷ୍ଟ ସମୟରେ ପଡ଼ିଆରେ ଉପବେଶନ କରାଇବାକୁ ସମ୍ପୃକ୍ତ ଠାକୁରବାଡିର ସେବକ ପ୍ରତିନିଧିମାନେ ଧ୍ୟାନ ଦେବାକୁ ଅନୁରୋଧ କରାଯାଇଥିଲା। ମେଳଣ ଦିନ ବ୍ରାହ୍ମ ମୁହୂର୍ତ୍ତରେ କଟକ ଜିଲା ଭଦ୍ରେଶ୍ୱର ମନ୍ଦିରରୁ ଆସୁଥିବା ଶିବଶକ୍ତିଙ୍କ ବିମାନ ପହଞ୍ଚିବା ସହ ଭକ୍ତ ବିଦୂରଙ୍କ ମନ୍ଦିରକୁ ଯାଉଥିବା ଆଳତିକୁ ଉପସ୍ଥିତ ଶ୍ରଦ୍ଧାଳୁମାନେ କିପରି ଶୃଙ୍ଖଳାର ସହ ଦର୍ଶନ କରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ କମିଟି ଉପସଭାପତି ବିଜୟ କୁମାର ମଲ୍ଲିକ, କରୁଣାକର କର, ଅଧିକାରୀ ସୁଧାକର ଦାସ, ମକର ଚନ୍ଦ୍ର ପ୍ରଧାନ, ପ୍ରଦ୍ୟୁମ୍ନ ପଣ୍ଡା, ବୀରବର ପ୍ରଧାନ, ପ୍ରଶାନ୍ତ କୁମାର ସିଂହ, କ୍ଷୀରୋଦ କୁମାର ମହାରଣା, ଅଧିକାରୀ ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ସାମଲ, ଅଶୋକ କୁମାର ସାମଲ, ରାଜକିଶୋର ମଲ୍ଲ, କ୍ଷୀରୋଦ ବିହାରୀ, ଗୌତମ ମିଶ୍ରଙ୍କ ସମେତ ବହୁ ଠାକୁରବାଡି ସେବକ ପ୍ରତିନିଧି ଉପସ୍ଥିତ ଥିଲେ। ରମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ଅନନ୍ୟ ପରମ୍ପରାର ପ୍ରତୀକ ହରିହରଙ୍କ ମିଳନ ଓ ମା' ଲକ୍ଷ୍ମୀଙ୍କ ବିମାନ ପାଇଁ ରାଜ୍ୟରେ ଏହି ମେଳଣ ପ୍ରସିଦ୍ଧି ଲାଭ କରିଛି।

# ସଡ଼କ ଦୁର୍ଘଟଣାରେ ୧୮ ଘଣ୍ଟାରେ ୨ ଯୁବକ ମୃତ

## ଖୋଲା-ଭିତରକନିକା ରାସ୍ତା ମରଣଯନ୍ତା

ରାଜନଗର, ୧୪।୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର-ଡାଙ୍ଗମାଳ ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନିରେ ଦୀର୍ଘ ୨ବର୍ଷ ହେଲା ମନ୍ଥର ଗତିରେ ରାସ୍ତା କାମ ଚାଲିଛି। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ୧୮ ଘଣ୍ଟା ମଧ୍ୟରେ ୨ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗର ଥାନା ମହୁଲିଆ ପଞ୍ଚାୟତ ବାଘତେଲା ଗାଁର ସର୍ବେଶ୍ୱର ଜେନାଙ୍କ ଭାଇଙ୍କ ଝିଅର ବାହାଘର ଡାଙ୍ଗମାଳର ମା' ଜୟଦୁର୍ଗାଙ୍କ ପୀଠରେ ହେଉଥିଲା। ବାହାଘର ସାରିବା ପରେ ସର୍ବେଶ୍ୱରଙ୍କ ପୁଅ ଆକାଶ ଜେନା (୨୨) ଗୁରୁବାର ରାତି ୯ ଟାରେ ଘରକୁ ଫେରୁଥିଲେ। ବରାଡିଆ ନିକଟରେ ରାସ୍ତାର ଗୋଟିଏ ପାର୍ଶ୍ୱ ଢ଼ଳେଇ କାମ ହୋଇଥିବାବେଳେ କୌଣସି ସୂଚନା ଫଳକ ଲାଗି ନ ଥିଲା। ସେଠାରେ ବାଇକ୍ ବାଡେଇ ହୋଇଥିଲା। ଫଳରେ ଆକାଶଙ୍କ ଗୋଡ଼ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଭଉଣୀଙ୍କ ସବାରି ଉଠୁଥିବା ବେଳେ ଏପଟେ ଭାଇଙ୍କ ମୃତ୍ୟୁ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମଅତଦେହକୁ ବ୍ୟବଚ୍ଛେଦ ଲାଗି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ରାଜନଗର ଥାନାରେ ନଂ. ୫୧/୨୫ରେ ମାମଲା ରୁଜୁ ହୋଇଛି।

ସେହିପରି ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ଖମାରସାହି ପଞ୍ଚାୟତ ରାଜେନ୍ଦ୍ରନାରାୟଣପୁର ଗାଁର ଦିବାକର ମଣ୍ଡଳ (୩୫) ତାଳଚୁଆରୁ ବାଇକ୍ ଯୋଗେ ଶୁକ୍ରବାର ଅପରାହ୍ନ ୩ଟାରେ ଘରକୁ ଫେରୁଥିଲେ। ଏହି ରାସ୍ତାର ନଳିତାପାଟିଆ ନିକଟରେ ଏକ ଘରୋଇ ହୋଟେଲ ସମ୍ମୁଖରେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦିବାକରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଦିବକରଙ୍କୁ ମୃତ ଘୋଷଣା କରିଥିଲେ। ଦିବାକର ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବୋଟ ସେବା ଯୋଗାଇ ଆସୁଥିଲେ। ପୋଲିସ ମୃତଦେହକୁ ଜବତ କରିଛି। ପରିବାର ଲୋକ ଆସି ନ ଥିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଆଞ୍ଚଳିକ ସାଧନ କେନ୍ଦ୍ରରେ ନିପୁଣ ଓଡ଼ିଶା ମେଳା

ରାଜନଗର, ୧୪।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବରଗାଁ ମାଟିଆ ମଙ୍ଗଳା କ୍ଲଷ୍ଟରର ଜରିମୂଳ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଅମର କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ଜରିମୂଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶାଲତା ରାଉତ, ବାରଗାଁ ମାଟିଆ ମଙ୍ଗଳା ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ପାତ୍ର, କୁସୁନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଙ୍ଗାଧର ଜେନା ପ୍ରମୁଖ ଯୋଗଦେଇ ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରଥମରୁ ୩ୟ ଶ୍ରେଣୀର ଛାତ୍ରୀଛାତ୍ର ଓ ଉପସ୍ଥିତ ଅଭିଭାବକମାନଙ୍କୁ ବୁଝାଇଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ ନିଜସ୍ୱ କବିତା ପାଠ କରିଥିଲେ। ଏହି କ୍ଲଷ୍ଟରର ୧୩ ଟି ବିଦ୍ୟାଳୟର ୧୩୦ଜଣ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ। ଶିକ୍ଷକ ରଙ୍ଗାଧର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।




ନିପୁଣ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ସମ୍ମାନ, ଭକ୍ତି ବିଦ୍ୟାର୍ଥୀର ଅସଲ ପରିଚୟ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ବିଶୋକ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଡେରାବିଶ,୧୪।୨ (ବେବର୍ତ୍ତା ଅଜୟ ଦାସ)

ବହି ପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବିଦ୍ୟା ଅଧ୍ୟୟନର ଉଦ୍ଦେଶ୍ୟ ନୁହଁ। ନିଜ ଚରିତ୍ର ଗଠନ ସହିତ ଉତ୍ତମ ବ୍ୟବହାର ମଣିଷକୁ ସଂସ୍କାରୀର ପରିଚୟ ଦେଇଥାଏ। ଗୁରୁଜନମାନଙ୍କୁ ସମ୍ମାନ ସହ ଭକ୍ତି କରିବା ବିଦ୍ୟାର୍ଥୀଙ୍କ ଅସଲ ପରିଚୟ ବୋଲି ଶୁକ୍ରବାର ବିଶୋକ ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ବିଶୋକ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରବୀନ୍ଦ୍ର ନାଥ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି, ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକ, ଶିକ୍ଷାବିତ୍ ରାଜକିଶୋର ନାୟକ ସମ୍ମାନିତ ଅତିଥି ଓ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ସଚ୍ଚିକାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପାଠପଢ଼ା ସହ ଜଣେ ଜଣେ ସୁନାଗରିକ ଭାବେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରଞ୍ଜିତା ଭଞ୍ଜ ଅତିଥି ପରିଚୟ, ଭଜକୃଷ୍ଣ ଶତପଥୀ ସ୍ୱାଗତ ଭାଷଣ ଓ ପ୍ରଧାନ ଶିକ୍ଷକ ଲଲାଟ କିଶୋର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଆଚାର୍ଯ୍ୟ, ମେନକା କୁମାରୀ ମହାନ୍ତି, ଦେବସ୍ମିତା ବେହେରା, ନିର୍ମଳ ଜେନା, ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ ଶତପଥୀ, ସନ୍ତୋଷ ମଲିକ ଓ ପ୍ରଦୀପ୍ତ ମଲ୍ଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ଓ ଅଭିଭାବକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶେଷରେ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନଗର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ରାଜନଗର, ୧୪।୨(ଭାସ୍କର ରାଉତରାୟ)

ରାଜ୍ୟ ସରକାର ଓଡ଼ିଶାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ। ଏହାକୁ ସଫଳ ରୂପାୟନ ଲାଗି ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଥିଲା। ଶୁକ୍ରବାର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଶ୍ରୀ ସଙ୍ଗୀତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିସଭ୍ୟା ସୁମିତ୍ରା ସେଠୀ, ବାଇଧର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଉଦ୍ଦେଶ୍ୟ ଏବଂ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ, ଗ୍ରାମ୍ୟ ଅର୍ଥନୀତି ଆଗକୁ ବଢ଼ିବ ସହ ଗ୍ରାମାଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ପାଇଁ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି କହିଥିଲେ। ଏହି ଗ୍ରାମସଭାରେ ପଞ୍ଚାୟତର ସଭ୍ୟାସଭ୍ୟ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏଡିଓ ସଂଯୁକ୍ତା ବାରିକ, ବାସୁଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# କର୍କଟ ସଚେତନତା ଶିବିର

ପାରାଦୀପ,୧୪।୨(ଶରତ ରାଉତ)

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ହସ୍ପିଟାଲରେ ଗୁରୁବାର କର୍କଟ ରୋଗ ଓ ଏହାର ପ୍ରତିକାର ସମ୍ପର୍କିତ ଟିକାକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସିଏମ୍‌ଓ ଡାକ୍ତର ବି.ବି. ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ହେଉଥିବା କର୍କଟ ରୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ତନ, ସର୍ଭାଇକାଲ, ସାମାଜିକ କୁଷ୍ଠା, ପ୍ରାରମ୍ଭିକ ଲକ୍ଷଣ ସମୟରେ ଚିକିତ୍ସା କଲେ ଏହି ରୋଗରୁ ଦୂରେଇ ହେବ ବୋଲି ବିଶେଷଜ୍ଞ ଡାକ୍ତରମାନେ କହିଥିଲେ। ପାରାଦୀପ ବନ୍ଦରାଞ୍ଚଳର ମହିଳା ଓ ପୁରୁଷ ଏଥିରେ ଅଂଶଗ୍ରହଣ କରିଥିଲେ।



କର୍କଟ ରୋଗ ସମ୍ବନ୍ଧରେ ବନ୍ଦରାଞ୍ଚଳର ମହିଳା ଓ ପୁରୁଷମାନଙ୍କୁ ସଚେତନ କରାଯାଉଛି।

# କେନ୍ଦ୍ରାପଡ଼ାରେ ଶିଳ୍ପ ପ୍ରୟାସ ଜାରି ରହିଛି

କେନ୍ଦ୍ରାପଡ଼ା,୧୪।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜ୍ୟର ଏକ ଶିଳ୍ପ କରିଡର ହେବ। ଜିଲାର ଆର୍ଥିକ ବିକାଶ ପାଇଁ ଏହା ଜରୁରୀ ବୋଲି କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ଶୁକ୍ରବାର ମତ ରଖିଛନ୍ତି। ସହରର ଗରାପୁରସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଦଳୀୟ କାର୍ଯ୍ୟକ୍ରମରେ ଅପରାହ୍ନରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ସେ ଏହା କହିଛନ୍ତି। ସେ କହିଛନ୍ତି, କେନ୍ଦ୍ରାପଡ଼ାକୁ ରାଜ୍ୟର ଏକ ବିକଶିତ ଜିଲାରେ ପରିଣତ ପାଇଁ ସେ ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ଜିଲାରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ହରିଦାସପୁର-ପାରାଦୀପ ରେଳପଥକୁ ଦୋହରିକରଣ କରାଯିବ। ଜିଲାରେ ଶିଳ୍ପ କାରଖାନା ନ ଥିବାରୁ କର୍ମ ଅନ୍ୱେଷଣରେ ଯୁବକମାନେ ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଉଛନ୍ତି। ଫଳରେ ଜିଲାର ଅର୍ଥନୀତି ଆଶାତୀତ ଭାବେ ଅଭିବୃଦ୍ଧି ଘଟୁନାହିଁ। ମହାକାଳପଡ଼ାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବା ପରେ ଏହି ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିବ। ଦିଲ୍ଲୀ ନିର୍ବାଚନରେ ରାଷ୍ଟ୍ରୀୟ ଉପସଭାପତି ଭାବେ ନିର୍ବାଚନ ପରିଚାଳନାରେ ଏମ୍‌ପି ପଣ୍ଡା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଦଳକୁ ଶାସନ କ୍ଷମତାକୁ ଫେରାଇ ଆଣିବାରେ ସହାୟକ ହୋଇଥିବାରୁ ଦଳ ପକ୍ଷରୁ ଏଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡା, ମହମ୍ମଦ ସଲିମ ଖାନ୍, ଗୀତାଞ୍ଜଳି ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ସୁନାକର ବେହେରା, ତେଜେଶ୍ୱର ପରିଡା, ଉପିନ ରାଉତ, ନେହେରୁ ସାହୁ, ଧର୍ମଦର୍ଶୀ କର ପ୍ରମୁଖ ଉପସ୍ଥିତ ଥିଲେ।

# ହିସାବ ରକ୍ଷକ, ସଂଯୋଜକଙ୍କ ଆନ୍ଦୋଳନ ଜାରି

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ବ୍ୟାହତ

ଡେରାବିଶ,୧୪।୨ (ବେବର୍ତ୍ତା ଅଜୟ ଦାସ)




ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୨୯ଠାରୁ ହିସାବରକ୍ଷକ ଓ ସଂଯୋଜକ ଆନ୍ଦୋଳନରେ ଥିବା ବେଳେ କାର୍ଯ୍ୟ ବ୍ୟାହତ ହୋଇଛି। କାର୍ଯ୍ୟାଳୟରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ-ସପୋର୍ଟଷ୍ଟାଫ (ହିସାବ ରକ୍ଷକ) ଏବଂ ଏମ୍ଆଇଏମ୍‌କମ୍ ପ୍ଲାନିଂ କୋଅର୍ଡିନେଟର (ସଂଯୋଜକ) ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୪-୨୫ ଶିକ୍ଷାବର୍ଷର ଗୁରୁତ୍ୱପୂର୍ଣ୍ଣ ସମୟରେ ଆନ୍ଦୋଳନ ଯୋଗୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟ ବ୍ୟାହତ ହେଉଛି। ଚଳିତବର୍ଷ ଡିଜିଟାଲ ମାଧ୍ୟମରେ ସମସ୍ତ ଶିକ୍ଷାର ଅର୍ଥ ନେଣଦେଣ ପ୍ରକ୍ରିୟା ଚାଲିଥିବା ବେଳେ ହିସାବରକ୍ଷକଙ୍କ ଆନ୍ଦୋଳନ ଗୁରୁତର ସମସ୍ୟା ସୃଷ୍ଟି କରିଛି। ସେମାନଙ୍କ ଅସହଯୋଗରୁ କାର୍ଯ୍ୟରତ ଶିକ୍ଷାସହାୟକ(ସିମେଟିକ୍) ଓ ଗଣଶିକ୍ଷକମାନେ ଦୁଇମାସ ହେଲା ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟାଳୟକୁ ଆସୁଥିବା ଉନ୍ନୟନମୂଳକ ତଥା ବିଭିନ୍ନ ଯୋଜନାର ଅର୍ଥ ଖର୍ଚ୍ଚ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ତେବେ ହିସାବରକ୍ଷକଙ୍କ କାର୍ଯ୍ୟ ବନ୍ଦ ଯୋଗୁ ବିଦ୍ୟାଳୟଗୁଡିକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମଗ୍ର ଶିକ୍ଷା ସଫଳ ରୂପାୟନରେ ସଂଯୋଜକ ଓ ହିସାବରକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଥିବାରୁ ସେମାନଙ୍କ ଦାବିପୂରଣ ପାଇଁ ସରକାର ଦୃଷ୍ଟିଦେବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

# ଶ୍ରୀଧର ରାଉତ ଭିନ୍ନକ୍ଷମ ବାର୍ଷିକ ମେଧାବୃତ୍ତି ପ୍ରଦାନ

କେନ୍ଦ୍ରାପଡ଼ା, ୧୪।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁର୍ନବାସ ପକ୍ଷରୁ ଶ୍ରୀଧର ରାଉତ ଭିନ୍ନକ୍ଷମ ବାର୍ଷିକ ଛାତ୍ର ମେଧାବୃତ୍ତି ଗୁରୁବାର ପ୍ରଦାନ କରାଯାଇଛି। ଚଳନ ଶକ୍ତି ବାଧିତ ବିଶାଳ ରଞ୍ଜନ ସାହୁ, ବୌଦ୍ଧିକ ଅନଗ୍ରସର ଛାତ୍ର ଚିନ୍ମୟ କୁମାର ସେନାପତି, ଦୃଷ୍ଟିବାଧିତ ଛାତ୍ରୀ ଲିସାରାଣୀ ପଲାଇ ଓ ଛାତ୍ର ଭୀଷ୍ମ କୁମାର ଦାସଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ବିରଜା କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଏମ ନିଲୁ ମହାପାତ୍ର, ଶିକ୍ଷାବିତ୍ ଅଭୟ ବେହେରା, ନନ୍ଦ କିଶୋର ପରିଡା, ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, କବି ଅପର୍ଣ୍ଣା ମହାନ୍ତି, ଅରବିନ୍ଦ ରାଉତରାୟ ଓ କେମ ସଭାପତି ଅକ୍ଷୟ ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଭିନ୍ନକ୍ଷମତା ସହିତ ଆର୍ଥିକ ଅନଗ୍ରସରତା ଉଚ୍ଚ ଶିକ୍ଷା ପାଇଁ ଏକ ପ୍ରତିବନ୍ଧକ। ଏଥିପାଇଁ ବିଭିନ୍ନ ସମୟରେ ଭିନ୍ନକ୍ଷମମାନେ ପାଠ ପଢ଼ା ବନ୍ଦ କରିବାକୁ ପଡିଥାଏ। ଶ୍ରୀଧର ରାଉତ ମେଧାବୃତ୍ତି ଛାତ୍ର ଜୀବନର ଆର୍ଥିକ ଅଭାବକୁ କିଛି ପରିମାଣରେ ଦୂର କରିପାରିଛି ବୋଲି ଅତିଥିମାନେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୁର୍ନବାସ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ।





ଭିନ୍ନକ୍ଷମମାନଙ୍କୁ ଅତିଥିମାନେ ମେଧାବୃତ୍ତି ପ୍ରଦାନ କରୁଛନ୍ତି।

## ଛୋଟପିଲା, ବୃଦ୍ଧାବୃଦ୍ଧ, ଶ୍ୱାସରୋଗୀ ଅଣନିଃଶ୍ୱାସୀ

# ଇଟାଭାଟି ଧୂଆଁରେ ଲୋକେ କଲବଲ

ପଟ୍ଟାମୁଣ୍ଡାଇ, ୩୦।୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳରେ ବେଆଇନ ଇଟାଭାଟି ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ସରକାରୀ ଆଇନକୁ ଖୋଲା ଉଲ୍ଲଂଘନ କରି ଏସବୁ ଇଟାଭାଟି ଚାଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମାଟିଇଟା ଭାଟି ପୋଡ଼ା ଯୋଗୁ ଅଞ୍ଚଳ ଧୂଆଁମୟ ହୋଇଯିବାରୁ ଲୋକେ କଲବଲ ହେଉଛନ୍ତି। ଛୋଟପିଲା, ବୃଦ୍ଧାବୃଦ୍ଧ, ଶ୍ୱାଶ ଓ ହୃଦ୍‌ରୋଗୀ ଧୂଆଁରେ ଅଣନିଃଶ୍ୱାସୀ ହୋଇପଡ଼ୁଛନ୍ତି। ଶୀତ ଋତୁରେ ଥଣ୍ଡା ଯୋଗୁ ଶ୍ୱାସରୋଗୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ମାତ୍ର ଇଟାଭାଟି ଧୂଆଁ ସଂସ୍ପର୍ଶରେ ଆସି ଦୀର୍ଘଦିନ ଧରି କାଶ ହେଉଥିବା ନେଇ ଅନେକ ଶ୍ୱାସରୋଗୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ବାୟୁ ପ୍ରଦୂଷଣ ଯୋଗୁ ପରିବେଶ ନଷ୍ଟକୁ ହେଉଛି। ସରକାର ନାଲିଇଟା ବନ୍ଦ କରି ଫ୍ଲାଏ ଆଶ୍ ଇଟା ନିର୍ମାଣରେ ଲଗାଇବାକୁ



ପୋଡ଼ା ଯାଉଥିବା ଇଟା ଭାଟିରୁ ଧୂଆଁ ବାହାରୁଛି।

ପ୍ରୋତ୍ସାହନ ଯୋଗାଇଛନ୍ତି। ବେଆଇନ ନାଲି ଇଟାଭାଟି ଯୋଗୁ ଫ୍ଲାଏ ଆଶ୍ ଇଟା ନିର୍ମାତାଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ ସମସ୍ତ ବାଲିମାଟି ଖଣି ଖାଦାନ ଜନିତ ରିପୋର୍ଟ ସରକାରୀ ଭାବେ କେନ୍ଦ୍ରାପଡ଼ା ମାଇନିଂ ବିଭାଗକୁ ହସ୍ତାନ୍ତର କରାଯାଇଛି। ପରିବେଶବିତ ଆର୍ତ୍ତତ୍ରାଣ ପାତ୍ର କହିଛନ୍ତି, ସବୁଜ ପ୍ରାଧୀକରଣର ନିୟମ ଅନୁଯାୟୀ, ବିନା ପଞ୍ଜୀକରଣରେ ଖୋଲିଥିବା ନାଲି ଇଟାଭାଟିଠାରୁ ଜରିମାନା ଆଦାୟ ପାଇଁ ରାଜସ୍ୱ, ଖଣି ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ରହିଛି। କିନ୍ତୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସରକାରଙ୍କ ନିର୍ଦ୍ଦେଶନାମାକୁ ଫୁ କରି ମାଳମାଳ ବେଆଇନ ଇଟାଭାଟି ଚାଲିଛି। ବ୍ରାହ୍ମଣୀ ନଦୀ ପଠାରୁ ଉର୍ବର ପଟୁ ମାଟିକୁ ଖୋଳି ଇଟା ତିଆରି କରି ବିକ୍ରି କରୁଛନ୍ତି। ଇଟାଭାଟି ମାଲିକ ମୃତ୍ତିକା କ୍ଷୟର ମୁଖ୍ୟ ନାୟକ ପାଲଟିଛନ୍ତି। ଧୂଆଁ ଓ ପାଉଁଶ ଯୋଗୁ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ସାମାଜିକ କର୍ମୀ ବିଜୟ ଦାସ, ପ୍ରବୀର ନାୟକ କହିଛନ୍ତି, ଇଟା ପୋଡ଼ିବା ସମୟରେ ଭାଟିରୁ ବାହାରୁଥିବା ଧୂଆଁ ପରିବେଶ ପ୍ରଦୂଷଣ ବୃଦ୍ଧି କରୁଥିବାରୁ ଭାଟି ବନ୍ଦ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ ଇଟାଭାଟି ମାଲିକ ନିୟମକୁ ବେଖାତିର କରି ନିର୍ଭୟରେ ଏହାକୁ ଚଳାଉଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ, କଷଣଅଣ୍ଡା, ତାତନା, ତନୁପୁର, ଷଣ୍ଢପଲ୍ଲୀ, ଅଳଭା ଓ ଦକ୍ଷିଣଦିଆ ସମେତ ଗ୍ରାମାଞ୍ଚଳର ଡାମରପୁର, ବାଲିପାଟଣା, ବାଛରା, କଖାରୁଣୀ, ନରସିଂହପୁର ଅଠରବଟିଆ ସମେତ ଅନ୍ୟାନ୍ୟ ଜାଗାରେ ବେଆଇନ ଇଟାଭାଟିଗୁଡ଼ିକୁ ଚାଲୁଥିଲେ ହେଁ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି।

# ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ନେଇ ଖୋଲିବାକୁ ନିର୍ଦ୍ଦେଶ

■ ଅଢ଼େଇ ମାସ ହେଲା ସ୍କୁଲ ଫାଟକ, କାର୍ଯ୍ୟାଳୟରେ ତାଲା

ନୂଆଗାଁ, ୧୪।୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିମିଳିସାହିଠାରେ ଥିବା ଜାକେଡ଼ା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସ୍କୁଲ ଫାଟକ ଓ କାର୍ଯ୍ୟାଳୟରେ ଦୀର୍ଘ ଅଢ଼େଇ ମାସ ହେଲା ତାଲା ଝୁଲୁଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଅଞ୍ଚଳବାସୀ ଧାରଣା ଦେଇଥିଲେ। ଏହାପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ହୋଇଥିଲା। ତେବେ ସେହିଦିନଠାରୁ ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟାଳୟ ଗୃହ ଓ ଫାଟକରେ ତାଲା ପକାଇ ରଖିଥିବା ଅଭିଯୋଗ ହେଉଛି। ଗୁରୁବାର ଜିଲାପାଳ ଉକ୍ତ ସ୍କୁଲକୁ ପରିଦର୍ଶନରେ ଯାଇ ଘଟଣା ଦେଖିବା ପରେ ମାଜିଷ୍ଟ୍ରେଟଙ୍କୁ ଜଣାଇ ଉକ୍ତ ତାଲା ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଜାକେଡା ଗ୍ରାମପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ବଦଳି କରିବାକୁ ଅଞ୍ଚଳବାସୀ ୨୦୨୪ ନଭେମ୍ବର ୨୬ରେ ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ଘଟଣାର ତଦନ୍ତ କରି ଅଭିଯୋଗର ସତ୍ୟତା ଜାଣିବା ପରେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନତି ତ୍ରିପାଠୀଙ୍କୁ ଅନ୍ୟତ୍ର ବଦଳି କରାଯାଇ ସିଦ୍ଧାର୍ଥ କୁମାର ସାମନ୍ତରାୟଙ୍କୁ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କ ବଦଳି ହେବା ପରେ ରୂପାନ୍ତରିତ ୫-ଟି ସ୍କୁଲ ଫାଟକ ଓ କାର୍ଯ୍ୟାଳୟ ଗୃହରେ ତାଲା ପକାଇ ରଖିଛନ୍ତି। କାର୍ଯ୍ୟାଳୟରେ ତାଲା ପଡ଼ିବା ଫଳରେ କାମରେ ବାଧା ସୃଷ୍ଟି ହେଉଛି। ଫାଟକରେ ତାଲା ପକାଯାଇଥିବାରୁ ଛାତ୍ରୀଛାତ୍ରମାନେ ଲାଇବ୍ରେରି କକ୍ଷ, କମ୍ପ୍ୟୁଟର କକ୍ଷ ଓ ବିଜ୍ଞାନାଗାରକୁ ଯାଇପାରୁ ନାହାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀ କାର୍ଯ୍ୟାଳୟ ଓ ଫାଟକରେ ତାଲା ପକାଇ କୋର୍ଟର ଦ୍ୱାରସ୍ଥ ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ନୂଆଗାଁ ବିଡିଓ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବିଡିଓ ଅମୃତ କୁମାର ରାଉଳ ଓ ବ୍ଲକ ଶିକ୍ଷାଧିକାରୀ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ମାଜିଷ୍ଟ୍ରେଟଙ୍କୁ ଜଣାଇ ତାଲା ଦୁଇଟି ଭାଙ୍ଗିବା ପାଇଁ ଜିଲାପାଳ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଭକ୍ତ ବିନୋଦ ସଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସ୍କୁଲ ପରିଦର୍ଶନ ସମୟରେ ସ୍କୁଲର କିରାଣି ରବୀନ୍ଦ୍ର କୁମାର ହୋତା ଓ ହିନ୍ଦୀ ଶିକ୍ଷକ ସ୍ୱାଗତ ସାହୁ କାହାକୁ ନ ଜଣାଇ କିମ୍ବା ଛୁଟି ଦରଖାସ୍ତ ନ ଦେଇ ଛୁଟିରେ ରହିଥିଲେ। ତେଣୁ ସମ୍ପୃକ୍ତ କର୍ମଚାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାହା ଅନୁମତି ନ ନେଇ ସ୍କୁଲରେ ଅନୁପସ୍ଥିତ ରହିବା ବାବଦରେ କିରାଣି ହୋତାଙ୍କୁ ପଚାରିବାରେ ସ୍କୁଲରେ ନେଟ ଠିକ୍‌ରେ ଆସୁ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ କାମରେ ଥିଲି ବୋଲି ସେ କହିଥିଲେ। ସେହିପରି ଶୁକ୍ରବାର ୧୧ଟାରେ ସ୍କୁଲ ଆସିବା ବାବଦରେ କିରାଣି ହୋତାଙ୍କୁ ପଚାରିବାରେ ଜିଲାପାଳଙ୍କ କାର୍ଯ୍ୟାନଷ୍ଠାନ ପାଇଁ କ'ଣ କରାଯିବ ସେ ନେଇ ନୂଆଗାଁଠାରେ ଜଣେ ବ୍ୟକ୍ତିଙ୍କ ସହ ଆଲୋଚନା କରି ଆସିବାରେ ବିଳମ୍ବ ହୋଇଗଲା ବୋଲି ସଫେଇ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଘଟଣା ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛି। ସେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଭାରପ୍ରାପ୍ତ ଶିକ୍ଷାଧିକାରୀ ସଲ କହିଛନ୍ତି।





ସ୍କୁଲ ଫାଟକରେ ତାଲା, କାର୍ଯ୍ୟାଳୟ ଗୃହରେ ତାଲା ଝୁଲୁଛି।

## ମହାନଦୀ ମାଳବନ୍ଧ ପରିଦର୍ଶନକଲେ ଯନ୍ତ୍ରୀ


ମାଳବନ୍ଧକୁ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତନ ଚେତନ ପୋଥାଳ ତଦାରଖ କରୁଛନ୍ତି।

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ନୀଳମାଧବ ବିକାଶ ପ୍ରକଳ୍ପରେ ସାମିଲ ହେଉଥିବା ମହାନଦୀ ଦକ୍ଷିଣ ପାର୍ଶ୍ୱ ମାଳବନ୍ଧକୁ ନୟାଗଡ଼ ଜିଲା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତନ ଚେତନ ପୋଥାଳ ଶୁକ୍ରବାର ପରିଦର୍ଶନ କରିବା ସହ ଚାଲୁ ରହିଥିବା ମାଳବନ୍ଧ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷ କରି ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ବାମପାର୍ଶ୍ୱରେ ଅବସ୍ଥିତ ବାସିନ୍ଦାଙ୍କ ଗୃହର ଜଳ ନିଷ୍କାସନ ପାଇଁ ଗୋଟିଏ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ପୂର୍ବରୁ ଦାବି କରିଥିଲେ। ତେବେ ଏହାର ସରଜମିନ ତଦନ୍ତ କରିବା ସହ ଆବଶ୍ୟକତାକୁ ହୃଦ୍‌ବୋଧ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ କଣ୍ଟିଲୋ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ରାମ ମୋହନ ବେହେରା ଓ ନୟାଗଡ଼ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହ ଯନ୍ତ୍ରୀ ତୃପ୍ତିମୟୀ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମୁଣ୍ଡିଆ ହନୁମାନ ପୀଠରେ ରାମଚରିତ ମାନସ ପାରାୟଣ

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ଏକାଦଶ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ କାର୍ଯ୍ୟକ୍ରମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଅଧିବାସ ଅବସରରେ ଗ୍ରାମର ଶତାଧିକ ମହିଳାପୁରୁଷ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ବେଦୀରେ କଳସ ସ୍ଥାପନ କରିଥିଲେ। ଆୟୋଜିତ ଆଧାତ୍ମିକ କାର୍ଯ୍ୟକ୍ରମରେ କର୍ମାଚାର୍ଯ୍ୟ ଭାବେ ଗୋବର୍ଦ୍ଧନ ଷଡଙ୍ଗୀ, ବ୍ୟାସ ଭାବେ ସନ୍ନ୍ୟାସୀ ଶ୍ୟାମସୁନ୍ଦର ଦାସମହାରାଜ ଦାୟିତ୍ୱ ତୁଲାଇଥିଲେ। ପରେ ପ୍ରାତଃ ସୂର୍ଯ୍ୟପୂଜା, ଅଙ୍କୁରା ରୋପଣ ଓ ହନୁମାନ ଚାଳିଶା ପଠନ ହୋଇଥିଲା। ବିଭିନ୍ନ ଦିନରେ ପ୍ରବକ୍ତା ପଣ୍ଡିତ ବସନ୍ତ ବିଶୋଇ, ପଣ୍ଡିତ ସୁଦାମ ଚରଣ ଦାଶ, ପଣ୍ଡିତ ଗୋପାଳ ରାୟଗୁରୁ, ପଣ୍ଡିତ ବାଉରୀବନ୍ଧୁ ପ୍ରଧାନ, ପଣ୍ଡିତ ଉମାକାନ୍ତ ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରୀମୁଣ୍ଡିଆ ହନୁମାନ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଜଣାଇଛନ୍ତି।

## ପାସେଞ୍ଜର ହଲ୍‌ଟ ନିର୍ମାଣ ପାଇଁ ପୁଣି ଦାବି



ପାସେଞ୍ଜର ହଲ୍‌ଟ ନିର୍ମାଣ ଲାଗି ପୁଣି ଦାବି କରି ବୈଠକରେ ଉପସ୍ଥିତ ସଦସ୍ୟ।

ନୂଆଗାଁ, ୧୪।୨ (ଧନେଶ୍ୱର ସାହୁ)

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହୀପୁର ଓ ନୟାଗଡ଼ ରେଳ ଷ୍ଟେଶନ ମଧ୍ୟବର୍ତ୍ତୀ ସ୍ଥାନରେ ପାସେଞ୍ଜର ରହଣି ରେଳ ଷ୍ଟେଶନ ନିର୍ମାଣ କରିବା ଦାବି ହୋଇଆସୁଛି। କିନ୍ତୁ ଏଥିରେ କୌଣସି ସୁଫଳ ନ ମିଳିବାରୁ ପାସେଞ୍ଜର ହଲ୍‌ଟ ନିର୍ମାଣ ନେଇ ପୁଣି ଶୁକ୍ରବାର ଢେଙ୍କେଣା ପଞ୍ଚାୟତ ପାଟଚଣ୍ଡୀ ମନ୍ଦିର ପରିସରରେ ଆଞ୍ଚଳିକ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆଗାଁ ବ୍ଲକର ଚାହାଳି, ଢେଙ୍କେଣା, ମାଳିସାହି, ଖଣ୍ଡୁଗାଁ, ଦୁର୍ଦ୍ଧୁରା ଓ ନୟାଗଡ଼ ବ୍ଲକର ଚଣ୍ଡିବସ୍ତ୍ର, ଭାଟସାହି ପ୍ରମୁଖ ୭ ପଞ୍ଚାୟତର ଜନସାଧାରଣଙ୍କ ସହ ଲୋକ ପ୍ରତିନିଧି ଯୋଗଦେଇଥିଲେ।

ଆଞ୍ଚଳିକ ଉନ୍ନୟନ କମିଟିର ଦାବି ମୁତାବକ, ନୟାଗଡ଼ ଓ ମହୀପୁର ରେଳ ଷ୍ଟେଶନ ମଧ୍ୟରେ ୧୨ କିଲୋମିଟରର ଦୂରତା ରହିଛି। ଯାହା ଫଳରେ ଉକ୍ତ ପଞ୍ଚାୟତଗୁଡିକର ଲୋକମାନେ ଟ୍ରେନ ଯାତାୟାତରେ ନାନା ଅସୁବିଧା ଭୋଗୁଛନ୍ତି। ଉକ୍ତ ପଞ୍ଚାୟତଗୁଡ଼ିକରେ ଅନେକ ବ୍ୟବସାୟୀ ରହିଥିଲେ ମଧ ସେମାନଙ୍କ ବ୍ୟବସାୟ କ୍ଷେତ୍ରରେ ଟ୍ରେନର ସୁବିଧା ମିଳିପାରୁନାହିଁ। ପ୍ରତି ୫ କିମି ଦୂରତାରେ ପାସେଞ୍ଜର ଟ୍ରେନ ରହଣି ନିମନ୍ତେ ଆବଶ୍ୟକସ୍ଥଳେ ଷ୍ଟେଶନ ନିର୍ମାଣ କରାଯିବା ରେଳ ମନ୍ତ୍ରଣାଳୟର ନିୟମ ରହିଛି। ତେଣୁ ଲୋକମାନଙ୍କ ଆବଶ୍ୟକ, ଦାବି ମୁତାବକ ନୟାଗଡ଼ ଓ ମହୀପୁର ରେଳ ଷ୍ଟେଶନର ମଧ୍ୟବର୍ତ୍ତୀ ସ୍ଥାନ ଢେଙ୍କେଣା ପଞ୍ଚାୟତର କୌଣସି ଜାଗାରେ ପାସେଞ୍ଜର ହଲ୍‌ଟ ନିର୍ମାଣ କରାଯାଉ। ଏ ନେଇ ପୂର୍ବରୁ କନ୍ଧମାଳ ସାଂସଦ, ଦଶପଲ୍ଲା ବିଧାୟକ ଓ ଖୋର୍ଦ୍ଧା ଡିଆରଏମ୍‌ଙ୍କୁ ଲିଖିତ ପତ୍ର ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି କୌଣସି ସୁଫଳ ମିଳିଲା ନାହିଁ। ତେଣୁ ନୟାଗଡ଼ ଜିଲାପାଳଙ୍କ ମାଧମରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଞ୍ଚଳିକ ଉନ୍ନୟନ କମିଟି ସଭାପତି ସାଧୁଚରଣ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ, ହାଡୁବନ୍ଧୁ ମହାପାତ୍ର, ସମ୍ପାଦକ ଗଣେଶ୍ୱର ପରିଡା, ଯୋଗେନ୍ଦ୍ର ପ୍ରଧାନ, ଦେବରାଜ ବିଶ୍ୱାଳ, ନକୁଳ ସାହୁଙ୍କ ସମେତ ୭ ପଞ୍ଚାୟତର ବହୁ ଜନସାଧାରଣ ଯୋଗଦେଇଥିଲେ।

## କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ନୋଡାଲ ବିଦ୍ୟାଳୟର ୧୦ମ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗିଆପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପଞ୍ଚଶାଖା ଶିକ୍ଷାସେତୁ ସଭାପତି ତଥା ଜିଲାପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ, ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜ କିଶୋର ପଣ୍ଡା, ନୀଳମାଧବ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ, ପ୍ରଭାକର ଶିରୋମଣୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀମାନଙ୍କୁ ଶିକ୍ଷା ସହ କ୍ରୀଡାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା ସଂଯୋଜନା କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପଣ୍ଡା ଧନ୍ୟବାଦ ଦେଇଥିଲେ।



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଶିକ୍ଷାବିତ୍‌ଙ୍କ ପରଲୋକ

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ମହାଳିକ ସାହିର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ରାଉତ(୮୨)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ରାଉତ ଜଣେ ଦକ୍ଷ ଶିକ୍ଷକ ଭାବେ ଜଣାଶୁଣାଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ସ୍ୱର୍ଗତ ରାଉତଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ୩ ସ୍ଥାନରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କର ଚକ୍ଷୁ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ବାଣପୁର, ଶିଖରପୁର, କୋସକାଠାରେ ଆୟୋଜିତ ପ୍ରଥମ ପର୍ଯ୍ୟାୟରେ ଚକ୍ଷୁ ଚିକିତ୍ସା ଶିବିରରେ ଡାକ୍ତରମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ୍ରମେ ବୀର ସୁରେନ୍ଦ୍ରସାଏ ଦିବ୍ୟଦୃଷ୍ଟି ଯୋଜନାରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପର୍ଯ୍ୟାୟକ୍ରମେ ଚକ୍ଷୁ ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି।

## ବେତନ ପାଇବାରେ ବିଳମ୍ବ, ଶିକ୍ଷକ ମହଲରେ ଅସନ୍ତୋଷ

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୮୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଜାନୁଆରୀ ମାସର ବେତନ ବାବଦ ପ୍ରାପ୍ୟ ମିଳିନାହିଁ। ଫଳରେ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷା ସହାୟକ, କନିଷ୍ଠ ଶିକ୍ଷକ ଓ ଚୁକ୍ତି ଭିତ୍ତିକ କାର୍ଯ୍ୟ କରୁଥିବା ୮୪ ଜଣ ଶିକ୍ଷୟିତ୍ରୀଶିକ୍ଷକ ପ୍ରାପ୍ୟ ପାଇ ନ ଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଜାନୁଆରୀ ୨୯ରୁ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ କମ୍ପ୍ୟୁଟର ଅପରେଟରମାନେ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଜାରି ରଖିବା ସହ କାର୍ଯ୍ୟରେ ଅସହଯୋଗ କରୁଛନ୍ତି। ଫଳରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ବେତନ ବାବଦ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ହେଉଥିବା ଖଣ୍ଡପଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସମସ୍ୟାର ସମାଧାନ ଦିଗରେ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଓ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଶିକ୍ଷକ ସଂଘର ସଦସ୍ୟମାନେ ଦାବି କରିଛନ୍ତି।

## ଘଣାଶାଳିଆ ଗ୍ରାମରୁ କୁଟୁରା ଉଦ୍ଧାର

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମରୁ ଏକ କୁଟୁରାକୁ ଉଦ୍ଧାର କରି ବନ ବିଭାଗ କର୍ମଚାରୀ ନିକଟସ୍ଥ ବାରଖୋଲା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଛନ୍ତି। ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ କୁଟୁରାଟି ଜନବସତି ଅଞ୍ଚଳକୁ ଚାଲି ଆସି ଘଣାଶାଳିଆ ଗ୍ରାମର ପଦିଆ ସାହୁଙ୍କ ବାସଗୃହ ମଧ୍ୟକୁ ପଶି ଯାଇଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ କୁଟୁରାଟିକୁ ଦେଖିବାକୁ ଲୋକଙ୍କ ଭିଡ ଜମିଥିଲା। ଖବରପାଇ କଣ୍ଟିଲୋ ସେକ୍ସନ ଅଧୀନରେ କାର୍ଯ୍ୟରତ ବନ ବିଭାଗ କର୍ମଚାରୀ ପହଞ୍ଚି ଥିଲେ। ପରେ କର୍ମଚାରୀମାନେ ବାସଗୃହ ମଧ୍ୟରୁ କୁଟୁରାକୁ ଉଦ୍ଧାର କରି ଘଞ୍ଚ ଜଙ୍ଗଲ ମଧ୍ୟରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଉଦ୍ଧାର କୁଟୁରା ଆନୁମାନିକ ୩ ବର୍ଷର ହେବ ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପ୍ରକାଶ ଥାଉକି, ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ ଦେଖା ଦେଇଥିବାରୁ ବନ୍ୟଜନ୍ତୁ ପାନୀୟ ଜଳ ଅନ୍ୱେଷଣରେ ଘଣାଶାଳିଆ ଗ୍ରାମ ପାର୍ଶ୍ୱ ଦେଇ ପ୍ରବାହିତ ମହାନଦୀ ପଠାକୁ ଚାଲି ଆସିଥିବା ନେଇ ଆଲୋଚନା ହେଉଛି।



## ବାଇକ୍‌ରୁ ଖସି ବୃଦ୍ଧ ମୃତ

ନୟାଗଡ଼, ୧୪।୨ (ଲୋକନାଥ ମିଶ୍ର)

ଶରଣକୁଳ ଥାନା ବରସାହିରୁ ମଗରବନ୍ଧ ଫେରୁଥିବାବେଳେ ବାଇକ୍‌ରୁ ଖସି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୁତିଆ ଦଲବେହେରା(୮୦)। ଘର ମଗରବବନ୍ଧ ଗାଁରେ ବୋଲି ଜଣାପଡିଛି। ମଗରବବନ୍ଧ ଗାଁର ଦୁତିଆ ବରସାହିରୁ ଜଣେ ସମ୍ପର୍କୀୟଙ୍କ ବାଇକ୍ ଯୋଗେ ଶୁକ୍ରବାର ସକାଳେ ଫେରୁଥିଲେ। ଅସୁରଡ଼ିପା ବ୍ରିଜ ନିକଟରେ ସକାଳ ସାଢେ ୮ଟାରେ ବାଇକ୍‌ରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ନଂ. ୨୩/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅନ୍ୟପକ୍ଷେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ରାଜ୍ୟ ତୈଳିକ ବୈଶ୍ୟ ସମାଜର ବାର୍ଷିକ ସାଧାରଣ ଅଧିବେଶନ


ବୈଠକରେ ଉପସ୍ଥିତ ତୈଳିକ ବୋୖ ସମାଜର ସଦସ୍ୟମାନେ।

ନୟାଗଡ଼, ୧୪।୨ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟି କଲ୍ୟାଣ ମଣ୍ଡପ ପଡ଼ିଆରେ ରାଜ୍ୟ ତୈଳିକ ବୈଶ୍ୟ ସମାଜ ଓଡ଼ିଶା ପକ୍ଷରୁ ୮୦ ତମ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତୈଳିକ ବୈଶ୍ୟ ସମାଜ ରାଜ୍ୟ ସଭାପତି କାହ୍ନୁ ଚରଣ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଶିଶିର କୁମାର ସାହୁ, ସମ୍ପାଦକ ଦୀନବନ୍ଧୁ ପୃଷ୍ଟି, ସହ ସମ୍ପାଦକ କାମାକ୍ଷା ପ୍ରସାଦ ସାହୁ, କୋଷାଧକ୍ଷ ଦୟାନିଧି ସାହୁ ମଞ୍ଚ ଉପରେ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ପଞ୍ଚାନନ ସାହୁ ଓ ଅଶୋକ କୁମାର ସାହୁ କରିଥିଲେ। ରାଜ୍ୟର ବିଭିନ୍ନ ଜିଲା ବୈଶ୍ୟ ସମାଜ ସଭାପତି ଓ ଗଣ୍ଡିବେଢ଼ (ଖ) ଇଲାକା ସଭାପତିମାନଙ୍କୁ ନେଇ ଅଧିବେଶନ ହୋଇଥିଲା। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କିଭଳି ସାରା ଭାରତରେ ତୈଳିକ ବୈଶ୍ୟ ସମାଜ ଏକ ନମ୍ବର ହୋଇ ରହିବ ଆଲୋଚନା ହୋଇଥିଲା। ଦଶମ ଶ୍ରେଣୀରେ ପାସ୍ କରିଥିବା ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## କଣ୍ଟିଲୋରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ର ଖୁବ୍‌ଶୀଘ୍ର

■ ମାଘମେଳା ମହୋତ୍ସବର ୫ମ ସନ୍ଧ୍ୟା

■ ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ଖଣ୍ଡପଡ଼ା, ୧୪।୨ (ଅଜୟ କୁମାର ମହାରଣା)


ମହୋତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଖଣ୍ଡପଡ଼ା ବ୍ଲକ ଅଧୀନ ନୀଳମାଧବ ପୀଠ କଣ୍ଟିଲୋ ମାଘମେଳା ପଡ଼ିଆରେ ଅନୁଷ୍ଠିତ ମାଘମେଳା ମହୋତ୍ସବର ୫ମ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ଷ୍ଟାର ସିଙ୍ଗର ମଣ୍ଟୁ ଛୁରିଆ, ସାଥୀଙ୍କ ପରିବେଷିତ ସମ୍ବଲପୁରୀ ସଙ୍ଗୀତ କାର୍ଯ୍ୟକ୍ରମ ଓ ନୃତ୍ୟ ମନଭରି ଉପଭୋଗ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ କଣ୍ଟିଲୋଠାରେ ନିର୍ମିତ ହେବାକୁଥିବା ଏକ ୨୪ ଘଣ୍ଟିଆ ସ୍ୱାସ୍ଥକେନ୍ଦ୍ର ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଘୋଷଣା କରିଥିଲେ। ଏହାଛଡ଼ା ନୀଳମାଧବ ମନ୍ଦିରକୁ ଅଧିକ ପର୍ଯ୍ୟଟକ ଆସିବାକୁ ପଦକ୍ଷେପ ଗ୍ରହଣ କରାଯାଉଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ସଚେତନ ଅଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭଟଳି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଟିର୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସୋରଡା ବିଧାୟକ ନୀଳମଣି ବିଶୋଇ, ସାମାଜିକ କର୍ମୀ ଅର୍ଜୁନ ସାହୁ, ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ, ଏଡିଏମ୍ ରୋଜିନା ଦାଶ, ଭାପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୟାଧର ପରିଡା, ଭାପୁର ବିଡିଓ ଶାରଦା ପଣ୍ଡା ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ସହ ନୀଳମାଧବଙ୍କ ତତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କଣ୍ଟିଲୋ ଗ୍ରାମବାସୀଙ୍କ ପକ୍ଷରୁ ମହୋତ୍ସବ କମିଟିର ଉପଦେଷ୍ଟା ଅଖିଳ କୁମାର ମହାରଣା ସମସ୍ତ ଅତିଥିମାନଙ୍କୁ କଣ୍ଟିଲୋ ପ୍ରସ୍ତୁତ କଂସା ବାସନ ଓ ପିତଳ ନିର୍ମିତ ନୀଳମାଧବଙ୍କ ମୂର୍ତ୍ତି ଉପହାର ଦେଇଥିଲେ। ପଣ୍ଡିତ ମନୋଜ କୁମାର ଦାଶ ଓ ନଟବରପୁର ଶାସନ ବେଦ ପାଠଶାଳାର ଛାତ୍ରମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଜୀବ ସାହୁ ସଂଯୋଜନା କରିଥିବା ବେଳେ କାର୍ଯ୍ୟକାରୀ କମିଟିର ସମ୍ପାଦକ ସିଦ୍ଧାର୍ଥ କୁମାର ମହାପାତ୍ର ପରିଚାଳନା କରିଥିଲେ। କମିଟିର ସଭାପତି ପ୍ରଭାକର ଶିରୋମଣୀ ଧନ୍ୟବାଦ ଦେଇଥିଲେ। ବିଶେଷକରି ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଓ ସହକାରୀ ମନୋରଞ୍ଜନ ପଣ୍ଡା ଏବଂ ଓଡ଼ିଶା ଡ୍ରାଇଭର ସଂଘ ସଭାପତି ରଜତ କୁମାର ଦାସ ତଥା କଣ୍ଟିଲୋ ଶାଖାର ସମସ୍ତ ସଦସ୍ୟ ସହଯୋଗରେ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ସରୁନି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ

**କାଏମା, ୧୪।୨ (ଶିବପ୍ରସାଦ ମହାନ୍ତି):**

୧୬ ନମ୍ବର ଜାତୀୟ ରାଜପଥର ବୁଦ୍ଧଛକରୁ ଧର୍ମଶାଳା ବଜାର ମଧ୍ୟଦେଇ ବ୍ରାହ୍ମଣୀ ନଦୀବନ୍ଧ ପର୍ଯ୍ୟନ୍ତ ରାସ୍ତା ୪ ଥାକିଆ କରାଯାଉଛି। ଏହି ରାସ୍ତା କାମ ଅବଧି ଶେଷ ହେବାର ୬ମାସ ବିତିଯାଇଥିଲେ ବି କାମ ସରିବାର ନାଁ ଧରୁନି। ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୪କୋଟି ୬୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୩ ଡିସେମ୍ବର ୮ରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଏହାର ଶିଳାନ୍ୟାସ କରିଥିଲେ। କାର୍ଯ୍ୟ ଆରମ୍ଭରୁ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ସେ ସମୟରେ ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା ମାଟି ବିନା ଅନୁମତିରେ ପକାଯାଉଥିବା ଡିଏମ ଓ ତହସିଲଦାର ସ୍ୱୀକାର କରିଥିଲେ।

ବର୍ତ୍ତମାନ ମନମୁଖୀ ଭାବେ ଠିକାଦାର ଏହି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ରାସ୍ତା ଧର୍ମଶାଳା ବଜାର ସହ ସଂଯୋଗ କରୁଥିବାବେଳେ ସେଠାରେ ଧର୍ମଶାଳା ଥାନା, ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ର ଓ ତହସିଲ କାର୍ଯ୍ୟାଳୟ ରହିଛି। ରାସ୍ତା ଉପରେ ଶହଶହ ଲୋକ ନିର୍ଭର କରିଥାନ୍ତି। ରାସ୍ତା ମଧ୍ୟ ଭାଗରେ ପୁରୁଣା ପିଚୁ ରାସ୍ତା କିଛି ସ୍ଥାନରେ ଥିବାବେଳେ ଉଭୟ ପାର୍ଶ୍ୱରେ ଡଷ୍ଟ ଓ ଛୋଟ ଛୋଟ ଚିପ୍ସ ଗୁଣ୍ଡ ପଡ଼ିଛି। କୌଣସି ଭାରି ଯାନ କିମ୍ବା ଚାରି ଚକିଆ ଯାନ ଯିବାବେଳେ ଡଷ୍ଟ ଓ ଧୂଳି ଉଡୁଛି। ହେଲେ ପାଣି ସିଞ୍ଚନ କରା ଯାଉନାହିଁ। ଯାତାୟାତ କରିଥିବାଲୋକେ ଏହି ଧୂଳିଧୂଆଁରେ କଲବଲ ହେଉଥିବା କହିଛନ୍ତି।

ସାଧାରଣ ଲୋକଙ୍କ ଯାତାୟତ ପାଇଁ ସୁବିଧା କରିବା ବଦଳରେ ମନମୁଖୀରେ ରାସ୍ତା ତାଡ଼ି ଠିକାଦାର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଗୁରୁବାର ରାସ୍ତା ମଧ୍ୟ ଭାଗରେ ୱାଲ କରାଯିବା ନିମନ୍ତେ ଖୋଳା ଯାଉଥିଲା। ରାସ୍ତା ଖୋଳୁଥିବା ମେଶିନ ଖରାପ ହୋଇ ଛିଡ଼ା ହୋଇ ରହିଥିଲା। ଫଳରେ ଯାତାୟାତରେ ସମସ୍ୟା ଦେଖା ଦେଇଥିଲା। ରାସ୍ତା କାମ ସମୟରେ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆ ଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସେହିପରି କିଛି ଦିନ ପୂର୍ବେ ଏହି ନିର୍ମାଣାଧୀନ ରାସ୍ତା ପାର୍ଶ୍ୱରୁ ଏକ ମେଶିନ ସାହାଯ୍ୟରେ ମାଟିତଡ଼ା ଯାଇ ରାସ୍ତା ଉପରେ ପକାଯାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକେ କହିଛନ୍ତି, ରାସ୍ତା ପ୍ରଶସ୍ତୀକରଣ ପାଇଁ ମାପଚୁପରେ କମ ପଡ଼ି ଥିବାରୁ ଏହାକୁ ବଢ଼ାଇ ବିଲ କରିବା ପାଇଁ ଠିକାଦାର ଚକ୍ରାନ୍ତ କରିଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। କାର୍ଯ୍ୟ ସମ୍ପର୍କରେ ଠିକାଦାରଙ୍କ ପ୍ରତିକ୍ରିୟା ମିଳି ପାରନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବୀରେନ ବର୍ଣ୍ଣୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ କଲର ଉତ୍ତର ଦେଇ ନାହାନ୍ତି।



ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି।

# ୨ ମାସ ହେଲା ଗାନ୍ଧୀ ରାସ୍ତା ଅନ୍ଧାର

**ବରୀ, ୧୪।୨ (ମହେନ୍ଦ୍ର ସ୍ୱାଇଁ):**

ବରୀ ଅଞ୍ଚଳର ସବୁଠାରୁ ବ୍ୟସ୍ତବହୁଳ ରାସ୍ତା ଭାବେ ଗାନ୍ଧୀ ରାସ୍ତାକୁ ହିଁ ବିବେଚନା କରାଯାଇଥାଏ। ମାତ୍ର ୨ ମାସ ହେଲା ଏହି ରାସ୍ତା ଅନ୍ଧାର ହୋଇଛି। ଏଠାରେ ଆଲୋକୀକରଣ ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଏ ନେଇ ବରୀ ଅଞ୍ଚଳର ଶିକ୍ଷାବିତ କୁଞ୍ଜବିହାରୀ ଦାସ, ବୃନ୍ଦାବନ ସାମଲ, ପ୍ରଫେସର ଦେବପ୍ରସାଦ ସାମଲ ଓ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ତରଫରୁ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଏହି ରାସ୍ତା ଦେଇ ପ୍ରତିଦିନ ଯାଜପୁର ଓ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲାର ହଜାରହଜାର ଲୋକେ ଯାତାୟାତ କରିଥାନ୍ତି। ରାସ୍ତାର ବାଲିଆପାଳଠାରେ ଏକ ଠିପି ବନ୍ଦ ମଦ ଦୋକାନ ଥିବାବେଳେ ମାତ୍ର ୫ କିଲୋ ମିଟର ଭିତରେ ଅନ୍ୟ ଏକ ଠିପି ଖୋଲା ମଦ ଦୋକାନ ରହିଛି। ମଦ୍ୟପମାନେ ମଦ୍ୟ ପାନ କରି ଦ୍ରୁତ ଗତିରେ ବାଇକ ଚାଳନା କରିବା ଯୋଗୁ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଏନେଇ ଅଭିଯୋଗ ହେବାପରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରି ଚତରଠାରୁ ବାଲିବିଲି ଗାନ୍ଧୀ ଛକ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ କରିଥିଲେ। ରାସ୍ତା ଅଲୋକୀକରଣ ପରେ ଉକ୍ତ ବିଦ୍ୟୁତ୍ ଦେୟ ପୈଠ କରିବାକୁ ଚୁକ୍ତିବଦ୍ଧ ହୋଇଥିବା ବାଲିବିଲି ସରପଞ୍ଚ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦେୟ ପୈଠ ନ କରିବାରୁ ବିଦ୍ୟୁତ ବିଭାଗ ତରଫରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ପଞ୍ଚାୟତ ତରଫରୁ ବିଦ୍ୟୁତ୍ ଦେୟ ପୈଠ କରାଯିବା ପରେ ରାସ୍ତା ଆଲୋକୀକରଣ ହୋଇଥିଲା। କିନ୍ତୁ ବର୍ତ୍ତମାନ ବିଦ୍ୟୁତ୍ ଦେୟ ବକେୟା ନ ଥିଲାବେଳେ ଦୁଇ ମାସ ହେଲା ରାସ୍ତା ଅନ୍ଧାର ରହିଛି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବରୀ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ଭବାନୀ ଶଙ୍କର ରାୟଙ୍କୁ ପଚାରିବାରେ ସେ କହିଛନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ଲାଇଟ୍ ଜଳୁନାହିଁ। ବ୍ଲକ ପ୍ରଶାସନ ଆବଶ୍ୟକ ଅର୍ଥ ଯୋଗାଇଦେଲେ ଏହାର ମରାମତି କରାଯିବ। ଏ ସମ୍ପର୍କରେ ବିଡିଓ ଅସିତ କୁମାର ମହାନ୍ତିଙ୍କୁ ପଚାରିବାରେ ସେ ବିଦ୍ୟୁତ୍ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ବିଡିଓ ଏ ଦିଗରେ ପଦକ୍ଷେପ ନେଉଛନ୍ତି।

**ବଢ଼ୁଛି ଜନ ଅସନ୍ତୋଷ**

## ପୋଖରୀରେ ବୁଡ଼ି ଶିଶୁପୁତ୍ରଙ୍କ ଜୀବନ ଗଲା

**ବାଲେଶ୍ୱର, ୧୪।୨ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଲଛମନଖୁଣ୍ଟା ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଚିତ୍ତରଞ୍ଜନ ମହାନ୍ତଙ୍କ ୬ ବର୍ଷରୁ ପୁଅ ଜୟଦେବ (୬)ଙ୍କ ମୃତ୍ୟୁ ହୋଇଛି।

ଲଛମନଖୁଣ୍ଟା ଦରଖୁଳି ଗ୍ରାମର ଚିତ୍ତରଞ୍ଜନ ଗୁଜୁରାଟର ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ତାଙ୍କ ସ୍ତ୍ରୀ ଶୁକ୍ରବାର ବିଲ କାମ କରିବା ପାଇଁ ଯାଇଥିଲେ। ଘରେ ପୁଅ ସହ ଜେଜେମା' ଓ ଜେଜେବାପା ଥିଲେ। ଖେଳିବା ସମୟରେ ଅସାବଧାନତା ବଶତଃ ଶିଶୁ ଜଣକ ଘର ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ବହୁ ଖୋଜାଖୋଜି କରି ଗାଁ ଲୋକେ ଶିଶୁପୁତ୍ରକୁ ପାଣିରୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାଳିକାମାନେ ନିଜ ସୁରକ୍ଷା କରିବା ପ୍ରଶିକ୍ଷଣର ଲକ୍ଷ୍ୟ

**ବିଦ୍ୟାଳୟସ୍ତରରେ ଛାତ୍ରୀଙ୍କୁ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ**

**ରଘୁନାଥପୁର, ୧୪।୨ (ରାଜେନ୍ଦ୍ର ନାରାୟଣ ସିଂହ):**

ରଘୁନାଥପୁର ବ୍ଲକର ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ପକ୍ଷରୁ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀଙ୍କୁ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହିକ୍ରମରେ ଗୁରୁବାର ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ଓଝାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟର ପିଇଟି ଶକୁନ୍ତଳା ସେଠୀ ଓ ଗାନାଇଲୋ ହାଇସ୍କୁଲ ପିଇଟି ସ୍ମିତାଞ୍ଜଳି ବେହେରା ପ୍ରତ୍ୟେକ ଦିନ ଛାତ୍ରୀଙ୍କୁ ୧ ଘଣ୍ଟା ଲେଖାଏଁ ପ୍ରଶିକ୍ଷଣ ଦେଉଛନ୍ତି। ୨ଟି ପର୍ଯ୍ୟାୟରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫ ଦିନ ତାଲିମ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୧୦ ଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପ୍ରତିକୂଳ ପରିସ୍ଥିତିରେ ଆତ୍ମବିଶ୍ୱାସର ସହ ଛାତ୍ରୀମାନେ ନିଜକୁ ସୁରକ୍ଷା ପ୍ରଦାନ କରିବା ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବା ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୋଲି ପ୍ରଧାନ ଶିକ୍ଷକ ଓଝା ପ୍ରକାଶ କରିଥିଲେ। ଅସୁସ୍ଥ ଥିବା ଛାତ୍ରୀଙ୍କ ବ୍ୟତୀତ ସମସ୍ତ ଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ରହି ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ନେବେ। ପ୍ରଶିକ୍ଷଣ ସମୟରେ ସମସ୍ତ ଛାତ୍ରୀଙ୍କୁ ଦୈନିକ ଅଣ୍ଡା, ବିସ୍କୁଟ କିମ୍ବା କଦଳୀ ଦିଆଯିବାକୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ପ୍ରଶିକ୍ଷଣ ପ୍ରଦାନ କରୁଥିବା ପ୍ରଶିକ୍ଷିକାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

## ଅଙ୍ଗଦାନ କରିବାକୁ ସଂକଳ୍ପବଦ୍ଧ ହେଲେ ପୁରାତନ ଛାତ୍ରୀଛାତ୍ର

**୧୯୭୮ ବ୍ୟାଚ ବନ୍ଧୁମିଳନ**

**ରଘୁନାଥପୁର, ୧୪।୨ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ରେଡୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗଙ୍ଗାପୁର ମାଳରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରବୀନ୍ଦ୍ରନାଥ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୪ ଜଣ ଛାତ୍ରୀଛାତ୍ର ଯୋଗଦେଇ ପରସ୍ପର ଭାବ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ବିକାଶ ଓ ପ୍ରତ୍ୟେକ ଛାତ୍ରୀଛାତ୍ର ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ପ୍ରାରମ୍ଭରେ ଦିବଂଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ କେତେକ ଜନହିତକର କାର୍ଯ୍ୟ ହାତକୁ ନେବାପାଇଁ ସ୍ଥିର ହୋଇଥିଲା। ଏଥିରେ ଚିତ୍ତରଞ୍ଜନ ରାଉତ, ଶୈଳେନ୍ଦ୍ର ରାଉତରାୟ, ସୁରେଶ ଚନ୍ଦ୍ର ମୁଦୁଲି, କୃଷ୍ଣପ୍ରିୟା ବିଶ୍ୱାଳ, କନକ ଜେନା ପ୍ରମୁଖ ଯୋଗ ଦେଇଥିଲେ।


**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**JPSS PVT. LTD.**
REQUIREMENT DEO
Salary: Rs.12,000.00
Send Bio-Data to Whatsapp No.
8093996451

**WANTED**
Female Diploma Nursing/Matriculate to work in a Clinic at Bhubaneswar.
For Walk in Interview details Call - 9437130007

**WANTED**
Wanted young & good-looking massage boy for Body Massage Center at Bhubaneswar.
Contact : 9861550765

**WANTED**
Temporary Maruti 800 Car Driver Required. Driver should be From Sundarpada area.
Contact - 9439010298

**WALK IN INTERVIEW**
ORICON EQUIPMENTS PVT. LTD. M&M division requires the following candidates for BHUBANESWAR & CUTTACK
**SALES EXECUTIVE**
Graduate/Diploma/ITI/+2 up to 0-5 years experience in Automobile, Commercial vehicle, Construction Equipment, Tractor & Agriculture equipment or Fresher smart candidates also apply. Candidate must have their own vehicle.
(Salary is not a constraint for desirable candidate experience or fresher)
Date of Interview : 16th (SUNDAY) & 20th (Thursday) February - 2025, Time - 10A.M. to 3 P.M.
**KALINGA AUTOMOBILES PVT. LTD.**
PLOT NO : B , UNIT - 1 , BAPUJI NAGAR , BHUBANESWAR, BACK SIDE OF INDIAN PETROL PUMP, PIN-751009, Mob No: 9938044881 & 9938449915
Send your CV : hrofficer@kttorissa.com , careers@kttorissa.com

**WANTED**
Male Candidates from **Kalahandi** to work at **Lanjigarh**.
1. **SUPERVISOR (Horticulture):** Diploma in Hort with Min. 3 years experience.
2. **SAFETY INCHARGE:** Relevant Educational qualification with Min. 3 years experience in relevant field.
3. **LEAD HR:** HR with Min. 3 years exp.
4. **NURSERY EXPERT:** 1 No., having 3 years experience.
e-mail CV: greenagro2001@gmail.com



ଫର୍ମ ନଂ. ୧୩
**ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ**
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ଓ.ଏ. ନଂ. ୫୮୧/୨୦୨୪
ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଲିଃ ... ଆବେଦନକାରୀ
ବନାମ
ଚନ୍ଦ୍ରକାନ୍ତି ରାଉତ ଓ ଅନ୍ୟ ଜଣେ ... ପ୍ରତିବାଦୀ(ଗଣ)
[illegible]
ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ସଂ. ୫୮୧/୨୦୨୪ ମାମଲା ଆରମ୍ଭ କରିଛନ୍ତି। ତେଣୁ, ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ ଉପରନାମିତ ପ୍ରତିବାଦୀଗଣଙ୍କୁ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ କିମ୍ବା ତା୦୧।୦୪।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲଙ୍କ ଜରିଆରେ କିମ୍ବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ହାଜର ହୋଇ ନିଜର ପକ୍ଷ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି। ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ।
**ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୨୯ ଜାନୁଆରୀ ୨୦୨୫ରେ ପ୍ରଦତ୍ତ।**
(ନିଖିଳ ରଞ୍ଜନ ପତି)
ନିବନ୍ଧକ



**କୋଲକାତାସ୍ଥିତ ଋଣ ଅସୁଲି ଅପିଲୀୟ ନ୍ୟାୟାଧିକରଣରେ**
**ଡାଏରୀ ନଂ. ୨୦/୨୦୨୪**
ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ...ଅପିଲକାରୀ
ବନାମ
ବ୍ୟାଙ୍କ ଅଫ୍ ବରୋଦା ଓ ଅନ୍ୟମାନେ ...ପ୍ରତିବାଦୀ
[illegible]
**ସମନ**
[illegible]
୩. ବିଦ୍ୱାନ ନ୍ୟାୟାଳୟ ଏବଂ/କିମ୍ବା ମାନ୍ୟବର ଅପିଲୀୟ ନ୍ୟାୟାଧିକରଣଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଆଇନଜୀବୀ/ଓକିଲଙ୍କ ଜରିଆରେ ହାଜିରା ସମୟରେ ଆପଣ ନିଜର ପଞ୍ଜୀକୃତ ଠିକଣା ଏବଂ ହାଜିରାର ଜ୍ଞାପନ ନିର୍ଦ୍ଦେଶ ଅନୁଯାୟୀ ଦାଏର କରିବା ଆବଶ୍ୟକ।
୪. ନୋଟିସ ଦିଆଯାଉଛି ଯେ, ଉପରଦର୍ଶିତ ଦିବସରେ ହାଜର ହେବାରେ ଆପଣ ଖିଲାପ କରିବା କ୍ଷେତ୍ରରେ, ମାମଲାକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ।
ଏହି ନ୍ୟାୟାଧିକରଣଙ୍କ ସ୍ୱାକ୍ଷର ଏବଂ ମୋହର ଅଧୀନରେ ପ୍ରଦତ୍ତ।



**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, CUTTACK**
**MAHANADI BIHAR, CUTTACK- 753004**
**Govt. of Odisha e-procurement Notice** No.O-1470
**Bid Identification No. rwssctc-09/2023-24**
The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

| | | | |
|---|---|---|---|
| 1 | Nature of work | : | PWS Schemes under RWSS, Division, Cuttack |
| 2 | No. of tenders | : | 3 Nos. |
| 3 | Tender paper cost | : | 10000/- |
| 4 | Value of work | : | 78.33 lakhs to 115.76 lakhs |
| 5 | Class of contractor | : | 'A' & 'B' class and only 'B' class |
| 6 | Date and time of availability of bid document in portal | : | 11 hour of 21.02.25 to 07.03.2025 upto 17 hours |
| 7 | Date & time of seeking tender clarification | : | 06.03.25 upto 17 hours |
| 8 | Date & time of opening of tender | : | 10.03.25 at 11.30 hours in the Office of the Superintending Engineer, RWS&S Division, Cuttack |
| 9 | Time of completion | : | 11 months |
| 10 | The bidders have to participate in online biding only. Further details can be seen from the website https://www.tendersorissa.gov.in. | | |

Sd./- Superintending Engineer, RWS&S Division, Cuttack
OIPR-25022/11/0010/2425



**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email: eedklpwd@gmail.com No.B-1006
**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B) 40/2024-25**
**Invitation for Bids**

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2 | Nature of work | : | 2 Nos. Road Works |
| 3 | No. of work | : | 02 Nos. |
| 4 | Bid cost | : | Rs.10,000/- |
| 5 | Class of contractor | : | 'B' Class |
| 6 | Availability of bid document in the website | : | From 10.00 A.M. of 20.02.2025 to 5.00 P.M. of 06.03.2025 |
| 7 | Date of opening of bid | : | Dt.07.03.2025 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0037/2425



**OFFICE OF THE EXECUTIVE ENGINEER**
**RWS&S DIVISION, ATHAGARH**
At/P.O.: Athagarh, Email: eerwssathagarh@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No.RWS/ATH/10/2024-25**
Letter No. 111/Dt.28.01.25 No.O-1386

| | | | |
|---|---|---|---|
| 1 | The Executive Engineer, RWS&S Division, Athagarh on behalf of Governor of Odisha invites lump sum rate bid in double cover system in ONLINE MODE from eligible Civil Contractors for the works as detailed below under RWSS Division, Athagarh. | | |
| 2 | Nature of work | : | Construction of Govt. Quarter 'C' Type for residence of the Executive Engineer, RWS&S Division, Athagarh under Athagarh Block in the district of Cuttack. |
| 3 | No. of work | : | 01 (One) No. |
| 4 | Class of contractor | : | 'B' and 'A' |
| 5 | Cost of tender paper | : | Rs.6,000.00 |
| 6 | Approx. estimated cost | : | Rs.45.80 Lakhs |
| 7 | EMD to be deposited | : | 1% of estimated cost (Online) |
| 8 | Period of completion | : | 06 (Six) calendar months |
| 9 | Availability of bid documents in the website in the portal | : | From Dt.20.02.2025 at 10.00 A.M. to Dt.03.03.2025 upto 5.30 P.M. |
| 10 | Date & time of seeking tender clarification | : | 20.02.2025 to 21.02.2025 upto 5.30 P.M. |
| 11 | Date of opening of bid | : | On Dt.04.03.2025 at 11.30 A.M. onwards |
| 12 | Any corrigendum / amendment / cancellation of IFB will be displayed in the e-tender website only. Cost of tender paper to be made through Online payment system. | | |

The bidders have to participate in ONLINE bidding only. Further details can be seen from the website i.e. http://tendersorissa.gov.in
Sd./- Executive Engineer, RWS&S Division, Athagarh
OIPR-25165/11/0004/2425



**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/01/2025/257 Dated, the 07th February, 2025
**Advertisement**
Applications are invited from Indian Nationals for engagement of 04 (four) nos. of **VTS Operator** on **Contractual basis** in Paradip Port Authority.
For further details, visit our website: www.paradipport.gov.in
Sd/- Sr. Asst. Secretary, Paradip Port Authority
PPA/PR/61/2024-25 Dt. 10.02.2025



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No.: (0674) 2395844,
E-Mail ID: olicltd123@bsnl.in, olicltd@ymail.com,
http://odishalift.com
**NATIONAL COMPETITIVE BIDDING THROUGH e-Procurement**
No.IT-15/2025-1295/ OLIC, Dated 13.02.2025
No.CAD-2560:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Balangir district of Odisha state. Interested bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.
**Important features of this NCB are as under:**

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Balangir District (05 Packages) |
| B | Estimated cost of works | : | Varies from Rs.1248.43 Lakhs to Rs.1566.51 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.
Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.
Sd./- MANAGING DIRECTOR
OLIC LTD., BHUBANESWAR
OIPR-32135/11/0023/2425



**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
**TP WESTERN ODISHA DISTRIBUTION LIMITED**
Corporate Office : Burla, Dist.-Sambalpur, Pin-768017 (Odisha)
Website : www.tpwodl.com
**NOTICE INVITING TENDER**
T. Notice No. TPWODL/IA/O/SER/38 Date : 15.02.2025
TP Western Odisha Distribution Limited invites tender (2 part bidding) from eligible vendors for the following package:
**Call Center Operations in TPWODL for a period of 3 years**
Interested bidders to submit Tender Participation Fee and Authorization Letter through email on or before **24th February 2025, 15:00 Hrs.** after which the link from e-Tender system shall be shared.
For detailed tender documents of the above-mentioned tender, please visit Tender section on website : **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head-Contracts and Procurement



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ଗୋପାଳପୁର ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଗୋପାଳପୁର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ କୋଷ୍ଟାଲ ଆକ୍ୱା ମେରାଇନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଓ୍ୱାର୍ଦି ନାଗେଶ୍ୱର, ପିତା: ଓ୍ୱାର୍ଦି କ୍ରୀଷ୍ଣା ରାଓ, ସା: ବନ୍ଦର, ପୋ.: ଗୋପାଳପୁର, ଜିଲ୍ଲା: ଗଞ୍ଜାମ-୭୬୧୦୦୨ | ୩୦.୦୯.୨୦୨୪ ସୁଦ୍ଧା ଟ.୩୨,୦୦,୨୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ସମସ୍ତ ସମ୍ପତ୍ତି ଯଥା: ଚଳନ୍ତି ସମ୍ପତ୍ତି ସହିତ ଷ୍ଟକ୍, ବୁକ୍ ଡେବ୍ଟ୍ସ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର ଓ ସ୍ପେୟାର୍ସ ଏବଂ ବନ୍ଧକପ୍ରାପ୍ତ କଳକବ୍ଜା ଓ ଯନ୍ତ୍ରପାତି ଆଦି ଅସ୍ଥାବର ସମ୍ପତ୍ତି, ୨) ଶ୍ରୀ ଓ୍ୱାର୍ଦି ନାଗେଶ୍ୱରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉପୁଲାପୁଟି, ଥାନା: ଗୋପାଳପୁର, ତହସିଲ: ଛତ୍ରପୁର, | ୩୦.୦୯.୨୦୨୪ / ୧୭.୧୨.୨୦୨୪ |

ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୬୩/୧୨୧୮, ପ୍ଲଟ୍ ନଂ.: ୧୦୯୮/୧୯୯୭, କ୍ଷେତ୍ର: ୫୦,୫୩୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଭି. ରାଜେଶ୍ୱରୀ, ଓ୍ୱାର୍ଦି ରମେୟା ଏବଂ ଓ୍ୱାର୍ଦି କର୍ଲେୟାଙ୍କ ଜମି, ଉତ୍ତର: ଜାମି ଜଗନ୍ନାଥ ରାଓଙ୍କ ଜମି, ଦକ୍ଷିଣ: ଭି. ରାଜେଶ୍ୱରୀଙ୍କ ଜମି


ଆପଣ ଆମର **ଗୋପାଳପୁର ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**)ରେ ପରିଣତ ହୋଇଛି। ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ। **ଏତଦ୍ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୪.୦୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

# ବର୍ତ୍ତମାନର ସରକାରରେ କୌଣସି ନୂତନତ୍ୱ ନାହିଁ

## ନବନିର୍ମାଣ କୃଷକ ସଂଗଠନର କୁଜଙ୍ଗ ଶାଖା ବୈଠକ

କୁଜଙ୍ଗ,୧୪।୨(ମନୋଜ ପ୍ରଧାନ)



ବୈଠକରେ ଯୋଗଦେଇଥିବା ନବନିର୍ମାଣ କୃଷକ ସଂଗଠନର ସଦସ୍ୟମାନେ।

ନବନିର୍ମାଣ କୃଷକ ସଙ୍ଗଠନ, କୁଜଙ୍ଗ ବ୍ଲକ ଶାଖାର ଏକ ସାଙ୍ଗଠନିକ ବୈଠକ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କୃଷକ ନେତା ବାବୁରାମ ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆଠ ମାସ ସରକାର ଅବଧିକୁ ବିଶ୍ଳେଷଣ କରିବା ସହ କିଛି ନୂତନତ୍ୱ ନାହିଁ ବୋଲି କହିଥିଲେ। ସେ କହିଥିଲେ, ନିର୍ବାଚନ ଇସ୍ତାହାରରେ ଭାଜପା ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପାଳନ କରାଯାଇନାହିଁ। ଚାଷୀଙ୍କୁ ମଣ୍ଡିରେ କଟ୍‌ନିଛଟ୍‌ନି ନାଁରେ ଶୋଷଣ କରାଯାଉଛି। ଉକ୍ତ ବୈଠକରେ ସଙ୍ଗଠନର ଓଡ଼ିଶା ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ଯୋଗଦେଇ ମଣ୍ଡିଗୁଡ଼ିକରେ କଟ୍‌ନିଛଟ୍‌ନି ଏବଂ ବିଭିନ୍ନ ପ୍ରକାର କାରସାଦି କରି ଚାଷୀମାନଙ୍କୁ ଭଣ୍ଡାଯାଉଛି ବୋଲି କହିଥିଲେ। ସେଥିପାଇଁ ଜଗତ୍‌ସିଂହପୁର ଜିଲାରେ ପ୍ରତ୍ୟେକ ଗାଁରେ ସଙ୍ଗଠନକୁ ମଜଭୁତ କରିବା ସହ କୃଷକମାରଣ ନୀତିକୁ ନିନ୍ଦା କରିଥିଲେ। ଏସବୁ ଦୁର୍ନୀତିର ଠିକ୍ ଭାବେ ତଦାରଖ କରିବାକୁ ନବନିର୍ମାଣ କୃଷକ ସଙ୍ଗଠନର କୁଜଙ୍ଗ ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଟିମ୍ ଗଠନ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱରୂପ ବିଶାଳ, ନଟବର ସେଣ, ଉମାକାନ୍ତ ବେହେରା, ପ୍ରଭାସ ବାରିକ, ସମୀର ରାଉତ, ରାମଚନ୍ଦ୍ର ପ୍ରଧାନ, ଧୀରେନ୍ଦ୍ର ସାମଲ,କିଶୋର କୁମାର ବେଉରା, ପ୍ରଦୀପ କୁମାର ପ୍ରଧାନ, ଜପହରି ବାରିକ, ଗଗନ ବେହେରା, ବାବାଜୀ ସାହୁ, କୈଳାସ ଚନ୍ଦ୍ର ତରାଇ ଯୋଗଦେଇ ସଙ୍ଗଠନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ।

# ଶିକ୍ଷାନୁଷ୍ଠାନ ପାଇଁ ଶିକ୍ଷା, ଶିକ୍ଷାର୍ଥୀ, ଶିକ୍ଷକ ତ୍ରିଭୁଜ ସଦୃଶ

## ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ରଘୁନାଥପୁର,୧୪।୨(ରାଜେନ୍ଦ୍ର ନାରାୟଣ ସିଂହ)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ।

ରଘୁନାଥପୁର ବ୍ଲକ ଜୟଶୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପ୍ରଭା ବେଉରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୁମ୍‌ନି କମିଟି ସଦସ୍ୟ ଶିକ୍ଷାବିତ୍ ଅକ୍ଷୟ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଦେବା ସହ ଶିକ୍ଷାନୁଷ୍ଠାନ ପାଇଁ ଶିକ୍ଷା, ଶିକ୍ଷାର୍ଥୀ ଓ ଶିକ୍ଷକ ତ୍ରିଭୁଜ ସଦୃଶ ଏବଂ ସମସ୍ତେ ସମସ୍ତଙ୍କ ପାଇଁ ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧରେ ଜୟଚନ୍ଦ୍ର ମହାନ୍ତି, ଡ. ବସନ୍ତ କୁମାର ସାହୁ, ବୈରାଗୀ ଚରଣ ବେହେରା, ଏସ୍‌ଏମ୍‌ସି ସଭାପତି ରବୀନ୍ଦ୍ର ନାଥ ସାହୁ, ଉପସଭାପତି ବନବାସିନୀ ବେହେରା, ସୀତାରାଣୀ ଦଳେଇ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମୂଲ୍ୟବାନ୍ ଉପଦେଶ ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ସଚଳା ମହାନ୍ତି ସଭା ପରିଚାଳନା, ସସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ସରୋଜିନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସମେଟିଭ-୧ରେ କୃତକାର୍ଯ୍ୟ ହୋଇଥିବା ୩୦ ଜଣ ଛାତ୍ରୀଛାତ୍ର, ଆମ ସଂସ୍କୃତି ଆମ ଖେଳଣାରେ କୃତକାର୍ଯ୍ୟ ହୋଇଥିବା ୧୨ ଜଣ ଛାତ୍ରୀଛାତ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ସିଲ୍ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ମଞ୍ଜୁଲତା ଆଚାର୍ଯ୍ୟ, ଦେବଯାନୀ ମିଶ୍ର, ସୁପ୍ରିୟା କାଣ୍ଡି, ଇତିଶ୍ରୀ ରଥ, ଲିପ୍‌ସା ରଥ, ଦେବେନ୍ଦ୍ରନାଥ ବେହେରା, ନୀହାରିକା ସ୍ୱାଇଁ, ପଙ୍କଜିନୀ ମିଶ୍ର, ସୁଚିସ୍ମିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବାଳିକାମାନେ ନିଜ ସୁରକ୍ଷା କରିବା ପ୍ରଶିକ୍ଷଣର ଲକ୍ଷ୍ୟ

## ବିଦ୍ୟାଳୟସ୍ତରରେ ଛାତ୍ରୀଙ୍କୁ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ତାଲିମ

**ରଘୁନାଥପୁର,୧୪।୨ (ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକର ସମସ୍ତ ସରକାରୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ପକ୍ଷରୁ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀଙ୍କୁ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହିକ୍ରମରେ ଗୁରୁବାର ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ଓଝାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ବିଦ୍ୟାଳୟର ପିଇଟି ଶକୁନ୍ତଳା ସେଠୀ ଓ ଗାନାଇଲୋ ହାଇସ୍କୁଲ ପିଇଟି ସ୍ମୀତାଞ୍ଜଳି ବେହେରା ପ୍ରତ୍ୟେକ ଦିନ ଛାତ୍ରୀଙ୍କୁ ୧ ଘଣ୍ଟା ଲେଖାଏଁ ପ୍ରଶିକ୍ଷଣ ଦେଉଛନ୍ତି। ୨ଟି ପର୍ଯ୍ୟାୟରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫ ଦିନ ତାଲିମ ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୧୦ ଦିନିଆ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପ୍ରତିକୂଳ ପରିସ୍ଥିତିରେ ଆତ୍ମବିଶ୍ୱାସର ସହ ଛାତ୍ରୀମାନେ ନିଜକୁ ସୁରକ୍ଷା ପ୍ରଦାନ କରିବା ଓ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବା ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୋଲି ପ୍ରଧାନ ଶିକ୍ଷକ ଓଝା ପ୍ରକାଶ କରିଥିଲେ। ପ୍ରଶିକ୍ଷଣ ସମୟରେ ସମସ୍ତ ଛାତ୍ରୀଙ୍କୁ ଦୈନିକ ଅଣ୍ଡା, ବିସ୍କୁଟ କିମ୍ବା କଦଳୀ ଦିଆଯିବାକୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ପ୍ରଶିକ୍ଷଣ ପ୍ରଦାନ କରୁଥିବା ପ୍ରଶିକ୍ଷିକାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରତି ବିଦ୍ୟାଳୟରେ ଏହାର ମନିଟରିଂ ପାଇଁ ବିଆର୍‌ସିସି ଓ ସିଆର୍‌ସିସିଙ୍କୁ ଦାୟିତ୍ୱ ଦିଆଯାଇଥିବା ବିଇଓ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଟିବିମୁକ୍ତ ଭାରତ ପାଇଁ ବ୍ୟାପକ ସଚେତନତା ଜରୁରୀ

ଜଗତ୍‌ସିଂହପୁର,୧୪।୨ (ପ୍ରମୋଦ କୁମାର ନାୟକ)



ଟିବି ରୋଗ ସମ୍ବନ୍ଧରେ ଡାକ୍ତର ସଚେତନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ପଞ୍ଚାୟତର ଟିବି ରୋଗୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିରିଡ଼ି ବ୍ଲକ ଅଙ୍ଗଦାନ ସଚେତନ ଗ୍ରୁପ ସମିତିର ସଭାପତି ଶିବପ୍ରସାଦ ଦାସ, ଚିକିତ୍ସା ଅଧିକାରୀ ସସୀମ ସୁମନ ସ୍ୱାଇଁ, ଦୀପ୍ତି ପ୍ରସାଦ ଦାଶ ଓ ସୁକାନ୍ତ ବେହେରା ଯୋଗଦେଇ ଟିବି ମୁକ୍ତ ଭାରତ ପାଇଁ ବ୍ୟାପକ ସଚେତନ ଜରୁରୀ। ଏନେଇ ଟିବି ଆକ୍ରାନ୍ତ ରୋଗୀ ନିଜ ମନୋବଳ ସୁଦୃଢ଼ କରିବା ସହ ଅନ୍ୟମାନଙ୍କୁ ସଚେତନ କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ଚିକିତ୍ସା ଅଧିକାରୀ ଡା. ଲୋକନାଥ ସାହୁ ଟିବିମୁକ୍ତ ଭାରତର ଆଭିମୁଖ୍ୟ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଟିବି ସଂଯୋଜିକା ତୃପ୍ତିରେଖା ପରିଡ଼ା ପରିଚାଳନା କରିଥିବାବେଳେ ଭବାନୀ ଶଙ୍କର ହାଲ୍‌ଦାର ଧନ୍ୟବାଦ ଦେଇଥିଲେ।

# ଅଙ୍ଗଦାନ କରିବାକୁ ସଂକଳ୍ପବଦ୍ଧ ହେଲେ ପୁରାତନ ଛାତ୍ରୀଛାତ୍ର

## ୧୯୭୮ ବ୍ୟାଚ ବନ୍ଧୁମିଳନ

ରଘୁନାଥପୁର, ୧୪।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଡୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗହ୍ମାପୁର ମାଳରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ରବୀନ୍ଦ୍ରନାଥ ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୪ ଜଣ ଛାତ୍ରୀଛାତ୍ର ଯୋଗଦେଇ ପରସ୍ପର ଭାବ ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ବିକାଶ ଓ ପ୍ରତ୍ୟେକ ଛାତ୍ରୀଛାତ୍ର ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ପ୍ରାରମ୍ଭରେ ଦିବଂଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ କେତେକ ଜନହିତକର କାର୍ଯ୍ୟ ହାତକୁ ନେବାପାଇଁ ସ୍ଥିର ହୋଇଥିଲା। ଏଥିରେ ଚିତ୍ତରଞ୍ଜନ ରାଉତ, ଶୈଳେନ୍ଦ୍ର ରାଉତରାୟ, ସୁରେଶ ଚନ୍ଦ୍ର ମୁଦୁଲି, କୃଷ୍ଣପ୍ରିୟା ବିଶ୍ୱାଳ, କନକ ଜେନା ପ୍ରମୁଖ ଯୋଗ ଦେଇଥିଲେ।


**କୋଲକାତାସ୍ଥିତ ଋଣ ଅସୁଲି ଅପିଲୀୟ ନ୍ୟାୟାଧିକରଣରେ**
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧

**ଡାଏରୀ ନଂ. ୯୬୧/୨୦୨୪**

**ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ...ଅପିଲକାରୀ**
**ବନାମ**
**ବ୍ୟାଙ୍କ ଅଫ୍ ବରୋଦା ଓ ଅନ୍ୟମାନେ ...ପ୍ରତିବାଦୀ**

**ପ୍ରାପ୍ତେଷୁ,**
**୧. ଶ୍ରୀ ଜାହାଙ୍ଗୀର ଅଲୀ ମୋଲ୍ଲା,** ଖୋଲ୍‌ସା ସାହି, ବିମଳା ମନ୍ଦିର ପାଖ, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...**ପ୍ରତିବାଦୀ ନଂ.୨**
**୨. ଶ୍ରୀମତୀ ରୁକ୍‌ସାନା ବେଗମ,** ଖୋଲ୍‌ସା ସାହି, ବିମଳା ମନ୍ଦିର ପାଖ, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...**ପ୍ରତିବାଦୀ ନଂ.୩**
**୩. ଶ୍ରୀ ସୟଦ ଅହସାନ ଅଲୀ,** ନିମ ସାହି, ପୋଷ୍ଟ- ବକ୍ସି ବଜାର, ଜିଲ୍ଲା- କଟକ- ୭୫୩୦୦୨, ଓଡ଼ିଶା ...**ପ୍ରତିବାଦୀ ନଂ.୪**
**୪. ସେକ୍ ସଲିମୁଦ୍ଦିନ,** ନିମ ସାହି, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...**ପ୍ରତିବାଦୀ ନଂ.୬**
**୫. ସେକ୍ ନସିମୁଦ୍ଦିନ,** ନିମ ସାହି, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...**ପ୍ରତିବାଦୀ ନଂ.୭**
**୬. କଲସେର ବିବି,** ନିମ ସାହି, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...**ପ୍ରତିବାଦୀ ନଂ.୮**
**୭. ସେକ୍ ଆରିଫ୍,** ପିତା ସେକ୍ କାସିମ, ଦରଘା ବଜାର, କଦମ ରସୁଲ, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...**ପ୍ରତିବାଦୀ ନଂ.୧୦**

**ସମନ**
୧. ଯେହେତୁ ଅପିଲକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୮ ଅଧୀନରେ ବିଦ୍ୱାନ୍ ପୀଠାସୀନ ଅଧିକାରୀ, ଡିଆରଟି- କଟକଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ତଥା ଅନ୍ୟାନ୍ୟ ଆଶ୍ୱସ୍ତି ପାଇଁ ଏକ ଅପିଲ ଦାଏର କରିଛନ୍ତି। ଦାବିର ଉତ୍ତର ଦେବା ପାଇଁ **୨୧ ଫେବୃଆରୀ ୨୦୨୫** ପୂର୍ବାହ୍ନ ୧୦.୩୦ ଘଟିକା କିମ୍ବା ନ୍ୟାୟାଧିକରଣର ସୁବିଧା ଅନୁରୂପ ସମୟରେ ନ୍ୟାୟାଧିକରଣ ସମ୍ମୁଖରେ ହାଜର ହୋଇ ନିଜର ଲିଖିତ ପକ୍ଷ ଉପସ୍ଥାପନ କରିବା ଲାଗି ଆପଣଙ୍କୁ ଏତଦ୍ୱାରା ସମନ କରାଯାଉଛି।
୨. ଯଦି ଆପଣ କୌଣସି ଦସ୍ତାବିଜ ଦାଏର କରିବାକୁ ଚାହୁଁଛନ୍ତି, ତେବେ ଆପଣ ତାହାକୁ ବିବରଣୀ ସମେତ ତାଲିକା ସହ ଦାଏର କରିପାରିବେ।
୩. ବିଦ୍ୱାନ ନ୍ୟାୟାଳୟ ଏବଂ/କିମ୍ବା ମାନ୍ୟବର ଅପିଲୀୟ ନ୍ୟାୟାଧିକରଣଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଆଇନଜୀବୀ/ଓକିଲଙ୍କ ଜରିଆରେ ହାଜିରା ସମୟରେ ଆପଣ ନିଜର ପଞ୍ଜୀକୃତ ଠିକଣା ଏବଂ ହାଜିରାର ଜ୍ଞାପନ ନିର୍ଦ୍ଦେଶ ଅନୁଯାୟୀ ଦାଏର କରିବା ଆବଶ୍ୟକ।
୪. ନୋଟିସ ଦିଆଯାଉଛି ଯେ, ଉପରଦର୍ଶିତ ଦିବସରେ ହାଜର ହେବାରେ ଆପଣ ଖିଲାପ କରିବା କ୍ଷେତ୍ରରେ, ମାମଲାକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ।
ଏହି ନ୍ୟାୟାଧିକରଣଙ୍କ ସ୍ୱାକ୍ଷର ଏବଂ ମୋହର ଅଧୀନରେ ପ୍ରଦତ୍ତ।



ଫର୍ମ ନଂ. ୧୩
**ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ**
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା

**ଓ.ଏ. ନଂ. ୫୮୧/୨୦୨୪**

**ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଲିଃ ... ଆବେଦନକାରୀ**
**ବନାମ**
**ଚନ୍ଦ୍ରକାନ୍ତି ରାଉତ ଓ ଅନ୍ୟ ଜଣେ ...ପ୍ରତିବାଦୀ(ଗଣ)**

**ପ୍ରାପ୍ତେଷୁ,**
**୧. ଚନ୍ଦ୍ରକାନ୍ତି ରାଉତ, ବୟସ ପ୍ରାୟ ୩୪ ବର୍ଷ**
**ପିତା- କାଳୁଚରଣ ଛୋଟରାୟ, ସ୍ଥାନ- ନାଲିବସନ୍ତ ଧାନକେରା, ଏଗାରପଣା, ବେରବୋଇ, ପୁରୀ- ୭୫୨୦୧୬**
**୨. ବୃନ୍ଦାବନ ରାଉତ, ବୟସ ପ୍ରାୟ ୩୬ ବର୍ଷ**
**ପିତା- ସାଧୁଚରଣ ରାଉତ, ସ୍ଥାନ- ନାଲିବସନ୍ତ, ଧାନକେରା, ଏଗାରପଣା, ବେରବୋଇ, ପୁରୀ- ୭୫୨୦୧୬**

**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ**
**ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ନ୍ୟାୟାଳୟରେ ଟ.୪୩,୭୧,୭୯୪/- ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ସଂ. ୫୮୧/୨୦୨୪ ମାମଲା ଆରମ୍ଭ କରିଛନ୍ତି। ତେଣୁ, ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ ଉପରନାମିତ ପ୍ରତିବାଦୀଗଣଙ୍କୁ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ କିମ୍ବା ତା୦୧।୦୪।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲଙ୍କ ଜରିଆରେ କିମ୍ବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ହାଜର ହୋଇ ନିଜର ପକ୍ଷ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି। ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ।
**ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୨୯ ଜାନୁଆରୀ ୨୦୨୫ରେ ପ୍ରଦତ୍ତ।**
**(ନିଖିଳ ରଞ୍ଜନ ପତି)**
**ନିବନ୍ଧକ**



**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, CUTTACK**
**MAHANADI BIHAR, CUTTACK- 753004**
**Govt. of Odisha e-procurement Notice** No.O-1470
**Bid Identification No. rwssctc-09/2023-24**

The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

| | | | |
|---|---|---|---|
| 1 | Nature of work | : | PWS Schemes under RWSS, Division, Cuttack |
| 2 | No. of tenders | : | 3 Nos. |
| 3 | Tender paper cost | : | 10000/- |
| 4 | Value of work | : | 78.33 lakhs to 115.76 lakhs |
| 5 | Class of contractor | : | 'A' & 'B' class and only 'B' class |
| 6 | Date and time of availability of bid document in portal | : | 11 hour of 21.02.25 to 07.03.2025 upto 17 hours |
| 7 | Date & time of seeking tender clarification | : | 06.03.25 upto 17 hours |
| 8 | Date & time of opening of tender | : | 10.03.25 at 11.30 hours in the Office of the Superintending Engineer, RWS&S Division, Cuttack |
| 9 | Time of completion | : | 11 months |
| 10 | The bidders have to participate in online biding only. Further details can be seen from the website https://www.tendersorissa.gov.in. | | |

**Sd./- Superintending Engineer, RWS&S Division, Cuttack**
OIPR-25022/11/0010/2425



**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
**Email: eedklpwd@gmail.com** No.B-1006
**INVITATION FOR BIDS THROUGH e-Procurement**
**Bid Identification No. SEDKL (R&B) 40/2024-25**
**Invitation for Bids**

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2 | Nature of work | : | 2 Nos. Road Works |
| 3 | No. of work | : | 02 Nos. |
| 4 | Bid cost | : | Rs.10,000/- |
| 5 | Class of contractor | : | 'B' Class |
| 6 | Availability of bid document in the website | : | From 10.00 A.M. of 20.02.2025 to 5.00 P.M. of 06.03.2025 |
| 7 | Date of opening of bid | : | Dt.07.03.2025 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd./- Superintending Engineer**
**Dhenkanal (R&B) Division, Dhenkanal**
OIPR-34016/11/0037/2425



**OFFICE OF THE EXECUTIVE ENGINEER**
**RWS&S DIVISION, ATHAGARH**
**At/P.O.: Athagarh, Email: eerwssathagarh@gmail.com**
**INVITATIONS FOR BIDS (IFB) [e-Procurement]**
**Bid Identification No.RWS/ATH/10/2024-25**
Letter No. 111/Dt.28.01.25 No.O-1386

| | | | |
|---|---|---|---|
| 1 | The Executive Engineer, RWS&S Division, Athagarh on behalf of Governor of Odisha invites lump sum rate bid in double cover system in ONLINE MODE from eligible Civil Contractors for the works as detailed below under RWSS Division, Athagarh. | | |
| 2 | Nature of work | : | Construction of Govt. Quarter 'C' Type for residence of the Executive Engineer, RWS&S Division, Athagarh under Athagarh Block in the district of Cuttack. |
| 3 | No. of work | : | 01 (One) No. |
| 4 | Class of contractor | : | 'B' and 'A' |
| 5 | Cost of tender paper | : | Rs.6,000.00 |
| 6 | Approx. estimated cost | : | Rs.45.80 Lakhs |
| 7 | EMD to be deposited | : | 1% of estimated cost (Online) |
| 8 | Period of completion | : | 06 (Six) calendar months |
| 9 | Availability of bid documents in the website in the portal | : | From Dt.20.02.2025 at 10.00 A.M. to Dt.03.03.2025 upto 5.30 P.M. |
| 10 | Date & time of seeking tender clarification | : | 20.02.2025 to 21.02.2025 upto 5.30 P.M. |
| 11 | Date of opening of bid | : | On Dt.04.03.2025 at 11.30 A.M. onwards |
| 12 | Any corrigendum / amendment / cancellation of IFB will be displayed in the e-tender website only. Cost of tender paper to be made through Online payment system. | | |

The bidders have to participate in ONLINE bidding only. Further details can be seen from the website i.e. http://tendersorissa.gov.in
**Sd./- Executive Engineer, RWS&S Division, Athagarh**
OIPR-25165/11/0004/2425



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**JPSS PVT. LTD.**
**REQUIREMENT DEO**
Salary: Rs.12,000.00
Send Bio-Data to Whatsapp No.
**8093996451**

**WANTED**
Female Diploma Nursing/Matriculate to work in a Clinic at Bhubaneswar.
**For Walk in Interview details Call - 9437130007**

**WANTED**
Wanted young & good-looking massage boy for Body Massage Center at Bhubaneswar.
Contact : 9861550765

**WANTED**
**Temporary Maruti 800 Car Driver Required. Driver should be From Sundarpada area.**
**Contact - 9439010298**

**WALK IN INTERVIEW**
ORICON EQUIPMENTS PVT. LTD. M&M division requires the following candidates for BHUBANESWAR & CUTTACK
**SALES EXECUTIVE**
Graduate/Diploma/ITI/+2 up to 0-5 years experience in Automobile, Commercial vehicle, Construction Equipment, Tractor & Agriculture equipment or Fresher smart candidates also apply. Candidate must have their own vehicle.
(Salary is not a constraint for desirable candidate experience or fresher)
**Date of Interview : 16th (SUNDAY) & 20th (Thursday) February - 2025, Time - 10A.M. to 3 P.M.**
**KALINGA AUTOMOBILES PVT. LTD.**
PLOT NO : B , UNIT - 1 , BAPUJI NAGAR , BHUBANESWAR, BACK SIDE OF INDIAN PETROL PUMP, PIN-751009, Mob No: 9938044881 & 9938449915
**Send your CV : hrofficer@kttorissa.com , careers@kttorissa.com**

**WANTED**
Male Candidates from **Kalahandi** to work at **Lanjigarh**.
1. **SUPERVISOR (Horticulture):** Diploma in Hort with Min. 3 years experience.
2. **SAFETY INCHARGE:** Relevant Educational qualification with Min. 3 years experience in relevant field.
3. **LEAD HR:** HR with Min. 3 years exp.
4. **NURSERY EXPERT:** 1 No., having 3 years experience.
**e-mail CV: greenagro2001@gmail.com**



**PARADIP PORT AUTHORITY**
**PARADIP-754142, ODISHA (INDIA)**
(An autonomous body under Ministry of Ports, Shipping & Waterways, Govt. of India)

No. AD/RSC-22/01/2025/257 Dated, the 07th February, 2025

**Advertisement**

Applications are invited from Indian Nationals for engagement of 04 (four) nos. of **VTS Operator** on **Contractual basis** in Paradip Port Authority.
For further details, visit our website: **www.paradipport.gov.in**

**Sd/- Sr. Asst. Secretary,**
**Paradip Port Authority**
**PPA/PR/61/2024-25 Dt. 10.02.2025**



**ODISHA LIFT IRRIGATION CORPORATION LTD.**
**(A Government of Odisha Undertaking)**
**Plot No.N-17/2, Nayapalli, Bhubaneswar-751 012**
**Phone No.: (0674) 2390195 (Off), Fax No.: (0674) 2395844,**
**E-Mail ID: olicltd123@bsnl.in, olicltd@ymail.com,**
**http://odishalift.com**

**NATIONAL COMPETITIVE BIDDING THROUGH e-Procurement**
No.IT-15/2025-1295/ OLIC, Dated 13.02.2025

No.CAD-2560:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Balangir district of Odisha state. Interested bidders may visit website: **www.tendersodisha.gov.in** to view and download Detailed Tender Call Notice and bid documents. The bids should be submitted only online in the website **www.tendersodisha.gov.in**.

**Important features of this NCB are as under:**

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Balangir District (05 Packages) |
| B | Estimated cost of works | : | Varies from Rs.1248.43 Lakhs to Rs.1566.51 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.
Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.

**Sd./- MANAGING DIRECTOR**
**OLIC LTD., BHUBANESWAR**
OIPR-32135/11/0023/2425



**TPWODL**
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP WESTERN ODISHA DISTRIBUTION LIMITED**
Corporate Office : Burla, Dist.-Sambalpur, Pin-768017 (Odisha)
Website : www.tpwodl.com

**NOTICE INVITING TENDER**
**T. Notice No. TPWODL/IA/O/SER/38** **Date : 15.02.2025**

TP Western Odisha Distribution Limited invites tender (2 part bidding) from eligible vendors for the following package:
**Call Center Operations in TPWODL for a period of 3 years**

Interested bidders to submit Tender Participation Fee and Authorization Letter through email on or before **24th February 2025, 15:00 Hrs.** after which the link from e-Tender system shall be shared.
For detailed tender documents of the above-mentioned tender, please visit Tender section on website : **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
**Sd/- Head-Contracts and Procurement**



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ଗୋପାଳପୁର ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଗୋପାଳପୁର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ କୋଷ୍ଟାଲ ଆକ୍ୱା ମେରାଇନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଓ୍ୱାର୍ଦି ନାଗେଶ୍ୱର, ପିତା: ଓ୍ୱାର୍ଦି କ୍ରୀଷ୍ଣା ରାଓ, ସା: ବନ୍ଦର, ପୋ.: ଗୋପାଳପୁର, ଜିଲ୍ଲା: ଗଞ୍ଜାମ-୭୬୧୦୦୨ | ୩୦.୦୯.୨୦୨୪ ସୁଦ୍ଧା ଟ.୩୨,୦୦,୨୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ସମସ୍ତ ସମ୍ପତ୍ତି ଯଥା: ଚଳନ୍ତି ସମ୍ପତ୍ତି ସହିତ ଷ୍ଟକ୍, ବୁକ୍ ଡେବ୍‌ଟ୍ସ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର ଓ ସ୍ପେୟାର୍ସ ଏବଂ ବନ୍ଧକପ୍ରାପ୍ତ କଳକବ୍ଜା ଓ ଯନ୍ତ୍ରପାତି ଆଦି ଅସ୍ଥାବର ସମ୍ପତ୍ତି, ୨) ଶ୍ରୀ ଓ୍ୱାର୍ଦି ନାଗେଶ୍ୱରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉପୁଲାପୁଟି, ଥାନା: ଗୋପାଳପୁର, ତହସିଲ: ଛତ୍ରପୁର, | ୩୦.୦୯.୨୦୨୪ / ୧୭.୧୨.୨୦୨୪ |

ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୬୩/୧୨୧୮, ପ୍ଲଟ୍ ନଂ.: ୧୦୯୮/୧୯୯୭, କ୍ଷେତ୍ର: ୫୦,୫୩୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଭି. ରାଜେଶ୍ୱରୀ, ଓ୍ୱାର୍ଦି ରମେୟା ଏବଂ ଓ୍ୱାର୍ଦି କର୍ଲେୟାଙ୍କ ଜମି, ଉତ୍ତର: ଜାମି ଜଗନ୍ନାଥ ରାଓଙ୍କ ଜମି, ଦକ୍ଷିଣ: ଭି. ରାଜେଶ୍ୱରୀଙ୍କ ଜମି

ଆପଣ ଆମର **ଗୋପାଳପୁର ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**)ରେ ପରିଣତ ହୋଇଛି । ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ । କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ । **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୪.୦୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

ବିସିସି ବ୍ୟାଙ୍କ ଛତ୍ରପୁର ଶାଖାରୁ ୭୫ ଲକ୍ଷ ଟଙ୍କା ହଡ଼ପ ଘଟଣା

# ପୂର୍ବତନ ଶାଖା ମ୍ୟାନେଜରଙ୍କ ନାଁରେ ମାମଲା

- ମୃତ ଲୋକଙ୍କ ନାଁରେ କାଗଜପତ୍ର ପ୍ରସ୍ତୁତ କରି ହଡପ କରିଥିଲେ ଟଙ୍କା
- ଏବେ ଅଛନ୍ତି ଜେଲରେ

ଛତ୍ରପୁର, ୧୪।୨ (ସନ୍ତୋଷ ପାଢ଼ୀ/ଦିଲ୍ଲିପ ସାମଲ)

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିସିସି ବ୍ୟାଙ୍କ (କେନ୍ଦ୍ରୀୟ ସମବାୟ ବ୍ୟାଙ୍କ)ର ଛତ୍ରପୁର ଶାଖାରେ ଋଣ ନାଁରେ ୭୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ ମାମଲାରେ ବ୍ୟାଙ୍କର ପୂର୍ବତନ ମ୍ୟାନେଜର ଦେବାଶିଷ ପଟ୍ଟନାୟକଙ୍କ ନାମରେ ଶୁକ୍ରବାର ଛତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ହୋଇଥିବା ଅଡିଟ ବେଳେ ପୂର୍ବତନ ମ୍ୟାନେଜର ପଟ୍ଟନାୟକ ଟଙ୍କା ହଡପ କରିଥିବା ସାମ୍ନାକୁ ଆସିଥିଲା। ସେ ଗତବର୍ଷ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ଛତ୍ରପୁର ଶାଖାରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ସେ ସମୟରେ ପୂର୍ବତନ ମ୍ୟାନେଜର ପଟ୍ଟନାୟକ ମୃତବ୍ୟକ୍ତିଙ୍କ ନକଲି କାଗଜପତ୍ର ତିଆରି କରି ୭୫ ଲକ୍ଷ ୬୬ ହଜାର ଟଙ୍କା ହଡ଼ପ କରିଥିବା ଅଡିଟ୍ ବେଳେ ଜଣାପଡିଥିଲା। ପରେ ବିସିସି ବ୍ୟାଙ୍କ ସମ୍ପାଦକ ଏବଂ ଶାଖା ପରିଚାଳକ ଭରତ ସାହୁ ପୂର୍ବତନ ମ୍ୟାନେଜର ପଟ୍ଟନାୟକଙ୍କ ନାଁରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଅଭିଯୋଗର ତଦନ୍ତ ପରେ ପଟ୍ଟନାୟକଙ୍କୁ ଗିରଫ କରାଯାଇଥିଲା। ବିଜିପୁର ଶାଖାରେ ଟଙ୍କା ହଡ଼ପ ମାମଲାରେ ବର୍ତ୍ତମାନ ସେ ବ୍ରହ୍ମପୁର ଜେଲରେ ଅଛନ୍ତି।

କିଛି ଦିନ ତଳେ ବ୍ୟାଙ୍କର ବିଜିପୁର ଶାଖାରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ସମସ୍ତ କାରବାରରେ ବ୍ୟାଙ୍କ ବାଲାନ୍ସ ଶିଟ୍‌ରେ ଅଡିଟ୍ ବେଳେ ଫରକ ଦେଖିବାକୁ ମିଳିଥିଲା। ପ୍ରାୟ ୧ କୋଟି ୪୬ ଲକ୍ଷରୁ ଅଧିକ ଟଙ୍କା କମ୍ ରହିଥିଲା। ବିଭିନ୍ନ ଲୋନ ନାଁରେ ମିଥ୍ୟା କାଗଜପତ୍ର କରି ପଟ୍ଟନାୟକ ମୋଟ ୧ କୋଟି ୪୬ ଲକ୍ଷରୁ ଅଧିକ ଟଙ୍କା ହେରଫେର କରିଥିବା ତଦନ୍ତ ବେଳେ ଜଣାପଡିଥିଲା। ଏହାର ଖୋଳତାଡ କରିବାରୁ ପଟ୍ଟନାୟକ ସେ ସମୟରେ ଅନ୍ୟ କର୍ମଚାରୀଙ୍କ ବ୍ୟାଙ୍କ ଆଇଡି ବ୍ୟବହାର କରି ବ୍ୟାଙ୍କ ଅର୍ଥ ହେରଫେର କରିଥିବା ସ୍ପଷ୍ଟ ହୋଇଥିଲା। ପରେ ପଟ୍ଟନାୟକଙ୍କୁ ବ୍ୟାଙ୍କ ପକ୍ଷରୁ ଡିସେମ୍ବର ୩୧ରେ ନିଲମ୍ବନ କରାଯାଇଥିଲା। ପୂର୍ବତନ ମ୍ୟାନେଜର ପଟ୍ଟନାୟକଙ୍କ ସମେତ ୩ ଜଣଙ୍କ ନାଁରେ ଜାନୁଆରୀ ୧୭ରେ ଥାନାରେ ଏତଲା ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ପଟ୍ଟନାୟକଙ୍କ ସମେତ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ଫୁଲବାଣୀ, ୧୪।୨ (ରାକେଶ କୁମାର ରାଉତ)

ସରକାରୀ ଏସ୍.ଏମ୍ ମହିଳା ମହାବିଦ୍ୟାଳୟର ଅଡିଟୋରିୟମ୍ ହଲରେ ବ୍ଲକସ୍ତରୀୟ ଆଇନ୍ ସଚେତନତା ଶିବିର ଆୟୋଜିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଯୋଗଦେଇ ନାରୀ ସମ୍ମାନ ଓ ସଶକ୍ତିକରଣ ବିନା ଦେଶର ଉନ୍ନତି ହୋଇପାରିବ ନାହିଁ ବୋଲି କହିଥିଲେ। ସମାଜରେ ହେଉଥିବା ନାରୀ ନିର୍ଯାତନାକୁ ନିଜ କବିତା ମାଧ୍ୟମରେ ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ। ଉପଖଣ୍ଡ ପୋଲିସ୍ ଅଧିକାରୀ ନିଜ ବକ୍ତବ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ଥିବା ବିଭିନ୍ନ ଅପରାଧ ଓ ତା'ର ଦଣ୍ଡବିଧାନ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଶିଶୁମାନଙ୍କୁ ଯୌନ ଶୋଷଣ, ନିର୍ଯାତନା ଏବଂ ଅଶ୍ଳୀଳତାଠାରୁ କିପରି ଭାବରେ ସୁରକ୍ଷିତ ରଖାଯିବ,



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପୋକ୍ସୋ ଆଇନରେ ଏଥିପାଇଁ ଥିବା ଦଣ୍ଡବିଧାନ, ଯୌତୁକପ୍ରଥା ପରି କୁସଂସ୍କାରକୁ ଦୂର କରିବା ଓ ମହିଳାମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ ସମ୍ବନ୍ଧରେ ସଚେତନ କରାଇଥିଲେ। ଓ୍ୱାନ୍ ଷ୍ଟପ୍ ସେଣ୍ଟର ଆଇନ ପରାମର୍ଶଦାତା ନନ୍ଦିତା କୁମାରୀ ଘଡ଼ାଇ ହିଂସାରେ ମହିଳାମାନଙ୍କ ପ୍ରତି ହେଉଥିବା ବିଭିନ୍ନ ଶାରିରୀକ, ମାନସିକ, ଆର୍ଥିକ ନିର୍ଯାତନା ଏବଂ ଯୌନ ଶୋଷଣ ପରି ଅପରାଧିକ କାର୍ଯ୍ୟକଳାପ ବିରୋଧରେ ମୁକାବିଲା ପାଇଁ କ'ଣ ଆଇନଗତ କାର୍ଯ୍ୟାନୁଷ୍ଠାନ ରହିଛି ତାହା ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ଏଚ୍‌ଏମ ସହକାରୀ ପରିଚାଳକ ଜୟ କୃଷ୍ଣ ସାହୁ, ସଂଯୋଜିକା ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପାଢୀ, ରମେଶ ଚନ୍ଦ୍ର ମହାନ୍ତି, ଡା.ତନୁଜା ସିଂ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ।

# ପାରିଶ୍ରମିକ ବୃଦ୍ଧି ଦାବି କଲେ ସ୍ୱଚ୍ଛସାଥୀ, ସୁପରଭାଇଜର

ଫୁଲବାଣୀ, ୧୪।୨ (ରାକେଶ କୁମାର ରାଉତ)

ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛସାଥି ଓ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କୁ ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳୁନାହିଁ। ଯାହା ଫଳରେ ପରିବାର ପ୍ରତିପୋଷଣ କରିବାରେ ଅସୁବିଧା ହେଉଛି। ତେଣୁ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ଫୁଲବାଣୀ ପୌର ପରିଷଦରେ କାର୍ଯ୍ୟରତ ଏହି ସ୍ୱଚ୍ଛସାଥି ଏବଂ ସୁପରଭାଇଜରମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଫୁଲବାଣୀ ପୌର ପରିଷଦରେ ଆମେ ୭ ବର୍ଷ ହେବ ସ୍ୱଚ୍ଛ ଭାରତ ଅଭିଯାନରେ କାମ କରୁଛୁ। ଘରୁ ଘରୁ ପୃଥକ ଅଳିଆ ଆବର୍ଜନା ସଂଗ୍ରହ କରିବା ସହ ଏହା ବାବଦରେ ଘର ପିଛା ୩୦ ଟଙ୍କା ଆଦାୟ କରୁଛୁ। ଏହାପରେ ଅଫିସ ନିର୍ଦ୍ଦେଶ କ୍ରମେ ଲାଟିନ, ଆବାସ ଯୋଜନା ସର୍ଭେ, ବଏସ୍‌କେୱାଇ କାର୍ଡ ବଣ୍ଟନ, ରାସନ କାର୍ଡ ସର୍ଭେ ଆଦି କାର୍ଯ୍ୟ କରୁଛୁ। ହେଲେ ସ୍ୱଚ୍ଛସାଥିଙ୍କୁ ମାସକୁ ମାତ୍ର ୪୦୦୦ ଏବଂ ସୁପରଭାଇଜରଙ୍କୁ ୮୦୦୦ ରୁ ୧୨ ହଜାର ଟଙ୍କା ମିଳୁଛି। ତେଣୁ ଆମ ପାରିଶ୍ରମିକ ତୁରନ୍ତ ବୃଦ୍ଧି କରାଯାଉ। ଆଗାମୀ ୧୭ତାରିଖରେ ଭୁବନେଶ୍ୱରରେ ବିଶାଳ ସମାବେଶ ହେବ ବୋଲି ସ୍ୱଚ୍ଛସାଥି ଏବଂ ସୁପରଭାଇଜରମାନେ କହିଛନ୍ତି।



ଏକାଠି ହୋଇଥିବା ସ୍ୱଚ୍ଛସାଥୀ ଏବଂ ସୁପରଭାଇଜରମାନେ।

# ବୁଗୁଡ଼ା: ଦଶମ ପରୀକ୍ଷା ଦେବେ ୧୭୪୩ ଛାତ୍ରୀଛାତ୍ର

ବୁଗୁଡ଼ା, ୧୪।୨ (କାଳିଚରଣ ଦାଶ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଫେବୃଆରୀ ୨୧ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ମୋଟ ୧୭୪୩ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ନେଇ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକ ମଧ୍ୟରୁ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ସର୍ବାଧିକ ୨୧୬ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ବାଲିପଦର ହାଇସ୍କୁଲ କେନ୍ଦ୍ରରେ ୨୦୦ ଜଣ, ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୦ ଜଣ, ବି.କରଡ଼ାବାଡ଼ି ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ କେନ୍ଦ୍ରରେ ୧୮୫ ଜଣ, ତାଳସାକର ମହାମାୟୀ ହାଇସ୍କୁଲ କେନ୍ଦ୍ରରେ ୧୮୪ ଜଣ, ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୮୧ ଜଣ, ପଙ୍କଲବାଡ଼ି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲ କେନ୍ଦ୍ରରେ ୧୭୭ ଜଣ, ପୋଚାଲୁଣ୍ଡି ଗ୍ରାମସ୍ଥ ମା'କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୫୮ଜଣ, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୩୭ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବା ଜଣାପଡ଼ିଛି। ଏ ସମସ୍ତ କେନ୍ଦ୍ର ମଧ୍ୟରୁ କେବଳ ପିପୁଲ୍ସ ହାଇସ୍କୁଲ ଏବଂ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ମାତ୍ର ଜଣେ ଲେଖାଏଁ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଥିବା ଜଣାପଡ଼ିଛି।

# ବେଠିଆବୋରଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ବୁଗୁଡ଼ା, ୧୪।୨ (କାଳିଚରଣ ଦାଶ): ବୁଗୁଡ଼ା ବ୍ଲକ୍ ଖୋଲଖାଲି ପଞ୍ଚାୟତ ଅନ୍ତର୍ଗତ ବେଠିଆବୋରଦା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବିନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ସଭାପତି ସୁଲୋଚନା ସ୍ୱାଇଁ, ସିଆରସିସି ଦିଲ୍ଲୀପ ବେହେରା, ତାଳସାକର ହାଇସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ଶତପଥୀ, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ ଓ ସତ୍ୟ ନାରାୟଣ ବେହେରା, ନାଏବ ସରପଞ୍ଚ ପ୍ରମୋଦ ପଣ୍ଡା, ଉମାକାନ୍ତ ପାତ୍ର, କାର୍ତ୍ତିକ ସାହାଣୀ, ଶିକ୍ଷକ ସୁରେନ୍ଦ୍ର ନାଥ ଜେନା ଓ ପ୍ରଶାନ୍ତ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


**କୋଲକାତାସ୍ଥିତ ଋଣ ଅସୁଲି ଅପିଲୀୟ ନ୍ୟାୟାଧିକରଣରେ**
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧

**ଡାଏରୀ ନଂ. ୯୭୧/୨୦୨୪**
ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ...ଅପିଲକାରୀ
ବନାମ
ବ୍ୟାଙ୍କ ଅଫ୍ ବରୋଦା ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁ,
୧. ଶ୍ରୀ ଜାହାଙ୍ଗୀର ଅଲୀ ମୋଲ୍ଲା, ଝୋଲ୍‌ସା ସାହି, ବିମଳା ମନ୍ଦିର ପାଖ, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...ପ୍ରତିବାଦୀ ନଂ.୨
୨. ଶ୍ରୀମତୀ ରୁକ୍‌ସାନା ବେଗମ, ଝୋଲ୍‌ସା ସାହି, ବିମଳା ମନ୍ଦିର ପାଖ, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...ପ୍ରତିବାଦୀ ନଂ.୩
୩. ଶ୍ରୀ ସୟଦ ଅହସାନ ଅଲୀ, ନିମ ସାହି, ପୋଷ୍ଟ- ବକ୍ସି ବଜାର, ଜିଲ୍ଲା- କଟକ- ୭୫୩୦୦୨, ଓଡ଼ିଶା ...ପ୍ରତିବାଦୀ ନଂ.୪
୪. ସେକ୍ ସଲିମୁଦ୍ଦିନ, ନିମ ସାହି, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...ପ୍ରତିବାଦୀ ନଂ.୬
୫. ସେକ୍ ନସିମୁଦ୍ଦିନ, ନିମ ସାହି, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...ପ୍ରତିବାଦୀ ନଂ.୭
୬. କଲସେର ବିବି, ନିମ ସାହି, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...ପ୍ରତିବାଦୀ ନଂ.୮
୭. ସେକ୍ ଆରିଫ୍, ପିତା ସେକ୍ କାସିମ, ଦରଘା ବଜାର, କଦମ ରସୁଲ, ପୋଷ୍ଟ- ବକ୍ସିବଜାର, ଜିଲ୍ଲା- କଟକ-୭୫୩୦୦୧, ଓଡ଼ିଶା ...ପ୍ରତିବାଦୀ ନଂ.୧୦

**ସମନ**
୧. ଯେହେତୁ ଅପିଲକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୮ ଅଧୀନରେ ବିଦ୍ୱାନ୍ ପୀଠାସୀନ ଅଧିକାରୀ, ଡିଆର୍‌ଟି- କଟକଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ତଥା ଅନ୍ୟାନ୍ୟ ଆଶ୍ୱସ୍ତି ପାଇଁ ଏକ ଅପିଲ ଦାଏର କରିଛନ୍ତି। ଦାବିର ଉତ୍ତର ଦେବା ପାଇଁ **୨୧ ଫେବୃଆରୀ ୨୦୨୫** ପୂର୍ବାହ୍ନ ୧୦.୩୦ ଘଟିକା କିମ୍ବା ନ୍ୟାୟାଧିକରଣର ସୁବିଧା ଅନୁରୂପ ସମୟରେ ନ୍ୟାୟାଧିକରଣ ସମ୍ମୁଖରେ ହାଜର ହୋଇ ନିଜର ଲିଖିତ ପକ୍ଷ ଉପସ୍ଥାପନ କରିବା ଲାଗି ଆପଣଙ୍କୁ ଏତଦ୍ୱାରା ସମନ କରାଯାଉଛି।
୨. ଯଦି ଆପଣ କୌଣସି ଦସ୍ତାବିଜ ଦାଏର କରିବାକୁ ଚାହୁଁଛନ୍ତି, ତେବେ ଆପଣ ତାହାକୁ ବିବରଣୀ ସମେତ ତାଲିକା ସହ ଦାଏର କରିପାରିବେ।
୩. ବିଦ୍ୱାନ ନ୍ୟାୟାଳୟ ଏବଂ/କିମ୍ବା ମାନ୍ୟବର ଅପିଲୀୟ ନ୍ୟାୟାଧିକରଣଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଆଇନଜୀବୀ/ଓକିଲଙ୍କ ଜରିଆରେ ହାଜିରା ସମୟରେ ଆପଣ ନିଜର ପଞ୍ଜୀକୃତ ଠିକଣା ଏବଂ ହାଜିରାର ଜ୍ଞାପନ ନିର୍ଦ୍ଦେଶ ଅନୁଯାୟୀ ଦାଏର କରିବା ଆବଶ୍ୟକ।
୪. ନୋଟିସ ଦିଆଯାଉଛି ଯେ, ଉପରଦର୍ଶିତ ଦିବସରେ ହାଜର ହେବାରେ ଆପଣ ଖିଲାପ କରିବା କ୍ଷେତ୍ରରେ, ମାମଲାକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ।
ଏହି ନ୍ୟାୟାଧିକରଣଙ୍କ ସ୍ୱାକ୍ଷର ଏବଂ ମୋହର ଅଧୀନରେ ପ୍ରଦତ୍ତ।

ଫର୍ମ ନଂ. ୧୩
**ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସରେ**
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ଓ.ଏ. ନଂ. ୫୮୧/୨୦୨୪
ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଲି଼ଃ ... ଆବେଦନକାରୀ
ବନାମ
ଚନ୍ଦ୍ରକାନ୍ତି ରାଉତ ଓ ଅନ୍ୟ ଜଣେ ...ପ୍ରତିବାଦୀ(ଗଣ)
ପ୍ରାପ୍ତେଷୁ,
୧. ଚନ୍ଦ୍ରକାନ୍ତି ରାଉତ, ବୟସ ପ୍ରାୟ ୩୪ ବର୍ଷ
ପିତା- କାଳୁଚରଣ ଛୋଟରାୟ, ସ୍ଥାନ- ନାଲିବସନ୍ତ ଧାନକେରା, ଏଗାରପଣା, ବେରବୋଇ, ପୁରୀ- ୭୫୨୦୧୬
୨. ବୃନ୍ଦାବନ ରାଉତ, ବୟସ ପ୍ରାୟ ୩୬ ବର୍ଷ
ପିତା- ସାଧୁଚରଣ ରାଉତ, ସ୍ଥାନ- ନାଲିବସନ୍ତ, ଧାନକେରା, ଏଗାରପଣା, ବେରବୋଇ, ପୁରୀ- ୭୫୨୦୧୬
**ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**
ନୋଟିସ ଦିଆଯାଉଛି ଯେ, ଆବେଦନକାରୀ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ନ୍ୟାୟାଳୟରେ ଟ.୪୩,୭୧,୭୯୪/- ମାତ୍ର ସମେତ ଚଳିତ ଏବଂ ଭବିଷ୍ୟତ ସୁଧ, ବ୍ୟୟର ଅସୁଲି ଏବଂ ଅନ୍ୟାନ୍ୟ ଆଶ୍ୱସ୍ତି ନିମନ୍ତେ ଓ.ଏ. ସଂ. ୫୮୧/୨୦୨୪ ମାମଲା ଆରମ୍ଭ କରିଛନ୍ତି। ତେଣୁ, ପ୍ରାର୍ଥନା କରାଯାଇଥିବା ଆଶ୍ୱସ୍ତି କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ପାଇଁ ଉପରନାମିତ ପ୍ରତିବାଦୀଗଣଙ୍କୁ ପ୍ରକାଶନ ତାରିଖରୁ ୩୦ ଦିନ ମଧ୍ୟରେ କିମ୍ବା ତା୦୧।୦୪।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲଙ୍କ ଜରିଆରେ କିମ୍ବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ଜରିଆରେ ଏହି ନ୍ୟାୟାଧିକରଣଙ୍କ ସମ୍ମୁଖରେ ହାଜର ହୋଇ ନିଜର ପକ୍ଷ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି। ନୋଟିସ ଦିଆଯାଉଛି ଯେ, ଏଥିରେ ଖିଲାପ କରାଗଲେ ସେମାନଙ୍କ ଅନୁପସ୍ଥିତିରେ ଆବେଦନର ଶୁଣାଣି ଓ ଫଇସଲା କରାଯିବ।
ମୋ ଦସ୍ତଖତ ଓ ଏହି ନ୍ୟାୟାଧିକରଣଙ୍କ ମୋହର ଅଧୀନରେ ଅଦ୍ୟ ୨୯ ଜାନୁଆରୀ ୨୦୨୫ରେ ପ୍ରଦତ୍ତ।
(ନିଖିଳ ରଞ୍ଜନ ପତି)
ନିବନ୍ଧକ

**OFFICE OF THE SUPERINTENDING ENGINEER
RURAL WATER SUPPLY AND SANITATION DIVISION, CUTTACK
MAHANADI BIHAR, CUTTACK- 753004**
Govt. of Odisha e-procurement Notice No.O-1470
Bid Identification No. rwssctc-09/2023-24
The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

| | | | |
|---|---|---|---|
| 1 | Nature of work | : | PWS Schemes under RWSS. Division, Cuttack |
| 2 | No. of tenders | : | 3 Nos. |
| 3 | Tender paper cost | : | 10000/- |
| 4 | Value of work | : | 78.33 lakhs to 115.76 lakhs |
| 5 | Class of contractor | : | 'A' & 'B' class and only 'B' class |
| 6 | Date and time of availability of bid document in portal | : | 11 hour of 21.02.25 to 07.03.2025 upto 17 hours |
| 7 | Date & time of seeking tender clarification | : | 06.03.25 upto 17 hours |
| 8 | Date & time of opening of tender | : | 10.03.25 at 11.30 hours in the Office of the Superintending Engineer, RWS&S Division, Cuttack |
| 9 | Time of completion | : | 11 months |
| 10 | The bidders have to participate in online biding only. Further details can be seen from the website https://www.tendersorissa.gov.in. | | |

Sd./- Superintending Engineer, RWS&S Division, Cuttack
OIPR-25022/11/0010/2425

**OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL**
Email: eedklpwd@gmail.com No.B-1006
INVITATION FOR BIDS THROUGH e-Procurement
Bid Identification No. SEDKL (R&B) 40/2024-25
Invitation for Bids

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2 | Nature of work | : | 2 Nos. Road Works |
| 3 | No. of work | : | 02 Nos. |
| 4 | Bid cost | : | Rs.10,000/- |
| 5 | Class of contractor | : | 'B' Class |
| 6 | Availability of bid document in the website | : | From 10.00 A.M. of 20.02.2025 to 5.00 P.M. of 06.03.2025 |
| 7 | Date of opening of bid | : | Dt.07.03.2025 at 11.00 A.M. |
| 8 | The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal
OIPR-34016/11/0037/2425

**OFFICE OF THE EXECUTIVE ENGINEER
RWS&S DIVISION, ATHAGARH**
At/P.O.: Athagarh, Email: eerwssathagarh@gmail.com
INVITATIONS FOR BIDS (IFB) [e-Procurement]
Bid Identification No.RWS/ATH/10/2024-25
Letter No. 111/Dt.28.01.25 No.O-1386

| | | | |
|---|---|---|---|
| 1 | The Executive Engineer, RWS&S Division, Athagarh on behalf of Governor of Odisha invites lump sum rate bid in double cover system in ONLINE MODE from eligible Civil Contractors for the works as detailed below under RWSS Division, Athagarh. | | |
| 2 | Nature of work | : | Construction of Govt. Quarter 'C' Type for residence of the Executive Engineer, RWS&S Division, Athagarh under Athagarh Block in the district of Cuttack. |
| 3 | No. of work | : | 01 (One) No. |
| 4 | Class of contractor | : | 'B' and 'A' |
| 5 | Cost of tender paper | : | Rs.6,000.00 |
| 6 | Approx. estimated cost | : | Rs.45.80 Lakhs |
| 7 | EMD to be deposited | : | 1% of estimated cost (Online) |
| 8 | Period of completion | : | 06 (Six) calendar months |
| 9 | Availability of bid documents in the website in the portal | : | From Dt.20.02.2025 at 10.00 A.M. to Dt.03.03.2025 upto 5.30 P.M. |
| 10 | Date & time of seeking tender clarification | : | 20.02.2025 to 21.02.2025 upto 5.30 P.M. |
| 11 | Date of opening of bid | : | On Dt.04.03.2025 at 11.30 A.M. onwards |
| 12 | Any corrigendum / amendment / cancellation of IFB will be displayed in the e-tender website only. Cost of tender paper to be made through Online payment system. | | |

The bidders have to participate in ONLINE bidding only. Further details can be seen from the website i.e. http://tendersorissa.gov.in
Sd./- Executive Engineer, RWS&S Division, Athagarh
OIPR-25165/11/0004/2425

**TPWODL
TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur, Pin-768017 (Odisha)
Website : www.tpwodl.com
**NOTICE INVITING TENDER**
T. Notice No. TPWODL/IA/O/SER/38 Date : 15.02.2025
TP Western Odisha Distribution Limited invites tender (2 part bidding) from eligible vendors for the following package:
**Call Center Operations in TPWODL for a period of 3 years**
Interested bidders to submit Tender Participation Fee and Authorization Letter through email on or before **24th February 2025, 15:00 Hrs.** after which the link from e-Tender system shall be shared.
For detailed tender documents of the above-mentioned tender, please visit Tender section on website : **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through the E-Tender system.
**Sd/- Head-Contracts and Procurement**

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଡିମାଣ୍ଡ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁକୋ ବ୍ୟାଙ୍କ, ଗୋପାଳପୁର ଶାଖାର** ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଗୋପାଳପୁର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ କୋଷ୍ଟାଲ ଆକ୍ୱା ମେରାଇନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଓ୍ୱାର୍ଦ୍ଦି ନାଗେଶ୍ୱର, ପିତା: ଓ୍ୱାର୍ଦ୍ଦି କ୍ରୀଷ୍ଣା ରାଓ, ସା: ବନ୍ଦର, ପୋ.: ଗୋପାଳପୁର, ଜିଲ୍ଲା: ଗଞ୍ଜାମ-୭୬୧୦୦୨ | ୩୦.୦୯.୨୦୨୪ ସୁଦ୍ଧା ଟ.୩୨,୦୦,୨୨୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ସମସ୍ତ ସମ୍ପତ୍ତି ଯଥା: ଚଳନ୍ତି ସମ୍ପତ୍ତି ସହିତ ଷ୍ଟକ୍, ବୁକ୍ ଡେବ୍ଟ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର ଓ ସ୍ପେୟାର୍ସ ଏବଂ ବନ୍ଧକପ୍ରାପ୍ତ କଳକବ୍ଜା ଓ ଯନ୍ତ୍ରପାତି ଆଦି ଅସ୍ଥାବର ସମ୍ପତ୍ତି, ୨) ଶ୍ରୀ ଓ୍ୱାର୍ଦ୍ଦି ନାଗେଶ୍ୱରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଉପୁଲାପୁଟି, ଥାନା: ଗୋପାଳପୁର, ତହସିଲ: ଛତ୍ରପୁର, | ୩୦.୦୯.୨୦୨୪ / ୧୭.୧୨.୨୦୨୪ |
| ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୬୩/୧୨୧୮, ପ୍ଲଟ୍ ନଂ.: ୧୦୯୮/୧୯୯୭, କ୍ଷେତ୍ର: ୫୦,୫୩୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଭି. ରାଜେଶ୍ୱରୀ, ଓ୍ୱାର୍ଦ୍ଦି ରମେୟା ଏବଂ ଓ୍ୱାର୍ଦ୍ଦି କର୍ଲେୟାଙ୍କ ଜମି, ଉତ୍ତର: ଜାମି ଜଗନ୍ନାଥ ରାଓଙ୍କ ଜମି, ଦକ୍ଷିଣ: ଭି. ରାଜେଶ୍ୱରୀଙ୍କ ଜମି | | | |

ଆପଣ ଆମର **ଗୋପାଳପୁର ଶାଖା** ସହିତ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପରଦର୍ଶିତ ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆକ୍ଟ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ରେଜିଷ୍ଟ୍ରେଡ୍ ଡ଼ାକ ସହିତ ଏ.ଡି. ଯୋଗେ ପଠାଯାଇଥିବା ଉକ୍ତ ଡ଼ିମାଣ୍ଡ ନୋଟିସ୍ ଉପରଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ପରିଣତ ହୋଇଛି। ଏଣୁ ଏହି ନୋଟିସ୍‌ର **୬୦ ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ଆପଣଙ୍କୁ ପଇଠ କରିବାକୁ ପଡିବ। ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ବନ୍ଧକ ଥିବା ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ ହେବ। କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ଆପଣ ଉପରୋକ୍ତ କଥିତ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ବ୍ୟାଙ୍କର ଲିଖିତ ସହମତି ବିନା ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍ ବ୍ୟାଙ୍କକୁ ଉପଲବ୍ଧ ଥିବା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ଅଧିକାରକୁ ପ୍ରତିହତ କରିବ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**
ସ୍ଥାନ : ଭୁବନେଶ୍ୱର
ତାରିଖ : ୧୪.୦୨.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**JPSS PVT. LTD.**
REQUIREMENT DEO
Salary: Rs.12,000.00
Send Bio-Data to Whatsapp No.
8093996451

**WANTED**
Female Diploma Nursing/Matriculate to work in a Clinic at Bhubaneswar.
For Walk in Interview details Call - 9437130007

**WANTED**
Wanted young & good-looking massage boy for Body Massage Center at Bhubaneswar.
Contact : 9861550765

**WANTED**
Temporary Maruti 800 Car Driver Required. Driver should be From Sundarpada area.
Contact - 9439010298

**WALK IN INTERVIEW**
ORICON EQUIPMENTS PVT. LTD. M&M division requires the following candidates for BHUBANESWAR & CUTTACK
**SALES EXECUTIVE**
Graduate/Diploma/ITI/+2 up to 0-5 years experience in Automobile, Commercial vehicle, Construction Equipment, Tractor & Agriculture equipment or Fresher smart candidates also apply. Candidate must have their own vehicle.
(Salary is not a constraint for desirable candidate experience or fresher)
Date of Interview : 16th (SUNDAY) & 20th (Thursday) February - 2025, Time - 10A.M. to 3 P.M.
**KALINGA AUTOMOBILES PVT. LTD.**
PLOT NO : B , UNIT - 1 , BAPUJI NAGAR , BHUBANESWAR, BACK SIDE OF INDIAN PETROL PUMP, PIN-751009, Mob No: 9938044881 & 9938449915
Send your CV : hrofficer@kttorissa.com , careers@kttorissa.com

**WANTED**
Male Candidates from **Kalahandi** to work at **Lanjigarh**.
1. **SUPERVISOR (Horticulture):** Diploma in Hort with Min. 3 years experience.
2. **SAFETY INCHARGE:** Relevant Educational qualification with Min. 3 years experience in relevant field.
3. **LEAD HR:** HR with Min. 3 years exp.
4. **NURSERY EXPERT:** 1 No., having 3 years experience.
e-mail CV: greenagro2001@gmail.com

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/01/2025/257 Dated, the 07th February, 2025
**Advertisement**
Applications are invited from Indian Nationals for engagement of 04 (four) nos. of **VTS Operator** on **Contractual basis** in Paradip Port Authority.
For further details, visit our website: **www.paradipport.gov.in**
Sd/- Sr. Asst. Secretary, Paradip Port Authority
PPA/PR/61/2024-25 Dt. 10.02.2025

**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No.N-17/2, Nayapalli, Bhubaneswar-751 012
Phone No.: (0674) 2390195 (Off), Fax No.: (0674) 2395844,
E-Mail ID: olicltd123@bsnl.in, olicltd@ymail.com,
http://odishalift.com
NATIONAL COMPETITIVE BIDDING THROUGH e-Procurement
No.IT-15/2025-1295/ OLIC, Dated 13.02.2025
No.CAD-2560:- The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of Deep Borewells in Balangir district of Odisha state. Interested bidders may visit website: www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.
Important features of this NCB are as under:

| | | | |
|---|---|---|---|
| A | Brief description of work | : | Installation, electrification, engergisation & commissioning of Deep Borewells in Balangir District (05 Packages) |
| B | Estimated cost of works | : | Varies from Rs.1248.43 Lakhs to Rs.1566.51 Lakhs |
| C | Date and time of availability of bid document in the portal | : | From Dt.19.02.2025 to Dt.17.03.2025 (Upto 17.00 hours) |
| D | Last date / time for receipt of bid in the portal | : | Dt.17.03.2025 upto 17.00 hours |
| E | Last date of seeking clarification | : | Dt.03.03.2025 upto 17.00 hours |
| F | Technical bid will be opened on | : | Dt.18.03.2025 at 11.00 hours |

Any addendum / corrigendum / cancellation of tender will be available in the said website.
Authority reserves the right to accept / reject any or all the tenders, increase or decrease the quantities of work put to bidding without assigning any reasons thereof.
Sd./- MANAGING DIRECTOR
OLIC LTD., BHUBANESWAR
OIPR-32135/11/0023/2425

# ନାଳିଆ ଘାସ ବୃତ୍ତିଧାରୀଙ୍କୁ ପ୍ରୋତ୍ସାହନ ନାହିଁ

- ଉପାନ୍ତ ଅଞ୍ଚଳର ମହିଳାଙ୍କୁ କରୁଥିଲା ସ୍ୱାବଲମ୍ବୀ
- ବନ ବିଭାଗ ଅନୁମତି ମିଳୁ ନ ଥିବାରୁ ମିଳୁନି କଞ୍ଚାମାଲ
- ବଜାର ମଣ୍ଡି ସୁଯୋଗ ସୃଷ୍ଟି କରିବାକୁ ଅନୁରୋଧ



ସୁନୀତିର ମହିଳାଙ୍କ ଦ୍ୱାରା ନାଳିଆ ଘାସରେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ।

**କେନ୍ଦ୍ରାପଡ଼ା, ୧୪।୨ (ଜଗନ୍ନାଥ ଧଳ):**

ନାଳିଆ ଘାସରେ ତିଆରି ଟୋକେଇ, ପାଛିଆ, ନାଳିଆ, ସେର, ମାଣ, ଟୁକୁଲି ଆଦି ପ୍ରତ୍ୟେକଙ୍କ ଘରେ ପରିଚିତ। ପ୍ରାୟ ୫୦ବର୍ଷ ଧରି ଏହି ହସ୍ତଶିଳ୍ପ କୌଳିକ ବୃତ୍ତି ହୋଇ ରହି ଆସିଛି। ଏଥିରେ ଆର୍ଥିକ ସଶକ୍ତୀକରଣ ହେବା ସହ ପରିବାର ପ୍ରତିପୋଷଣରେ ସହଯୋଗ ମିଳିଥାଏ। ସମ୍ପ୍ରତି ଏହି ହସ୍ତଶିଳ୍ପ ବିଭିନ୍ନ କାରଣରୁ ଏବେ ଅଲୋଡ଼ା ହେଲାଣି। ଏହି ବୃତ୍ତିରେ ଆସୁଥିବା ଅର୍ଥ ଦ୍ୱାରା ୩ ଝିଅଙ୍କ ବିବାହ ହୋଇଛି ବୋଲି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ସୁନିତି ଗ୍ରାମର ଶାନ୍ତିଲତା ଦାସ କହିଛନ୍ତି। ସେ କହିଛନ୍ତି, ନାଳିଆ ଘାସ ବୃତ୍ତିଧାରୀଙ୍କୁ ଏବେ ପ୍ରୋତ୍ସାହିତ କରାଯାଉନାହିଁ। ପ୍ଲାଷ୍ଟିକ୍ ସାମଗ୍ରୀ ଚାହିଦା ବୃଦ୍ଧି ଏହି ପ୍ରକାର ହସ୍ତଶିଳ୍ପକୁ ବୁଡ଼ାଇ ଦେଇଛି। ପୂର୍ବରୁ ଏହାର କଞ୍ଚାମାଲ ବିନା ମୂଲ୍ୟରେ ଭିତରକନିକା ଜଙ୍ଗଲ ସହ ଅନ୍ୟ ଅଞ୍ଚଳରେ ମିଳୁଥିଲା। ବନ ବିଭାଗର କଟକଣା ଯୋଗୁ କଞ୍ଚାମାଲ ସଂଗ୍ରହରେ ବାଧକ ହୋଇଛି। ବଜାରରେ ମଣ୍ଡି ପାଇଁ ସୁଯୋଗ ସୃଷ୍ଟି ଆବଶ୍ୟକ। ଅଳ୍ପ କେତୋଟି ମେଳା, ମହୋତ୍ସବ, ପଲ୍ଲିଶ୍ରୀ ମେଳାକୁ ଛାଡ଼ି ପର୍ଯ୍ୟଟନ ଶିଳ୍ପ ଓ ଅନ୍‌ଲାଇନ ବ୍ୟବସାୟ, ବୈଷୟିକ ତାଲିମ ପାଇଁ ସରକାରୀ ପ୍ରୋତ୍ସାହନ ଆବଶ୍ୟକ।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଏହି ହସ୍ତଶିଳ୍ପ ପାଇଁ ନାଳିଆ ଘାସ ଆବଶ୍ୟକ। ଜିଲାର ସମୁଦ୍ର କୂଳ ଲବଣାକ୍ତ ଜଳବାୟୁର ସନ୍ତସନ୍ତିଆ ସ୍ଥାନ ସହ ସ୍ଥାନୀୟ ଉପାନ୍ତ ଅଞ୍ଚଳର ନଦୀ ଓ ନାଳରେ ଏହାର ସ୍ୱତନ୍ତ୍ର ପ୍ରଜାତି ଗଛ ଅଛି। ଜିଲାର ମହାକାଳପଡ଼ା ବ୍ଲକ୍ ଅଧୀନ ବଡିଘର, ଖରିନାସୀ, ରାମନଗର, ବରକନ୍ଦା, ଜମ୍ବୁ, ସୁନିତି ଓ ରାଜନଗର ବ୍ଲକର ଗୁପ୍ତି, ମଗରକନ୍ଦା, ଅଢ଼ସଲ, ଡାଙ୍ଗମାଳ, ଇଶ୍ୱରପୁର, ଡେରା, ମହୁଲିଆ ଆଦି ସହ ରାଜକନିକା ବ୍ଲକ୍‌ର କେତେକ ଅଞ୍ଚଳରେ ଏହି ପ୍ରଜାତି ଘାସ ଦେଖିବାକୁ ମିଳିଥାଏ। ଏଥିସହ ହେନ୍ତାଳବଣ ମଧ୍ୟରେ ପ୍ରଚୁର ପରିମାଣରେ ନାଳିଆ ଘାସ ଉଠିଥାଏ। ଶିଶିର ଋତୁରେ ଏହାକୁ ସଂଗ୍ରହ କରାଯାଇ ଆବଶ୍ୟକ ମୁତାବକ ପାଟିଆ କରାଯାଇ ଶୁଖାଯାଏ। ଏହାର ମୂଲ୍ୟବାନ୍ ତନ୍ତୁ ଉତ୍କୃଷ୍ଟ ଘରୋଇ ସାମଗ୍ରୀ ନିର୍ମାଣରେ କଞ୍ଚାମାଲ ଭାବେ ବ୍ୟବହାର ହୋଇଥାଏ। ଏଥିରେ ପ୍ରସ୍ତୁତ ମୋବାଇଲ ଷ୍ଟାଣ୍ଡ, ପେନ୍‌ଷ୍ଟାଣ୍ଡ, ହାତପଙ୍ଖା, ଘରସଜ୍ଜା ଉପକରଣ ବେଶ୍ ଆକର୍ଷଣୀୟ। ତନ୍ତଆପାଳର ପ୍ରମିଳା ଜେନା କହିଛନ୍ତି, ନାଳିଆ ଘାସ ଭିତରକନିକାରେ ପ୍ରଚୁର ପରିମାଣରେ ଅଛି। ଏହି କଞ୍ଚାମାଲ ସଂଗ୍ରହ କରିବାରେ ବନ ବିଭାଗ କଟକଣା ବାଧକ ସାଜିଛି। ଉପାନ୍ତ ଅଞ୍ଚଳରେ ପ୍ରସ୍ତୁତ ସାମଗ୍ରୀ ଘରୋଇ ଆବଶ୍ୟକତାକୁ ପୂରଣ କରିଥାଏ। ସାମ୍ପ୍ରତିକ ସମୟରେ ଏହି କୁଟୀରଶିଳ୍ପର ଉନ୍ନତୀକରଣ ଓ ବ୍ୟାପକତା ପାଇଁ ବୈଷୟିକ ଜ୍ଞାନକୌଶଳ ତାଲିମ ଆବଶ୍ୟକ। ତାଲିମପ୍ରାପ୍ତ ହୋଇ ନ ଥିବାରୁ ବ୍ୟାଙ୍କରୁ କୁଟୀରଶିଳ୍ପକୁ ବୃହତ୍ ଆକାରର ଋଣ ମିଳୁନାହିଁ। ଏଥିପାଇଁ ଜିଲା ଶିଳ୍ପ କେନ୍ଦ୍ର, ଓର୍‌ମାସ ଓ ନାବାର୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସୁଫଳ ମିଳିନାହିଁ। ସାମାଜିକ କର୍ମୀ ତଥା ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର କୁଟୀରଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ନେଇ ପ୍ରଚାରପ୍ରସାର ଜୋର୍‌ଦାର ହେଉଛି। ସେହିପରି ଏସ୍‌ଏଚ୍‌ଜି ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସେମାନଙ୍କ ଆର୍ଥିକ ଦିଗରୁ ସଶକ୍ତୀକରଣ ହେଉଥିବା କୁହାଯାଉଛି। ଏହାର ବାସ୍ତବତା ହେଉଛି ଯେ ସରକାରୀ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଜିଲାରେ ଯେଉଁ ପରିମାଣରେ କାଇଁଛ ହସ୍ତଶିଳ୍ପକୁ ଗୁରୁତ୍ୱ ଦିଆଯାଉଛି, ସେପରି ନାଳିଆ ଘାସ ହସ୍ତଶିଳ୍ପକୁ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଜିଲାରେ କଞ୍ଚାମାଲ ମାଗଣାରେ ମିଳୁଥିବା ସତ୍ତ୍ୱେ ଏହାର ପ୍ରଚାର ପ୍ରସାର ନ ଥିବାରୁ ଏହି କୁଟୀରଶିଳ୍ପ ମରିଯିବାକୁ ବସିଛି। ଏ ସମ୍ପର୍କରେ ଜିଲା ଶିଳ୍ପକେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ନାଳିଆ ଘାସ ହସ୍ତଶିଳ୍ପୀଙ୍କ ପାଇଁ ୨୦୦୯ରୁ ତାଲିମ ପ୍ରଦାନ କରାଯାଉଛି। ଏଥିରେ ତାଲିମ ପାଇଁ ବେଶି ଆଗ୍ରହ ନ ଥିବାରୁ ଏହି ହସ୍ତଶିଳ୍ପ ସୀମିତ ହେବାକୁ ବସିଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଲୋପାଲିସା



@ ମୌସୁମୀ



@ ପ୍ରେମାନନ୍ଦ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସେମିଫାଇନାଲରେ ମୁମ୍ବାଇ, ଚେନ୍ନାଇ, ପାରାଦୀପ, ଭିଓସି

**ବୃହତ୍‌ବନ୍ଦର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ପାରାଦୀପ, ୧୪।୨(ଶରତ ରାଉତ):**

ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ୪୬ତମ ସର୍ବଭାରତୀୟ ବୃହତ୍‌ବନ୍ଦର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଲିଗ୍ ପର୍ଯ୍ୟାୟ ଖେଳ ଶେଷ ହୋଇଛି। ଏଥିରୁ ୪ଟି ଟିମ ସେମିଫାଇନାଲରେ ପହଞ୍ଚିଛନ୍ତି। ସେମାନେ ହେଲେ ମୁମ୍ବାଇ, ଚେନ୍ନାଇ, ପାରାଦୀପ ଓ ଭିଓସି। ଗୁରୁବାର ପ୍ରଥମ ମ୍ୟାଚ କୋଚିନ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ତାହା ଅମୀମାଂସିତ ରହିଥିଲା। ସେହିପରି ଚେନ୍ନାଇ ଓ ଭିଓସି ମ୍ୟାଚ ମଧ୍ୟ ଅମୀମାଂସିତ ରହିଥିଲା। ତୃତୀୟ ମ୍ୟାଚରେ ପାରାଦୀପକୁ ୨-୧ ଗୋଲରେ ମୁମ୍ବାଇ ପରାସ୍ତ କରିଥିଲା। ଶୁକ୍ରବାର ସେମିଫାଇନାଲ ମ୍ୟାଚ ପାରାଦୀପ ସହ ଚେନ୍ନାଇ ଓ ଭିଓସି ସହ ମୁମ୍ବାଇ ମଧ୍ୟରେ ହେବ।



ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ମଧ୍ୟରେ ଆୟୋଜିତ ଫୁଟ୍‌ବଲ୍ ମ୍ୟାଚ।

# ରସୁଲପୁର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିଲମ୍ବିତ

**ରସୁଲପୁର,୧୪।୨ (ରଞ୍ଜିତ ରାଉତ):**

ଯାଜପୁର ଜିଲା ରସୁଲପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ନିଲମ୍ବନ ନିର୍ଦ୍ଦେଶପତ୍ର ସଂଖ୍ୟା-୧୪୧୪/୦୭।୦୨।୨୦୨୫ରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ବ୍ଲକ୍ କାର୍ଯ୍ୟାଳୟକୁ ତାଙ୍କର ହେଡକ୍ୱାର୍ଟର ଭାବରେ ସ୍ଥିର କରାଯାଇଛି। ସେ ବିଡିଓଙ୍କ ବିନା ଅନୁମତିରେ କାର୍ଯ୍ୟାଳୟ ଛାଡ଼ି ପାରିବେ ନାହିଁ ବୋଲି ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି। ନିଲମ୍ବନ କାରଣ ସମ୍ପର୍କରେ ପତ୍ରରେ କୌଣସି ସ୍ପଷ୍ଟ ସୂଚନା ଉଲ୍ଲେଖ କରାଯାଇନାହିଁ। ଏହି ଘଟଣା ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଜିଲା ପ୍ରଶାସନ ପକ୍ଷରୁ ବ୍ଲକରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ପକ୍ଷରୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଉତଙ୍କୁ ଦିଆଯାଇଥିବା ନିର୍ଦ୍ଦେଶକୁ ସେ ପାଳନ ନ କରିବା ଓ ଜିଲାପାଳଙ୍କ ସହ ଯୁକ୍ତିତର୍କ କରିବାରୁ ଜିଲାପାଳ ତାଙ୍କ ବରୋଧରେ କରିଥିବା ସୁପାରିସ ଆଧାରରେ ନିଲମ୍ବନ କରାଯାଇଥାଇପାରେ ବୋଲି କୁହାଯାଉଛି। ନିଲମ୍ବନକୁ ନେଇ ହେଉଥିବା ଚର୍ଚ୍ଚାରୁ ଜଣାଯାଇଛି କି ଜନଶୁଣାଣି ଶିବିରକୁ ଜଣେ ଦିବ୍ୟାଙ୍ଗଙ୍କୁ ତାଙ୍କ ପରିବାର ଲୋକେ ଟେକିଟେକି ଜିଲାପାଳଙ୍କ ନିକଟକୁ ଆଣିଥିଲେ। ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାୟତା ଯନ୍ତ୍ରାଂଶ ପ୍ରଦାନ କରାଯାଇ ନ ଥିବା ଜଣାପଡିଥିଲା। ଶିବିରକୁ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ନେବା ଆଣିବାରେ ବ୍ୟବହୃତ ହେଉଥିବା ଗାଡ଼ିକୁ ଅଭିଯୋଗକାରୀ ଦିବ୍ୟାଙ୍ଗଙ୍କୁ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶକୁ ସେ ଅବଜ୍ଞା କରିଥିଲେ। ଅନ୍ୟ ଏକ ଶିବିରରେ ଆଉ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କାନଯନ୍ତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଯନ୍ତ୍ରଟି ବ୍ୟବହାର କରିବାର କିଛି ଦିନ ଭିତରେ ଖରାପ ହୋଇଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ବ୍ଲକରେ ଥିବା ଆଉ ଏକ କାନଯନ୍ତ୍ର ପ୍ରଦାନ କରିବାକୁ ଶିବିରରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ବଦଳରେ ଗାଇଡିଲାଇନ୍‌ରେ ନାହିଁ, ସେ ଦେଇ ପାରିବେ ନାହିଁ ବୋଲି କହି ଜିଲାପାଳଙ୍କ ସହ ଯୁକ୍ତିତର୍କ କରିଥିଲେ। ସେହିପରି ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ ସମସ୍ୟା ନେଇ ଆସୁଥିବା ଜନପ୍ରତିନିଧି, ହିତାଧିକାରୀ, ବ୍ଲକ୍‌ର ଉପରିସ୍ଥ ଅଧିକାରୀଙ୍କୁ ଅଧିକାରୀ ଜଣକ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଆତ୍ମହତ୍ୟା କରିବାବେଳେ ଚିଠିରେ ସେମାନଙ୍କ ନାମ ଉଲ୍ଲେଖ କରିବେ ବୋଲି ଧମକଚମକ ଦେଇ ଆସୁଥିଲେ। ଏନେଇ ବିଭିନ୍ନ ସମୟରେ ଅଧିକାରୀଙ୍କ ବିରୋଧରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା। ନିଲମ୍ବନ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଅଧିକାରୀ ରାଉତଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ମିନତି ରାଉତ

# ଛାତ୍ରୀଙ୍କୁ ଦୁର୍ବ୍ୟବହାର: ଥାନାରେ ଅଭିଯୋଗ

**ନାଉଗାଁ,୧୪।୨(ସୁଧା ବେହୁରା):** ନାଉଗାଁ ଥାନା ଅନ୍ତର୍ଗତ ଏକ ବିଦ୍ୟାଳୟର ଜଣେ ୧୦ ବର୍ଷୀୟା ଛାତ୍ରୀଙ୍କୁ ଦୁର୍ବ୍ୟବହାର କରାଯାଇଛି। ଏନେଇ ଶୁକ୍ରବାର ସମ୍ପୃକ୍ତା ଛାତ୍ରୀଙ୍କ ମା’ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ନୀଳମଣି ନାୟକ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ବିଦ୍ୟାଳୟର ଖାଇବା ଛୁଟି ସମୟରେ ଛାତ୍ରୀ ଜଣକ ଶ୍ରେଣୀଗୃହର ତଳକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଖାଇବାର ପ୍ରଲୋଭନ ଦେଖାଇ ଦୁର୍ବ୍ୟବହାର କରିଥିଲେ। ଏହାପରେ ପୀଡ଼ିତା ଉକ୍ତ ଘଟଣା ସମ୍ପର୍କରେ ଗୁରୁମା’ଙ୍କୁ କହିଥିଲେ। ଗୁରୁମା’ ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ଏନେଇ ଥାନାରେ ପୋକ୍‌ସୋ ଆକ୍ଟରେ ମାମଲା (ନଂ. ୩୯/୨୫) ରୁଜୁ ହୋଇଛି।

**ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**

## ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ୩୬ କୋଟି

**ଜଗତ୍‌ସିଂହପୁର, ୧୪।୨ (ପ୍ରମୋଦ କୁମାର ନାୟକ):**

ରାଜ୍ୟର ୩୦ଟି ଜିଲାରେ ୭୨୦୦ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ୨୦୧୪-୧୫ ଆର୍ଥିକ ବର୍ଷରୁ ୩୬ କୋଟି ଟଙ୍କା ଦିଆଯାଇଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର ଜିଲାର ୩୩୬ଟି ଟୁଙ୍ଗି ପାଇଁ ୧.୬୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ତଥ୍ୟ ରଖିଛନ୍ତି। ସେ ଏକଥା ମଧ୍ୟ ସ୍ପଷ୍ଟ କରିଛନ୍ତି, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧୀନ ୫ଟି ଭାଗବତ ଟୁଙ୍ଗି ପାଇଁ ୨.୫୦ ଲକ୍ଷ ଓ ନାଉଗାଁ ପଞ୍ଚାୟତ ସମିତି ଅଧୀନ ୧୫ଟି ଟୁଙ୍ଗି ପାଇଁ ୭.୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅବଶିଷ୍ଟ ଟୁଙ୍ଗିଗୁଡ଼ିକର ପୁନଃ ଯାଞ୍ଚ ପାଇଁ ସମ୍ପୃକ୍ତ ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଜଗତ୍‌ସିଂହପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏଥିନିମନ୍ତେ ଅବଶିଷ୍ଟ ଅର୍ଥ ଜିଲା ସଂସ୍କୃତି ପରିଷଦ ପାଣ୍ଠିରେ ଗଚ୍ଛିତ ରହିଛି।

## ରାଜ୍ୟରେ ୧୨.୩୧ କୋଟି ବହି ଛପାଯାଇଛି

**ଜଗତ୍‌ସିଂହପୁର, (ପ୍ରମୋଦ କୁମାର ନାୟକ):**

ଭୁବନେଶ୍ୱରସ୍ଥିତ ନିର୍ଦ୍ଦେଶକ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କାର୍ଯ୍ୟାଳୟରେ ବିଗତ ୫ ବର୍ଷରେ ୧୨,୩୧,୨୪,୪୫୦ ପାଠ୍ୟପୁସ୍ତକ ଛପାଯାଇଛି। ଯେଉଁଥିରେ ଅର୍ଥାତ୍ ୨୦୨୦-୨୧ରେ ୨,୪୪,୯୮,୫୦୦, ୨୦୨୧-୨୨ରେ ୨,୧୮,୪୯,୧୦୦, ୨୦୨୨-୨୩ରେ ୨,୪୨,୦୪,୩୫୦, ୨୦୨୩-୨୪ରେ ୨,୪୬,୧୩,୦୫୦ ଓ ୨୦୨୪-୨୫ରେ ୨,୮୦,୫୯,୪୫୦ ବହି ଅନ୍ତର୍ଭୁକ୍ତ। ସେଥିମଧ୍ୟରୁ ନିଜସ୍ୱ ସରକାରୀ ପ୍ରେସରେ ୯୭,୦୨,୪୦୦ ଓ ବେସରକାରୀ ପ୍ରେସରେ ୧୧,୩୪,୨୨,୦୫୦ ରହିଛି। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ କରିଥିବା ପ୍ରଶ୍ନର ଉତ୍ତର ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହା କହିଛନ୍ତି। ଅନୁରୂପ ଭାବେ ରାଜ୍ୟରେ ୧.୬.୧୯୯୪ ସୁଦ୍ଧା ଅନୁଦାନ ପାଇବା ପାଇଁ ଯୋଗ୍ୟ ଉଚ୍ଚ ବିଦ୍ୟାଳୟ ସଂଖ୍ୟା କେତେ ସମ୍ପର୍କିତ ବିଧାୟକ ଦାସଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗଣ୍ଡ ଏହି ସଂଖ୍ୟା ୬୧୧ ଥିଲା ବୋଲି ଉଲ୍ଲେଖ କରିଛନ୍ତି।

# ମହାନଦୀରେ ଲୁଣାଜଳ: ଡାଲୁଅଧାନ ଚାଷକୁ ଚୁଆପାଣି ଭରସା

- ଚାଷୀଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ
- ବଢୁଛି ଜୈବିକ ପଦ୍ଧତିରେ ଡାଲୁଅ ଧାନ ଚାଷ
- ବର୍ଦ୍ଧମାନ ରାଜାଙ୍କ ଜମି ପଟ୍ଟା ମିଳିଛି
- କୃଷି ବିଭାଗ କହୁଛି ଜଙ୍ଗଲ ଜମି

**ମହାକାଳପଡ଼ା, ୧୪।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର କୃଷି ଓ କୃଷକଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। କୃଷି ଓ କୃଷକମାନଙ୍କ ପାଇଁ ସରକାରୀ ରିହାତି ଦରରେ ବିହନ ଯୋଗାଣ ବିଭିନ୍ନ କୃଷି ଯନ୍ତ୍ରପାତି, ସାର, କୀଟନାଶକ ଆଦି ଋଣ ଯୋଗାଇ ଦେଉଛନ୍ତି। ହେଲେ କୃଷି ଅଧିକାରୀମାନଙ୍କ ଖାମଖିଆଲି ମନୋଭାବ ପ୍ରଦର୍ଶନ ଯୋଗୁ ଚାଷୀମାନଙ୍କ ପାଇଁ ବାଧକ ସାଜିଛି। ସରକାରୀ କୃଷି ସହାୟତା, ଉପଯୁକ୍ତ ତାଲିମ ମିଳୁନାହିଁ ବୋଲି ସ୍ଥାନୀୟ ଚାଷୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ମହାକାଳପଡ଼ା ବ୍ଲକ୍ ଅଞ୍ଚଳର ରାମନଗର ପଞ୍ଚାୟତର ବରଜ ବାହାକୁଦ ଗ୍ରାମ ପାର୍ଶ୍ୱ ଖରିବାଡ଼ି ଓ ତାରିବାଡ଼ିରେ ୭୦ ଏକରରୁ ଅଧିକ ଜମିରେ ଖରାଦିନିଆ ଡାଲୁଅ ଧାନ ବେଉଷଣ ସରିବା ଶେଷ ପର୍ଯ୍ୟାୟରେ। ସ୍ଥାନୀୟ ଚାଷୀଙ୍କୁ ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ନିକଟ ମହାନଦୀରେ ଲୁଣାପାଣି ଯୋଗୁ ମଧୁର ଜଳସେଚନ ସୁବିଧା ନାହିଁ। ଚାଷୀମାନେ ବାଧହୋଇ ନିଜ ଜମିରେ ଚୁଆ ଖୋଳି ମଧୁର ପାଣି ମଡାଉଛନ୍ତି। ସେହିପରି ୮୦ ପ୍ରତିଶତ ଭାଗ ଚାଷୀମାନେ ଡାଲୁଅ ଧାନ ଫସଲ କରୁଛନ୍ତି। କେତେଜଣ ଭାଗ ଚାଷୀଙ୍କ କହିବା କଥା, ସରକାରୀ ସହାୟତା ଅଭାବରୁ ଧାର, କରଜ ଓ ଘରୋଇ ଏସ୍‌ଏଚ୍‌ଜିଙ୍କ ନିକଟରୁ ସ୍ୱଳ୍ପ ସୁଧ ହାରରେ ଟଙ୍କା ନେଇ ଏହି ଡାଲୁଅ ଚାଷ କରୁଥିବା କହିଛନ୍ତି। ଏପରିକି ଜୈବିକ ପଦ୍ଧତିରେ ଗୋବର ଖତ ଦେଇ ତଳି ବିହନ ପ୍ରସ୍ତୁତକରି ବେଉଷଣ କରିଥିବା କହିଛନ୍ତି ବୈରାଗୀ ସାମଲ, କୁନିଆ ଦାସ, ଖତୁ ସାମଲ, ଶରତ ବେହେରା, ଶେଖ କଟିଆ, ଆକବର ଖାଁ, ଶେଖ ଜାମା, ଶେଖ ସୈଫୁଦ୍ଦିନ ପ୍ରମୁଖ ଭାଗ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ଅଭାବରୁ କୃଷି ସହାୟତା ମିଳୁନାହିଁ। ମହାନଦୀରେ ଲୁଣାଜଳ ଯୋଗୁ ଆମେ ବାଧହୋଇ ଜମିରେ ଚୁଆ ଖୋଳି ସେଣାରେ ପାଣି ବୋହି ଚାଷଜମିକୁ ମଡ଼ାଉଛୁ। ଏହି ଖରିବାଡ଼ି ଓ ତାରିବାଡ଼ି ସରକାରୀ ଜଙ୍ଗଲ ଜମି ନୁହେଁ। ଏହି ଦୁଇ ଅଞ୍ଚଳର ଜମି ବର୍ଦ୍ଧମାନ ରାଜାଙ୍କ ପଟ୍ଟା ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। କୃଷି ଅଧିକାରୀ ଗ୍ରାମାଞ୍ଚଳ ଚାଷୀମାନଙ୍କ ପାଖକୁ ଯାଉନାହାନ୍ତି ସେମାନେ କହିଛନ୍ତି। ଉକ୍ତ ଜମି ଅଞ୍ଚଳରୁ ମହାନଦୀକୁ ଜଳ ନିଷ୍କାସିତ ଓ ପ୍ରବେଶ ହୋଇଥାଏ ବୋଲି ଚାଷୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ୍ କୃଷି ଅଧିକାରୀ ପ୍ରଦୋଷ କୁମାର ବେହେରାଙ୍କୁ ପଚାରିବାରେ ଉକ୍ତ ଅଞ୍ଚଳ ଜଙ୍ଗଲ ଜମି ହୋଇ ଥିବାରୁ ସରକାରୀ ସହାୟତା ପ୍ରଦାନରେ ବାରଣ କରାଯାଇଛି ବୋଲି ସେ କହିଛନ୍ତି।




ରାମନଗର ପଞ୍ଚାୟତ ବରଜ ବାହାକୁଦ ଗ୍ରାମର ମହାନଦୀ ସଂଲଗ୍ନ ଖରିବାଡ଼ି ଓ ତାରିବାଡ଼ିରେ ଡାଲୁଅ ଧାନ ଚାଷ ହେଉଛି।

# ଭିତ୍ତିଭୂମି ଥାଇ ବି ଖୋଲିପାରୁନି ବିଏଡ୍ କୋର୍ସ

**ନୟାଗଡ଼,୧୪।୨(ଲୋକନାଥ ମିଶ୍ର)**

- ମଡେଲ ଡିଗ୍ରୀ କଲେଜ ଉପେକ୍ଷିତ ଅବସ୍ଥାରେ ରହିଯାଇଛି
- ଉଚ୍ଚଶିକ୍ଷାର ସୁଯୋଗ ହରାଉଛି ନୟାଗଡ଼ ଜିଲା
- ଆନ୍ଧ୍ର ପ୍ରଦେଶ, ଜମ୍ମୁ କଶ୍ମୀର, ବିହାର ପରି ରାଜ୍ୟ ଶୋଷୁଛନ୍ତି ଅର୍ଥ

ନୟାଗଡ଼ ବ୍ଲକର ଲାଠିପଡ଼ାସ୍ଥିତ ଜିଲାର ଏକମାତ୍ର ସରକାରୀ ମଡେଲ ଡିଗ୍ରୀ କଲେଜରେ ବିଏଡ୍ କୋର୍ସ ଖୋଲିବାକୁ ଦାବି ହୋଇ ଆସୁଥିଲେ ମଧ ଉଚ୍ଚଶିକ୍ଷା ବିଭାଗ ଦାବିକୁ ଅଣଦେଖା କରି ଆସୁଥିବା ଅଭିଯୋଗ ହୋଇଆସୁଛି। ମଡେଲ ଡିଗ୍ରୀ କଲେଜରେ ବିଏଡ୍ କୋର୍ସ ଖୋଲିବାକୁ ନୟାଗଡ଼ ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କ ସୁପାରିସ ଓ ସହଯୋଗ ରହିଥିଲେ ବି ସୁଫଳ ମିଳିନି। ବିଏଡ୍ କୋର୍ସ ଖୋଲିବାକୁ ମଡେଲ ଡିଗ୍ରୀ କଲେଜ ପକ୍ଷରୁ ମଧ ରାଜ୍ୟ ସରକାରଙ୍କୁ ମଧ ଅନୁରୂପ ଭାବେ ଅବଗତ କରାଯାଇଛି। ଏଭଳିସ୍ଥଳେ ନୟାଗଡ଼ର ଛାତ୍ରୀଛାତ୍ର ନିଜ ଜିଲା ସମେତ ରାଜ୍ୟରେ ବିଏଡ୍ କୋର୍ସ କରିବାର ସୁଯୋଗ ନ ପାଇ ଆନ୍ଧ୍ର ପ୍ରଦେଶ, ଜମ୍ମୁ ଓ କଶ୍ମୀର ଓ ବିହାରକୁ ଯିବାକୁ ପଡୁଛି। ଶିକ୍ଷା ପାଇଁ ଦୂରଦୂରାନ୍ତର ଯିବାକୁ ପଡୁଥିବାରୁ ହଟହଟା ହେଉଛନ୍ତି। ବିଏଡ୍ କୋର୍ସ ପାଇଁ ଆନ୍ଧ୍ର ପ୍ରଦେଶ, ଜମ୍ମୁ ଓ କଶ୍ମୀର ଓ ବିହାରରେ ଜଣେ ଛାତ୍ରୀଛାତ୍ର ପିଛା ପ୍ରାୟ ଦେଢ଼ ଲକ୍ଷ ରୁ ୨ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ଖାଇବା, ରହିବା, ବସ ଓ ଟ୍ରେନ ଭଡ଼ା ଆଦି ଖର୍ଚ୍ଚର ହିସାକୁ ଦେଖିଲେ ଜଣେ ଛାତ୍ରୀଛାତ୍ରଙ୍କୁ ବିଏଡ୍ କରିବାକୁ ୩ରୁ ସାଢ଼େ ୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦି ନୟାଗଡ଼ ଜିଲାରେ ବିଏଡ୍ କୋର୍ସ କରିବାର ସୁବିଧା ଥାନ୍ତା ତେବେ ଅଯଥା ଖର୍ଚ୍ଚରୁ ଛାତ୍ରୀଛାତ୍ର ବର୍ତ୍ତି ଯାଇପାରନ୍ତେ। ଏଣୁ ମଡେଲ ଡିଗ୍ରୀ କଲେଜରେ ଚଳିତ ଶିକ୍ଷା ବର୍ଷଠାରୁ ରାଜ୍ୟ ସରକାର ବିଏଡ୍ କୋର୍ସ ଖୋଲିବାକୁ ଦାବି କରାଯାଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ଲୋକପ୍ରତିନିଧିମାନେ ଜିଲାବାସୀଙ୍କ ଦାବିପୂରଣ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଭଗବାନ ପ୍ରଧାନ ନାମକ ଜଣେ ଛାତ୍ର କହିଛନ୍ତି ଗରିବ ବାଧକ ହେବାରୁ ଆଡମିଶନ ପରେ ବି ବିଏଡ୍ କୋର୍ସ କରିବାରେ ଅସଫଳ ହେଲି। ଦେଢ଼ ଲକ୍ଷ ଟଙ୍କା ଧାର କରଜ କରି ଆଡମିଶନ କରାଇଥିଲି। ତେବେ ପରବର୍ତ୍ତୀ ଖର୍ଚ୍ଚ ସଂଗ୍ରହ କରିବାରେ ଅସୁବିଧା ଓ ଦେଢ଼ ଲକ୍ଷ ଟଙ୍କାର ବୋଝ ମତେ ବିଚଳିତ କରିବାରୁ ବିଏଡ୍ କରିବାର ନିଶା ମୋର ଛାଡ଼ିଗଲା। ନୟାଗଡ଼ ଜିଲାରେ ବିଏଡ୍ କୋର୍ସ ସୁବିଧା ଥିଲେ ଅନେକ ଛାତ୍ରୀଛାତ୍ର ସ୍ୱଳ୍ପ ଖର୍ଚ୍ଚରେ ଏହାର ସୁବିଧା ନେଇ ପାରନ୍ତେ। ଏଣୁ ମଡେଲ ଡିଗ୍ରୀ କଲେଜରେ ବିଏଡ୍ କୋର୍ସ ଖୋଲିବାର ଦାବି ଜିଲାବାସୀଙ୍କ ଯଥାର୍ଥତା ରହିଛି। ମକରନ୍ଦ ବେହେରା ନାମକ ଜଣେ ଛାତ୍ର କହିଛନ୍ତି, ଓଡ଼ିଶାରେ ବିଏଡ୍ କୋର୍ସର ସିଟ୍ ସଂଖ୍ୟା ବହୁତ କମ ରହିଛି। ଏଣୁ ନୟାଗଡ଼ ପରି ଅନ୍ୟ ଜିଲାର ଛାତ୍ରୀଛାତ୍ର ବାହାର ରାଜ୍ୟକୁ ବିଏଡ୍ କୋର୍ସ କରିବାକୁ ଯାଉଛନ୍ତି। ସରକାର ବିଏଡ୍ କୋର୍ସ ଖୋଲିବାକୁ ନୟାଗଡ଼ରେ ଅନାଗ୍ରହୀ। ତେବେ ଆନ୍ଧ୍ର ପ୍ରଦେଶ, ଜମ୍ମୁ ଓ କଶ୍ମୀର ଓ ବିହାରରୁ ବିଏଡ୍ ସାର୍ଟିଫିକେଟ ପାଉଥିବା ଛାତ୍ରୀଛାତ୍ରଙ୍କୁ କାହିଁକି ନୟାଗଡ଼ ଜିଲା ବା ଅନ୍ୟ ଜିଲାରେ ଶିକ୍ଷା ବିଭାଗରେ ପୋଷ୍ଟିଂ ଦେଉଛନ୍ତି। ଏଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଓ ଆର୍ଥିକ ସ୍ଥିତିକୁ ରକ୍ଷା ପାଇଁ ନୟାଗଡ଼ ଜିଲାରେ ମଡେଲ ଡିଗ୍ରୀ କଲେଜରେ ବିଏଡ୍ କୋର୍ସ ଖୋଲିବାର ଆବଶ୍ୟକତାକୁ ସରକାର ପୂରଣ କରିବା ନିହାତି ଦରକାର। ଚିରଞ୍ଜୀବ ପ୍ରଧାନ ଓ ସ୍ମିତା ନାୟକ କହିଛନ୍ତି, ମଡେଲ ଡିଗ୍ରୀ କଲେଜରେ ଶୈକ୍ଷିକ ବାତାବରଣ ଭଲ ରହିଛି। ଏଠାରେ ବିଏଡ୍ କୋର୍ସ ଖୋଲିବାକୁ ସରକାରୀ ନିର୍ଦ୍ଦେଶନାମା ମିଳିଲେ ବହୁ ଛାତ୍ରୀଛାତ୍ର ଉପକୃତ ହୁଅନ୍ତେ। ଆଉ ବାହାର ରାଜ୍ୟକୁ ଦୌଡିବାକୁ ପଡ଼ନ୍ତା ନାହିଁ। ବିଏଡ୍ ଓ ଇଣ୍ଟିଗ୍ରେଟେଡ ବିଏସ୍‌ସି ବିଏଡ୍ ପାଇଁ ୩୨ ସିଟ୍ ଯୋଗାଇବାକୁ ୨୦୨୩ ଅକ୍ଟୋବରରେ ମଡେଲ ଡିଗ୍ରୀ କଲେଜର ଅଧକ୍ଷ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ ପରେ ବି ଅଣଦେଖା କରାଯାଇଛି। ୨ ଅଧାପକ ଥାଇ ଇଂଲିଶ ଅନର୍ସ ନାହିଁ ଲାଠିପଡାଠାରେ ଥିବା ମଡେଲ ଡିଗ୍ରୀ କଲେଜରେ ଇଂଲିଶ ଅଧାପିକା ଓ ଅଧାପକ ଏପରି ୨ଜଣ ରହିଥିବାବେଳେ ଏଠାରେ ଇଂଲିଶ ଅନର୍ସ(ସମ୍ମାନ)ଖୋଲି ପାରୁନି। ଇଂଲିଶ ଅନର୍ସ ଖୋଲିବାକୁ ବହୁଦିନ ହେଲା ଦାବି ହୋଇ ଆସୁଥିଲେ ମଧ ଏହା ଅଣଦେଖା ହୋଇରହିଛି। ଯୁକ୍ତ ୩ କଳାରେ ୫ ଓ ବିଜ୍ଞାନ ପାଇଁ ୫ ଏପରି ୧୦ ଟି ଅନର୍ସ (ସମ୍ମାନ) ରହିଛି। ଏଠାରେ ୯୬୦ ସିଟ୍‌ରୁ ୭୪୨ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ମଡେଲ ଡିଗ୍ରୀ କଲେଜରେ କାହିଁକି ଅନର୍ସ ଖୋଲିପାରୁନି ସାଧାରଣରେ ପ୍ରଶ୍ନ ଉଠୁଛି।



ନୟାଗଡ଼ ବ୍ଲକର ଲାଠିପଡ଼ାସ୍ଥିତ ଜିଲାର ଏକମାତ୍ର ସରକାରୀ ମଡେଲ ଡିଗ୍ରୀ କଲେଜ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲୋପାଲିସା


@ ମୌସୁମୀ


@ ପ୍ରେମାନନ୍ଦ


@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ୟବସାୟୀଙ୍କୁ ବୋମାମାଡ଼ ଘଟଣାରେ ୨ ଜେଲ ଗଲେ

**ରଣପୁର,୧୪।୨(ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳାରେ ୭ ତାରିଖ ବିଳମ୍ବିତ ରାତିରେ ଜଣେ ବ୍ୟବସାୟୀଙ୍କୁ ବୋମାମାଡ଼ ଘଟଣାରେ ଫାଣ୍ଡି ପୋଲିସ ୨ଜଣ ଯୁବକଙ୍କୁ ଗୁରୁବାର ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଗ୍ରାମର ବିକାଶ କୁମାର ଜେନା(୨୫) ଓ ସହଯୋଗୀ ଦିବ୍ୟଜ୍ୟୋତି ରାଉତ(୨୪) ବୋଲି ଜଣାପଡ଼ିଛି।

ରଣପୁର ଥାନା ଅନ୍ତର୍ଗତ ସୁନାଖଳା ଫାଣ୍ଡି ଅଧୀନରେ ଥିବା ରାଜସୁନାଖଳା ବଜାରରେ ଥିବା ନାୟକ ପେଟ୍ରୋଲ ପମ୍ପ୍ ନିକଟରେ ସନ୍ତୋଷ କୁମାର ସାହୁଙ୍କ ଉପରକୁ ମଧ ରାତ୍ରିରେ ବୋମାମାଡ଼ କରି ଘଟଣାସ୍ଥଳରୁ ବାଇକ୍ ସାହାଯ୍ୟରେ ଏହି ୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏ ନେଇ ବର୍ଷା ଆଇସ୍ ପ୍ଲାଜା ଦୋକାନରେ ସେଲ୍‌ସମ୍ୟାନ ଭାବେ କାମ କରୁଥିବା ବୋଲଗଡ଼ ଗ୍ରାମର ଅଭିଯୁକ୍ତ ବିକାଶ କୁମାର ଜେନାଙ୍କ ସ୍ତ୍ରୀ ୮ ତାରିଖରେ ସୁନାଖଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ରଣପୁର ଥାନାରେ ନଂ. ୩୭/୨୫ରେ ମାମଲା ରୁଜୁ ହୋଇଥିଲା। ଥାନା ଅଧିକାରୀ ଏହାର ତଦନ୍ତ ଦାୟିତ୍ୱ ସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତିପ୍ରକାଶ ମହାନ୍ତିଙ୍କୁ ଦେଇଥିଲେ। ଘଟଣାର ୭ଦିନ ଭିତରେ ବୋମାମାଡ଼ କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରିଛି। ଦିବ୍ୟଜ୍ୟୋତି ରାଉତଙ୍କ ନାମରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ପ୍ରକାଶ କରିଛି। ବିକାଶ ଓ ତାଙ୍କ ସ୍ତ୍ରୀଙ୍କ ମଧରେ ୨ବର୍ଷ ହେବ ମନୋମାଳିନ୍ୟ ରହିଛି। ସ୍ତ୍ରୀ ସୁନାଖଳାରେ ରହିଆସୁଛନ୍ତି। ସ୍ୱାମୀ ବିକାଶଙ୍କୁ ପଚାରନ୍ତି ନାହିଁ। ସନ୍ତୋଷଙ୍କ ଦୋକାନରେ ବିକାଶଙ୍କ ସ୍ତ୍ରୀ ସେଲ୍‌ସମ୍ୟାନ ଭାବେ କାମ କରନ୍ତି। ଏ ନେଇ ଦୋକାନ ମାଲିକ ସନ୍ତୋଷଙ୍କୁ ବିକାଶ ତାଙ୍କ ସ୍ତ୍ରୀଙ୍କୁ ଦୋକାନରୁ ବାହାର କରି ଦେବାକୁ କହି ଆସୁଥିଲେ। ହେଲେ ସନ୍ତୋଷ ଏହାକୁ ଶୁଣୁ ନ ଥିଲେ। କିଛିଦିନ ହେବ ତାଙ୍କ ସ୍ତ୍ରୀ ବିକାଶଙ୍କୁ ଛାଡ଼ପତ୍ର ଦେବାକୁ କହିଥିଲେ। ଏଥିରେ ବିକାଶ ରାଗି ଯାଇ ଏହି ଛାଡ଼ପତ୍ର ପାଇଁ ସନ୍ତୋଷଙ୍କୁ ସନ୍ଦେହ କରିଥିଲେ। ବିକାଶ ଓ ତାଙ୍କ ସ୍ତ୍ରୀଙ୍କ ମଧରେ ବିବାଦ ପାଇଁ ସନ୍ତୋଷଙ୍କୁ ଦାୟୀ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରିରେ ସନ୍ତୋଷ ଦୋକାନ ବନ୍ଦ କରି ଘରକୁ ଯାଉଥିବା ବେଳେ ନିକଟସ୍ଥ ପେଟ୍ରୋଲ ପମ୍ପ୍ ନିକଟରେ ବିକାଶ ଲୁଚି ରହି ଏକ ବୋମା ପିଙ୍ଗିଥିଲେ। ବୋମାଟି ସନ୍ତୋଷଙ୍କ ଗୋଡ଼ରେ ବାଜିଥିଲା। ଏଥିରେ ତାଙ୍କ ଗୋଡ଼ରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ସନ୍ତୋଷଙ୍କୁ ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା।


ଗିରଫ ୨ ଅଭିଯୁକ୍ତ।

# ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ପାଇଁ କାଠ ଅନୁକୂଳ


ରଥ କାଠ ଅନୁକୂଳ କରାଯାଉଛି।

**ଖଣ୍ଡପଡ଼ା,୧୪।୨ (ଅଜୟ କୁମାର ମହାରଣା)**

ପ୍ରଭୁ ଶ୍ରୀଲିଙ୍ଗରାଜଦେବଙ୍କ ପବିତ୍ର ରୁକୁଣା ରଥଯାତ୍ରା ପ୍ରତିବର୍ଷ ପରି ଚଳିତ ବର୍ଷ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରୁକୁଣା ରଥ ନିର୍ମାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ଖଣ୍ଡପଡ଼ାଠାରେ ଶୁକ୍ରବାର କାଠ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଭୁଙ୍କ ଆଜ୍ଞାମାଳ ନେଇ ବରିଷ୍ଠ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ଖଣ୍ଡପଡ଼ା ସହରର ୧୨ ନଂ. ୱାର୍ଡ ଟିନିକଲ ସାହିରେ ପହଞ୍ଚି ପ୍ରଭୁଙ୍କ ରଥ ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ୨ଟି ଆମ୍ବଗଛରେ ଲିଙ୍ଗରାଜଙ୍କ ବାନା ଓ ଫୁଲ ଧଣ୍ଡା ବାନ୍ଧି ପୂଜାର୍ଚ୍ଚନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ସୋମେଶ ରଣବିଜୁଳି ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଆମ୍ବଗଛଗୁଡ଼ିକୁ କଟାଯାଇ କାଠଗଣ୍ଡିକୁ ଶ୍ରୀଲିଙ୍ଗରାଜ ଦେବଙ୍କ ରଥଖଳାକୁ ଟ୍ରକ୍ ଯୋଗେ ପଠାଯିବ ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।

# ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିବା ଘଟଣା

## ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ

**ଶରଣକୂଳ, ୧୪।୨ (ଦୀପକ କର)**

ନୟାଗଡ଼ ଜିଲା ଶରଣକୁଳ ଥାନା ବଡ଼ଗୋରଡ଼ା ଗ୍ରାମରେ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିବା ଘଟଣାରେ ପୋଲିସ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ନାମଞ୍ଜୁର ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ୨ଦିନ ତଳେ ବଡ଼ଗୋରଡ଼ା ଗ୍ରାମର ତ୍ରିନାଥ ପରିଡ଼ାଙ୍କ ପୁଅ ତୋଫାନ ପରିଡ଼ା ସ୍ତ୍ରୀ ରଞ୍ଜିତା ପରିଡ଼ାଙ୍କୁ ହତ୍ୟା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଶରଣକୁଳ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଗୁରୁବାର ତୋଫାନ ଥାନାରେ ଆତ୍ମ ସମର୍ପଣ କରିଥିଲେ। ଏହି ଘଟଣାରେ ପୋଲିସ ନଂ. ୨୦/୨୫ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଆଉ କିଏ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ସମ୍ପର୍କରେ ପୋଲିସ ଅଧିକ ତଦନ୍ତ କରୁଥିବା ଆଇଆଇସି ଜ୍ୟୋତିରଞ୍ଜନ ସ୍ୱାଇଁ କହିଛନ୍ତି।


ଅଭିଯୁକ୍ତ ତୋଫାନ।

# ଆମ ହସ୍ପିଟାଲ ଯୋଜନାରେ ସାମିଲହେଲା ୨ ସ୍ୱାସ୍ଥ୍ୟକେନ୍ଦ୍ର

**ଖଣ୍ଡପଡ଼ା,୧୪।୨ (ଅଜୟ କୁମାର ମହାରଣା)**

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡ଼ା ଓ ରାଣୀପଡ଼ା ପଞ୍ଚାୟତ ଅଧୀନ ବିରଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଥିବା ନେଇ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କଠାରୁ ପ୍ରକାଶ। ଆମ ହସ୍ପିଟାଲ ଯୋଜନାରେ ଉପରୋକ୍ତ ୨ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମିଲ କରାଯାଇଥିବାରୁ କୁମ୍ଭାରପଡ଼ା ପଞ୍ଚାୟତ ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସମେତ ରାଣୀପଡା ପଞ୍ଚାୟତବାସୀ ଏଥି ନିମନ୍ତେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆମ ହସ୍ପିଟାଲ ଯୋଜନାରେ ୨ଟି ସ୍ୱାସ୍ଥ୍ୟକେନ୍ଦ୍ରର ଖୁବ୍‌ଶୀଘ୍ର ଉନ୍ନତୀକରଣ କରାଯିବ ବୋଲି ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ସୁତ୍ରରୁ ଜଣାପଡିଛି।

# ଜିଲାସ୍ତରୀୟ ପଠାଣି ସାମନ୍ତ କପ ଫୁଟ୍‌ବଲ ଟୁର୍ନାମେଣ୍ଟ

## ଫାଇନାଲରେ ଇଟାମାଟି ଫୁଟ୍‌ବଲ କ୍ଲବ୍

**ଖଣ୍ଡପଡ଼ା,୧୪।୨(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ପଠାଣି ସାମନ୍ତ କପ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ୬ଷ୍ଠ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ୨ୟ ସେମିଫାଇନାଲ ମ୍ୟାଚରେ ପ୍ରକାଶ-୧୧ ନୟାଗଡ଼କୁ ୨-୧ ଗୋଲରେ ହରାଇ ଇଟାମାଟି ଫୁଟବଲ କ୍ଲବ ଫାଇନାଲକୁ ଉନ୍ନୀତ ହୋଇଛି। ଇଟାମାଟି ଦଳ ୨ଟି ଗୋଲ ସ୍କୋର କରିଥିବା ବେଳେ ନୟାଗଡ଼ ଦଳ ଗୋଟିଏ ଗୋଲ ଶୁଝାଇବାରେ ସକ୍ଷମ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାସ, ସମ୍ମାନିତ ଅତିଥି ଭାବେ ଡ. ମୃତ୍ୟୁଞ୍ଜୟ ସ୍ୱାଇଁ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରୀ ଭାବେ ସମୀର ଖୁଣ୍ଟିଆ କାର୍ଯ୍ୟ ପରିଚାଳନ କରିଥିବା ବେଳେ ଲାଇନ୍ସରେ ସୁବାସ ଚନ୍ଦ୍ର ବେହେରା(କ) ଓ ସୁବାସ ଚନ୍ଦ୍ର ବେହେରା(ଖ) ଓ ୪ର୍ଥ ରେଫରୀ ଭାବେ ବାପି ମହାନ୍ତ ଖେଳକୁ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମହେନ୍ଦ୍ର କୁମାର ବାରିକ ଓ ସଭାପତି ସୁକାନ୍ତ କୁମାର ମହାରଣା, ସୁଶାନ୍ତ କୁମାର ପାଢୀ, ରାଜେଶ ପଣ୍ଡା, ସଭ୍ୟ ପରମେଶ୍ୱର ମହାନ୍ତି, ଅନୁପ ଶତପଥୀ, ଆଶୁତୋଷ ମହାପାତ୍ର ଓ ବିଦ୍ୟାଧର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶନିବାର ନୟାଗଡ ଜୁନିୟର ୧୧ ଫୁଟ୍‌ବଲ କ୍ଲବ ସହ ଖଣ୍ଡପଡ଼ା ଜୁନିୟର ୧୧ ଏବଂ ପରେ ପ୍ରଶାସକ ଏକାଦଶ ବନାମ ସାମ୍ବାଦିକ ଏକାଦଶ ମଧରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହେବ। ରବିବାର ଇଟାମାଟି ଫୁଟ୍‌ବଲ କ୍ଲବ ସହ କ୍ରୀଡା ଛାତ୍ରାବାସ ନୟାଗଡ଼ ମଧରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।



ଅତିଥିମାନେ ଶୁକ୍ରବାରର ଫୁଟବଲ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ବାୟୋମେଟ୍ରିକ୍ ମେଶିନ କାମ କରୁନି

## ନିଜ ସୁବିଧାରେ କାର୍ଯ୍ୟାଳୟ ଆସୁଛନ୍ତି ଯାଉଛନ୍ତି କର୍ମଚାରୀ

**ନୂଆଗାଁ, ୧୪।୨ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କର୍ମଚାରୀଙ୍କ ଉପସ୍ଥାନ ରଖିବା ପାଇଁ ବାୟୋମେଟ୍ରିକ୍ ମେଶିନ ଲଗାଯାଇଥିଲା। କିନ୍ତୁ ତାହା ଅଚଳ ହୋଇ ପଡ଼ିଥିବା ବେଳେ ତାହାକୁ ସଜାଡ଼ିବା ଲାଗି ଅଧିକାରୀ ନାଁ ଧରୁନାହାନ୍ତି।

ନୂଆଗାଁ ବ୍ଲକ କର୍ମଚାରୀ କାର୍ଯ୍ୟ ଦିବସରେ ନିୟମିତ ଭାବେ ଏବଂ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନାହାନ୍ତି। ଫଳରେ କୌଣସି କାମରେ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ହଇରାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ତେଣୁ କର୍ମଚାରୀମାନଙ୍କୁ ସମୟାନୁବର୍ତ୍ତିତା କରିବା ସହ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ଓ ସ୍ୱଚ୍ଛତାର ସହ ଲୋକମାନଙ୍କ କାମ କରି ଠିକ୍ ସମୟରେ କାର୍ଯ୍ୟାଳୟ ଛାଡ଼ିବାର ଉପସ୍ଥାନ ପାଇଁ ତତ୍କାଳୀନ ବିଡିଓ ପ୍ରମୋଦ କୁମାର ନାୟକ ବାୟୋମେଟ୍ରିକ ମେଶିନ ଲଗାଇଥିଲେ। ଉକ୍ତ ମେଶିନକୁ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ କିରାଣିଙ୍କ ପ୍ରକୋଷ୍ଠରେ ଲଗାଯାଇଥିଲା। ମେଶିନ ଲାଗିବା ପରେ କର୍ମଚାରୀମାନେ ନିଜର ଉପସ୍ଥାନ ପକାଇ ଠିକ୍ ସମୟରେ ଯିବା ଆସିବା କରୁଥିଲେ। କିନ୍ତୁ କିଛି ମାସ ହେଲା ଉକ୍ତ ବାୟୋମେଟ୍ରିକ ମେଶିନଟି ଅଚଳ ହୋଇପଡ଼ିଛି। ଯାହା ଫଳରେ କର୍ମଚାରୀମାନେ ସୁବିଧା ଦେଖି ନିଜ ଇଚ୍ଛାରେ ଆସି ରେଜିଷ୍ଟରରେ ଦସ୍ତଖତ କରୁଛନ୍ତି। କେଉଁ କର୍ମଚାରୀ କେତେବେଳେ ଆସୁଛନ୍ତି ଓ ଯାଉଛନ୍ତି ତାହା ଜଣାପଡୁନାହିଁ। ନିୟମିତ ଭାବେ କାର୍ଯ୍ୟାଳୟ ନ ଆସି ମଧ ମାସକର ବେତନ ପାଇବାରେ କୌଣସି ଅସୁବିଧା ହେଉନାହିଁ। ତେଣୁ ବ୍ଲକ କର୍ମଚାରୀଙ୍କୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା କରିବା ପାଇଁ ଉକ୍ତ ମେଶିନକୁ ସଚଳ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ମୁଖ୍ୟ କିରାଣି ଚନ୍ଦ୍ରଶେଖର ମତାଙ୍କୁ ପଚାରିବାରେ ମେଶିନ କେବେଠାରୁ ଅଚଳ ହୋଇଛି ବୋଲି ସେ ଜାଣି ନାହାନ୍ତି ବୋଲି କହିଥିଲେ। ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ମେଶିନ ଖରାପ ହେବା କଥା ଜାଣି ନ ଥିଲି। ତାହାକୁ ପୁନଃ ଚାଲୁ କରିବାକୁ ସଜଡ଼ା ଯିବ ବୋଲି ସେ କହିଛନ୍ତି।


ଅଚଳ ହୋଇ ପଡିଥିବା ବାୟୋମେଟ୍ରିକ ମେଶିନ।

# ସଚେତନତାକୁ ଗୁରୁତ୍ୱ




■ ସସ୍ମିତା ଲେଙ୍କା

ବିଶ୍ୱ ବଜ୍ରକାପ୍ତା ଦିବସ ହେଉଛି ବିଶ୍ୱର ସର୍ବାଧିକ ଚାଲାଣ ହେଉଥିବା ସ୍ତନ୍ୟପାୟୀ ପ୍ରାଣୀ ବଜ୍ରକାପ୍ତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉତ୍ସର୍ଗୀକୃତ। ବଜ୍ରକାପ୍ତା ପାଇଁ ସବୁଠାରୁ ବଡ଼ ବିପଦ ମନୁଷ୍ୟ ଏବଂ ସେମାନଙ୍କର ବଂଶ ବିଲୁପ୍ତ ହେବାର ଦ୍ୱାରଦେଶରେ ଉପନୀତ। ଏହି ଦିବସର ଲକ୍ଷ୍ୟ ଏହି ଅନନ୍ୟ ପ୍ରାଣୀ ଏବଂ ସେମାନଙ୍କର ପ୍ରାକୃତିକ ବାସସ୍ଥାନକୁ ସୁରକ୍ଷା ଦେବାର ଗୁରୁତ୍ୱକୁ ଲୋକଲୋଚନକୁ ଆଣିବା। ୨୦୨୫ ଫେବୃଆରୀ ୧୫ରେ ବିଶ୍ୱବ୍ୟାପୀ ବଜ୍ରକାପ୍ତା ଦିବସ ପାଳନ ହେଉଛି।

ଚାଇନା ତଥା ଭିଏଟ୍‌ନାମ ପରି ଦେଶଗୁଡ଼ିକରେ ପାରମ୍ପରିକ ଔଷଧରେ ବଜ୍ରକାପ୍ତା କାତିର ଚାହିଦା ଥିବାରୁ ବଜ୍ରକାପ୍ତାର ବେଆଇନ ଶିକାର ଏବଂ ଚାଲାଣ ହେବାର ସମ୍ଭାବନା ଅଧିକ। ଆଧୁନିକ ଚିକିତ୍ସାରେ ବଜ୍ରକାପ୍ତା କାତିର ଔଷଧୀୟ ମୂଲ୍ୟ ଥିବାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ଏପରି ବିଶ୍ୱାସ ଏକ ଭୁଲ୍ ଧାରଣା।

ପ୍ରତିବର୍ଷ ଫେବୃଆରୀ ମାସର ତୃତୀୟ ଶନିବାରରେ ବିଶ୍ୱ ବଜ୍ରକାପ୍ତା ଦିବସ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ପ୍ରଥମେ ୨୦୧୨ ମସିହାରେ ପାଳନ କରିବା ଆରମ୍ଭ କରାଯାଇଥିଲା ଏବଂ ବିଶ୍ୱବ୍ୟାପୀ ପ୍ରାଣୀକଲ୍ୟାଣ ସଂଗଠନ ଏବଂ ସଚେତନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିଥିଲା। ଏହି ସ୍ୱତନ୍ତ୍ର ଦିନଟି ରିଶଜାକୋଟା ଏବଂ ଅନ୍ୟ ସଂରକ୍ଷଣବାଦୀଙ୍କ ପରିକଳ୍ପନାର ଫଳଶ୍ରୁତି, ଯେଉଁମାନେ ବଜ୍ରକାପ୍ତାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେବାକୁ ଚାହୁଁଥିଲେ।

ସଚେତନ ନାଗରିକଙ୍କଠାରୁ ଆରମ୍ଭ କରି ସଂରକ୍ଷଣ ଗୋଷ୍ଠୀ ପର୍ଯ୍ୟନ୍ତ, ପ୍ରତ୍ୟେକ ବ୍ୟକ୍ତି ଏହି ଦିନକୁ ପ୍ରଚାରପ୍ରସାର, ଜ୍ଞାନ ବାଣ୍ଟିବା ଏବଂ ସୁରକ୍ଷା ପ୍ରୟାସକୁ ଉତ୍ସାହିତ କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ଏହି ଦିବସ କେବଳ ଶିକ୍ଷାଲାଭ କରିବାର ମାଧ୍ୟମ ନୁହେ ବରଂ କାର୍ଯ୍ୟ କରିବା ପାଇଁ ଏକ ଦିନ, ଯେଉଁଠାରେ ସମସ୍ତ ସମ୍ପ୍ରଦାୟ ଏହି ବିପଦପୂର୍ଣ୍ଣ ପ୍ରାଣୀକୁ ସମର୍ଥନ କରିବା ପାଇଁ ଏକତ୍ର ହୋଇଥାନ୍ତି।

ବିଶ୍ୱର ଏହି ଦିବସରେ ଅଂଶଗ୍ରହଣ କରି, ପ୍ରତ୍ୟେକ ବ୍ୟକ୍ତି ବଜ୍ରକାପ୍ତାର ଅବୈଧ ବାଣିଜ୍ୟ ବିରୋଧରେ ଲଢ଼ିବାରେ ସାହାଯ୍ୟ କରିପାରିବେ ଏବଂ ସଂରକ୍ଷଣକୁ ସମର୍ଥନ କରିପାରିବେ।

ବଜ୍ରକାପ୍ତା, ଯାହାକୁ କାତିଯୁକ୍ତ ଉଈ ଭକ୍ଷକ ମଧ୍ୟ କୁହାଯାଏ, ବିଲୁପ୍ତ ହେବା ବିପଦର ଦ୍ୱାରଦେଶରେ ଅଛନ୍ତି। ଏମାନଙ୍କୁ ବଞ୍ଚାଇ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏମାନେ ବହୁତ ଧୀରେ ପ୍ରଜନନ କରନ୍ତି, ପ୍ରତ୍ୟେକ ମାଈ ବଜ୍ରକାପ୍ତା ସାଧାରଣତଃ ବର୍ଷକୁ ଥରେ ଛୁଆ ଜନ୍ମ କରିଥାଏ। ସମଗ୍ର ବିଶ୍ୱରେ ଆଠ ପ୍ରଜାତିର ବଜ୍ରକାପ୍ତା ଅଛନ୍ତି, ଆଫ୍ରିକାରେ ଚାରିଟି ଏବଂ ଏସିଆରେ ଚାରିଟି ପ୍ରଜାତି ରହିଛନ୍ତି। ଜୈବିକ, ସାଂସ୍କୃତିକ ଏବଂ ପରିବେଶଗତ ଦୃଷ୍ଟିରୁ ବଜ୍ରକାପ୍ତା ଗୁରୁତ୍ୱପୂର୍ଣ୍ଣ ଅଟନ୍ତି।

ବଜ୍ରକାପ୍ତାର ଜିଭ ପ୍ରାୟ ଏହାର ସମଗ୍ର ଶରୀରର ଲମ୍ବ ସହିତ ସମାନ ହୋଇଥାଏ, ମାଟିରେ ଗର୍ତ୍ତଖୋଳିବା ପାଇଁ ଲମ୍ବା ନଖ ଏବଂ କେରାଟିନ(ଯାହାକି ମନୁଷ୍ୟର କେଶ ଏବଂ ନଖପରି ସମାନ ସାମଗ୍ରୀ)ରୁ ତିଆରି ତୀକ୍ଷ୍ଣ ଆବରଣ ସେମାନଙ୍କ ଚର୍ମର ଅଧିକାଂଶ ଅଂଶକୁ ଆଚ୍ଛାଦିତ କରିଥାଏ। କାତିର ଏହି ଆବରଣ ସେମାନଙ୍କୁ ଶିକାରୀମାନଙ୍କଠାରୁ ରକ୍ଷାକରେ। ଯେତେବେଳେ ଏମାନେ ବିପଦଗ୍ରସ୍ତ ଅନୁଭବ କରନ୍ତି, ନିଜ ଶରୀରକୁ ଏକ ଗୋଲପେଣ୍ଡୁ ବା ବଲ୍‌ରେ ପରିବର୍ତ୍ତନ କରିଥାନ୍ତି।

ଏହି ରହସ୍ୟମୟ ପ୍ରାଣୀମାନେ ଅନେକ ପୌରାଣିକ କାହାଣୀ, କିମ୍ବଦନ୍ତୀ ଏବଂ ଲୋକକଥାର ବିଷୟବସ୍ତୁ ହୋଇଥାନ୍ତି। ସେମାନେ ପ୍ରାକୃତିକ ଭାବେ ପିମ୍ପୁଡ଼ି ଏବଂ ଉଈ ସଂଖ୍ୟାକୁ ନିୟନ୍ତ୍ରଣ କରି ଏବଂ ଅନ୍ୟ ପ୍ରାଣୀମାନଙ୍କ ଦ୍ୱାରା ବ୍ୟବହୃତ ଗୁମ୍ଫାସ୍ଥାନଗୁଡ଼ିକୁ ଖନନକରି ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ସେବା ମଧ୍ୟ ପ୍ରଦାନ କରନ୍ତି।

ଆମ୍ଭମାନଙ୍କୁ ହୃଦୟଙ୍ଗମ କରିବାକୁ ହେବ ଯେ, ଯେତେବେଳେ ଆମେ ବଜ୍ରକାପ୍ତାର ବାସସ୍ଥଳୀକୁ ସଂରକ୍ଷଣ କରୁ, ସେତେବେଳେ ଆମେ କେବଳ ବଜ୍ରକାପ୍ତା ସଂରକ୍ଷଣ କରୁନାହିଁ, ବରଂ ସେହି ସ୍ଥାନରେ ବାସ କରୁଥିବା ସମସ୍ତ ପ୍ରଜାତି ପାଇଁ ସେହି ଆବାସ ସ୍ଥଳକୁ ସଂରକ୍ଷଣ କରିଥାଉ। ବଜ୍ରକାପ୍ତା ସଚେତନତା କାର୍ଯ୍ୟକ୍ରମରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଲୋକମାନଙ୍କ ମଧ୍ୟରେ ବଜ୍ରକାପ୍ତାର ଅସ୍ତିତ୍ୱ ବିଷୟରେ ସାଧାରଣ ସଚେତନତାର ଅଭାବ।

ଭୌଗୋଳିକ ସ୍ଥଳ ଅନୁସାରେ ବଜ୍ରକାପ୍ତାର ବ୍ୟବହାର ମଧ୍ୟ ଭିନ୍ନ ହୋଇଥାଏ। ଚାଇନାର ଲୋକମାନେ ବିଶ୍ୱାସ କରନ୍ତି ଏହାର କାତି ଗୁଳି ନିରୋଧକ ସାମଗ୍ରୀ ରୂପରେ ବ୍ୟବହାର କରାଯାଇପାରିବ। ଚାଇନା ଏବଂ ଭିଏତନାମରେ ଏହାର କାତି ପାରମ୍ପରିକ ଔଷଧରେ ବ୍ୟବହୃତ ହୋଇଥାଏ। ଏହି ଭ୍ରାନ୍ତ ଧାରଣା ବଜ୍ରକାପ୍ତାର ଶିକାର ଏବଂ ଅବୈଧ ଚୋରାଚାଲାଣ କରିବା ପାଇଁ ଦାୟୀ। ଭାରତର ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ କିଛି ଆଦିବାସୀ ସମ୍ପ୍ରଦାୟଙ୍କ ଭିତରେ ଥିବା କୁସଂସ୍କାର ବା ଅନ୍ଧବିଶ୍ୱାସ ପାଇଁ ବଜ୍ରକାପ୍ତାକୁ ଶିକାର କରାଯାଇଥାଏ। ବଜ୍ରକାପ୍ତା ଏବଂ ଏହାର କାତିର ଅତ୍ୟଧିକ ଚାହିଦା, ଯାହା ସମସ୍ତ ଆଠଟି ପ୍ରଜାତିକୁ ବିଲୁପ୍ତ କରିଦେଉଛି, ତାହା ଏକ ସାଂସ୍କୃତିକ ସମସ୍ୟା। ପ୍ରଚଳିତ କୁସଂସ୍କାର ଏବଂ ଭ୍ରାନ୍ତଧାରଣାକୁ ଦୂରକରିପାରିଲେ ହିଁ ଏସବୁର ସମାଧାନ ହୋଇପାରିବ।


ସ୍ଥାନୀୟ ଏବଂ ଆଦିବାସୀ ସମ୍ପ୍ରଦାୟରେ ରହୁଥିବା ଲୋକମାନେ ବନ୍ୟପ୍ରାଣୀଙ୍କୁ ସୁରକ୍ଷାଦେବା ଏବଂ ଅବୈଧ ବନ୍ୟପ୍ରାଣୀ ବାଣିଜ୍ୟର ମୁକାବିଲା କରିବାରେ ଅଂଶଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ବିଶ୍ୱ ବଜ୍ରକାପ୍ତା ଦିବସ ପାଳନ କରିବାରେ ପ୍ରତିଟି ସଚେତନ ନାଗରିକଙ୍କ ଯୋଗଦାନ ଅପରିହାର୍ଯ୍ୟ।

–ଉପନିର୍ଦ୍ଦେଶକ
ଲୋକଯୁକ୍ତ , ଓଡ଼ିଶା

# ପୁଣି ଲାଗିଲା ମାଓବାଦୀ ପୋଷ୍ଟର

ବାଲିଗୁଡ଼ା,୧୪।୨(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଥାନା ଅଞ୍ଚଳରେ ଦ୍ୱିତୀୟ ଥର ପାଇଁ ମାଓବାଦୀ ପୋଷ୍ଟର ଲାଗିଛି। ଗତ ୧୦ ତାରିଖରେ ଜାମଖୋର ଗାଁ ନିକଟରେ ବାଘୁନା ଡିଭିଜନାଲ କମିଟି ପକ୍ଷରୁ ମାଓବାଦୀ ପୋଷ୍ଟର ଲାଗିଥିଲା। ଶୁକ୍ରବାର ପୁଣି ସୁବର୍ଣ୍ଣଗିରି ରାସ୍ତାର କହମଗୁଡ଼ା ଛକ ନିକଟରେ ବାଘୁନା ଡିଭିଜନାଲ କମିଟି ନାମ ଥାଇ ଏକାଧିକ ମାଓବାଦୀ ବ୍ୟାନର ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ୟାନର ଓ ପୋଷ୍ଟରରେ ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବାକୁ ଓଡ଼ିଶା ରାଜ୍ୟ କମିଟି ସିପିଆଇ ମାଓବାଦୀ ଡାକରା ଦେଇଛି। ଭାଜପା ସରକାରର ରଣନୈତିକ ଆକ୍ରମଣ ଅପରେଶନ୍‌କୁ ବିରୋଧ କରିଛି ଲାଲ ବାହିନୀ। ଓଡ଼ିଶା–ଛତିଶଗଡ଼ ସୀମା କୁଲାଡ଼ି ଘାଟରେ ପୋଲିସ ଦ୍ୱାରା ନିହତ ୧୬ ଜଣ ସାଥି ମାଓବାଦୀଙ୍କ ନରସଂହାରକୁ ବିରୋଧ କରି ସଂଗଠନ ପକ୍ଷରୁ ଏହି ଆହ୍ୱାନ ଦିଆଯାଇଛି। ଶହୀଦଙ୍କ ରକ୍ତ ଛୁଇଁ ଶପଥ ନେଇ ଶତ୍ରୁକୁ ହରାଇ ଜନ ଯୁଦ୍ଧକୁ ତେଜ କରିବାକୁ ଆହ୍ୱାନ ଦେଇଛି ଲାଲବାହିନୀ। ତେବେ କୋଟଗଡ଼ ଅଞ୍ଚଳରେ ଦୀର୍ଘ ଦିନ ପରେ ଗୋଟିଏ ସପ୍ତାହ ମଧ୍ୟରେ ଦୁଇଦୁଇ ଥର ମାଓବାଦୀ ବ୍ୟାନର ଓ ପୋଷ୍ଟର ଲାଗିଥିବାରୁ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।



ମାଓବାଦୀ ବ୍ୟାନର ଓ ପୋଷ୍ଟର

# ମନ୍ଦିରରୁ ଚୋରି ମାମଲାରେ ଦୋଷୀଙ୍କୁ ୩ ବର୍ଷ ଜେଲ

ଚମ୍ପୁଆ,୧୪।୦୨(ମହେଶ୍ୱ ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଏସଡିଜେଏମ୍‌ଙ୍କ କୋର୍ଟରେ ଚମ୍ପୁଆ ଚନ୍ଦ୍ରଶେଖର ମହାଦେବ ମନ୍ଦିରରୁ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଏସ୍‌ଡିଜେଏମ୍ ଦୀପକ କୁମାର ସାଥୁଆ ଅଭିଯୁକ୍ତ ରିଙ୍କୁ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏଥି ସହିତ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୨୯ ଅପ୍ରେଲ ୨୦୧୯ ରିଖରେ ଚମ୍ପୁଆ ଆରାଧ୍ୟ ଦେବତା ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିଲା। ମନ୍ଦିର ପୂଜକ ମୃଣାଳକାନ୍ତି ନନ୍ଦଙ୍କ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା(ନଂ.୪୯/୨୦୧୯) ରୁଜୁ କରି ଚମ୍ପୁଆ ରେଭେନ୍ୟୁ କଲୋନୀର ରିଙ୍କୁ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୮ ଜଣ ଶାକ୍ଷିଙ୍କ ବୟାନ ଓ ପୋଲିସ ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉକ୍ତ ଦଣ୍ଡାଦେଶ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ କିଶୋର କିଶାନ ସୂଚନା ଦେଇଛନ୍ତି।


## ADVERTISEMENT

### ENGAGEMENT DRIVE FOR OFFICERS OF THE 1ST BATTALION OF ODISHA SPECIAL STRIKING FORCE OF ODISHA POLICE (OSSF)

No.D-

1. Please refer Home Deptt. Govt. of Odisha letter No. 37868/D&A, Bhubaneswar, Dtd. 14.10.2024, letter No. 40282/D&A, Bhubaneswar, Dtd. 30.10.2024, letter No. 0906/D&A, Bhubaneswar, Dtd 04.11.2024 and letter No. 41935/D&A, Bhubaneswar, Dtd. 11.11.2024.
2. Engagement drive for the officers of.1st Battalion of OSSF will be conducted as per the following details.
3. The details of vacancies in different ranks and consolidated remuneration per month are given below :-

| Sl. No. | Category | No. of Posts | Consolidated remuneration per month | Rank of Ex-Army, Ex-Air Force, Ex-Navy, Ex-Coast Guard and Ex-CAPF |
|---|---|---|---|---|
| (a) | Commandant | 1 | Rs. 80,500/- | Ex-Serviceman in the rank of Col/Lt. Col (Retired) of Army or equivalent rank of Air Force/ Indian Navy/Coast Guard/ CAPF. |
| (b) | Deputy Commandant | 3 | Rs. 65,500/- | Ex-Serviceman in the rank of Major (Retired) of Army or equivalent rank of Air Force/ Indian Navy/Coast Guard/CAPF |
| (c) | Assistant Commandant | 7 | Rs. 62,500/- | Ex-Serviceman in the rank of Captain (Retired) of Army or equivalent rank of Air Force/ Indian Navy/Coast Guard/ CAPF |
| | Total | 11 Posts | | |

**4. The followings are the mandatory Qualifications -**
(a) Should have retired within five years as on 28.02.2025.
(b) Should have been honorably discharged from their service.
(d) Maximum Age for entry in OSSF -55 years as on 28.02.2025.
(e) No OSSF Personnel shall continue in OSSF after attaining the age of 60 years.
(f) Medical Category - **SHAPE-1**
S - Psychiatric
H - Hearing
A - Appendag
P - Physical
E - Eyesight
At the time of discharge from service. Good health at the time of engagement in OSSF as per examination of Medical Officer.
(g) Character - Good & Above.

**5. Documents** - The applicants are required to submit the scanned copy/ PDF of duly filled up application form along with following documents through e-mail on **comdtsog.orpol@nic.in** by **28.02.2025** :-
(a) Pension payment order.
(b) Discharge Book.
(c) Ex-Servicemen Identity card.
(d) Aadhar Card.

6. Terms of Engagement are as under -
(a) The nature of engagement of OSSF personnel shall be purely on term basis.
(b) The nature of duty of OSSF personnel shall be anti-naxal operations or any other duty in the State of Odisha as decided by DGP, Odisha, from time to time.
(c) The duration of engagement of OSSF personnel shall initially be for a period of one year, which will be extended by one more year in suitable/ deserving cases or till attaining the age of 60 years, whichever is earlier.
(d) In case the engaged personnel is found to be unsuitable later on, his engagement can be terminated by giving him 30 days notice.
(e) The OSSF personnel shall have to wear the uniform and badges, as prescribed by the D.G & I.G of police Odisha.
(f) The persons applying for engagement in OSSF should not have been convicted in any criminal case nor awarded with major punishment in the disciplinary proceedings during his service career. No criminal case should be pending against him at the time of his re-employment in OSSF.
(g) The OSSF personnel shall be governed, among others, by the provisions of section-18 & 19 of Police Act-1861. The OSSF personnel shall have to execute and strictly abide by the agreement enclosed here with. (Details is available on Odisha Police website i.e.odishapolice.gov.in).

**7. Entitlement -**
(a) Retired Ex-servicemen / Ex-CAPFs / Ex-Coast Guard engaged in OSSF shall be allowed Uniform Allowance and Ex-Gratia benefits (in the event of death or incapacitation during active duty) as per relevant resolution/guideline following due process and procedure.
(b) Retired Ex-servicemen / Ex-CAPFs / Ex-Coast Guard engaged in OSSF shall be eligible to get Special Leave of 15 days in a year.

**8. Engagement process -**
(a) Applicants will submit the application form along with all necessary documents through e-mail on comdtsog.orpol@nic.in by 28.02.2025
(b) After receipt of the applications, all applications will be scrutinized.
(c) After scrutiny of applications, the suitable candidates will be intimated about the date, time and venue of the interview.

**9. Contact -** Contact Number for clearance of any doubt:-
(a) Sri Tapan Kumar Moharana, Asst. Commandant, SOG (0938408151)
(b) Ex-Sub. Santosh Kumar Behera (09309082891)

**Sd./ - IG. of Police (Operations), Odisha, Bhubaneswar**

## APPLICATION FORM

ANNEXURE-II

PHOTO

1. Name & Sex :
2. Father's Name :
3. Permanent Address :
4. Date of birth :
5. Rank last held just before retirement :
6. Organization / Force from where retired :
7. Details of last three postings held, date and duration :
8. Date of retirement :
9. Last pay drawn (Gross) :
10. Nationality :
11. Educational Qualifications
12. Whether able to read, write and speak Oriya :
13. Community-General / SC / ST / OBC :
14. Whether any Criminal case or Vigilance enquiry or Departmental proceeding was initiated during the Service career. If yes, did it lead to conviction or imposition of punishment or it is still pending. Give Details :
15. Details of rewards / punishments (other than above) earned during the service career. :
16. Details of post retirement engagement, if any :
17. Any other information, candidate wants to give :
18. Present Address :
19. Mobile number :
20. E-mail address :

**Signature of the Applicant**

**DECLARATION**

I, Sri......................................................................................................
..............................................................................................
S/o .......................................................................... do hereby solemnly declare that the information furnished above are true to the best of my knowledge. If at any time, the information furnished is found to be incorrect; I will be liable to be discharged from contract without assigning any reason thereof.

**Place :**
**Dated :**
**Signature of the Applicant**

OIPR-12110/11/0004/2425



## ZILLA SWASTHYA SAMITI, KENDRAPARA, DPMU, NHM, KENDRAPRA

**Advt. No. 837/DPMU/NHM/2025** **Date : 12.02.2025**

**No.E-751** : Applications are invited from the eligible candidates for filling of the following vacant posts under National Urban Health Mission (NUHM) of Kendrapara District. The post is purely temporary and also co-terminus with the continuity of the scheme. The selection process and HR principles is applicable as per the rules of NHM, Odisha. Lower age limit for all the positions is 21 years as on dtd. 31.01.2025.

| Sl. No. | Name of the post | Vacancy | Age Limit | Monthly Remuneration (In Rupees) | Mode of Selection |
|---|---|---|---|---|---|
| 1 | Medical Officer, UPHC | 2 | Up to 68 Years | 65,611/- with PI | Walk in Interview Date - 28.02.2025 |
| 2 | **Part-time Specialists** (O&G/ Pediatric/Medicine/Skin-VD/ Orthopedic/Surgery/ENT/Eye Specialist or Ophthalmologist/ Psychiatric Specialist/ Nutritionist | 2 from each category | No age bar (Subject to physical Fitness) | 1500/- per session (2 sessions per week for all specialist) and 750/- per sessions (2 sessions per day & 4 days per week) for Nutritionist | |
| 3 | **Data Assistant cum Accountant** | 2 | Up to 40 Years | 15,258/- with PI | Applications Invited (on or before 07.03.2025) |

**Sl. 1 & 2.** The eligible candidates are requested to attend the Walk-In-Interview on dated 28.02.2025 with filled up application form, self-attested xerox copy of all testimonials and all original certificates & mark sheet for verification. The registration of candidates for the above post will be held in the above-mentioned date between **10.30 A.M. to 12.30 P.M. at the Office Chamber of CDM & PHO, Old DHH, Kendrapara**. The late comers will not be entrained for registration.
**Sl. 3.** Candidates fulfilling the eligibility criteria are to apply CDM & PHO-cum-District Mission Director, Kendrapara on or before **07.03.2025 (5 P.M.)** in the prescribed application form along with self-attested copies of all supportive documents through Regd. Post/Speed Post/Courier only and the envelope containing the application should be **superscribed clearly name of the post applied for.**
Interested candidates can download the prescribed Application Form, Selection Procedure & details of said advertisement from the district website https://kendrapara.odisha.gov.in. The undersigned has reserved the right to select/cancel/modification of the selection process without assigning any reason thereof. No personal query will be entertained in the recruitment/selection process.

**OIPR-10018/11/0008/2425** **Sd./- CDM & PHO-cum-DMD, Kendrapara**



## ଓଡ଼ିଶା ସରକାର
## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

**ଘୋଷଣା**

**File No.COL/JAJ/IVL-2022-23(VIIL-38)/2022/8297/LA Dated 10.12.2024**

**No. XXIV-39**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ମକେଇପୁର, ଥାନା–ଯାଜପୁର, ନଂ ୩୩, ତହସିଲ–ଯାଜପୁର, ଜିଲ୍ଲା– ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜିଲ୍ଲାରେ ରେଡକ୍ରସ ଛକଠାରୁ ମକେଇପୁର ପର୍ଯ୍ୟନ୍ତ ଚାରି ଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅର୍ଜନ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act. ୨୦୧୩)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୭୨୪/ ତା ୦୬.୧୧.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–**ମକେଇପୁର,** ଥାନା–ଯାଜପୁର, ନଂ ୩୩, ତହସିଲ–ଯାଜପୁର, ଜିଲ୍ଲା– ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ https://jajpur.odisha.gov.in/ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି ।

ତଫସିଲ–କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ତହସିଲ–ଯାଜପୁର | ଜିଲ୍ଲା–ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମକେଇପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏଥିସହିତ ସଂଲଗ୍ନ ଅଛି | ଏ ୧.୫୧ ଡି | ଏ. ୦.୬୯୦ ଡି | ଏଥି ସହିତ ସଂଲଗ୍ନ ଅଛି |

ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ତହସିଲ–ଯାଜପୁର | ଜିଲ୍ଲା–ଯାଜପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୨୩.୧୨.୨୩ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–ଜିଲ୍ଲାପାଳ, ଯାଜପୁର

## ଭୂମି ଅନୁସୂଚୀ

ପ୍ରକଳ୍ପ– ରେଡକ୍ରସ ଛକ ଠାରୁ ମକେଇପୁର ପର୍ଯ୍ୟନ୍ତ ଚାରିଥାକ ବିଶିଷ୍ଟ ରାସ୍ତାର ଉନ୍ନତୀକରଣ

ମୌଜା–ମକେଇପୁର, ଥାନା ନଂ–୩୩, ଥାନା/ତହସିଲ/ଜିଲ୍ଲା–ଯାଜପୁର

| କ୍ରମିକ ନଂ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୯ | ୪୩୭ | ୦.୦୬୦ | ୦.୦୬୦ | ଶାରଦ ଜଳ ଦୋଫସଲ–୧ | ଶ୍ରୀ ଜନକେଶ୍ୱର ମହାଦେବ ବିଜେ ନିଜଗାଁ ଗ୍ରାମବାସୀଙ୍କ ତରଫରୁ ମାର୍ଫତ କସ୍ତୁରୀ ରାଉତ, ପି:ସିଦ୍ଧ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ |
| ୨ | ୧୦୦/୩୧ | ୪୩୮ | ୦.୦୫୦ | ୦.୦୫୦ | ଘରବାରି | ଜ୍ୟୋତି ପ୍ରକାଶ ପଣ୍ଡା, ପି:ବୃନ୍ଦାବନ ପଣ୍ଡା, ଜା:ବ୍ରାହ୍ମଣ, ବା:ଖଇରାବାଦ, ହା. ବା. ଝରାବାହାଲ, ଜି.ନବରଙ୍ଗପୁର |
| ୩ | ୧୦୦/୧୦୬ | ୪୩୯ | ୦.୨୧୦ | ୦.୦୮୦ | ଘରବାରି | ରଶ୍ମି ରଞ୍ଜନ ମହାପାତ୍ର, ସଂଜୟ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ପି:ନାରାୟଣ ମହାପାତ୍ର, କନକ ମହାପାତ୍ର, ପି:ବନମାଳୀ ଓଝା, ଜା:କମାର, ବା:ଗୋପାଳପୁର |
| ୪ | ୧୦୦/୩୦ | ୪୪୦ | ୦.୦୫୦ | ୦.୦୫୦ | ଘରବାରି | ଶରତ କୁମାର ମିଶ୍ର, ପି:ରାମଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ଆଙ୍କୁଲା |
| ୫ | ୧୦୦/୩୦ | ୪୪୧ | ୦.୧୦୦ | ୦.୧୦୦ | ଘରବାରି | ଶରତ କୁମାର ମିଶ୍ର, ପି:ରାମଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ଆଙ୍କୁଲା |
| ୬ | ୧୦୦/୯ | ୪୪୩ | ୦.୦୭୦ | ୦.୦୫୦ | ଶାରଦ ଜଳ ଦୋଫସଲ–୧ | ବିଶ୍ୱନାଥ ମଲ୍ଲିକ, ପି:ଜଗବନ୍ଧୁ ମଲ୍ଲିକ, ଜା:ଖଣ୍ଡାୟତ, ବା:ତଳିହା |
| ୭ | ୧୦୦/୯ | ୪୪୪ | ୦.୧୭୦ | ୦.୦୫୦ | ଶାରଦ ଜଳ ଦୋଫସଲ–୧ | ବିଶ୍ୱନାଥ ମଲ୍ଲିକ, ପି:ଜଗବନ୍ଧୁ ମଲ୍ଲିକ, ଜା:ଖଣ୍ଡାୟତ, ବା:ତଳିହା |
| ୮ | ୮୦ | ୪୪୫ | ୦.୩୪୦ | ୦.୧୫୦ | ଶାରଦ ଜଳ ଦୋଫସଲ–୧ | ରାଧାମଣି ରାଉତ, ପି: ଶିବ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ |
| ୯ | ୬୫ | ୪୪୭ | ୦.୪୧୦ | ୦.୦୫୦ | ଶାରଦ ଜଳ ଦୋଫସଲ–୧ | ଭାନୁମତି ରାଉତ, ସ୍ୱା:ସନାତନ ରାଉତ ଜା:ଖଣ୍ଡାୟତ, ବା:ନିଜଗାଁ |
| ୧୦ | ୮୭ | ୪୪୮ | ୦.୦୫୦ | ୦.୦୫୦ | ଶାରଦ ଜଳ ଦୋଫସଲ–୧ | ସନାତନ ରାଉତ, କାହ୍ନୁ ଚରଣ ରାଉତ, ପି: ନବୀନ ରାଉତ, ଜା: ଖଣ୍ଡାୟତ, ବା:ନିଜଗାଁ |
| | | ମୋଟ | ୦.୬୯୦ | | | |

OIPR-24163/14/0055/2425 ସ୍ୱା./–ତହସିଲଦାର ତଥା ଭୂ ଅର୍ଜନ ଅଧିକାରୀ, ଯାଜପୁର



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR

No.O-1467

AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
No. Tender Online RCK-05/25, Letter No.271, Date:11.02.25

**e-Procurement NOTICE**

1. Name of the Work: Tender for the road projects of Building/Road Work in the Dist. of Jajpur. 2. Class of Contractor: As specified in the Column-6 of the Annexure. 3. Time of Completion: As specified in the Column-8 of the Annexure. 4. Detail Projects: As per Annexure attached. 5. Other Details:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-05/25 | 17.02.2025 at 11.00 A.M. | 01.03.2025 to 05.00 P.M. | 01.03.2025 upto 02.00 P.M. | 03.03.2025 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer, Rural Works Circle, Kendrapara-Jajpur**

OIPR-25129/11/0037/2425



## GOVERNMENT OF ODISHA
e-mail:serw_ctc@yahoo.com

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK

No.Tender Online RWC-05/2025 Letter No.478, Date:12.2.25

**e-Procurement Notice**

**No.O-1473:**1.Name of the Work: Construction of Road Works. 2. Class of Contractor: c) Estimated cost more than Rs.6.00 Crore & upto Rs.50.00 Crore: Special Class (of Odisha PWD) & relevant class of other licensing authorities. d) Estimated cost more than Rs.1.00 Crore & upto Rs.20.00 Crore: A Class (of Odisha PWD) & relevant class of other licensing authorities. c) Estimated cost more than Rs.20.00 Lakh & upto Rs.3.00 Crore: B Class (of Odisha PWD) & relevant class of other licensing authorities. 3. Time for completion: As specified in the Column-7 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-05/25 | 15.02.2025 at 11.30 A.M. | 07.03.2025 upto 5.00 P.M. | 07.03.2025 upto 02.00 P.M. | 10.03.2025 at 11.30 A.M. | Will be intimated later |

Further details can be seen from the website: **www.tendersodisha.gov.in.**

**Sd./- Chief Construction Engineer, Rural Works Circle, Cuttack**

OIPR-25097/11/0016/2425


See Career Appointment on every Wednesday & Saturday

# ପ୍ରୀତିରଞ୍ଜନ ଦଳୀୟ ଚକ୍ରାନ୍ତର ଶିକାର ହୋଇଥିଲେ: ପ୍ରଫୁଲ୍ଲ

## ଜବାବ୍ ରଖିଲେ ବିରୋଧୀ ଦଳ ମୁଖ୍ୟ ସଚେତକ

ଭୁବନେଶ୍ୱର,୧୪।୨ (ବନ୍ଦନା ସେଠୀ)


ପ୍ରଫୁଲ୍ଲ ଘଡ଼ାଇ


ପ୍ରୀତିରଞ୍ଜନ ଘଡ଼ାଇ

ବିଜେଡିର ପରାଜୟ ପରେ ଜଣଙ୍କ ପରେ ଜଣେ ନେତା ସାମ୍ନାକୁ ଆସି ସେମାନଙ୍କର ଦୁଃଖ ଖୋଲୁଛନ୍ତି। ବରିଷ୍ଠ ବିଜେଡି ନେତା ଅମର ଶତପଥୀ, ପ୍ରସନ୍ନ ପାଟ୍ଟଶାଣୀଙ୍କ ପରେ ଏବେ ସାମ୍ନାକୁ ଆସି ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫୁଲ୍ଲ ପୁଅ ପ୍ରୀତିରଞ୍ଜନଙ୍କ ସମ୍ପର୍କରେ କହିଛନ୍ତି, ଦଳରେ ଷଡ଼ଯନ୍ତ୍ର ଚାଲିଥିଲା, ଯାହାର ଶିକାର ହୋଇଥିଲେ ପ୍ରୀତିରଞ୍ଜନ। ଫଳରେ ପ୍ରୀତିରଞ୍ଜନଙ୍କୁ କୋରେଇ ଆସନ ଛାଡ଼ିବାକୁ ପଡ଼ିଥିଲା। ପ୍ରୀତିରଞ୍ଜନ ଓ କୋରେଇବାସୀଙ୍କ ଇଛା ବିରୋଧରେ ତାଙ୍କୁ ସୁକିନ୍ଦା ଯିବାକୁ ପଡ଼ିଥିଲା। ସୁକିନ୍ଦା ପାଇଁ ନୋମିନେସନ ଫାଇଲ୍ କରିବାକୁ ଯିବାବେଳେ ପ୍ରୀତିରଞ୍ଜନଙ୍କ ଆଖିରୁ ଲୁହ ଝରିପଡୁଥାଏ। କୋରେଇବାସୀ ଅନୁଚିତ ବୋଲି କହୁଥିଲେ ଆମ କୋରେଇ ପାଇଁ ନୋମିନେସନ କର, ସୁକିନ୍ଦା ପାଇଁ କରନାହିଁ। ସେ ଦୃଶ୍ୟ ମୁଁ ଦେଖିଛି। ସେ ସମୟରେ ମୋ ଆଖିରୁ ମଧ୍ୟ ଲୁହ ଆସିଯାଇଥିଲା। ଦଳୀୟ ରାଜନୀତିର ଶିକାର ହୋଇ ସେଦିନ ଠାରୁ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିବା ପ୍ରଫୁଲ୍ଲ କହିଥିଲେ। ସେହିପରି କେବଳ ଅହଂକାର ପାଇଁ ବିଜେଡିର ପରାଜୟ ହୋଇଥିବା ସେ କହିଥିଲେ। ଅପରପକ୍ଷେ ଶୁକ୍ରବାର ପ୍ରଫୁଲ୍ଲଙ୍କର ଏହି ବୟାନର ଜବାବ୍ ରଖିଛନ୍ତି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି, କିଏ କେଉଁଠି ଷଡ଼ଯନ୍ତ୍ର କରିଥିଲା ତାହା ପ୍ରଫୁଲ୍ଲ ଜାଣିଥିବେ, ମାତ୍ର ଆମେ ଜାଣିନୁ। ଦଳରେ କୌଣସି ଜାଗାରେ ଷଡ଼ଯନ୍ତ୍ର ଚାଲିନି। ଆଗରୁ ହୋଇ ନଥିଲା କି ଏବେ ବି ହେଉନି। ଦଳ ଯେମିତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିଲା ସେମିତି ଚାଲିଛି। ଦଳରେ କାହାର ଅହଂକାର ବଢ଼ିନି। ତେବେ ପ୍ରଫୁଲ୍ଲ ଘଡ଼ାଇ କାହିଁକି ଏପରି କହୁଛନ୍ତି ତାଙ୍କୁ ପଚାରନ୍ତୁ ବୋଲି ପ୍ରମିଳା କହିଛନ୍ତି।

### ପ୍ରୀତିରଞ୍ଜନଙ୍କୁ କୋରେଇ ପଠାଇବାକୁ ପ୍ରଫୁଲ୍ଲ ଯୋଜନା କରୁଛନ୍ତି: ପ୍ରଦୀପ ବଳ ସାମନ୍ତ

ଅପରପକ୍ଷେ ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ ଏ ସମ୍ପର୍କରେ କହିଛନ୍ତି, ପ୍ରଫୁଲ୍ଲ ଘଡ଼ାଇ ଯାହା କହିଛନ୍ତି ତା'ର ଅର୍ଥ ପ୍ରୀତିରଞ୍ଜନ ଆଉ ସୁକିନ୍ଦାରେ ଜିତି ପାରିବେନି। ସେଥିପାଇଁ ତାଙ୍କୁ କୋରେଇ ପଠାଇବାକୁ ସେ ଯୋଜନା କରୁଛନ୍ତି। ସେହିପରି ନିଜେ ପ୍ରଫୁଲ୍ଲ ସୁକିନ୍ଦାରୁ ପୁଣି ନିର୍ବାଚନ ଲଢ଼ିବାକୁ ଇଚ୍ଛା ରଖିଛନ୍ତି ବୋଲି ପ୍ରଦୀପ କଟାକ୍ଷ କରିଛନ୍ତି।

# ଫେବୃଆରୀ ଶେଷ ସୁଦ୍ଧା ବୋର୍ଡ, ନିଗମ, କମିଶନ ଅଧ୍ୟକ୍ଷ ପ୍ରକ୍ରିୟା ସରିବ

ଭୁବନେଶ୍ୱର,୧୪।୨ (ସୁନୀତ ମିଶ୍ର)

- ଭାଜପା କୋର୍ କମିଟି ବୈଠକ
- ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ରଖିବାକୁ ନେଇ ଆଲୋଚନା

ରାଜ୍ୟରେ ଭାଜପା ସରକାରକୁ ଆସିବାର ୭ ମାସ ବିତି ଯାଉଥିବାବେଳେ ଦଳୀୟ ସଂଗଠନ ଏବଂ ସରକାର ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇ ଆଗକୁ ବଢ଼ିହେବ, ତା' ଉପରେ ଶୀର୍ଷ ନେତୃତ୍ୱ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଏନେଇ ଶୁକ୍ରବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧ୍ୟାହ୍ନ ୧୨ଟା ୩୦ ମିନିଟ ସମୟରୁ ଆରମ୍ଭ ହୋଇଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ୨ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସାଂଗଠନିକ ମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇଥିଲେ। ବୈଠକ ପରେ ଗଣମାଧ୍ୟମକୁ ମନ୍ତ୍ରୀ ପୂଜାରୀ କହିଛନ୍ତି, ଖୁବ୍‌ଶୀଘ୍ର ରାଜ୍ୟରେ ଖାଲି ପଡ଼ିଥିବା ସମସ୍ତ ନିଗମ, ବୋର୍ଡ ଓ କମିଶନରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ନିଗମ, ବୋର୍ଡ, କମିଶନ ଏବଂ ଜିଲ୍ଲା ପ୍ଲାନିଂ ବୋର୍ଡକୁ ନେଇ ବୈଠକରେ ଆଲୋଚନା ହୋଇଛି। ଚଳିତମାସ ଶେଷ ସୁଦ୍ଧା ଏହାର ଚୟନ ଓ ନିଯୁକ୍ତି ପ୍ରକ୍ରିୟା ଶେଷ ହେବ। ଏହାଛଡ଼ା ଦଳର ସାଂଗଠନିକ ନିର୍ବାଚନ, ରାଜ୍ୟ ସରକାର ଗଠନ, ୮ ମାସ ସରକାରଙ୍କ ଗତିବିଧି ଓ କାର୍ଯ୍ୟକୁ ନେଇ ଆଲୋଚନା ହୋଇଛି। ସରକାର ଓ ସଂଗଠନ ମଧ୍ୟରେ କିପରି ସମ୍ପର୍କ ଭଲ ଭାବରେ ରହିପାରିବ, ସେନେଇ ଆଲୋଚନା ହୋଇଥିବା ସେ କହିଛନ୍ତି। ଅନ୍ୟପଟେ ରାଜ୍ୟ ସଭାପତି ଚୟନ ନେଇ କୋର୍ କମିଟିରେ କୌଣସି ଆଲୋଚନା ହୋଇ ନ ଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭାଜପାର ରାଜ୍ୟ ସାଂଗଠନିକ ନିର୍ବାଚନୀ ପ୍ରକ୍ରିୟା ଜାରିରହିଛି। ତେବେ ଦଳ କାହାକୁ ସଭାପତି କରିବ ତାହା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। କେତେକଣ ନେତା ବର୍ତ୍ତମାନର ସଭାପତି ମନମୋହନ ସାମଲଙ୍କୁ ପୁଣି ଥରେ ଏହି ଦାୟିତ୍ୱ ମିଳିପାରେ ବୋଲି କହୁଥିବାବେଳେ ଆଉ କେତେକଣ ନେତାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ତେବେ ୨ ଦିନ ତଳେ ଅନୁଷ୍ଠିତ ଭାଜପା ବିଧାୟକ ଦଳ ବୈଠକରେ କେତେଜଣ ବିଧାୟକ ସରକାର ଓ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠାଇଥିବା କଥା ଚର୍ଚ୍ଚାକୁ ଆସିଥିଲା। ମନ୍ତ୍ରୀମାନେ ବିଧାୟକଙ୍କ ଦାବିକୁ ଅଣଦେଖା କରୁଛନ୍ତି ବୋଲି ବୈଠକରେ କେତେଜଣ ବିଧାୟକ ମତ ରଖିଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ଗତ ବିଧାନସଭା ଅଧିବେଶନ ପୂର୍ବରୁ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଧାୟକଙ୍କର ଏହି ଅସନ୍ତୋଷକୁ ପ୍ରଶମିତ କରିବା ନେଇ କୋର୍ କମିଟି ବୈଠକରେ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦଳର ସାଂଗଠନିକ ନିର୍ବାଚନୀ ପ୍ରକ୍ରିୟା ନେଇ ଶୀର୍ଷ ନେତୃତ୍ୱ ଗୁରୁତ୍ୱ ଦେଉଛନ୍ତି। ଯଥାଶୀଘ୍ର ଏହି ପ୍ରକ୍ରିୟା ଶେଷ ହେବ। ଆସନ୍ତା ୨୨ ତାରିଖରେ ଦଳର ରାଜ୍ୟ ସଭାପତି ନିର୍ବାଚନ ନେଇ ନାମାଙ୍କନ ଦାଖଲ କରାଯିବା କଥା ଶୁଣିବାକୁ ମିଳୁଛି। ଏହା ସମ୍ପୂର୍ଣ୍ଣ ଶୀର୍ଷ ନେତୃତ୍ୱଙ୍କ ଉପରେ ନିର୍ଭର କରେ ବୋଲି ସେ କହିଛନ୍ତି। ଏହି କୋର୍ କମିଟି ବୈଠକରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘ ମଧ୍ୟ ଉପସ୍ଥିତ ଥିଲେ। ତେବେ ଦିଲ୍ଲୀ ନେତୃତ୍ୱ ଦଳର ରାଜ୍ୟ ସାଂଗଠନିକ ପ୍ରକ୍ରିୟାକୁ ସହଜ କରିବା ନିମନ୍ତେ ଚୁଘଙ୍କୁ ଦାୟିତ୍ୱ ଦେଇ ପଠାଇଥିବା କୁହାଯାଉଛି।

# ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ୬୪ କି.ମି. ପଦଯାତ୍ରା କରିବୁ: ଭକ୍ତ

## ପିସିସି ସଭାପତି ହେବା ପରେ ନିଜ ଜନ୍ମମାଟିକୁ ଫେରିଲେ

ଭବାନୀପାଟଣା,୧୪।୨ (ଉତ୍ତମ କୁମାର ଦାଶ)


ପିସିସି ସଭାପତିଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଶୁଭେଚ୍ଛା ଜଣାଉଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ ପିସିସି ସଭାପତି ହେବା ପରେ ପ୍ରଥମଥର ପାଇଁ ଶୁକ୍ରବାର ନିଜ ମାଟି ଭବାନୀପାଟଣାକୁ ଫେରିଛନ୍ତି। ସକାଳେ ତାଙ୍କ ବାସଭବନରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସଙ୍ଗଠନର ସଦସ୍ୟ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ପିସିସି ସଭାପତି ଦାସ ଗଣମାଧ୍ୟମ ଆଗରେ କହିଥିଲେ, ଆସନ୍ତା ଦିନରେ ଓଡ଼ିଶା ମାଟି ପାଇଁ ଯେଉଁ ସଂଗ୍ରାମ ହେବ ତାହାକୁ ଆଗକୁ ନେବା ଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ। ସେହି ଆଶୀର୍ବାଦ ଲାଭ ପାଇଁ ଆମେ ଗାଡ଼ି ମୋଟରରେ ଯିବାକୁ ପସନ୍ଦ କରୁନାହୁଁ। ଭୁବନେଶ୍ୱର ଏୟାରପୋର୍ଟରୁ ପୁରୀକୁ ଆମେ ୬୪କି.ମି. ପାଦରେ ଚାଲିକି ଯିବୁ। ୩ଦିନରେ ଏହି ପଦଯାତ୍ରା ହେବ ଓ ଏଥିରେ ୫ହଜାର ଲୋକ ସାମିଲ ହେବେ।

ଏହି ସଂକଳ୍ପ ଯାତ୍ରା କରିଆରେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିବୁ। ସେହିପରି ସୁରେଶ କୁମାର ରାଉତରାୟଙ୍କ ଭଳି ପୁରୁଖା ନେତାଙ୍କୁ ପୁଣିଥରେ କଂଗ୍ରେସକୁ ଆସିବା ପାଇଁ ଆମେ ସ୍ୱାଗତ କରିବୁ ବୋଲି ସେ କହିଥିଲେ।

# ୧୮ରୁ କଂଗ୍ରେସର ସଂକଳ୍ପ ପଦଯାତ୍ରା

ଭୁବନେଶ୍ୱର,୧୪।୨ (ସୁନୀତ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତା ୧୮ରୁ ସଂକଳ୍ପ ପଦଯାତ୍ରା ଆରମ୍ଭ ହେବ। ଏହି ଯାତ୍ରା ଭୁବନେଶ୍ୱର ବିମାନବନ୍ଦରରୁ ଆରମ୍ଭ ହୋଇ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଚାଲିବ। ପଦଯାତ୍ରାରେ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହେବା ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ପଦଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ଦଳ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କୁ କମିଟିର ଅଧ୍ୟକ୍ଷ କରାଯାଇଥିବାବେଳେ ଏହି କମିଟିରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ, ସିଏସ୍ ରାଜନ ଏକ୍କା, କାଡ୍ରାକା ଆପାଲାସ୍ୱାମୀ, ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଦଳୀୟ ନେତା ନବଜ୍ୟୋତି ପଟ୍ଟନାୟକ, ମୀନାକ୍ଷୀ ବାହିନୀପତି, ବିଶ୍ୱଜିତ ଦାସ, ବିଶ୍ୱଭୂଷଣ ଦାସ, ମନୋଜ ଜେନା, ରଞ୍ଜିତ ପାତ୍ର, ଯାଶିର ନୱାଜ ଏବଂ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ ପ୍ରମୁଖ ରହିଛନ୍ତି।

# ଦଳ ଛାଡ଼ି ଚାଲିଯାଇଥିବା ନେତାଙ୍କୁ ପୁନର୍ବାର ଫେରି ଆସିବାକୁ ପିସିସି ସଭାପତିଙ୍କ ନିବେଦନ

**ନିଲମ୍ବନ ଓ ବହିଷ୍କାର ଆଦେଶ ପ୍ରତ୍ୟାହାର କରିନେଲେ ନୂଆ ସଭାପତି**

**ଭୁବନେଶ୍ୱର,୧୪।୨ (ସୁନୀତ ମିଶ୍ର):** କଂଗ୍ରେସରୁ ବିଗତ ଦିନରେ ଦଳ ବିରୋଧୀ କାର୍ଯ୍ୟ ହେତୁ ବା ଅନ୍ୟ କୌଣସି କାରଣରୁ ନିଲମ୍ବିତ ନେତାମାନଙ୍କୁ ପୁଣି ଥରେ ଦଳକୁ ଫେରାଇ ଅଣାଯିବ। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ଏନେଇ ଏକ ଚିଠି ଜାରି କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ଯେଉଁମାନଙ୍କୁ ବିଗତ ଦିନରେ କୌଣସି ପରିସ୍ଥିତିରେ ନେଇ ନିଲମ୍ବନ ବା ବହିଷ୍କାର କରାଯାଇଥିଲା, ତାକୁ ପ୍ରତ୍ୟାହାର କରିନିଆଗଲା। ବିଭିନ୍ନ ସମୟରେ କୌଣସି କାରଣରୁ ସେମାନେ ଦଳ ଛାଡ଼ି ଚାଲିଯାଇଛନ୍ତି, ସେମାନେ ପୁନର୍ବାର ଫେରି ଆସିବାକୁ ସଭାପତି ନିବେଦନ କରିଛନ୍ତି।

# ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ବିରୋଧରେ ମାମଲା

ମାଲକାନଗିରି,୧୪।୨ (ଦୁର୍ଯ୍ୟୋଧନ ପାତ୍ର)

## ନିର୍ବାଚନ ସମୟରେ ପ୍ରକୃତ ତଥ୍ୟ ଦେଇ ନ ଥିବା ଅଭିଯୋଗ

ନିର୍ବାଚନ ପ୍ରକ୍ରିୟା ସମୟରେ ଚିତ୍ରକୋଣ୍ଡାର କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମିଥ୍ୟା କାଗଜପତ୍ର ଦର୍ଶାଇବା ଓ ତାଙ୍କ ନାମରେ ମାମଲା ଥିବା ସତ୍ତ୍ୱେ ତାହା ଆଫିଡେଭିଟ୍ ସମୟରେ ଉଲ୍ଲେଖ ନ କରିବା ଅଭିଯୋଗ ନେଇ ଚିତ୍ରକୋଣ୍ଡାର ଆପ୍ ବିଧାୟକ ପ୍ରାର୍ଥୀ ଶରତ ବୁରୁଦା ମାଲକାନଗିରି ଆଦର୍ଶ ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଖିଲଙ୍କ ନାମରେ ନଂ.୧୬/୨୫ରେ ଏକ ମାମଲା ରୁଜୁ ହୋଇଛି। ବୁରୁଦାଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ସାଧାରଣ ନିର୍ବାଚନ ସମୟରେ ମଙ୍ଗୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇଥିବା ବେଳେ ପ୍ରାର୍ଥୀପତ୍ର ଦାଖଲ ସମୟରେ ସେ ବହୁ ବିଷୟ ଉଲ୍ଲେଖ କରି ନ ଥିବା ଅଭିଯୋଗ କରିଛନ୍ତି। ବିଶେଷକରି ତାଙ୍କ ନାମରେ ମାଥିଲି ଜେଏମ୍‌ଏଫ୍‌ସି କୋର୍ଟରେ କ୍ରିମିନାଲ କେସ୍ ଥିବା, କଦମଗୁଡ଼ା ମୌଜାରେ ତାଙ୍କ ନାମରେ ୨.୭୬୯ ଆର୍ ଜମି ଥିବା ପ୍ରାର୍ଥୀପତ୍ର ଦାଖଲ ବେଳେ ଉଲ୍ଲେଖ କରିନାହାନ୍ତି। ସେ ଜାଲିଆତିକରି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେଣୁ ଏ ସମ୍ପର୍କରେ ତଦନ୍ତ କରାଯିବା ପାଇଁ ବୁରୁଦା ଦାବିକରି ଥାନାରେ ଅଭିଯୋଗ କରିଛନ୍ତି। ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କୁ ପଚାରିବାରୁ ଶରତ ବୁରୁଦା ଯେଉଁ ଅଭିଯୋଗ କରିଛନ୍ତି, ତାହା ମିଥ୍ୟା ଓ କପୋଳକଳ୍ପିତ। ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ କହିଛନ୍ତି।


**ବିଜ୍ଞାପନ**

No.RR-50: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର ତରଫରୁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ପାଖରେ ଥିବା ପୁରାତନ ଐତିହାସିକ ନଥିପତ୍ର, ସନନ୍ଦ, ରେକର୍ଡ ଏବଂ ଦେଶର ଇତିହାସରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତି, ଉଚ୍ଚ ସରକାରୀ କର୍ମଚାରୀ, ଲେଖକ, ବୈଜ୍ଞାନିକ ପ୍ରଭୃତିଙ୍କ ବ୍ୟକ୍ତିଗତ ଚିଠି, ଡାଇରୀ ଓ ନଥିପତ୍ର ଇତ୍ୟାଦି ଚଳିତ ଆର୍ଥିକ ବର୍ଷରେ କ୍ରୟ କରିବା ନିମନ୍ତେ ସ୍ଥିର କରାଯାଇଅଛି। ସେଥିପାଇଁ ଯେଉଁମାନେ ନିଜପାଖରେ ଥିବା ଏ ସମ୍ବନ୍ଧୀୟ ନଥିପତ୍ର ବିକ୍ରୟ କରିବା ପାଇଁ ଇଚ୍ଛୁକ, ସେମାନେ ଏ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ବାର) ଦିନ ମଧ୍ୟରେ ବ୍ୟକ୍ତିଗତ ଭାବରେ ବା ପତ୍ର ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଯେଉଁ ନଥିପତ୍ରଗୁଡ଼ିକ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ତାହାର ଏକ ବିବରଣୀ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ଦରଖାସ୍ତ କରିବାକୁ ଅନୁରୋଧ।

ଅଧୀକ୍ଷକ,
ଓଡ଼ିଶା ରାଜ୍ୟ ଅଭିଲେଖାଗାର
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ ନଂ-୦୬୭୪-୨୫୦୧୬୭୬

ଅଧୀକ୍ଷକ,
ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର

OIPR-03002/11/0001/2425

**OFFICE OF THE MUNICIPAL COUNCIL, DHENKANAL**
DHENKANAL (ODISHA), PIN - 759001
Tel. No. 06762-224401 (O), FAX No.: 06762-223355
E-mail: dhenkanalm.hud@gmail.com

No. 583 Date: 11.02.25

**CORRIGENDUM NOTICE**

No. C-1639: In connection to TCN 393 Dtd.31.01.2025, from the administrative ground following changes has been done in the DTCN and requested to consider as follows:
1. In DTCN Page No. 5 (Eligibility Criteria) there are some changes done in Sl. No. 5, 6 and Sl. No. 8.
2. In DTCN Page No. 10 (Evaluation of Technical Proposals) there are some changes done in Sl. No. 1, 2, 3, 4, 5 and Sl. No. 7 of the table.

All other terms and conditions remain unchanged and also can be seen in **www.tendersorissa.gov.in**

Sd./- Executive Officer
Dhenkanal Municipality

OIPR-13146/11/0025/2425

**NOTIFIED AREA COUNCIL, DIGAPAHANDI**
**GANJAM, ODISHA, PIN-761012**
Ph:06814-295053, E-mail:dgp_nac@yahoo.com

Letter No. 297/DIGNAC Date:13.02.2024

**SHORT QUOTATION CALL NOTICE**

No.C-1641:The Executive Officer, NAC Digapahandi, Ganjam invites sealed quotation from the intending and qualified Firms/ Organisations/ Individuals towards "Wall painting under SBM 2.0 in Digapahandi NAC" as per the specification as mentioned below:

| Sl.No. | Name and Nature of Work | Unit | Rate (Sq.ft) |
|---|---|---|---|
| 01 | Wall painting under SBM 2.0 in Digapahandi NAC | 1 Sq.ft | |

**-: Critical Dates:-**

1. Starting date for Sale of Quotation Paper is: 14.02.2025, 10.00 AM onwards (During office hours, Except Govt. Holidays) by depositing Rs.200/- (two hundred only) in the counter. 2. Starting date for receipt of quotation paper is : 14.02.2025, 10.00 AM onwards (During office hours, Except Govt. Holidays through Speed Post/ Regd. Post). 3. Last date for receipt of quotation paper is: 17.02.2025 upto 05.30 PM. 4. Date of opening of sealed quotations is: 18.02.2025 at 11.00 AM by the Chairperson, Tender Committee/ the Undersigned in NAC Office, Digapahandi.
(N.B.: If any holiday, then the quotation will open in next working day)

Sd./- Executive Officer,
NAC, Digapahandi, Ganjam

OIPR-13117/11/0011/2425

ODISHA POLICE
STATE HEADQUARTERS, CUTTACK
Odisha Police
**Office of the D.G. & I.G. of Police, Odisha, Cuttack**
Tel.:0671-2304001, Website:www.odishapolice.gov.in,
Email:pankaj.odpol@gov.in & aig-prov.odpol@gov.in

No.D-261:Online bids through e-Tender Portal https://tendersodisha.gov.in are invited from the eligible bidders for purchase of CCTV with Essential Components for Odisha Police during the current financial year 2024-25 as per the particulars mentioned below.

| Sl.No. | Name of Item | RFP No. & Date | Quantity |
|---|---|---|---|
| 1 | CCTV with Essential Components | 52-RFP-CCTV with Essential Components-2024-25, Dtd.12.02.2025 | In different quantity |

| Events | Date |
|---|---|
| RFP Issue Date | 12.02.2025 |
| Date & Time of Pre-Bid Meeting Queries to be submit on dir.bpspa@nic.in and dirbpspa.orpol@nic.in, 2 days prior to the pre-bid meeting as per the format prescribed in Annexure 5 | In this connection a pre-bid technical committee will be held in virtual mode based on quires which is submitted by the bidder and the link will be sent through mail for the meeting (Online Link shall be shared based on the request receive from bidder on dir.bpspa@nic.in and dirbpspa.orpol@nic.in before 15.00 hours, by 15.02.2025 by 15.00 PM, Venue O/o the BPSPA, Bhubaneswar |
| RFP Submission Due Date and Time | 24.02.2025 12:00 Noon |
| Date & Time of Opening of Technical Bids | 25.02.2025 12:00 Noon |
| Date & Time of Opening of Financial Bids | To be intimated |
| Tender Document Fee | In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)

www.odishapolice.gov.in,
Email:sphqrs.odpol@nic.in
Buxi Bazar, Cuttack-753001,
Tel/Fax No.0671-2304354

OIPR-12029/11/0067/2425

**STATE FOREST HEADQUARTERS, ODISHA**
**OFFICE OF THE PRINCIPAL CHIEF CONSERVATOR OF FORESTS & HoFF, ODISHA**
Aranya Bhawan, Chandrasekharpur, Bhubaneswar
NIT No. 172/10F (CAMPA)-70/2024
Dated, Bhubaneswar, the 12th Febraury, 2025

No. MM-482: The Principal Chief Conservator of Forests & HoFF, Odisha invites Technical & Financial Proposals in sealed cover from the National Reputed Party agencies for conducting evaluation of projects undertaken under Compensatory Afforestation Fund Management & Planning Authority, CAMPA, 2023-24. Details of the provisions in RFP are available at **www.odishaforest.in & www.odishagov.in** (in All Tender Section). Interested agencies should submit their proposal along with other related documents as per the RFP addressed to the Chief Executive Officer, State Authority, CAMPA, Odisha, O/o. the Principal Chief Conservator of Forests & HoFF, Odisha, Plot No. GD-2/12, Aranya Bhawan, Chandrasekharpur, Bhubaneswar - 751023 within the stipulated date.

Sd./- Cheif Executive Officer
State Authority, CAMPA
e-mail: campa.pccfodisha@gmail.com
campa.pccfhoff@odisha.gov.in
Tel. No.: 0674-2302036

OIPR-08002/11/0008/2425

**Office of the Superintending Engineer**
**Sono Barrage Division, Udala**
At/PO- Udala, Dist:- Mayurbhanj, Pin:- 757041 (Odisha)
e-mail- sonodiv2024@gmail.com

No.A-1040 TENDER CALL NOTICE NO.03/2024-25 OF SE, SBD, UDALA

| | | |
|---|---|---|
| 1 | Name of Work | a. Development, Repairing & Maintenance at Sub-Division office, Bankatira Barrage Sub-Division, bankatira for the year 2024-25. b. Detail estimate for Consultancy Services for water supply to commanded area by UGPL System by Mechanical Distribution System for Bankatira Barrage Project at Darakuli. |
| 2 | Tender Amount | a. Rs.4,16,915.00, b. Rs.4,74,500.00 |
| 3 | E.M.D. | Rs.5000.00 for each work |
| 4 | Period of Completion | 01 (One) Month from the date of issue of work order. |
| 5 | Class of Contractor | a. "D" Class or "C" Class Contractor b. Registered firm with MSME dealing with Planning, Irrigation network, CAD work and expertise in UGPL work. |
| 6 | Date & Time of availability of bid document in the office of the undersigned | From 10.30 AM of 14.02.2025 to 5.00 PM of 24.02.2025 |
| 7 | Last date/time for receipt of bid in the office of the undersigned | Upto 5.00 PM of 24.02.2025 |
| 8 | Date of Opening of Bid | 25.02.2025 at 11.30 AM |
| 9 | Name & Address of the O.I.T | Office of the Superintending Engineer, Sono Barrage Division, Udala, Mayurbhanj. |

Sd./- Superintending Engineer
Sono Barrage Division, Udala

OIPR-32542/11/0001/2425

ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER**
**BALASORE WILDLIFE DIVISION**
At/Po : KURUDA, Dist. : BALASORE, ODISHA - 756056
Phone No : 06782-256142, e-mail : dfo.balasorewl@odisha.gov.in

**SHORT TENDER NOTICE**
Tender No. 3/2024-25 Dated : - 11.02.2025

No.MM-481 : Divisional Forest Officer, Balasore Wildlife Division on behalf of Governor of Odisha invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. for procurement of One (01) X-2 PistolTranquilizer with accessories (PNEUDART, USA).The tender papers with detailed terms and conditions will be available in the website www.balasore.odisha.gov.in and www.odishaforest.in in the Office of the DFO, Balasore Wildlife Division, Balasore on payment of Rs. 1,000/- (One thousand) only in cash or Account Payee Bank Draft in favour of Divisional Forest Officer, Balasore Wildlife Division, Balasore during office hours from 14.02.2025 to 25.02.2025. The tender Papers can be submitted at the below mentioned address on or before **25.02.2025 latest by 05.00 P.M.** by Speed Post/Registered Post/ by hand only. The tender will be opened in the office of the undersigned on **27.02.2025 at 11.30 A.M.**
**Post/Courier : Divisional Forest Officer, Balasore Wildlife Division, At/Po-Kuruda, Balasore, Pin-756056.**
**Email-id : dfo.balasorewl@odisha.gov.in**

Sd./- Divisional Forest Officer
Balasore Wildlife Division

OIPR-08036/11/0007/2425

See Career Appointment on every Wednesday & Saturday

**GOVERNMENT OF ODISHA** No.C-1609
**OFFICE OF THE ADDITIONAL CHIEF ENGINEER, P.H. CIRCLE, NAYABAZAR, CUTTACK-753004**
Ph. : 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB) No.ACEPHCTC-02/2024-25 Dtd.06.02.2025

| Sl. No. | Name of the work | Estimated cost (Approx) |
|---|---|---|
| 1. | Improvement of water supply to Pattamundai Municipality including O&M for 5 years under AMRUT 2.0 SWAP-III. | Rs.611.40 lakh |

| | | |
|---|---|---|
| 1. | Date & time of availability of bid document in the portal | 11.00 Hrs. of dt.17.02.2025 to 17.30 Hrs. of dt.06.03.2025 |
| 2. | Last date/time of receipt of bids in the portal | 06.03.2025 upto 17.30 Hrs. |
| 3. | Date & time of opening of bids | 07.03.2025 at 12.30 Hrs. |
| 4. | Name and address of the Officer Inviting Bid | The Additional Chief Engineer, P.H. Circle, Nayabazar, Cuttack - 753004, Odisha, Ph. (0671)2440841, email : sephctc@gmail.com |

Further details can be seen from the website www.tendersorissa.gov.in

Sd./- Addl. Chief Engineer,
P.H. Circle, Cuttack

OIPR-13029/11/0004/2425

**GOVERNMENT OF ODISHA** No.O-1468
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

e-PROCUREMENT NOTICE NO. Tender Online 13 JJPT of 2024-25

1. Name of work : Building Works
2. Total No. of Work : 4 Nos. Buildings Work
3. Estimated Cost (Approx.) : Rs. 1.68 to 4.20 Lakhs
4. Period of Completion : 15 Days
5. Class of contractors : D & C Class

Other details as follow :
a) Procurement officer : Executive Enggineer, Rural Works Division, Jajpur
b) Availability of tender online & submission of bid : 14.02.2025 at 10.00 A.M. to 21.02.2025 upto 5.00 P.M.
c) Last date & time of seeking of tender clarification : 20.02.2025 up to 5.00 P.M.
d) Opening of Technical Bid : 24.02.2025 at 11.30 A.M.

Further details can be seen from the Govt. website : www.tendersodisha.gov.in

Sd./- Executive Engineer
Rural Works Division, Jajpur

OIPR-25047/11/0026/2425

**OFFICE OF THE PANCHAYAT SAMITI, SINAPALI, DIST. - NUAPADA**

**Tender Call Notice**

No.i-482 : The Block Development Officer, Sinapali P.S. on behalf of Govt. of Odisha invites "Percentage Rate Bids" in sealed single cover for execute project for "Completion of Mukhya Mantri Sabha Ghar at Meher Pada Hatibandha Sahi, Hatibandha G.P. of Sinapali Block, Nuapada District".
1. Date & Time of Sale (at-Block Office) & Available Bid Documents in Dist. Website : From Dt. 12.02.2025, 10.30 A.M. to Dt. 21.02.2025, 5.00 P.M.
2. Date & Time for submission/Receipt of Bid documents at O/o - BDO, Sinapali : From Dt.12.02.2025, 10.30 A.M. to Dt. 21.02.2025, 5.00 P.M.
3. Date & Time for opening of Bid documents : On Dt. 24.02.2025 at 04.00 P.M. at O/o - BDO, Sinapali
4. Class of Contractor: "C" & "D" Contractor

The Bid document relating of the details of bidding process and terms and condition can be assessed from the district website i.e. https://nuapada.odisha.gov.in/ The BDO, Sinapali P.S. reserves the right to reject or modify any conditions of the tenders and may cancel the tender at any stage without assigning any reason thereof.

Sd./- Block Development Officer,
Sinapali P.S., Dist. - Nuapada

OIPR-19226/11/0003/2425

# ଶିଶୁପୁତ୍ର ଅପହରଣକାରୀ ଗିରଫ

## ରେଳ ଷ୍ଟେଶନରେ ମା'କୋଳରୁ ନେଇଯାଇଥିଲେ

ବ୍ରହ୍ମପୁର,୧୪।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳ ଷ୍ଟେଶନର ୩ନଂ. ପ୍ଲାଟଫର୍ମରୁ ଗୁରୁବାର ବିଳମ୍ବିତ ରାତିରେ ମା' କୋଳରୁ ଅପହରଣ ହୋଇଥିବା ଶିଶୁପୁତ୍ରକୁ କିଛି ଘଣ୍ଟା ପରେ ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଲାଞ୍ଜିପଲିରୁ ଉଦ୍ଧାର କରିଛି। ସେଠାରୁ ଅପହରଣକାରୀ ଗୁଡସୋଡ ରୋଡର ଲିଙ୍ଗରାଜ ମିଶ୍ର(୪୨)ଙ୍କୁ ବାନ୍ଧିଛି। ମାମଲା ନଂ ୨୦/୨୫ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବି.ଏନ. ମଲିକ କହିଛନ୍ତି।

ଖଲ୍ଲିକୋଟ ଅଞ୍ଚଳର ଜଣେ ମହିଳା ତାଙ୍କ ଶିଶୁପୁତ୍ରକୁ ଧରି ଗୁରୁବାର ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁର ରେଳ ଷ୍ଟେଶନର ୩ ନଂ. ପ୍ଲାଟଫର୍ମକୁ ଆସିଥିଲେ। ଟ୍ରେନ୍ ଆସିବା ସମୟ ହୋଇ ନ ଥିବାରୁ ସେଠାରେ ପୁଅକୁ ଧରି ଶୋଇ ପଡ଼ିଥିଲେ। ରାତ୍ର ପ୍ରାୟ ୧ଟାରେ କୋଳରେ ପୁଅ ନ ଥିବା ଦେଖି ସେ ବିଚଳିତ ହୋଇପଡିଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନ ପାଇବାରୁ ରେଳବାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିଥିଲା। ଅନ୍ୟପଟେ ବିଳମ୍ବିତ ରାତିରେ ଗୁଡସେଡ ରୋଡ ନିକଟସ୍ଥ ଏକ ମନ୍ଦିର


ଗିରଫ ଅଭିଯୁକ୍ତ

ପାଖରେ ଶିଶୁଟିଏ ଚିତ୍କାର କରି କାନ୍ଦୁଥିବା ସ୍ଥାନୀୟ ଲୋକେ ଶୁଣି ପାଖକୁ ଯାଇଥିଲେ। ସେଠାରେ ଲିଙ୍ଗରାଜ ଶିଶୁଟିକୁ ରଖିଥିବା ଜଣାପଡିଥିଲା। ତାଙ୍କୁ ପଚରାଉଚରା ବେଳେ ପିଲାଟି ତାଙ୍କର ନୁହେଁ ବୋଲି ଜାଣିବା ପରେ ସ୍ଥାନୀୟ ଲୋକେ ମାଡ଼ ମାରି କେଉଁଠୁ ଆଣିଛନ୍ତି ବୋଲି ପଚାରିଥିଲେ। ଏହାପରେ ଲୋକେ ଜିଆରପିକୁ ଖବର ଦେବା ପରେ ପୋଲିସ ପହଞ୍ଚି ଶିଶୁକୁ ଉଦ୍ଧାର କରିବା ସହ ଲିଙ୍ଗରାଜଙ୍କୁ ହେପାଜତକୁ ନେଇଥିଲା। ତଦନ୍ତ ବେଳେ ସେ ସବୁଦିନ ଭଳି ରେଳ ଷ୍ଟେଶନ ଦେଇ କାମରୁ ଫେରୁଥିବା ବେଳେ ଗୁରୁବାର ଶିଶୁଟିକୁ ମା' କୋଳରୁ ଅପହରଣ କରି ନେଇଯାଇଥିବା ସାମ୍ନାକୁ ଆସିଥିଲା।

## ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ

# ଯୁବତୀଙ୍କୁ ଏସିଡ୍ ମାଡ଼, ଛୁରିରେ ଆକ୍ରମଣ

ବିଶାଖାପାଟଣା,୧୪।୨

ଶୁକ୍ରବାର ପ୍ରେମର ପ୍ରତିକ ଭାଲେଣ୍ଟାଇନ୍ସ ଡେ'ରେ ପ୍ରେମ ନିବେଦନ କରି ବିଫଳ ହେବାରୁ ଜଣେ ଯୁବକ ଗୌତମୀ ନାମ୍ନୀ ଜନୈକା ଯୁବତୀ(୨୪)ଙ୍କୁ ଏସିଡ୍ ମାଡ଼ କରିବା ସହ ଛୁରିରେ ଆକ୍ରମଣ କରିଛନ୍ତି। ଏଭଳି ଜଘନ୍ୟ କାଣ୍ଡ ଘଟିଛି ଆନ୍ଧ୍ରପ୍ରଦେଶର ଦକ୍ଷିଣ-ପୂର୍ବାଞ୍ଚଳ ଜିଲା ଆନ୍ନାମାୟାର ଗୁରାମକୋଣ୍ଡା ମଣ୍ଡଳ ଅନ୍ତର୍ଗତ ପେରାମପାଲିରେ। ଗୌତମୀଙ୍କୁ ତୁରନ୍ତ ନିକଟସ୍ଥ ମାଡ଼ନାପାଲି ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସିଡ୍ ପଡ଼ିବା ଯୋଗୁ ତାଙ୍କ ମୁହଁରେ କ୍ଷତ ସୃଷ୍ଟି ହୋଇଥିବାବେଳେ ଛୁରି ମାଡ଼ ଯୋଗୁ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ଆସନ୍ତା ଏପ୍ରିଲ ୨୯ ତାରିଖରେ ଶ୍ରୀକାନ୍ତ ନାମକ ଜଣେ ଯୁବକଙ୍କୁ ବିବାହ କରିବାକୁ ସ୍ଥିର ହୋଇଛି। ଏହାପୂର୍ବରୁ ସେ ଆକ୍ରମଣର ଶିକାର ହୋଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମାଡ଼ନାପାଲିର ଆମ୍ମାଚେରୁଭୁ ମିଟ୍ଟା ଅଞ୍ଚଳର ଗଣେଶ। ଏହି ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଭାଲେଣ୍ଟାଇନ୍ସ ଡେ'ରେ ନୃଶଂସ ପାଲଟିଲେ ଯୁବକ

ସୂଚନାନୁଯାୟୀ, ଗୌତମୀ କଲେଜରେ ପଢୁଥିବା ସମୟରୁ ଗଣେଶ ତାଙ୍କୁ ଏକତରଫା ଭଲ ପାଉଥିଲେ। ଶୁକ୍ରବାର ଭାଲେଣ୍ଟାଇନ୍ସ ଡେ' ଥିବାରୁ ଗୌତମୀଙ୍କୁ ତାଙ୍କ ମନର କଥା କହିବାକୁ ନିଷ୍ପତ୍ତି ନେଇଥିଲେ ଗଣେଶ। ତଦନୁଯାୟୀ ଶପିଂ କରି ଫେରୁଥିବା ଗୌତମୀଙ୍କୁ ଗଣେଶ ପ୍ରେମ ନିବେଦନ କରିଥିଲେ। କିନ୍ତୁ ଗୌତମୀ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ।


ଅଭିଯୁକ୍ତ ଯୁବକ ଗଣେଶ

ଏଥିରେ ଗଣେଶ ଉତ୍କ୍ଷିପ୍ତ ହୋଇ ଗୌତମୀଙ୍କ ମୁହଁ ଉପରକୁ ଏସିଡ୍ ଫିଙ୍ଗି ଦେଇଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଗଣେଶ ସାଙ୍ଗରେ ଆଣିଥିବା ଏକ ଛୁରିରେ ତାଙ୍କ ମୁଣ୍ଡକୁ ଭୁସି ଦେଇଥିଲେ। ଗୌତମୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଚାଲିଆସିଥିବାରୁ ଗଣେଶ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୌତମୀଙ୍କୁ ଗୁରୁତର ଅବସ୍ଥାରେ ମାଡ଼ନାପାଲି ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଖର୍ଚ୍ଚ ବହନ କରାଯାଉଛି। ଅଭିଯୁକ୍ତ ଗଣେଶଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ଡାକ୍ତର ମଗାଇଥିଲେ ଲାପ୍‌ଟପ୍, ଆସିଲା ମାର୍ବଲ

ସମ୍ବଲପୁର,୧୪।୨ (ପ୍ରମୋଦ ବହିଦାର)





ଅନ୍‌ଲାଇନ୍‌ରେ ଏକ ଲାପ୍‌ଟପ୍ କ୍ରୟ କରି ସମ୍ବଲପୁରର ଦନ୍ତରୋଗ ବିଶେଷଜ୍ଞ ଡା. ଚୌବର୍ଗ ନାଏକ ଠକେଇର ଶିକାର ହୋଇଛନ୍ତି। ଟାଉନଥାନାରେ ଅଭିଯୋଗ କରିବା ପରେ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଡା. ନାଏକଙ୍କୁ ଥାନାକୁ ଡ଼କାଇ ପଚରାଉଚରା କରୁଛି। ସେ ଅନ୍‌ଲାଇନ୍‌ରେ ଏକ ଲାପ୍‌ଟପ୍ କ୍ରୟ କରିଥିଲେ। ମାତ୍ର ତାଙ୍କୁ ସିଲ୍ ପ୍ୟାକେଟ୍‌ରେ ଏକ ମାର୍ବଲ୍ ପଥରଖଣ୍ଡ ମିଳିଥିଲା। ଏନେଇ ସେ ସମ୍ବଲପୁର ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲା ଆଧାରରେ ଟାଉନ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ କରୁଛି।

ଠକେଇର ଶିକାର ହୋଇଥିବା ଦନ୍ତରୋଗ ବିଶେଷଜ୍ଞ ଡା. ନାଏକ ପୂର୍ବରୁ ଭିମ୍‌ସାର ଦନ୍ତରୋଗ ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଟାଉନଥାନା ଅନ୍ତର୍ଗତ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ନିଜର ଘରୋଇ କ୍ଲିନିକରେ ରୋଗୀଙ୍କୁ ସେବା ଯୋଗାଉଛନ୍ତି।

ଡା. ନାଏକଙ୍କ କହିବା ଅନୁସାରେ ସେ ଗତ ଫେବୃଆରୀ ୪ରେ ଆମାଜନ ଭଳି ଏକ ନିର୍ଭରଶୀଳ ଅନଲାଇନ୍ ସଂସ୍ଥାରୁ ଅଗ୍ରିମ ଟଙ୍କା ପ୍ରଦାନ କରି ଏକ ଲାପ୍‌ଟପ୍ କ୍ରୟ କରିଥିଲେ। ସେ ଏଚ୍‌ପି କମ୍ପାନୀର ୨୪୦ ଜି୯(୨୦୨୪) ଇଣ୍ଟେଲ କୋର୍ ଆଇ-୭ ଲାପ୍‌ଟପ୍ ପାଇଁ ଅର୍ଡର ଦେଇ ୬୦,୭୯୯ ଟଙ୍କା ବ୍ୟାଙ୍କ ମାଧ୍ୟମରେ ପଇଠ ମଧ୍ୟ କରିଥିଲେ। ତାଙ୍କ ଅର୍ଡର ଅନୁଯାୟୀ ଉକ୍ତ ସଂସ୍ଥା ପକ୍ଷରୁ ଗତ ଫେବୃଆରୀ ୧୧ରେ ସମ୍ବଲପୁରସ୍ଥିତ ତାଙ୍କ ଘରୋଇ କ୍ଲିନିକ୍‌ରେ ସିଲ୍ ହୋଇଥିବା ଏକ ପ୍ୟାକେଟ୍‌ରେ ଲାପ୍‌ଟପ୍‌କୁ ଡେଲିଭେରି ଦିଆଯାଇଥିଲା। ସେ ସିଲ୍ ନ ଖୋଲି ସେହିପରି ଭାବେ ଏହାକୁ କ୍ଲିନିକ୍‌ରେ ଛାଡ଼ି ଘରକୁ ଚାଲିଯାଇଥିଲେ। ପରଦିନ ଅର୍ଥାତ ୧୨ ତାରିଖରେ ଲାପ୍‌ଟପ୍‌ରେ ସଫ୍ଟୱେର ଇନଷ୍ଟଲେଶନ କରିବାକୁ କମ୍ପ୍ୟୁଟର ଇଞ୍ଜିନିୟରଙ୍କୁ ଡକାଇ ଏହାର ସିଲ୍‌କୁ ଖୋଲିଥିଲେ। ମାତ୍ର ସିଲ୍ ଖୋଲିଲା ବେଳକୁ ସେଥିରେ ଲାପ୍‌ଟପ୍ ବଦଳରେ ଲାପ୍‌ଟପ୍ ଆକାରର ଏକ ମାର୍ବଲ ପଥରଖଣ୍ଡ ବାହାରିଥିଲା। ଯାହାର ସମ୍ପୂର୍ଣ୍ଣ ଭିଡିଓଚିତ୍ର ତାଙ୍କ କ୍ଲିନିକ୍‌ରେ ଥିବା ସିସି କ୍ୟାମେରାରେ ଉତ୍ତୋଳନ ହୋଇଛି। ସେ ସଙ୍ଗେ ସଙ୍ଗେ ସମ୍ବଲପୁରରେ ଥିବା ଆମାଜନ କାର୍ଯ୍ୟାଳୟକୁ ଜଣାଇଥିଲେ। ମାତ୍ର ଉକ୍ତ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ସିଧାସଳଖ ଆମାଜନ୍ କମ୍ପାନୀ ସହିତ ଯୋଗାଯୋଗ କରାଯିବାକୁ କୁହାଯାଇଥିଲା। ସେ ସିଧାସଳଖ ଯୋଗାଯୋଗ କରିବାରୁ ଏହାର ସମାଧାନ ପାଇଁ ଠିକ୍ ଭାବେ କିଛି ଉତ୍ତର ନ ଦେଇ କିଛି ଦିନ ସମୟ ମାଗିଥିଲେ। ଆମାଜନ୍ କମ୍ପାନୀର ଫେରସ୍ତ ସୁବିଧା ଥିଲେ ହେଁ ଉକ୍ତ ସାମଗ୍ରୀକୁ ଫେରସ୍ତ ପାଇଁ କମ୍ପାନୀ ୱେବସାଇଟ୍‌ରେ କୌଣସି ସୁବିଧା ବା ଅପ୍‌ଶନ ଦୃଶ୍ୟମାନ ହୋଇ ନ ଥିଲା। ଏହାପରଦିନ ପୁଣି ଏନେଇ ଲିଖିତ ଭାବେ ଅଭିଯୋଗ କରିବା ପରେ ଆମାଜନ କମ୍ପାନୀ ପକ୍ଷରୁ ଏକ ମେଲ୍ ଜରିଆରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କେତେଦିନ ମଧ୍ୟରେ ସମାଧାନ କରାଯିବ ସେ ସମ୍ପର୍କରେ କିଛି ଜଣାଇ ନ ଥିଲା। ତେଣୁ ସେ ବାଧହୋଇ ଫେବୃଆରୀ ୧୩ରେ ଟାଉନଥାନାରେ ଏତଲା ଦେଇଥିଲେ ବୋଲି କହିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ ଘଟଣା: ଶିକ୍ଷକ ଗିରଫ, ନିଲମ୍ବିତ

ଧର୍ମଶାଳା,୧୪।୨(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାତଜକୁ ପଠାଇ ଦିଆଯାଇଛି। ଏହାପରେ ଜିଲା ଶିକ୍ଷାଅଧିକାରୀ ତାଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ସହକାରୀ ଶିକ୍ଷକ ଅରୁଣ କୁମାର ମଲ୍ଲ।

ଗତ ମାସ ୩୧ ତାରିଖରେ ଶିକ୍ଷକ ମଲ୍ଲ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ନ କରିବାରୁ ସ୍ଥାନୀୟ ଜନସାଧାରଣ ଓ ଛାତ୍ରୀଛାତ୍ର ଗତ ବୁଧବାର ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝି, ଜେନାପୁର ଥାନାଅଧିକାରୀ ନିରୁପମା ଜେନା ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ସହ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇଥିଲେ।

# ଏଡିଇଓ ପାର୍ଥସାରଥି ଗିରଫ

ଜୟପୁର,୧୪।୨(ପବନ ପାଣିଗ୍ରାହୀ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ଭିଜିଲାନ୍ସ ଟିମ୍ କୋଟପାଡ଼ ବ୍ଲକ୍ ବଡାସନା ପଞ୍ଚାୟତ ଆକାଉଣ୍ଟାଣ୍ଟ ତଥା ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ) ପାର୍ଥସାରଥି ବିଷୋୟୀଙ୍କୁ ଶୁକ୍ରବାର ଗିରଫକରି କୋର୍ଟ ଚାଲାଣ କରିଛି। ପାର୍ଥଙ୍କ ଚମ୍ପିଆସ୍ଥିତ ବାସଭବନ ସହ ୭ଟି ସ୍ଥାନରେ ଏକକାଳୀନ ଗୁରୁବାର ଚଢ଼ାଉ କରାଯାଇଥିଲା। ଏ ନେଇ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାର୍ଥ ୨ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ତଥା ତାଙ୍କ ଆୟଠାରୁ ୩ଶହ ଗୁଣା ଅଧିକ ସମ୍ପତ୍ତି ଠୁଳ କରିଛନ୍ତି। ତାଙ୍କର ୩ଟି ବିଲ୍ଡିଂ, କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ୧୫ଟି ପ୍ଲଟ୍, ନଗଦ ୨ ଲକ୍ଷ ୪୫ ହଜାର ଟଙ୍କା, ୨୮୫ ଗ୍ରାମ ସୁନା, ୭୦୩ ଗ୍ରାମ ରୁପା ଓ ୮୫୦୦ ବର୍ଗଫୁଟର କାଜୁ ପ୍ରୋସେସିଂ ୟୁନିଟ୍ ଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।


# ପୂର୍ବତନ ଫରେଷ୍ଟରଙ୍କୁ ୪ବର୍ଷ ଜେଲ

ସୁନ୍ଦରଗଡ଼,୧୪।୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ରାଉଲଡେଗା ଫରେଷ୍ଟ ସେକ୍ସନର ପୂର୍ବତନ ଫରେଷ୍ଟର ଜଗଦୀଶ ପ୍ରଧାନଙ୍କୁ ଦୋଷୀସାବ୍ୟସ୍ତ କରି ୪ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ ଜେଲଦଣ୍ଡ ପାଇଁ ବିଚାରପତି ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ତଳସରା ଥାନା ଅନ୍ତର୍ଗତ ଝିଲିମାଲ ଗ୍ରାମର ଅଭିଯୋଗକାରୀ ଯୋଗେନ୍ଦ୍ର ପଟେଲଙ୍କ ଘରେ ବନବିଭାଗ ପକ୍ଷରୁ ୨୦୧୫ ନଭେମ୍ବର ୮ରେ ତଲାସି କରାଯାଇଥିଲା। ତଲାସି ପରେ ଅଭିଯୋଗକାରୀଙ୍କ ଘରୁ କୌଣସି ବେଆଇନ ଜଙ୍ଗଲଜାତ ଦ୍ରବ୍ୟ ଉଦ୍ଧାର କରାଯାଇ ନ ଥିଲା ଏବଂ ଅଭିଯୁକ୍ତ ପୂର୍ବତନ ଫରେଷ୍ଟ ସେତେବେଳେ ଅଭିଯୋଗକାରୀଙ୍କୁ ୫,୦୦୦ ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ନଚେତ ତାଙ୍କ ବିରୋଧରେ ଜଙ୍ଗଲ ମାମଲା ରୁଜୁ କରି କୋର୍ଟରେ ହାଜର କରାଯିବ ବୋଲି କହିଥିଲେ। ଫଳରେ ଅଭିଯୋଗକାରୀ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଯୋଜନା ମୁତାବକ ଅଭିଯୋଗକାରୀଙ୍କ ନିକଟରୁ ୫ହଜାର ଟଙ୍କା


ଜଗଦୀଶ ପ୍ରଧାନ

ଲାଞ୍ଚ ଗ୍ରହଣ ବେଳେ ଫରେଷ୍ଟର ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବତନ ଫରେଷ୍ଟରଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନା କେସ୍ ନଂ. ୯/୧୬ରେ ଲାଞ୍ଚ ମାମଲା ରୁଜୁ କରାଯାଇ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଶୁକ୍ରବାର ସେ ଦୋଷୀସାବ୍ୟସ୍ତ ହେବାପରେ ବିଚାରପତି ତାଙ୍କୁ ସୁନ୍ଦରଗଡ଼ ଜେଲ ହାଜତକୁ ପଠାଦେଇଛନ୍ତି। ଭିଜିଲାନ୍ସ ଦେବଗଡ଼ ୟୁନିଟ୍ ଡିଏସପି ଜେ.ପି. ପଟେଲ ମାମଲାର ତଦନ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ଏବଂ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର ସନ୍ଦୀପ ପଣ୍ଡା ଏହି ମାମଲା ପରିଚାଳନା କରୁଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୁଣି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଲେ ପୋଲିସ ଡିଜି

### ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲା

ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)

ନବ ଦାସଙ୍କ ରୋଷେୟା ଲଳିତ ସାହୁ ଆତ୍ମହତ୍ୟା ମାମଲା ଏବେ ନୂଆମୋଡ଼ ନେଇଛି। ଏହି ମାମଲାର ପୁଣି ତଦନ୍ତ କରିବାକୁ ପୋଲିସ ଡିଜି ଉତ୍ତରାଞ୍ଚଳ ଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨ ବର୍ଷ ୧୦ ମାସ ମାସ ବ୍ୟବଧାନ ପରେ ପୁଣି ଏହାର ତଦନ୍ତ ଫାଇଲ ଖୋଲିବ। ଏହି ସନ୍ଦେହଜନକ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଲଳିତଙ୍କ ବାପା ବେଲାଲସେନ ସାହୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିବା ଏହାର ପୁନଃ ତଦନ୍ତ ପାଇଁ ଫାଇଲ ଖୋଲିବାକୁ ଯାଉଛି। ପ୍ରକୃତ ଖୋଳତାଡ଼ ହେଲେ ସତ୍ୟ ସାମ୍ନାକୁ ଆସିବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ଭାବେ ଜଣେ ଆଇଆଇସି ଏବଂ ସୁପରଭିଜନ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଡେଙ୍ଗବୋରେଇ ଗାଁର ଲଳିତ ସାହୁ ନବ ଦାସଙ୍କ ଝାରସୁଗୁଡ଼ାସ୍ଥିତ ସରବାହାଲ ବାସଭବନରେ ବ୍ୟକ୍ତିଗତ କର୍ମଚାରୀଙ୍କ ପାଇଁ ରୋଷେଇ କରୁଥିଲେ। ୨୦୨୨ ଏପ୍ରିଲ ୧୭ ସନ୍ଧ୍ୟାରେ ରୋଷେୟାଙ୍କ ଝୁଲନ୍ତା ମୃତଦେହ ମନ୍ତ୍ରୀଙ୍କ ସରବାହାଲସ୍ଥିତ ବାସ ଭବନରୁ ମିଳିଥିଲା। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ କରିବା ନିୟମ ନ ଥିଲାବେଳେ ସନ୍ଧ୍ୟାରେ ହିଁ ବ୍ୟବଚ୍ଛେଦ କରାଯାଇଥିଲା। ଲଳିତଙ୍କ ବାପାଙ୍କ କହିବା ଅନୁଯାୟୀ, ମୃତ୍ୟୁର କିଛି କାରଣ କୁହା ନ ଯାଇ କେବଳ ୧୫ରୁ ୨୦ଟି କାଗଜରେ ଦସ୍ତଖତ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ କରାଯାଇ ନ ଥିଲା। ଭିସେରା ରିପୋର୍ଟ ହଜିଯାଇଥିବା କୁହାଯାଇଥିଲା। ଏଭଳି ଏକ ସନ୍ଦେହଜନକ ମୃତ୍ୟୁକୁ ନେଇ ସେତେବେଳର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପୋଲିସ ଏବଂ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ ଉପରେ ଷଡ଼ଯନ୍ତ୍ର ନେଇ ପ୍ରଶ୍ନ ଉଠିଥିଲା। ଲଳିତଙ୍କ ବାପା କହୁଛନ୍ତି ମୃତ୍ୟୁର ୭/୮ ଦିନ ପୂର୍ବରୁ ପୁଅ ମାନସିକ ଚାପରେ ରହୁଥିଲେ। ପୁଅର ମାନସିକ ଅବସ୍ଥା ଦେଖି ଗାଁକୁ ଫେରି ଆସିବାକୁ କହିଥିଲେ ଲଳିତଙ୍କ ବାପା। କିନ୍ତୁ ଲଳିତ ରାଜି ହୋଇ ନ ଥିଲେ। ଦୁର୍ଭାଗ୍ୟକୁ ଝାରସୁଗୁଡ଼ା ସରବାହାଲରେ ମନ୍ତ୍ରୀ ନବ ଦାସଙ୍କ ବାସ ଭବନରେ ଝୁଲନ୍ତା ଅବସ୍ଥାରେ ଲଳିତଙ୍କ ମୃତଦେହ ମିଳିଥିଲା। ଏଠି ପ୍ରଶ୍ନ ଉଠୁଛି କାହିଁକି ମାନସିକ ଚାପରେ ଥିଲେ ଲଳିତ। କିଏ ତାଙ୍କୁ ଏଭଳି ମାନସିକ ଚାପ ଦେଲା ଯେ, ଜୀବନ ହାରିବା ଯାଏଁ କଥା ଗଲା। ରାତାରାତି ବ୍ୟବଚ୍ଛେଦ ପଛର ଉଦ୍ଦେଶ୍ୟ କ'ଣ। ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ତରବରିଆ ଭାବେ ବ୍ୟବଚ୍ଛେଦ କରାଯାଇ ଘଟଣାକୁ ରଫାଦଫା କରାଯାଇଥିଲା। ଅନ୍ୟପଟେ ମୃତ୍ୟୁ ଘଟଣାର ୫ ଦିନ ପରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ରୋଷେୟା ଲଳିତ ମୃତ୍ୟୁ ମାମଲାରେ ଆସିଥିଲା ନୂଆ ମୋଡ଼। ପୁଅର ଆତ୍ମହତ୍ୟାକୁ ନେଇ ଭାଜପା ରାଜନୀତି କରୁଥିବା ଅଭିଯୋଗ କରିଥିଲେ ଲଳିତଙ୍କ ବାପା। ଏପରି କି ଭାଜପା ନେତା ତଥା ବର୍ତ୍ତମାନର ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ନେତାମାନେ ତାଙ୍କୁ ଗଭୀର ମାନସିକ ଚାପ ଦେଉଥିବା ଅଭିଯୋଗ କରି ଝାରସୁଗୁଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏଭଳି ମାନସିକ ଚାପ ଫଳରେ ପରିବାରର କେହି ସଦସ୍ୟ ଆତ୍ମହତ୍ୟା କଲେ ଏହି ନେତାମାନେ ଦାୟୀ ରହିବେ ବୋଲି ଏତଲାରେ ଦର୍ଶାଇଥିଲେ ଲଳିତଙ୍କ ବାପା ବେଲାଲସେନ। ପୁଅ କୌଣସି କର୍ମସଂସ୍ଥାନ ପାଉ ନ ଥିବାବେଳେ ସୌଭାଗ୍ୟରୁ ମନ୍ତ୍ରୀ ନବଙ୍କ ଘରେ ରୋଷେୟା ଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ଅବାଟରେ ଯାଇ ମାନସିକ ଚାପରେ ରହୁଥିଲେ ଓ ଶେଷରେ ଆତ୍ମହତ୍ୟା କରିଦେଲେ ବୋଲି ଏତଲାରେ ଲେଖିଥିଲେ। ତେଣୁ ଏକ ଆତ୍ମହତ୍ୟାକୁ ଭାଜପା ନେତାମାନେ ବାରମ୍ବାର ଆତ୍ମହତ୍ୟା ନୁହେଁ ବୋଲି ପ୍ରଚାର କରୁଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଝାରସୁଗୁଡା ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଥାନା ଅଧିକାରୀଙ୍କ ଜରିଆରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଚିଠି ଲେଖିଥିଲେ ବେଲାଲସେନ। ଦୀର୍ଘ ୩୪ ମାସ ପରେ ପୁଣି ମୁହଁ ଖୋଲିଲେ ଲଳିତଙ୍କ ବାପା। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିବା ସହିତ ନିରପେକ୍ଷ ତଦନ୍ତ ସହ ନ୍ୟାୟ ମାଗିଲେ। ପ୍ରକୃତ ଖୋଳତାଡ ହେଲେ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି। ଏହି ଘଟଣାର ତଦନ୍ତ କରୁଥିବା ଅଧିକାରୀଙ୍କ ସ୍ଥାନରେ ନୂଆ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଏସ୍‌ପି ସ୍ମିଥ ପରମାର କହିଛନ୍ତି। ଏହି ତଦନ୍ତ ଘଟଣା ପୁଣି ଝାରସୁଗୁଡ଼ା ଜିଲା ସହିତ ଓଡ଼ିଶାରେ ଏକ ଚହଳ ସୃଷ୍ଟିକରିଛି। ତଦନ୍ତରେ କ'ଣ ଫଳାଫଳ ବାହାରୁଛି ତାହା ଦେଖିବାକୁ ବାକି ରହିଲା।

# ମୁଖ୍ୟ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

### ଡକାୟତି ମାମଲାର ୧୧ ବର୍ଷ ପରେ ରାୟ

ବାଲିଗୁଡା,୧୪।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ଥାନା ଅଞ୍ଚଳରେ ୨୦୧୩ରେ ଘଟିଥିବା ଏକ ଡକାୟତି ମାମଲାର ଶୁଣାଣି କରି ସହକାରୀ ଦୌରା ଜଜ୍ ଏହାର ମୁଖ୍ୟ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲଦଣ୍ଡାଦେଶ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଡକାୟତ ଗ୍ୟାଙ୍ଗ ଜଣେ ବ୍ୟକ୍ତିଙ୍କ ଘର ଭିତରେ ପଶି ସୁନା, ରୁପା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଦୀର୍ଘ ୧୧ ବର୍ଷ ପରେ ଶୁକ୍ରବାର ଉକ୍ତ ମାମଲାର ଶୁଣାଣି କରି ସହକାରୀ ଦୌରା ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କଠାରୁ ଜରିମାନା ଅନାଦାୟ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗ କରିବାକୁ ତାଙ୍କ ରାୟରେ ଶୁଣାଣି କରିଛନ୍ତି।

ମାମଲାର ବିବରଣୀରୁ ଜଣାପଡିଛି, ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ ପଞ୍ଚାୟତର ଗଚେରି ଗ୍ରାମରେ ୨୦୧୩ ମାର୍ଚ୍ଚ ୧୭ ତାରିଖ ରାତି ୯ଟାରେ ଡକାୟତି ହୋଇଥିଲା। ଡକାୟତମାନେ ଗ୍ରାମର ସିମୀ ମାଝିଙ୍କ ଘରେ ପଶି ତାଙ୍କ ଝିଅ ପିନ୍ଧିଥିବା ସୁନା ଅଳଙ୍କାର, ରୁପା ସାମଗ୍ରୀ ଓ ଘରେ ଥିବା ଟଙ୍କା ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ପରେ ତୁମୁଡିବନ୍ଧ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଡକାୟତି ଗ୍ୟାଙ୍ଗ୍‌ରେ ୭ ଜଣ ରହିଥିବା ବେଳେ ଥାନା ଅଧିକାରୀ ରାଜେନ୍ଦ୍ର ସିଆଲ ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ସସିକେଲା ଗ୍ରାମର ପାଣ୍ଡବ ରାଣା ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଥିଲେ। ସେବେଠାରୁ ଏହି ମାମଲା ସହକାରୀ ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାକୁ ସରକାରୀ ଓକିଲ ସୁରେଶ ପଟ୍ଟନାୟକ ପରିଚାଳନା କରୁଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକା ପଚାରଇ ବେକାରେ
ତୁ କେଉଁ ମଣିଷରେ ଲେଖାରେ।**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡିମା ଦେଖାଇ ବସିଲେ ପରିହାସର ପାତ୍ର ହେବାକୁ ପଡ଼ିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠାଆରୁ ନ ଉଠେ ବର,
ତାକୁ ଧରିଧାରି ବାହାକର।**

ସାଧାରଣତଃ ଅସମର୍ଥ ଲୋକ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥାଏ। ଏପରି ଅସମର୍ଥ ବା ଅପାରଗ ଲୋକ ଦ୍ୱାରା ଜବରଦସ୍ତ କରି କୌଣସି କାର୍ଯ୍ୟ କରାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭିଜିଲାନ୍ସ ଜାଲରେ ଦେବଗଡ଼ ମହାବିଦ୍ୟାଳୟ ମହିଳା କିରାଣି

ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)

ନଷ୍ଟ ହୋଇଥିବା ଯୁକ୍ତ ୨ ସାର୍ଟିଫିକେଟ ବଦଳରେ ନୂଆ ଏକ ସାର୍ଟିଫିକେଟ ପାଇଁ ଆବେଦନ କରିଥିବା ଜଣେ ପୂର୍ବତନ ଛାତ୍ରଙ୍କ ନିକଟରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଦେବଗଡ଼ ମହାବିଦ୍ୟାଳୟ କନିଷ୍ଠ ମହିଳା କିରାଣି ମଞ୍ଜୁଳା ପ୍ରଧାନ। ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ ପାଇଁ ସମ୍ବଲପୁରକୁ ନିଆଯାଇଥିବା ଜଣାପଡ଼ିଛି।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ଼ ଜିଲା ଭାଲିଆଡିହି ଗ୍ରାମର ପୁରାତନ ଛାତ୍ର ଶକ୍ତିମାନ ରଣାଙ୍କ ଯୁକ୍ତ୨(କାଉନସିଲ) ସାର୍ଟିଫିକେଟ ନଷ୍ଟ ହୋଇଥିବାରୁ ଏହା ବଦଳରେ ଏକ ନୂଆ (ସଦ୍ୟ) ସାର୍ଟିଫିକେଟ ପାଇଁ ସେ ଦେବଗଡ଼ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ।




ଗିରଫ କନିଷ୍ଠ ମହିଳା କିରାଣି ମଞ୍ଜୁଳା ପ୍ରଧାନ ଏବଂ ଜବତ ଟଙ୍କା।

ମହାବିଦ୍ୟାଳୟ କିରାଣି ମଞ୍ଜୁଳା ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରି ଶକ୍ତିମାନଙ୍କୁ ଆଜିକାଲି କହି ଦିନ ଗଡାଇ ଚାଲିଥିଲେ। ଶକ୍ତିମାନ ବହୁ କାକୁତି ମିନତି ହେବାରୁ କିରାଣି ଏଥିପାଇଁ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶକ୍ତିମାନ ରାଜି ହୋଇ ଟଙ୍କା ଦେବା ପାଇଁ ଶୁକ୍ରବାର ଦିନ ଧାର୍ଯ୍ୟ କରିଥିଲେ। ଅନ୍ୟପକ୍ଷେ ଗୁରୁବାର ଶକ୍ତିମାନ ଭିଜିଲାନ୍ସ ବିଭାଗର ସହାୟତା ଲୋଡ଼ିଥିଲେ। ଅଭିଯୋଗ ଆଧାରରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ. ୩/୨୫) ରୁଜୁ ହୋଇଥିଲା। କିରାଣି ପ୍ରଧାନଙ୍କୁ ଧରିବା ପାଇଁ ଭିଜିଲାନ୍ସ ଯୋଜନା ପ୍ରସ୍ତୁତ କରିଥିଲା। ଯୋଜନା ଅନୁଯାୟୀ

### ସାର୍ଟିଫିକେଟ ପାଇଁ ପୁରାତନ ଛାତ୍ରଙ୍କଠାରୁ ଲାଞ୍ଚ ନେଉଥିଲେ

ଦେବଗଡ଼ ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ଚନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଏକ ଟିମ୍ ଦେବଗଡ଼ ମହାବିଦ୍ୟାଳୟ ପରିସରରେ ଛକି ରହିଥିଲା। ଆବେଦନକାରୀ ଛାତ୍ର ଶକ୍ତିମାନ ରାସାୟନିକ ପ୍ରଲେପ ବୋଳା ୧୦ଟି ପଞ୍ଚଶହ ଟଙ୍କିଆ ନୋଟ ମହାବିଦ୍ୟାଳୟର କନିଷ୍ଠ କିରାଣି ମଞ୍ଜୁଳାଙ୍କୁ ପ୍ରଦାନ କରିଥିଲେ। କିରାଣି ପ୍ରଧାନ ଟଙ୍କା ଗ୍ରହଣ କରିବା ପରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କଠାରୁ ଉକ୍ତ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣିଥିଲା। ସେହିପରି କିରାଣି ପ୍ରଧାନଙ୍କ କାର୍ଯ୍ୟାଳୟ ଏବଂ ବାସଭବନରେ ମଧ୍ୟ ଯାଞ୍ଚ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୋନିଆ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ




ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ ଉଦ୍‌ଘାଟନୀ ଅବସରରେ ନିମନ୍ତ୍ରିତ ଅତିଥିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୪।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି) ର ବହୁ ପ୍ରତିକ୍ଷୀତ ପ୍ରଦର୍ଶନୀ 'ଏମ୍‌ଏସ୍‌ଏମ୍‌ଇ ଏକ୍ସପୋ-୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ମେଳା ଉଭୟ ଘରୋଇ ଏବଂ ଜାତୀୟ ବଜାରରେ ଆୟୋଜିତ ହୋଇଥିଲାବେଳେ ଓଡିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ଅନୁଗୁଳ ଏବଂ ଢେଙ୍କାନାଳଠାରେ ମଧ ଏହି ଏମ୍‌ଏସ୍‌ଏମ୍‌ଇ ଏକ୍ସପୋର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏମ୍‌ଇଜିପି, ପିଏମ୍ ସ୍ୱନିଧି, ପିଏମ୍ ବିଶ୍ୱକର୍ମା, ପିଏମ୍ ମୁଦ୍ରା, ପିଏମ୍‌ଏଫ୍‌ଏମ୍‌ଇ ଆଦି ବିଷୟରେ ସଚେତନତା ସୃଷ୍ଟି ସହ ବ୍ୟାଙ୍କର ବିଭିନ୍ନ ଋଣ ଉତ୍ପାଦ ଜିଏସ୍‌ଟି ଏକ୍ସପ୍ରେସ୍, ପ୍ରାଇମ୍ ପ୍ଲସ୍, ପିଏନ୍‌ବି ସମ୍ପତ୍ତି ଆଦି ଯୋଜନା ମାଧ୍ୟମରେ ଗ୍ରାହକମାନଙ୍କୁ ବିତ୍ତୀୟ ସହାୟତା ଯୋଗାଇ ଦେବା ଏହି ଏକ୍ସପୋର ମୂଳ ଲକ୍ଷ୍ୟ ରହିଥିଲା। ସେହିଭଳି ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏମ୍‌ଏସ୍‌ଏମ୍‌ଇ ଏକ୍ସପୋକୁ ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ଉଦଘାଟନ କରିଥିଲେ।

# ୨୦୨୭ ସୁଦ୍ଧା ୪,୦୦,୦୦୦ ଚାର୍ଜ୍ ପଏଣ୍ଟ ଲକ୍ଷ୍ୟ

## ଟାଟା ଇଭିର ନୂଆ ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୧୪।୨**




ଦେଶର ପ୍ରମୁଖ ଇଲେକ୍ଟ୍ରିକ୍ ଭେହିକଲ୍(ଇଭି) କାର୍ ନିର୍ମାତା ତଥା ଟାଟା ମୋଟର୍ସର ସହାୟକ ସଂସ୍ଥା ଟାଟା ଇଭିକୁ ନିକଟରେ ଆଉ ସଫଳତା ମିଳିଛି। ଏପରିକି ଟାଟା ଇଭିର ଚାର୍ଜି ପଏଣ୍ଟ ସଂଖ୍ୟା ନିକଟରେ ୨,୦୦,୦୦୦ ଅତିକ୍ରମ କରି ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଟାଟା ଇଭି ଦେଶର ଚାର୍ଜିଂ ମୌଳିକ ସୁବିଧା କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ କରିବା ପାଇଁ ଏକ ସାହସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। ଏପରିକି ୨୦୨୭ ସୁଦ୍ଧା ଟାଟା ଇଭି ୪,୦୦,୦୦୦ ଚାର୍ଜି ପଏଣ୍ଟ ସ୍ଥାପନ ପାଇଁ ଲକ୍ଷ୍ୟ ରଖିଛି। ବର୍ତ୍ତମାନଠାରୁ ୨ଗୁଣରୁ ଅଧିକ ପଏଣ୍ଟ ସାରା ଦେଶରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯ରୁ ଦେଶର ଇଭି ଚାର୍ଜିଂ ସୁବିଧା ଆରମ୍ଭ ହୋଇଥିଲାବେଳେ ଏହି ମୌଳିକ ସୁବିଧା ବିସ୍ତାର କରିବା ପାଇଁ ଟାଟା ଇଭି ପ୍ରଥମରୁ ପ୍ରଚେଷ୍ଟା ଜାରି ରଖିଛି। ପ୍ରଥମେ ଟାଟା ଗ୍ରୁପ୍ କମ୍ପାନୀଗୁଡିକର ସହଭାଗିତାରେ ସିମ୍ପ୍ଲେସ୍ ଘରୋଇ/ହୋମ୍ ଚାର୍ଜିଂ ସମାଧାନର ଶୁଭାରମ୍ଭ କରିଛି ଏବଂ ତା'ପରେ ଇଭି ବହୁଳ ଭାବେ ବ୍ୟବହାର ହେଉଥିବା ସହର ଏବଂ ଏହାର ଆଖପାଖରେ ସାର୍ବଜନୀନ ଚାର୍ଜିଂ ମୌଳିକ ସୁବିଧା ଆରମ୍ଭ କରିବ, ଫଳରେ ବ୍ୟକ୍ତି ବିଶେଷମାନେ ଖୁବ୍‌ଶୀଘ୍ର ଇଭିକୁ ନିଜର ପସନ୍ଦ ପରିବର୍ତ୍ତନ କରିବା ପାଇଁ ମୁଖ୍ୟ ସହାୟତା ଏବଂ ପ୍ରୋତ୍ସାହନ ପ୍ରାପ୍ତ କରିବେ। ଏ ନେଇ ଶୈଳେଶ ଚନ୍ଦ୍ର ପରିଚାଳନା ନିର୍ଦ୍ଦେଶକ ଟାଟା ମୋଟର୍ସ ପାସେଞ୍ଜର ଯାନବାହନ ଏବଂ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି କହିଥିଲେ, ଟାଟା ଇଭି ହେଉଛି ଭାରତର ଇଭି ବିପ୍ଳବର ଅଗ୍ରଣୀ, କେବଳ ବିଶ୍ୱସ୍ତରୀୟ ଇଲେକ୍ଟ୍ରିକ୍ ଭେହିକଲ୍ ପ୍ରସ୍ତୁତ କରୁଛି, ତାହା ନୁହେଁ ଆମେ 'ଖୋଲା ସହଯୋଗୀତା ୨.୦' ମଧ୍ୟ ଶୁଭାରମ୍ଭ କରିଛୁ ଯାହାର ଲକ୍ଷ୍ୟ ହେଉଛି ଆଗାମୀ ୨ବର୍ଷ ମଧ୍ୟରେ ଅଗ୍ରଣୀ ସିପିଓ ସହଭାଗିତାରେ ଚାର୍ଜିଂ ନେଟ୍‌ୱର୍କକୁ ୪୦୦,୦୦୦ ରୁ ଅଧିକ ପଏଣ୍ଟ ସ୍ଥାପନ କରିବା। ଏହି ପ୍ରଚେଷ୍ଟା ଉପଭୋକ୍ତାମାନଙ୍କର ଚାର୍ଜିଂ ସ୍ପିଡ୍ ବିଶ୍ୱାସଯୋଗ୍ୟତା ଏବଂ ଅନୁଭବ ବୃଦ୍ଧି କରିବ, ଏବଂ ଏହା ସିପିଓମାନଙ୍କର ବ୍ୟବସାୟିକ ଲାଭଦାୟକତା ସମ୍ଭବ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧିରେ ସହାୟକ ହେବ। ଚାର୍ଜିଂ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆମେ ସହଯୋଗିତା ମାଧ୍ୟମରେ ପ୍ରମୁଖ ସହର ଏବଂ ଜାତୀୟ ରାଜପଥରେ ଟାଟା ଇଭି ମେଗା ଚାର୍ଜର୍ସ ପଏଣ୍ଟ ଶୁଭାରମ୍ଭ କରୁଛୁ ଏବଂ ତା' ସହ ଗୁଣାତ୍ମକ ମୌଳିକ ସୁବିଧା ସୁନିଶ୍ଚିତ କରି ଟାଟା ଇଭି ଭେରିଫାଏଡ୍ ଚାର୍ଜର୍ସ ମଧ୍ୟ ଶୁଭାରମ୍ଭ କରୁଛୁ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୪।୨**

କ୍ରମାଗତ ଅଷ୍ଟମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୨୦୦ (୧୯୯.୭୬) ପଏଣ୍ଟ କମି ୭୫,୯୩୯ (୭୫,୯୩୯.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ ୧୦୨ (୧୦୨.୧୫) ପଏଣ୍ଟ ହ୍ରାସ ଘଟି ୨୨,୯୨୯(୨୨,୯୨୯.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ଅନ୍‌ଲାଇନରେ ଫାର୍ମାସି ସୁବିଧା

**ନୂଆଦିଲ୍ଲୀ,୧୪।୨**

ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ଏବଂ ଅନ୍ୟାନ୍ୟ କାରଣକୁ ଆଖି ଆଗରେ ରଖି ଆମାଜନ ପକ୍ଷରୁ ନୂତନ ସେବାର ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାହକଙ୍କୁ ଭରସାଯୋଗ୍ୟ ଡୋରଷ୍ଟେପ୍ ଡେଲିଭରି ସହିତ ୧୦୦% ସେବାଯୋଗ୍ୟ ପିନ୍‌କୋଡ୍‌ରେ ଫାର୍ମାସି ସୁବିଧା ଆମାଜନ୍ ଫାର୍ମାସି ଜରିଆରେ ଯୋଗାଇ ଦିଆଯାଉଛି। ଗ୍ରାହକ ଘରେ ବସି ଅନ୍‌ଲାଇନରେ ସେମାନଙ୍କର ଆବଶ୍ୟକ ଔଷଧ ଅର୍ଡର କରିବାର ସୁବିଧା ପ୍ରଦାନ କରୁଛି, ଯେବେ କି ଗ୍ରାହକଙ୍କୁ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କ ସହ ଯୋଡ଼ି ବାସ୍ତବରେ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛି। ଏହାର ଯାଞ୍ଚ କରାଯାଇଥିବା ବିକ୍ରେତାଙ୍କ ମାଧ୍ୟମରେ ଆପଣ ପ୍ରେସ୍କ୍ରିପସନ୍ ଔଷଧ, ଓଟିସି ଔଷଧ, ଡାକ୍ତରୀ ଉପକରଣ, ସପ୍ଲିମେଣ୍ଟ ଏବଂ ସ୍ୱାସ୍ଥ୍ୟ ଉତ୍ପାଦଗୁଡ଼ିକର ଏକ ବିଶାଳ ଚୟନ ଅନୁସନ୍ଧାନ କରିପାରିବେ। ସେହିଭଳି ଆମାଜନର ଦେଶବ୍ୟାପୀ ଲଜିଷ୍ଟିକ୍ ନେଟ୍‌ୱର୍କ ବ୍ୟବହାରକରି ଗ୍ରାହକମାନେ ବର୍ତ୍ତମାନ ବିଭିନ୍ନ ପ୍ରକାର ଔଷଧ ପାଇପାରିବେ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଡ୍ରିମ୍‌ସ ଚାମ୍ପିୟନ

**ଭୁବନେଶ୍ୱର,୧୪।୨ (ଅଭୟ ଦାଶ)**




କୃତୀ ପ୍ରତିଯୋଗୀଙ୍କ ସହ କଲେଜ କର୍ତ୍ତୃପକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସହାୟକ ପ୍ରତିଷ୍ଠାନ 'ଡ୍ରିମ୍‌ସ ମ୍ୟାନେଜମେଣ୍ଟ ସ୍କୁଲ'ର ବିଦ୍ୟାର୍ଥୀ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଦିଲୀପ ଶତପଥୀ ମେମୋରିଆଲ ଟ୍ରଷ୍ଟ ଏବଂ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜେମେଣ୍ଟର ମିଳିତ ସହଯୋଗରେ ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଡ୍ରିମ୍‌ସ ମ୍ୟାନେଜମେଣ୍ଟ ସ୍କୁଲର ଛାତ୍ର ପାର୍ଥସାରଥି ସ୍ୱାଇଁ ଏବଂ ଦେବସ୍ମିତା ମହାନ୍ତଙ୍କ ଯୋଡ଼ି ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ଅପରପକ୍ଷରେ ଉଭୟଙ୍କୁ ପୁରସ୍କାର ସ୍ୱରୂପ ୨୫,୦୦୦ ଟଙ୍କାର ଅର୍ଥ ରାଶି ମିଳିଛି।

ସେହିପରି ପାର୍ଥସାରଥି ଏବଂ ଦେବସ୍ମିତା ଡ୍ରିମ୍‌ସ ମ୍ୟାନେଜମେଣ୍ଟ ସ୍କୁଲର ବିବିଏ ଶେଷବର୍ଷରେ ଅଧ୍ୟୟନ କରୁଛନ୍ତି। ଏହି ପୁରସ୍କାର ପାଇବା ପରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ ଡ୍ରିମ୍‌ସର 'ବ୍ରାଣ୍ଡ ଆମ୍ବାସାଡର' ଭାବେ ବର୍ଣ୍ଣନାକରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଟିଆର୍‌ଇଏଲ୍ ସହ ଟିଆର୍‌ଜିର ବୁଝାମଣା

**ନୂଆଦିଲ୍ଲୀ,୧୪।୨**

ଟେକ୍ସମାକୋ ରେଳ ଆଣ୍ଡ ଇଞ୍ଜିନିୟରିଂ ଲିମିଟେଡ୍ (ଟିଆର୍‌ଇଏଲ୍) ଏବଂ ଟ୍ରିନିଟି ରେଳ ଗ୍ରୁପ୍ ବା ଟିଆର୍‌ଜି ଏଲ୍‌ଏଲ୍‌ସି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଏକ ଗ୍ଲୋବାଲ୍ ସପ୍ଲାୟ ଏବଂ ସେବା ଯୋଗାଇବ ଲକ୍ଷ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଏହି ଚୁକ୍ତିନାମା ରେଲ୍ ସମାଧାନର ଡିଜାଇନ୍, ଉନ୍ନୟନ ଏବଂ ନବୀନତାରେ କାମ କରିବା ପାଇଁ ଅନେକ ଅଞ୍ଚଳରେ ସହଯୋଗ କରିବ। ଏ ସମ୍ପର୍କରେ ଟେକ୍ସମାକୋ ରେଲ୍ ଏବଂ ଇଞ୍ଜିନିୟରିଂ ଲିମିଟେଡ୍‌ର ଉପାଧ୍ୟକ୍ଷ ଏବଂ କାର୍ଯ୍ୟକାରୀ ନିର୍ଦ୍ଦେଶକ ଇନ୍ଦ୍ରଜିତ ମୁଖାର୍ଜୀ କହିଛନ୍ତି, ଟ୍ରିନିଟି ରେଲ ଗ୍ରୁପ୍ ସହିତ ଏହି ଚୁକ୍ତିନାମା ଟେକ୍ସମାକୋ ଏବଂ ସାରା ଭାରତୀୟ ରେଲ୍ ଶିଳ୍ପ ପାଇଁ ଏକ ମାଇଲଷ୍ଟୋନ୍ ମାନ୍ୟତାରେ ମିଳିଥିବା ସଫଳତା। ଟ୍ରିନିଟିର ଉନ୍ନତ ପ୍ରଯୁକ୍ତି ଏବଂ ଦକ୍ଷତାକୁ ବ୍ୟବହାରକରି ଆମେ ରୋଲିଂ ଷ୍ଟକ୍ ଖଣ୍ଡ ଏକ ନୂତନ ପ୍ରାତ୍ୟୟ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛୁ। ସେହିଭଳି ସୁଦୀପ୍ତ ମୁଖାର୍ଜୀ (ପ୍ରବନ୍ଧନ ନିର୍ଦ୍ଦେଶକ, ଟେକ୍ସମାକୋ ରେଲ ଏବଂ ଇଞ୍ଜିନିୟରିଂ ଲିମିଟେଡ୍) କହିଛନ୍ତି, ଟ୍ରିନିଟି ରେଲ୍ ଗ୍ରୁପ୍ ସହିତ ଆମର ଏହି ଚୁକ୍ତିନାମା ଏକ ନୂତନ ଯୁଗର ସୃଷ୍ଟି କରିବାକୁ ଯାଉଛି। ଏହି ସହଯୋଗ ଗ୍ଲୋବାଲ୍ ରେଳ ପ୍ରଯୁକ୍ତିକୁ ଭାରତୀୟ ମାନ୍ୟୁଫାକ୍ଚରିଂ କ୍ଷମତା ସହିତ ଏକତ୍ର କରିବାକୁ ସୂଚିତ କରିଛି। ସେହିପରି ଡାନ୍ ଆଣ୍ଡରସନ୍, ଟ୍ରିନିଟି ରେଳ ଗ୍ରୁପ୍ ଏଲ୍‌ଏଲ୍‌ସି କର୍ପୋରେଟ୍ ଷ୍ଟ୍ରାଟେଜିର ଉପାଧ୍ୟକ୍ଷ କହିଛନ୍ତି, ଟ୍ରିନିଟି ରେଳ ଗ୍ରୁପ୍, ଟେକ୍ସମାକୋ ସହିତ ଏହି ଚୁକ୍ତିନାମାରେ ଯୋଗ ଦେଇ ଏକ ନୂତନ ପରିବର୍ତନ କରିବାରେ ଗର୍ବିତ ହୋଇଛି। ଟେକ୍ସମାକୋ ଏବଂ ଟ୍ରିନିଟି ରେଲ୍ ଗ୍ରୁପ୍ ମଧ୍ୟରେ ଏହି ଚୁକ୍ତିନାମା ରେଲ୍ ଟ୍ରାନ୍ସପୋର୍ଟ ଇନ୍‌ଫ୍ରାଷ୍ଟ୍ରକଚରକୁ ଆଧୁନିକ କରିବାକୁ, ପେଲୋଡ୍ କ୍ଷମତାକୁ ବୃଦ୍ଧି କରିବାକୁ ଏବଂ ଇଣ୍ଡଷ୍ଟ୍ରିର ସ୍ଥାୟୀ ବିକାଶକୁ ପ୍ରେରିତ କରିବାକୁ ଆଶା କରାଯାଉଛି।


# Classified Everyday 0674-2580101, 9692975378



AUTOMOBILE SALE

Honda Grazia Scooter, Yellow, Three year old, done 9000 kilometers immediate sale 67000/- . 9090057547. D-2896



REAL ESTATE SALE

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76238

**Ready to move 2BHK and 3BHK flat for sale near Anandabana at Kalinga Nagar. Contact: 9437309741.** D-2801

Ready to move 4BHK flat 1st floor with double parking, Saubhagya Nagar near Narula Sweets, 2049 SBA, 6500/- per sqft. Contact: 7978584549. D-75594

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project-8917622925. D-2923

Duplex at Retang Medical, Station near C.V. Raman, 4BHK Apartment near Sum Hospital, Kalinganagar, DAV, KV, Bhubaneswar-7008459987. D-76232

**Gharabari converted Plots available near Hitech Square, Sundarpada, Bhubaneswar. For more Details Contact- 9778832554, 9437226965.** D-2930

Luxury flat all amenity and newly full furnished (1350sqft) at M.J. Woods Andharua, Jagannath Prasad, Bhubaneswar, Mob- 9078280148 ready to move (no broker). D-2848

Indivisual Re-Sale Plot sale Sundarpada, Hi-Tech Plaza @ 1400/- Nakhara- 1700/. 9776866520. D-76235

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



FOR RENT

For Rent/Lease: Commercial space at Palasuni, behind Bhubaneswar Water Works, 6000sqft Godown & 1500sqft Office. Contact: 9437468247/ 9437035347. D-2838

For Rent/Lease: Commercial space at Keshura, Puri Bypass Road, ideal for Office, Bank or Showroom. Ground Floor: 3000sqft, 1st & 2nd Floor: 4800sqft each. Contact: 9437468247/ 9437035347. D-2839

Office/ Residence 1475 sqft. 4th Lane, Somanath Nagar, Berhampur. Ph No.- 8847842379, 9437423568. D-2929



Healthcare

Newly open Jyoti spa positively health benefits (Expert therapist). 8458067955 D- 76192

**Full body massage experience, good looking therapist @999 (Bhubaneswar). 9078484455.** D-2815

**Take wellness herbal full body relax massage by trend therapist. 7008773793.** D-76193

AFFIDAVIT

By virtue of an affidavit sworn before the Executive Magistrate, Bari, dated 14.02.2025, I, Rabinarayan Behera, Address: At-Malada, P.O.- Udayapur, P.S.-Bariramachandrapur, Dist.-Jajpur, Odisha-755017 declare that I have changed my name from Rabi Behera to Rabinarayan Behera. Henceforth, I shall be known as Rabinarayan Behera for all purposes. D-2926

By virtue of an affidavit sworn before the Executive Magistrate, Dharmasala, dated 14.02.2025, I, Rasananda Dehuri, Address: At-Chheliapada, P.O.-Mahisara, P.S.-Dharmasala, Dist.-Jajpur, Odisha-755023 declare that I have changed my son's name from Anada Dehuri to Ananda Dehuri. Henceforth, he shall be known as Ananda Dehuri for all purposes. D-2927

By virtue of an affidavit sworn before the Executive Magistrate, Keonjhar, dated 13.02.2025, I, Chandrasekhar Das, Address: At-Kusumjodi, P.O.-Sagadapata, P.S.-Harichandanpur, Dist.-Keonjhar, Odisha-758080 declare that I have changed my name from Chandrasekhar Das So-Ramakanta Das to Chandrasekhar Das. Henceforth, I shall be known as Chandrasekhar Das for all purposes. D-2925

By virtue of an affidavit sworn before the Executive Magistrate, Rajgangpur, No.-390, dated 14.02.2025, I, Chandrika Sahu, W/o-Gopal Krishna Behera, R/o- Govt. Medical Campus, Ward No.-4, P.O./P.S.- Rajgangpur, Dist.- Sundargarh, Odisha declare that I have changed my daughter's name from Madhusmita Sahu to Madhusmita Behera. Henceforth, she shall be known as Madhusmita Behera for all purposes.

Chandrika Sahu D-2928

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Bhubaneswar, (No.73AA573253) dt. 10.02.2025 that I have changed my name Bandana Kumari Nayak to Bandana Routray, W/o- Ajaya Kumar Routray, Vill/ P.O.- Kulasukarpada, P.S.- Nischintakoili, Dist.- Cuttack for all purposes. D-2924

By an affidavit notarized on Dtd.13.02.2025, I, Karishma Parwin, W/o- Mirza Afroz Baig, Vill.- Akarapada, PO- Nalipur, PS- Mahanga, Dist.- Cuttack, Odisha- 754205 declare that I have changed my name from Sk Karisma to Karishma Parwin. Henceforth, I shall be known as Karishma Parwin for all purposes. D-2933

By virtue of an affidavit sworn before Executive Magistrate, Basudevpur, dated- 10.02.2025, I, Harihar Biswal, S/o- Sibaprasad Biswal, At- Chhatrapur, P.O.- Patnamishrapur, P.S.- Nayakanidhi, Dist.- Bhadrak, declare that my minor daughter wrongly named as Rojalin Biswal in Aadhaar Card. Henceforth. She will be named as Rojali Biswal for all purposes. D-2935

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନ୍ନ୍ୟାସୀ ଲେଙ୍କା**

ଦେଢ଼ପଛ ଅରାଡ଼୍, ଫୁଲାଡ଼ି, ବାଲେଶ୍ୱର

ଆବିର୍ଭାବ: ୧୧।୧୨।୧୯୪୪

ତିରୋଧାନ: ୦୫।୦୨।୨୦୨୫

ଆଜି ଆପଣଙ୍କ ତିରୋଧାନର ଏକାଦଶାହରେ ଆପଣଙ୍କ ଆମର ଅତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ କୋଟି କୋଟି ପ୍ରଣାମ ଜଣାଉଛୁ।

ହତଭାଗ୍ୟ ପତ୍ନୀ- ପୂର୍ଣ୍ଣିମା ଲେଙ୍କା, ଭାଇ ଦନା, ଘୁଗୁନା, ରବି ଓ ଶୋକସନ୍ତପ୍ତ ଅନ୍ୟାନ୍ୟ ପରିବାର ସଦସ୍ୟ ମାମା, ହରିଆ ,ଶିବ, ମୁନ୍ନୁ, ଯଦୁ, ଲୁବୁନୁ, ଲିକୁନ, ଲକି, ପାୟଲ, ଗଣେଶ, ବାପୁନୁ, ଦିବ୍ୟାଂଶୁ, ରୁନାଲ ଓ ଆତ୍ମୀୟସ୍ୱଜନ ବୃନ୍ଦ ।

ଧ-୨୯୩୧

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ସହଜୀବୀ ମୋର ଜିଇବା ଓ ଲେଖିବା

– କୃଷ୍ଣା ସୋବତୀ

କିମ୍ବଦନ୍ତୀପ୍ରତିମ ହିନ୍ଦୀ ଲେଖିକା କୃଷ୍ଣା ସୋବତୀଙ୍କ ଜନ୍ମକୁ ଶହେବର୍ଷ ପୂରିବ ଏଇ ୧୮ ଫେବୃଆରୀରେ। ଜିଇଥିଲେ ସେ ପାଦ ଦେଇଥା'ନ୍ତେ ୧୦୧ ବର୍ଷରେ। ଜନ୍ମ-ଶତବାର୍ଷିକୀରେ ଆଜି ଖୁବ୍ ମନେପଡ଼ନ୍ତି କୃଷ୍ଣା। ଯେଉଁମାନେ ତାଙ୍କ ଲେଖା ମନଦେଇ ପଢ଼ିଛନ୍ତି, ଅବଶ୍ୟ ଅଭିଭୂତ ହୋଇଛନ୍ତି ଜୀବନ ଓ ସମାଜ ପ୍ରତି ଥିବା ତାଙ୍କ ସଶ୍ରଦ୍ଧ ପ୍ରତିବଦ୍ଧତାରେ। ଅତ୍ୟନ୍ତ ସ୍ୱାଭିମାନୀ, ଜନଦରଦୀ ଏଇ ଲେଖିକା ନିଜର ଲେଖକୀୟ ହକ୍ ପାଇଁ ବରାବର ଥିଲେ ଯୁଯୁତ୍ସୁ। ତାଙ୍କରି ସ୍ମୃତିରେ ଆଜିର ଏ ଆଲେଖ୍ୟ 'ସାହିତ୍ୟାୟନ'ର ପାଠିକାପାଠକଙ୍କ ପାଇଁ...

ପ୍ରସ୍ତୁତି ଡ. ହୃଷୀକେଶ ମଲ୍ଲିକ



ଭାରତ–ଭାରତୀ

କୃଷ୍ଣା ସୋବତୀଙ୍କ ଜନ୍ମ ୧୮ ଫେବୃଆରୀ ୧୯୨୫ରେ ବ୍ରିଟିଶ୍ ଭାରତର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ଗୁଜରାଟ (ଏବର ପାକିସ୍ତାନ)ରେ। ଲାହୋରର ଫତେ ଚାନ୍ଦ ମହିଳା ମହାବିଦ୍ୟାଳୟରେ ପଢୁଥିବାବେଳେ ହେଲା ଭାରତ ବିଭାଜନ। ତାଙ୍କର ବାକି ଶିକ୍ଷା ଦିଲ୍ଲୀ ଓ ସିମ୍ଲାରେ। ରାଜସ୍ଥାନ ସିରୋହିର ନାବାଳକ ମହାରାଜା ତେଜସିଂହଙ୍କ ଗୃହଶିକ୍ଷୟିତ୍ରୀ ଭାବେ ଦୁଇବର୍ଷ ପାଇଁ ପାଇଥିଲେ ସେ ନିଯୁକ୍ତି। ୭୦ ବର୍ଷ ବୟସରେ ସମବୟସ୍କ ଡୋଗ୍ରୀ ଲେଖକ ଶିବନାଥଙ୍କ ସହ ବିବାହ ଓ ସ୍ୱାମୀଙ୍କ ବିୟୋଗ ପରେ ଦିଲ୍ଲୀସ୍ଥିତ ମୟୂର ବିହାର ଘରେ ଆମୃତ୍ୟୁ ବସବାସ। ୨୫ ଜାନୁଆରୀ ୨୦୧୯ରେ ପରଲୋକ।

୯୩ ବର୍ଷର ଦୀର୍ଘ ଜୀବଦ୍ଦଶାରେ କୃଷ୍ଣା ଅନେକ କାଳଜୟୀ କୃତି ଛାଡ଼ି ଯାଇଛନ୍ତି, ଯାହାକୁ ଯେତେଥର ପଢ଼ିଲେ ବି ପ୍ରଥମଥର ପଢ଼ିଲା ପରି ଲାଗେ। ନିଜର ଅଙ୍ଗେନିଭା ଅନୁଭୂତି ଓ ନିଜ ସମୟର ଆଖିଦେଖା ବାସ୍ତବତାର ସତ୍ୟନିଷ୍ଠ ଉପସ୍ଥାପନା ତାଙ୍କର ଗଳ୍ପ, ଉପନ୍ୟାସ ଓ ନିବନ୍ଧମାନ। କୃଷ୍ଣାଙ୍କ ପ୍ରସିଦ୍ଧ ରଚନା ମଧ୍ୟରେ ରହିଛି ଉପନ୍ୟାସ: 'ଜିନ୍ଦଗିନାମା', 'ମିତ୍ର ମରଜାନି', 'ଡାର୍ ସେ ବିଛୁଡ଼ି', 'ସୂରଜମୁଖୀ ଅନ୍ଧେରେ କେ' ଓ 'ୟାରୋଁ କେ ୟାର୍' ଇତ୍ୟାଦି। ଖ୍ୟାତନାମା ଗଳ୍ପ ମଧ୍ୟରେ ରହିଛି– 'ନସିଫା', 'ସିକା ବଦଲ ଗୟା', 'ବାଦଲୋଁ କେ ଘେରେ'। 'ସୋବତୀ ଏକ୍ ସୋହାବତ୍' ଶିରୋନାମରେ ପ୍ରକାଶିତ ତାଙ୍କ ପ୍ରମୁଖ ରଚନାଚୟ। 'ହସ୍‌ମତ' (ଛଦ୍ମନାମ)ରେ ପ୍ରକାଶ ପାଇଛି ପୁସ୍ତକ 'ହମ୍ ହସ୍‌ମତ'। ହସ୍‌ମତ ଏକ ପୁରୁଷ ନାମ। ଏ ସମ୍ପର୍କରେ କୃଷ୍ଣା କହନ୍ତି: "ହସ୍‌ମତ ଓ କୃଷ୍ଣା ଦୁହେଁ ଭିନ୍ନ ଲୋକ। ଜଣେ ପୁରାତନ ଜଣେ ନୂତନ। ଦୁଇ ବିପରୀତ ଦିଗରୁ ଦୁହିଁଙ୍କର କାମ।"

୧୯୪୪ରେ ପ୍ରକାଶପାଏ କୃଷ୍ଣାଙ୍କର ଗଳ୍ପ 'ଲାମା' (ଜଣେ ତିବ୍ବତୀୟ ବୌଦ୍ଧ ପୁରୋହିତଙ୍କୁ ନେଇ)। ଏଇଠୁ ଆରମ୍ଭ ତାଙ୍କ ଲେଖିକା ଜୀବନ। ସେହିବର୍ଷ ପ୍ରକାଶ ପାଏ ଗଳ୍ପ 'ନସିଫା' ଓ 'ସିକା ବଦଲ ଗୟା' (ଭାରତ–ବିଭାଜନକୁ ନେଇ)। 'ସିକା ବଦଲ ଗୟା' ପ୍ରକାଶ ପାଏ ସଚ୍ଚିଦାନନ୍ଦ ବାତ୍ସାୟନଙ୍କ ସମ୍ପାଦିତ ପତ୍ରିକା 'ପ୍ରତୀକ'ରେ, ବିନା କୌଣସି କାଣ୍ଟଛାଣ୍ଟରେ। 'ଲେଖାକୁ ଯେ ମୁଁ ପେସା କରିପାରିବି'– ଏହି ଆତ୍ମପ୍ରତ୍ୟୟର ଏହା ହିଁ ଥିଲା ସ୍ୱୀକୃତି ବୋଲି କହନ୍ତି ଲେଖିକା। ୧୯୫୨ରେ କୃଷ୍ଣା ତାଙ୍କର ପ୍ରଥମ ଉପନ୍ୟାସ 'ଚନ୍ନା'ର ପାଣ୍ଡୁଲିପି ଛାପିବାକୁ ଦିଅନ୍ତି ଆହ୍ଲାବାଦର ଲିଡର୍ ପ୍ରେସ୍‌କୁ, ପାଣ୍ଡୁଲିପିର କେତେକ ଅଂଶ ଓ ଶବ୍ଦକୁ ଆପତ୍ତିଜନକ ଭାବେ ବଦଳାଇ ଦେବାରୁ ଲେଖିକା କ୍ଷୁବ୍ଧ ହୋଇ ଫେରାଇ ଆଣନ୍ତି ପାଣ୍ଡୁଲିପି। ପରେ ଏହି ଉପନ୍ୟାସ କିଛିଟା ବଦଳାବଦଳି ସହ 'ଜିନ୍ଦଗୀନାମା: ଜିନ୍ଦା ରୁଖ୍' ଶୀର୍ଷକରେ ପ୍ରକାଶ ପାଏ ରାଜକମଲ୍ ପ୍ରକାଶନ ସଂସ୍ଥା ଦ୍ୱାରା ୧୯୭୯ରେ। ଉପନ୍ୟାସର ପୃଷ୍ଠଭୂମି ଊନବିଂଶ ଶତକର ଗ୍ରାମ୍ୟ ପଞ୍ଜାବ ହୋଇଥିଲେ ବି ଏହାର କଥାବସ୍ତୁ ସମକାଳର ରାଜନୈତିକ ଓ ସାମାଜିକ ବାସ୍ତବତାଠାରୁ ଦୂରବର୍ତ୍ତୀ ନ ଥିଲା। ସମାଲୋଚକମାନେ ମତ ଦିଅନ୍ତି ଯେ, ପ୍ରେମଚାନ୍ଦଙ୍କ ପରେ କୃଷି ଓ କୃଷକକୁ ପ୍ରସଙ୍ଗ କରି ଲେଖାଯାଇଥିବା ହିନ୍ଦୀ ଉପନ୍ୟାସ ସାରଣୀରେ 'ଜିନ୍ଦଗୀନାମା' ହେଉଛି ସବୁଠୁଁ ସୁଲିଖିତ ଉପନ୍ୟାସ। ମହାକାବ୍ୟର ଉଚ୍ଚତାକୁ ଛୁଇଁ ଛୁଇଁ ଭାରତୀୟ ସାହିତ୍ୟରେ ଏକ ମାଇଲଖୁଣ୍ଟ ଭାବେ ଆଜି ବି ଏହି ଉପନ୍ୟାସ ଉଭା।

୧୯୫୮ରେ ପ୍ରକାଶପାଏ ସୋବତୀଙ୍କ ଉପନ୍ୟାସ 'ଡାର୍ ସେ ବିଛୁଡ଼ି' (ଦୁଆରରୁ ବିଚ୍ୟୁତି), ଯାହାର ପୃଷ୍ଠଭୂମି ବିଭାଜନ ପୂର୍ବବର୍ତ୍ତୀ ଭାରତ ଓ ପ୍ରସଙ୍ଗ ଏକ ଶିଶୁର ଜୀବନ, ଯାହାର ମାଆବାପା ଅଲଗା ଅଲଗା ଧର୍ମର। ୧୯୬୬ରେ ପ୍ରକାଶପାଏ 'ମିତ୍ର ମରଜାନି' (ମିତ୍ର, ମୁଁ ମରିଯାଏଁ), ଯାହାର ପୃଷ୍ଠଭୂମି ବି ସେଇ ଗ୍ରାମ୍ୟ ପଞ୍ଜାବ ଓ ପ୍ରସଙ୍ଗ ଜଣେ ବିବାହିତା ଯୁବତୀର ଯୌନଜୀବନର ଗ୍ଲାନିହୀନ ସ୍ୱୀକାରୋକ୍ତି। ଗୀତା ରାଜନ ଓ ରାଜି ନରସିଂହା ଏହାର ଇଂଲିଶ୍ ଅନୁବାଦ କରିଛନ୍ତି– 'To Hell you, mitro' ଶୀର୍ଷକରେ। ଉପନ୍ୟାସଟି ସୋବତୀଙ୍କ ଲେଖକୀୟ ଖ୍ୟାତିକୁ ଊର୍ଦ୍ଧ୍ୱମୁଖୀ କରିଛି। ସେ ପର୍ଯ୍ୟନ୍ତ ହିନ୍ଦୀ ଉପନ୍ୟାସରେ ନାରୀ ଓ ସମାଜ–ବାସ୍ତବବାଦକୁ ନେଇ ଯେଉଁ ଗଡ୍ଡାଳିକା ପ୍ରବାହ ଚାଲିଥିଲା, ଏ ଉପନ୍ୟାସଟି ତହିଁରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା ଓ ହିନ୍ଦୀ ଉପନ୍ୟାସରେ ସୂତ୍ରପାତ ହୋଇଥିଲା ଏ ନୂଆ ଯୁଗର।

୧୯୬୮ରେ ପ୍ରକାଶ ପାଇଲା ଉପନ୍ୟାସିକା 'ୟାରୋଁ କେ ୟାର' (ବନ୍ଧୁଙ୍କର ବନ୍ଧୁ) ଓ ୧୯୭୨ରେ 'ସୂରଜମୁଖୀ ଅନ୍ଧେରେ କେ'(ଅନ୍ଧକାରର ସୂର୍ଯ୍ୟମୁଖୀ)। 'ଶୈଶବର ଦୁରୁପଯୋଗ' 'ସୂରଜମୁଖୀ ଅନ୍ଧେରେ କେ' ଉପନ୍ୟାସର ପ୍ରସଙ୍ଗ। ସୋବତୀଙ୍କ ଲେଖିକା ଜୀବନର ଶେଷ ପର୍ଯ୍ୟାୟର ଲେଖା ଆତ୍ମଜୀବନୀମୂଳକ ଉପନ୍ୟାସ 'ଗୁଜରାଟ ପାକିସ୍ତାନ ସେ ଗୁଜରାଟ ହିନ୍ଦୁସ୍ତାନ ତକ୍' (ପାକିସ୍ତାନର ଗୁଜରାଟରୁ ଭାରତର ଗୁଜରାଟ), ଯାହା ବହୁ ଭାବେ ଚର୍ଚ୍ଚିତ।

କୃଷ୍ଣାଙ୍କ ଲେଖାର ଭାଷା ଯଦିଓ ହିନ୍ଦୀ, ତେବେ ବର୍ଣ୍ଣିତ ଚରିତ୍ର ଓ ଘଟଣାଗୁଡ଼ିକୁ ଜୀବନ୍ତ କରିବା ପାଇଁ ପ୍ରୟୋଜନସ୍ଥଳେ ସେ ପଞ୍ଜାବୀ, ଉର୍ଦ୍ଦୁ ଓ ରାଜସ୍ଥାନୀ ଶବ୍ଦର ପ୍ରୟୋଗ କରନ୍ତି। ଲେଖାରେ ଲୋକଶବ୍ଦର ଉପଯୋଗ ହେତୁ ତାଙ୍କ ଲେଖାରେ ଥାଏ ଏକ ଘରୋଇ ଖୁସ୍‌ବୁ। ସାଂସ୍କୃତିକ ମୌଳିକତାକୁ ସାହିତ୍ୟରେ ପ୍ରତିଷ୍ଠା ଦିଏ ଶବ୍ଦ–ଏହା ଭଲଭାବେ ଜଣା କୃଷ୍ଣାଙ୍କୁ। ତାଙ୍କ ଚରିତ୍ରମାନେ ଖୁବ୍ ସଶକ୍ତ ଓ ଜୀବନର ପ୍ରତ୍ୟେକଟି ଆହ୍ୱାନକୁ ଛାତି ପତାଇ ମୁକାବିଲା କରିବାରେ ଥାଏ ଦମ୍। 'ମହିଳା ପରିଚିତି' ଓ 'ଯୌନତା'ରେ ଯଦିଓ ଦାଉଦାଉ ତାଙ୍କ ରଚନାଚୟ, ତେବେ ତାଙ୍କର ବରଦାସ୍ତ ହୁଏନାହିଁ ଯଦି ତାଙ୍କ ଉପରେ କେହି ବସାଇ ଦିଏ 'ନାରୀ ଲେଖକ'ର ମୋହର। ସେ କହନ୍ତି: "ଯିଏ ଲେଖକ, ସେ ନାରୀ ଓ ପୁରୁଷ–ଉଭୟ ଆଖି ନେଇ ଜଗତକୁ ଦେଖେ। ଲିଙ୍ଗଭେଦରେ ତାକୁ ଭାଗଭାଗ କରି ହେବନି।"


ଜୀବନବ୍ୟାପୀ ସାଧନା ପାଇଁ କୃଷ୍ଣା ବହୁ ସମ୍ମାନ ଓ ପୁରସ୍କାରରେ ଭୂଷିତା, ଯହିଁରେ ସାମିଲ – 'ସାହିତ୍ୟ ଏକାଡେମୀ ପୁରସ୍କାର' (୧୯୮୦), 'ଶିରୋମଣି ପୁରସ୍କାର' (୧୯୮୧), 'ହିନ୍ଦୀ ଏକାଡେମୀ ପୁରସ୍କାର' (୧୯୮୨), 'ସାହିତ୍ୟ ଏକାଡେମୀ ଫେଲୋଶିପ୍' (୧୯୯୬), 'କଥା ଚୂଡ଼ାମଣି ପୁରସ୍କାର' (୧୯୯୯) ଓ 'ଜ୍ଞାନପୀଠ ପୁରସ୍କାର' (୨୦୧୭)। ତାଙ୍କର ବହୁ ଗ୍ରନ୍ଥ ଏକାଧିକ ଭାରତୀୟ ଭାଷା ତଥା ସ୍ୱିଡିଶ୍, ରୁଷୀୟ ଓ ଇଂଲିଶ୍ ଭାଷାରେ ଅନୂଦିତ ହୋଇ ବିପୁଳ ପାଠକୀୟ ଆଦୃତି ସାଉଁଟିଛି। 'ଦିଲ୍–ଓ–ଦାନିଶ୍' ଉପନ୍ୟାସ 'The Heart Has Its Reasons' ଶିରୋନାମରେ ରୀମା ଆନନ୍ଦ ଓ ମୀନାକ୍ଷୀ ସ୍ୱାମୀଙ୍କ ଦ୍ୱାରା ଅନୂଦିତ ହୋଇ 'ଅନୂଦିତ ଭାରତୀୟ ଉପନ୍ୟାସ' ବର୍ଗରେ ସମ୍ମାନଜନକ 'Crossword Award' ଲାଭ କରିଛି।

କୃଷ୍ଣାଙ୍କ ସାରସ୍ୱତ ଉପଲବ୍ଧିର ଦୁର୍ଗମତାକୁ ଚିହ୍ନେଇବା ପାଇଁ ତାଙ୍କର କେତୋଟି ପ୍ରସିଦ୍ଧ ଉକ୍ତିକୁ ଏଠାରେ ଉଦ୍ଧାର କରାଯାଉଛି ତାଙ୍କ ପ୍ରଣୀତ 'ଲେଖକ କା ଜନତନ୍ତ୍ର' ଗ୍ରନ୍ଥରୁ– ୧. "ସାହିତ୍ୟ ମାତ୍ର ଭାଷାକୀ କୌଶଳପୂର୍ଣ୍ଣ ଉପସ୍ଥିତି ନହିଁ, ଶବ୍ଦ ଔର୍ ବିଚାରକେ ସଂଯୋଜକ କୀ ୱହ ବୈଚାରିକ ପ୍ରସ୍ତୁତି ହୈ।" ୨. "ଲେଖକୀୟ ଅସ୍ତିତ୍ୱ ମେଁ ଲେଖକ ଅପନି ଜୀନେ କୀ ସାଧାରଣତା କୋ ସୃଜନ କୀ ଅସାଧାରଣତା ମେଁ ଜୀତା ହୈ।" ୩. "ଗଦ୍ୟବାଲୋଁ କୋ ମାନଲେନା ଚାହିଏ କି ୱେ ନମ୍ବର ଦୋ ପର ହୈ, ନମ୍ବର ଏକ ପର କବି ହୈ।" ୪. "କବିତା କା ଅଙ୍କୁରଣ୍ ମାତ୍ର ପ୍ରୟତ୍ନୋଁ ସେ ନହିଁ ହୋ ସକତା।" କୃଷ୍ଣା ଅନୁଭବ କରୁଥିଲେ ଯେ ତାଙ୍କ ଭିତରେ ଗଭୀର ଉଦାସୀନତାର ଏକ ସ୍ରୋତ ଯେପରି ସର୍ବଦୈବ ପ୍ରବାହିତ। ଜିଇବା ଓ ଲେଖିବା ଥିଲା ତାଙ୍କ ସହଜୀବୀ, ଯେପରି ଦେହ ଓ ଆତ୍ମା। ତାତ୍କାଳିକତାର ଊର୍ଦ୍ଧ୍ୱକୁ ଯାଇ ସାହିତ୍ୟର ଗଂଭୀର, ନ୍ୟାୟୋଚିତ ଅଭିଜ୍ଞାନକୁ ଆପଣାର ସୃଷ୍ଟିରେ ଜିଆଇ ରଖିବାର ତପସ୍ୟାରେ ସେ ଆମୃତ୍ୟୁ ଥିଲେ ଏକନିଷ୍ଠ ତପସ୍ୱିନୀ।



## ପୁସ୍ତକ ପରିଚୟ

### ସ୍ମୃତିର ଈଶ୍ୱର



**କବି:** ଦିଲୀପ ନାୟକ
**ପ୍ରକାଶକ:** ବର୍ଷା ପବ୍ଲିକେଶନ୍, ନୟାପଲ୍ଲୀ, ଭୁବନେଶ୍ୱର–୧୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/–

ମୋଟ ୬୬ଟି କବିତା ୧୦୨ ପୃଷ୍ଠାର କଳେବରରେ। କବିତାଗୁଡ଼ିକର ପ୍ରସଙ୍ଗ ଭିନ୍ନ, କେବେ ସ୍ମୃତି ତ କେବେ ସାମ୍ପ୍ରତିକ ଜୀବନ; କେବେ ମେଘ, ପବନ ତ କେବେ ପାହାଡ଼ ଓ ପଥର। କେବେ ଅନ୍ଧାର ତ କେବେ ଜହ୍ନରାତି, କେବେ ପ୍ରାପ୍ତି ତ କେବେ ଶୂନ୍ୟତା। ଜୀବନ କବି ପାଇଁ କେତେ କିସମର ଅନୁଭବ ସମୟର ପସରାରେ ତୋଳି ଧରିଥାଏ। ଅନୁଭବ ସହ ସଂଘାତ ହିଁ ଯଦି ହୁଏ କବିତା, ତେବେ ଦିଲୀପଙ୍କ କବିତାବହିର ଅନେକ କବିତା ଭଲ କବିତାର ଦାବି ରଖନ୍ତି। କବିଙ୍କ କବିତାର ପ୍ରଶସ୍ତ କାନ୍‌ଭାସ୍‌କୁ ବୁଝିବା ପାଇଁ କେତୋଟି ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଯାଇପାରେ– ୧. "ନିର୍ଜନ ଜହ୍ନ ଆଲୁଅରେ/ କାହାର ଶବ ଶଢ଼େ/ କାହାର ଅବରୁଦ୍ଧ ଲୁହ/ ବାଷ୍ପ ହୋଇ ମିଶେ ଏ ମେଘରେ x x ମୁଁ ତାକୁ ଖୋଜେ ମୋର ଜୀବନର ଅଜ୍ଞାତବାସରେ।" (ଖୋଜିବାର କ୍ଷୟ, ପୃ: ୦୭), ୨. "ଦହଗଞ୍ଜ ହୁଏ ପ୍ରାଣ ଛେଚିକୁଟି ଦେହର ଜଡ଼ତା,/ ନିଜକୁ ସେ ପୂରାପୂରି ବିନାସର୍ତ୍ତେ ଦେଇଦେବ,/ ଭୁଲିଯିବ ଅଫିସ୍ ଓ ହାଟ ବଜାରର ହୋହଲ୍ଲା/ ବଢୁ ନ ଥିବା ଦରମା ଓ ପଢ଼ି ହେଉ ନ ଥିବା ଦସ୍ତଖତ/ ସନ୍ଧ୍ୟାର ଟାଉନ୍‌ବସ୍ ଭିଡ଼।" (ଅନାମିକା, ପୃ: ୧୭), ୩. "ଆକାଶ ଯେମିତି ତୁମେ ଆସିନାହଁ, ସେମିତି।" (ପୁରୁଣା ଘାସରେ ସଜ କାକର, ପୃ:୮୦), ୪. "ସେ ନାହିଁ/ ସେ ଆଉ କେଉଁଠି ବି ନାହିଁ/ ସେ ଆଉ କେବେହେଲେ ନାହିଁ/ ନ ଥିବାରେ ଯାହା ନାହିଁ ତାହା ସେ।" (ଅନେକ ବର୍ଷ ପରେ, ପୃ: ୫୬)। ଏସବୁ ଉଦ୍ଧୃତିରୁ ମନେହୁଏ କବିଙ୍କ ଚେତନା ଜାଗତିକତାରେ ଛନ୍ଦିହୋଇ ତା'ର ଊର୍ଦ୍ଧ୍ୱରେ ବରାବର ବିଚରଣ ପ୍ରୟାସୀ। ଗୋଟିଏ ଗୋଟିଏ ଚିତ୍ର, ଯାହା ଅସ୍ପଷ୍ଟ ଅଥଚ ଅବୋଧ୍ୟ ନୁହେଁ। ଅର୍ଥରୁ ଅର୍ଥାନ୍ତରକୁ ଘେନିଯିବାର ଉଦ୍ୟମ ଦିଲୀପଙ୍କ କବିତାକୁ ପାଠକମୁଖୀ କରାଏ ଅନୁଭବର ଏକ ଅନନ୍ୟତାରେ।

### ଶକ୍ତି ଉପାସନା ଓ ବୈଦିକ ଦେବୀତତ୍ତ୍ୱ



**ଲେଖକ:** ଅଶ୍ୱିନୀ କୁମାର ଶତପଥୀ
**ପ୍ରକାଶକ:** ବ୍ଲାକ୍ ଈଗଲ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୬୦୦/–

ଆଲୋଚ୍ୟ ଗ୍ରନ୍ଥଟି ପାଞ୍ଚଶହ ପୃଷ୍ଠାରୁ ଊର୍ଦ୍ଧ୍ୱ ପରିସରରେ ଶକ୍ତି ଉପାସନା ଓ ବୈଦିକ ଦେବୀତତ୍ତ୍ୱ ସମ୍ବନ୍ଧୀୟ ଏକ ତଥ୍ୟନିଷ୍ଠ ଗ୍ରନ୍ଥ। ସୂକ୍ତ ଓ ସ୍ତୋତ୍ର ସମୂହକୁ ବାଦ୍ ଦେଲେ ନାନା ଅଧ୍ୟାୟରେ ଭାରତୀୟ ସଂସ୍କୃତିରେ ବିଦ୍ୟମାନ ଶକ୍ତି ଉପାସନାର ଉଜ୍ଜ୍ୱଳ ପରମ୍ପରା, ଭାରତୀୟ ପର୍ବପର୍ବାଣି ଓ ଓଷାବ୍ରତରେ ଶାକ୍ତ ଉପାସନାର ସ୍ୱରୂପ, ଉପନିଷଦରେ ଶକ୍ତି ଉପାସନା, ମହାଳୟା ଶ୍ରାଦ୍ଧପକ୍ଷ ପାଳନର ବୈଶିଷ୍ଟ୍ୟ, ଗୟାରେ ପିଣ୍ଡଦାନର ମହତ୍ତ୍ୱ, ବାସନ୍ତିକ ନବରାତ୍ରରେ ଶ୍ରୀଶ୍ରୀ ସପ୍ତଚଣ୍ଡୀ ପଠନର ଫଳାଫଳ, ମହାକାଳୀ ମହାଲକ୍ଷ୍ମୀ ମହାସରସ୍ୱତୀଙ୍କ ପ୍ରାକଟ୍ୟ ରହସ୍ୟ ଓ ତ୍ରିଶକ୍ତି ତତ୍ତ୍ୱ, ଶ୍ରୀକ୍ଷେତ୍ରରେ ଶକ୍ତି ଉପାସନାର ଅନନ୍ୟ ପରମ୍ପରା ଗୋସାଣୀ ଯାତ, ମାର୍ଗଶିର ମାସ ମାଣବସା ଗୁରୁବାର ବ୍ରତ ଓ ଲକ୍ଷ୍ମୀ ଉପାସନା, କାଳୀତତ୍ତ୍ୱ ଓ ତାଙ୍କ ଆରାଧନା, ଉତ୍କଳରେ ଶାକ୍ତ ଉପାସନାର ପରମ୍ପରା ଓ ପ୍ରାଚୀନତା, ଶାକ୍ତ ଚେତନାରେ ଚତୁଃଷଷ୍ଠୀ ଯୋଗିନୀ ଉପାସନାର ବୈଶିଷ୍ଟ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତିରେ ଶାକ୍ତ ଉପାସନା ଓ ତାନ୍ତ୍ରିକ ରୀତିନୀତିର ପ୍ରାଧାନ୍ୟ, ଅବତାରବାଦ ଓ ଶକ୍ତିତତ୍ତ୍ୱ ଇତ୍ୟାଦିର ସବିଶେଷ ଆଲୋଚନା ଗ୍ରନ୍ଥଟିକୁ ସାଧାରଣ ପାଠକ ତଥା ତତ୍ତ୍ୱଭିଜ୍ଞ ବ୍ୟକ୍ତିବିଶେଷଙ୍କ ପ୍ରଣିଧାନଯୋଗ୍ୟ କରିପାରିଛି। 'ଆତ୍ମ କଥନ'ରେ ଲେଖକ କହିଛନ୍ତି: "ଆଲୋଚିତ ପୁସ୍ତକ x x ପିଢ଼ି ପରେ ପିଢ଼ି ଆମର ଭାବୀ ବଂଶଧରମାନଙ୍କୁ ସଂସ୍କାର ଯୋଗାଇ ଚାଲିବ।" ଲେଖକ 'ଲୋକକଲ୍ୟାଣ ଗ୍ରନ୍ଥମାଳା' ଶୀର୍ଷକରେ ଧର୍ମ ଓ ସଂସ୍କୃତିର ନାନା ଗୂଢ଼ ବିଷୟକୁ ଧାରାବାହିକ ଭାବେ ଆଲୋଚନା କରିବା ଆଜିର କ୍ରମାବକ୍ଷୟୀ ସମାଜ ପାଇଁ ଯେ ଏକାନ୍ତ ଶିକ୍ଷଣୀୟ, ଏଥିରେ ସନ୍ଦେହ ନାହିଁ।

## କାଳକାଳକୁ

"ହସ କୌତୁକଠୁଁ ବଳି ସଂକ୍ରାମକ ପୃଥିବୀରେ ଆଉ କିଛି ନାହିଁ"
– ଚାର୍ଲସ୍ ଡିକେନ୍‌ସ୍



ଚାର୍ଲସ୍ ଡିକେନ୍‌ସଙ୍କ ଜନ୍ମ ୭ ଫେବୃଆରୀ ୧୮୧୨ ଓ ପରଲୋକ ୯ ଜୁନ୍ ୧୮୭୦ରେ। ଏହି ଲେଖକ ଏକାଧାରରେ ଔପନ୍ୟାସିକ, କଥାକାର, ବାର୍ତ୍ତାଜୀବୀ ଓ ଚିନ୍ତକ। ତାଙ୍କ ଉଲ୍ଲେଖନୀୟ କୃତିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ପିକ୍‌ୱିକ୍ ପେପର୍ସ', 'ଓଲିଭର୍ ଟୁଇଷ୍ଟ', 'ଏ କ୍ରୀଷ୍ଟମାସ୍ କେରୋଲ୍', 'ଡେଭିଡ୍ କପରଫିଲ୍ଡ', 'ବ୍ଲିକ୍‌ହାଉସ୍', 'ଲିଟିଲ୍ ଡୋରିଟ୍', 'ଏ ଟେଲ୍ ଅଫ୍ ଟୁ ସିଟିଜ୍' ଓ 'ଗ୍ରେଟ୍ ଏକ୍ସପେକ୍ଟେସନ୍‌ସ୍'। ଭିକ୍ଟୋରୀୟ ଯୁଗର ଶ୍ରେଷ୍ଠତମ ଲେଖକର ମାନ୍ୟତା ଦିଆଯାଏ ଡିକେନ୍‌ସଙ୍କୁ। ସେ କହନ୍ତି: "ଆମର ଉଚିତ ହେଉଛି ନିଜର ଲୁହ ପାଇଁ କେବେ ବି ଲଜ୍ଜିତ ନ ହେବା।"

## କବିତା

### ସୁଚିତ୍ରା ଗାଙ୍ଗୁଲି

ତନ୍ମୟଜ୍ୟୋତି ନାୟକ

"ଆବାର୍ ବଛର୍ କୁଡ଼ି ପରେ ତାର୍ ସାଥେ
ଦେଖାହଏ ଯଦି!" – ଜୀବନାନନ୍ଦ ଦାସ

୧॥
ତୁମ ଠିକଣା ମୁଁ ଜାଣେ ନାହିଁ
ତୁମ ଅଙ୍କା ତୈଳଚିତ୍ର ଦେଖିଥିଲି ଥରେ
ନନ୍ଦନ ମେଳାର ଏକ ଚିତ୍ରିତ ଗୃହରେ
ତଳେ ଖାଲି ଲେଖାଥିଲା 'ସୁଚିତ୍ରା ଗାଙ୍ଗୁଲି'
ସୁଚିତ୍ରା! ତୁମରି ସେ ଚିତ୍ର ମୋତେ
କରିଥିଲା ରାତିକ ଅନିଦ୍ରା।
ସନ୍ଧାନ କରି ଏତକ ପାଇଲି ଖବର
ଛାତ୍ରୀ ଥିଲ କଳା ଭବନର।
(ଆହୁରି ବି କେତେ କଥା)
ତୁମେ କାଳେ ଆଙ୍କିପାର
ଆବ୍‌ଷ୍ଟ୍ରାକ୍ଟ, ସିମ୍‌ବଲିଷ୍ଟ, ନ୍ୟାରେଟିଭ
ଆଉ ତୈଳ ଚିତ୍ର।
ପୁଣି ବିଧାତା ତୁମକୁ କାଳେ ଗଢ଼ିଚି ବିଚିତ୍ର;
ବାମ ପାଖ ହସ୍ତ ନାହିଁ, ଆଜନ୍ମରୁ ଏକ ଚକ୍ଷୁହୀନା
ତଥାପି ତ କରିପାର ସୁନ୍ଦର ସର୍ଜନା!

୨॥
ତୁମରି କଳ୍ପିତ ଛବି କଳ୍ପନାରେ ହଜିଗଲା ପରେ
ଭେଟିଥିଲି ତାକୁ ପୁଣି ଗୌର ପ୍ରାଙ୍ଗଣର
ଆନନ୍ଦ ମେଳାରେ।
କାନଭାସ୍‌ରେ ଅଙ୍କାଥିଲା ବିସ୍ତୀର୍ଣ୍ଣ ଧାନର କ୍ଷେତ,
ଆକାଶରେ ଝଡ଼
ଆଉ ପକ୍ଷୀମାନେ ଫେରୁଛନ୍ତି ନୀଡ଼।
ସେଇ କ୍ଷେତ କଡ଼େ କଡ଼େ କିଶୋରୀଟେ
ଯାଉଅଛି ଚାଲି
ତଳ କୋଣେ ଲେଖା ଥିଲା
ଛଟା ଛଟା ବଙ୍ଗଳାରେ
'ସୁଚିତ୍ରା ଗାଙ୍ଗୁଲି'।

୩॥
ଛବି ସିନା ଦେଖିଥିଲି, ଦେଖିନାହିଁ ଛବିର ସ୍ରଷ୍ଟାକୁ
କରିନାହିଁ ତୁମକୁ ସାକ୍ଷାତ
ତଥାପି ମୁଁ ତୁମ ପ୍ରଶଂସକ।
ଆଜି ପୁଣି ଏତେ ବର୍ଷ ପରେ
ଖବରକାଗଜେ ଦେଖେ
ତୁମେ କାଳେ ପାଉଅଛ ଜାତୀୟ ସମ୍ମାନ।
କିଏ ଜଣେ କହୁଥିଲେ ବିକୃତ ସେ
ସ୍ରଷ୍ଟାଙ୍କର ସୁନ୍ଦର ଅଙ୍କନ
ସ୍ରଷ୍ଟା କେବେ ବିକୃତ କି?
ମୋର ଏଇ ପ୍ରଶ୍ନ
ବିକଳାଙ୍ଗ ହେଇପାରେ ଦେହ ତୁମ
ସୃଷ୍ଟି ତୁମ ସୁନ୍ଦର ଶାଳୀନ।
ଆଜି ପୁଣି ଏତେ ବର୍ଷ ପରେ
ମନେପଡ଼େ ଶାନ୍ତିନିକେତନ ଆଉ
ସୁନ୍ଦର ପାଚେରିଘେରା କଳାର ଭବନ।

ମୋ: ୭୨୦୫୬୭୯୫୦୨୨

ଗୀତି–କବିତା

### ବାସନା

ବିଷ୍ଣୁ ମୋହନ

ବଣମଲ୍ଲୀ ପରି ତୁମ ନିରୀହତା
ବିବଶ କରେ ପରାଣ
ଗୋରାଦେହ ତବ ପ୍ରେମର ମାଣିକ
ଯେପରି ଚଇତି ଜହ୍ନ।

ରୂପର ମାଧୁରୀ ମଦିରାକ୍ତ କରେ
କବିର କବିତା ଲେଖା
କେତେବେଳେ କରେ ଲାବଣ୍ୟବତୀ ତ
କେବେ ପୁଣି ଚିତ୍ରଲେଖା।

ତୁମେ ସପନର ରାଜଜେମା ମୋର
ଥାଅ ପଛେ ଯେତେ ଦୂର
ଚିର ଈପ୍‌ସିତ ଆଶାର କିରଣ
ମୁରଲୀର ମିଠା ସୁର।

ତୁମ ମମତାର ପଣତ ତଳେ ମୁଁ
ଲୋଟିଯିବି ଚିରଦିନ
ତୁମରି ନୀଡ଼ରୁ ନିର୍ବାଣଯାଏଁ
ହେବିନାହିଁ ଆନମନ।

ମୋ: ୭୨୦୫୬୭୫୮୨୫୫

## ଲଘୁଗଳ୍ପ

### ଆଦର

ଦେବେନ୍ଦ୍ର କର

ବାବୁଘର ଛାତ ଉପରେ ଭଳିକିଭଳି ଫୁଲଗଛର ସମ୍ଭାର। ଗୋଟେ କୁଣ୍ଡରେ ଗୋଲାପ ଗଛର ଥିଲା ସ୍ୱତନ୍ତ୍ର ଆକର୍ଷଣ। ଶାଖାପ୍ରଶାଖାରେ ଶୋଭାପାଉଥାଏ ବଡ଼ ବଡ଼ ଲାଲ୍ ରଙ୍ଗର ଗୋଲାପ। ଫୁଲର ସୁଗନ୍ଧ ଚତୁଃପାର୍ଶ୍ୱରେ ଅହରହ ମହକୁଥାଏ। ବାବୁ, ବାବୁଆଣୀ ଘଡ଼ି ଘଡ଼ି ଆସି ଗୋଲାପ କୁଣ୍ଡକୁ ଚାହିଁ ରୁହନ୍ତି। ବନ୍ଧୁବାନ୍ଧବ କେହି ଆସିଲେ ଗୋଲାପ କୁଣ୍ଡ ନିକଟକୁ ଡାକି ଆଣନ୍ତି। ଧୀରେ ଧୀରେ ଗୋଲାପ ମନରେ ଗର୍ବ ଅହଙ୍କାର ବଢ଼ିବାକୁ ଲାଗିଲା। ସାଥୀ ଫୁଲଗଛମାନଙ୍କ ସହିତ ତା'ର ଆଉ ପଡ଼ିଲା ନାହିଁ। ଦିନେ ବର୍ଷାଭିଜା ସକାଳେ ଗୋଲାପ କୁଣ୍ଡରେ ଦୂବଟେ କଅଁଳି ଉଠିଥାଏ। ତା'ର କୁନି ଶାଖାରେ କାକରବୁନ୍ଦା ମୋତି ପରି ଚିକ୍‌ଚିକ୍ କରୁଥାଏ। ବାବୁ ବାବୁଆଣୀଙ୍କ ଖୁସି କହିଲେ ନସରେ। ବାବୁ କହିଲେ, ଆମ ପାଖରେ ସବୁ ଗଛଥିଲା ଏଇ ଗୋଟିକୁ ଛାଡ଼ି। ଗଛ ଲଗେଇବା ଆଜି ଆମର ସାର୍ଥକ ହୋଇଛି। ବାବୁଆଣୀ କହିଲେ, ଯାହାହେଉ ପୂଜାବେଳେ ଆଉ ମତେ କାହାରି ବାରିକୁ ଯିବାକୁ ପଡ଼ିବ ନାହିଁ। ଏତେସବୁ କଥା ଶୁଣି ଗୋଲାପ ଈର୍ଷାରେ ଜଳି ଉଠିଲା। କୁନି ଦୂବକୁ ଛିଗୁଲେଇ କହିଲା, ତୁ ଭାବେନି କାଲି ସକାଳେ ଆସିକି ଏଠି ସଭିଙ୍କର ଆଦର ପ୍ରଶଂସା ପାଇଯିବୁ। ମୁଁ କେତେ ଯେ ଦୁଃଖକଷ୍ଟ ସହି ଏତେ ବାଟ ଆସିଛି ତା'ର କଳନା ନାହିଁ। ତୋ ସୃଷ୍ଟି ମୋ' ପାଦ ତଳେ, ଆଉ ତୁ ଗୋଟେ ଘାସ ବୋଲି କେବେ ବି ଭୁଲିଯିବୁନି। ନିଜ ସ୍ଥିତି ଦେଖିକି ଚଲୁଥା, ଅନ୍ୟଥା ନିଜେ ହିଁ ଅଳକରେ ପଡ଼ିବୁ। କୁନି ଦୂବଘାସଟି ବଲବଲ କରି ଚାହିଁ ରହିଥାଏ। ହଠାତ୍ ଏତେ ସବୁ କଥା ଶୁଣି ସେ ପୂରାପୁରି ଅବାକ୍ ହେଇଗଲା।

ସେଦିନ ଗୋଲାପ ଗଛଟି କହିବାର ସବୁ ସୀମା ଟପିଗଲା। ସକାଳୁ ସକାଳୁ ଦୂବଘାସ ଉପରେ ଖୁବ୍ ବର୍ଷିଲା। ତୁ ମୋ' ପାଦ ତଳକୁ ବି ସରି ହେବୁନି। ମୋର ସୁଗନ୍ଧିତ ଫୁଲ ସମସ୍ତଙ୍କର ପ୍ରିୟ, ମଣିଷ ତ ମଣିଷ ଦେବତା ବି ମତେ ଦେଖିଲେ ଲୋଭେଇ ଯିବେ। ସବୁ ଶୁଣି ଦୂବଘାସ କହିଲା– ବନ୍ଧୁ ରାଗନି, ତୁମ କଥାରେ ମୁଁ ଏକମତ। ତୁମେ ଯେପରି ଭାବୁଛ ମୋ' ବିଷୟରେ ସେ ସବୁ ତୁମ ମନର ବୃଥା ସନ୍ଦେହ। ଆସ, ହସି ହସାଇ ମନଭରି ଜିଇବା। ମନରୁ କ୍ରୋଧ, ହିଂସା, ଗର୍ବ, ଅହଙ୍କାର, ଘୃଣା, ସନ୍ଦେହ ପରିହାର କରି ସ୍ନେହ ଶ୍ରଦ୍ଧା ବାଣ୍ଟିବା। ଆଉ ବନ୍ଧୁ ଏ ଦୁନିଆ ରଙ୍ଗମଞ୍ଚରେ ଆମେ ସମସ୍ତେ ସ୍ୱଳ୍ପ ଦିନର ଅତିଥି, ବେଳବୁଡ଼ିଲେ ନା ତୁମେ ଥିବ ନା ମୁଁ। ଆଜି ତୁମେ ଆଦର ପାଉଛ, କାଲି ହୁଏତ ମୁଁ ସେଇ ଆଦରର ହକ୍‌ଦାର ହେବି। ସମୟ ସଦାକାଳେ ପରିବର୍ତ୍ତନଶୀଳ। ଥିଲା ଥିଲା ଚିହିଁକି ଉଠିଲା ଗୋଲାପ। ତୋ' ଉପଦେଶ ତୋ' ପାଖରେ ରଖ। ତୁ ଜାଣିନୁ ବାବୁଘର ଲୋକ ମତେ କେତେ ଆଦର କରନ୍ତି। ମୋ' ନାଆଁଟି ଗୋଲାପ, ଫୁଲ ଭିତରେ ମୁଁ ଶ୍ରେଷ୍ଠ। ମୋ' ଫୁଲର ରଙ୍ଗ ଆକର୍ଷଣୀୟ ଆଉ ଅପୂର୍ବ ସୁଗନ୍ଧରେ ମୁଁ ସଭିଙ୍କ ମନ ମୋହିନିଏ। ମୋ' ଦେହକୁ ଯିଏ ଛୁଇଁବ ତାକୁ ମୁଁ କଣ୍ଟାରେ ଆଘାତ ଦେବି। ଦୂବଘାସଟି ଆଉ କିଛି ନ କହି ଚୁପ୍ ରହିଲା।

ଦିନ ପରେ ଦିନ ବିତିଲା। ନୂଆ ଋତୁର ଆଗମନ ହୋଇସାରିଥାଏ। ଦୂବଘାସଟି ଏବେ ଏବେ ଲତାର ରୂପ ନେଇ ସାରିଲାଣି। ଗୋଲାପ ଗଛଟି ଆଗ ପରି ଆଉ ନା ସତେଜ ଦିଶୁଥାଏ ନା ସୁନ୍ଦର। ଶାଖାପ୍ରଶାଖାରେ ଫୁଲ ତ ଦୂରର କଥା କଢ଼ିଟେ ବି ଦିଶୁ ନଥାଏ। ପତ୍ରଝଡ଼ା ଦେବାପରେ ଶାଖା ପ୍ରଶାଖାରେ କଣ୍ଟାସବୁ ସ୍ପଷ୍ଟ ଦିଶୁଥାଏ। ବାବୁ ଦେଖିଲେ ଗୋଲାପ ଗଛରେ ଫୁଲ ତ ଆଉ ଫୁଟୁନାହିଁ କି ନୂଆ ପତ୍ର କଅଁଳୁ ନାହିଁ ସେ ଲାଗି ଦିନେ ଗୋଲାପର ସବୁ ଡାଳ କାଟି ଫିଙ୍ଗିଦେଲେ। ଗୋଲାପ ଏବେ ଖୁବ୍ ଦୁର୍ବଳ ଆଉ ଅସହାୟ। ମାଟି ଉପରେ ସାମାନ୍ୟ ଡାଙ୍ଗ ସଦୃଶ ସେ ଏବେ ଦଣ୍ଡାୟମାନ। ମନରେ ଭରି ରହିଥିବା ଗର୍ବ ଅହଙ୍କାର ଭାଙ୍ଗି ଚୂର୍ମାର ହୋଇଗଲା। ଦୂବଘାସ କହିଥିବା କେଇପଦ କଥା ତା' କାନ ପାଖରେ ଗୁଞ୍ଜରିତ ହେଲା। ବନ୍ଧୁ ଆଜି ତୁମେ ଆଦର ପାଉଛ କାଲି ହୁଏତ ମୁଁ ଆଦରର ହକ୍‌ଦାର ହେଇଯିବି। ପରିବର୍ତ୍ତନ ସୃଷ୍ଟିର ନିୟମ। କୋହ ସମ୍ଭାଳି ନ ପାରି କଇଁକଇଁ ହୋଇ କାନ୍ଦିଉଠିଲା ଗୋଲାପ। ସେପଟେ ବାବୁଆଣୀ ଶ୍ରଦ୍ଧାର ସହିତ କେରାଏ କେରାଏ ଦୂବ ତୋଳି ନେଇ ଫୁଲଚାଙ୍ଗୁଡ଼ିରେ ସାଇତି ଦେଉଥିଲେ।

ମୋ: ୯୯୩୭୦୬୩୯୧୦



# କଳିଙ୍ଗରେ ଆଜିଠୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍



ଜର୍ମାନୀ, ଭାରତ, ସ୍ପେନ୍ ଓ ଇଂଲଣ୍ଡ ମହିଳା ହକି ଦଳର ଅଧିନାୟିକା। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏଠାରେ ମୁକାବିଲା ହେବ। ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ, ସ୍ପେନ୍‌ର ଉପଅଧିନାୟକ ଆଲେକ୍ସ ଆଲୋଁସୋ ଓ ଇଂଲଣ୍ଡ ଅଧିନାୟକ ଟିମ୍ ନର୍ସ ସେମାନଙ୍କ ପ୍ରସ୍ତୁତି ଏବଂ ଲକ୍ଷ୍ୟ ସମ୍ପର୍କରେ ପ୍ରକାଶ କରିଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରସ୍ତୁତିକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ମହିଳା ବିଭାଗରେ ୪ ଦଳର ଅଧିନାୟିକା ଭାରତର ସାଲିମା ଟେଟେ, ଜର୍ମାନୀର ଲଇସା ନୋଲ୍‌ଟେ, ସ୍ପେନର ଲୁସିଆ ଜିମେଞ୍ଜ ଓ ଇଂଲଣ୍ଡର ଲିଲି ଓ୍ୱାକର ସେମାନଙ୍କ ମତ ରଖିଛନ୍ତି। ଶନିବାର ପ୍ରଥମ ଦିବସରେ ଭାରତୀୟ ମହିଳା ଦଳ ଇଂଲଣ୍ଡକୁ ଅପରାହ୍ନ ୫ଟା ୧୫ ଓ ପୁରୁଷ ଦଳ ସନ୍ଧ୍ୟା ୭ଟା ୩୦ରେ ସ୍ପେନ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଅପରାହ୍ନ ୩ଟାରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଜର୍ମାନୀ ଓ ସ୍ପେନ୍ ମଧ୍ୟରେ ମୁକାବିଲା ହେବ।

ଭାରତୀୟ ପୁରୁଷ ଦଳ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୫ ନମ୍ବର ଏବଂ ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ ୭ ନମ୍ବରରେ ରହିଛି। ଚଳିତ ସିଜନରେ ଭାରତ କଳିଙ୍ଗ ଷ୍ଟାଡିୟମରୁ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ତେଣୁ ଘରୋଇ ପରିବେଶରୁ ଫାଇଦା ଉଠାଇ ମୋମେଣ୍ଟମ ହାସଲ କରିବା ଲକ୍ଷ୍ୟରେ ରହିଛି। ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ହରମନପ୍ରୀତଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ସ୍ତରରେ ପୁଣିଥରେ ଦକ୍ଷତା ପ୍ରମାଣର ସୁଯୋଗ ପାଇଛି। ୨୦୨୪ ଅକ୍ଟୋବରରେ ଭାରତୀୟ ଦଳ ଶେଷ ଥରପାଇଁ ଜର୍ମାନୀ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ସିରିଜ ଖେଳିଥିଲା।

ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି ଯେ, "ଆଗାମୀ କିଛି ଦିନ ଆମପାଇଁ ଅଲିମ୍ପିକ୍ସରେ ଖେଳିବା ସହ ସମାନ ରହିବ। ଲାଗଲାଗ ମ୍ୟାଚ ଥିବାରୁ ଆମେ ଏକ ବୃହତ୍ ଦଳ ଚୟନ କରିଛୁ। ଏଠାରେ ଆମେ ଚଳିତ ସିଜନ ପାଇଁ ଅଭିଯାନ ଆରମ୍ଭ କରିବୁ। ତେଣୁ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ଅପେକ୍ଷା ଖେଳାଳିଙ୍କ ପ୍ରଦର୍ଶନ ଆମପାଇଁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଖେଳିବାକୁ ଯାଉଥିବା ଦଳ ଗୁଡ଼ିକ ୟୁରୋପରେ କେତେଗୁଡ଼ିଏ ମ୍ୟାଚ ଖେଳି ସାରିଛନ୍ତି। ତେଣୁ ଭଲ ପ୍ରଦର୍ଶନ କରି ମ୍ୟାଚ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ"।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

**ଆଜିର ମ୍ୟାଚ (ମହିଳା)**
ଜର୍ମାନୀ ବନାମ ସ୍ପେନ୍
ସମୟ: ଅପରାହ୍ନ ୩ଟା
ଭାରତ ବନାମ ଇଂଲଣ୍ଡ
ସମୟ: ଅପରାହ୍ନ ୫ଟା ୧୫
**ଆଜିର ମ୍ୟାଚ (ପୁରୁଷ)**
ଭାରତ ବନାମ ସ୍ପେନ୍
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ସ୍ପୋର୍ଟ୍ସ୧୮, ଷ୍ଟାର ସ୍ପୋର୍ଟ୍ସ

### ଭାରତୀୟ ମହିଳା ଦଳ ଇଂଲଣ୍ଡ ଓ ପୁରୁଷ ଦଳ ସ୍ପେନ୍‌କୁ ଭେଟିବ

ଭାରତୀୟ ପୁରୁଷ ଦଳ ଏହାର ପରବର୍ତ୍ତୀ ମ୍ୟାଚ ୧୬ରେ ସ୍ପେନ୍, ୧୮ରେ ଜର୍ମାନୀ, ୧୯ରେ ଜର୍ମାନୀ, ୨୧ରେ ଆୟର୍ଲାଣ୍ଡ, ୨୨ରେ ଆୟର୍ଲାଣ୍ଡ, ୨୪ରେ ଇଂଲଣ୍ଡ ଓ ୨୫ରେ ଇଂଲଣ୍ଡ ବିପକ୍ଷରେ ଖେଳିବ। ସେହିପରି ମହିଳା ଦଳ ୧୬ରେ ଇଂଲଣ୍ଡ, ୧୮ରେ ସ୍ପେନ୍, ୧୯ରେ ସ୍ପେନ୍, ୨୧ରେ ଜର୍ମାନୀ, ୨୨ରେ ଜର୍ମାନୀ, ୨୪ରେ ନେଦରଲାଣ୍ଡ୍ସ ଓ ୨୫ରେ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।

### 'ଏଠାରେ ସିଜନ ଆରମ୍ଭ କରିବୁ'

"ନିକଟରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍‌ରେ ଆମ ଦଳର କେତେକ ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯୁଗରାଜ ସିଂ ଟପ୍ ସ୍କୋରର ପୁରସ୍କାର ଜିତିଥିବାରୁ ମୁଁ ବ୍ୟକ୍ତିଗତଭାବେ ବହୁତ ଖୁସି। ଆମ ଡ୍ରାଗ୍‌ଫ୍ଲିକ୍‌ରେ ଏହା ନୂଆ ଆଶା ସଞ୍ଚାର କରିଛି" ବୋଲି ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି। ଆମପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ। ପ୍ରୋ ଲିଗ୍‌ରୁ ଆମର ଅନ୍ତର୍ଜାତୀୟ ସିଜନ ଏବଂ ନୂଆ ଅଲିମ୍ପିକ୍ ସାଇକେଲ (ଚକ୍ର) ଆରମ୍ଭ ହେବ। ଆଗକୁ ୨୦୨୫ ଏସିଆ କପ୍ ଅଛି। ଏହାକୁ ଜିତିପାରିଲେ ଆମେ ବିଶ୍ୱକପ ଯୋଗ୍ୟତା ପାଇପାରିବୁ। ତେଣୁ ପ୍ରୋ ଲିଗ୍‌ରେ ଆମେ ନିଜକୁ ପରୀକ୍ଷା କରିପାରିବୁ। ଆମର ପ୍ରଦର୍ଶନ କିପରି ଅଛି ଏବଂ ଦୋଷ ଦୁର୍ବଳତା ସମ୍ପର୍କରେ ଜାଣି ପାରିବୁ। ସ୍ପେନ୍, ଜର୍ମାନୀ ଓ ଇଂଲଣ୍ଡ ସମସ୍ତେ ଶକ୍ତିଶାଳୀ ଦଳ। ତେଣୁ ଆମେ ମ୍ୟାଚ ପରେ ମ୍ୟାଚ ରଣନୀତି ପ୍ରସ୍ତୁତ କରି ପଡ଼ିଆକୁ ଓହ୍ଲାଇବୁ ବୋଲି ହରମନପ୍ରୀତ କହିଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଗତ ସଂସ୍କରଣରେ ଭାରତ ୭ମ ସ୍ଥାନରେ ରହିଥିଲା।



ହରମନପ୍ରୀତ ସିଂ

# ଭାରତ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତ: ଶାହା


ଜାତୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଓ ଅନ୍ୟମାନେ।

ହଲ୍‌ଦ୍ୱାନୀ, ୧୪।୨(ପି.ଟି.)

୩୮ତମ ଜାତୀୟ କ୍ରୀଡ଼ାର ପ୍ରତିଯୋଗିତାଗୁଡ଼ିକ ଗୁରୁବାର ଶେଷ ହୋଇଥିବା ବେଳେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଉଦ୍‌ଯାପନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ କ୍ରୀଡ଼ାରେ ଭାରତର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଆମ ଦେଶ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଗେମ୍ସର ପରିସମାପ୍ତି ଘୋଷଣା କରିଥିଲେ। ପରେ ସେ ଗେମ୍ସର ପରବର୍ତ୍ତୀ ଆୟୋଜକ ରାଜ୍ୟ ମେଘାଳୟ ମୁଖ୍ୟମନ୍ତ୍ରୀ କୋନରାଡ୍ ସାଙ୍ଗ୍‌ମାଙ୍କୁ ପତାକା ହସ୍ତାନ୍ତର କରିଥିଲେ। ଶାହାଙ୍କ ବ୍ୟତୀତ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ଇଭେଣ୍ଟରେ ଯୋଗଦାନ କରିଥିଲେ। ଗତ ଦୁଇସପ୍ତାହ ଧରି ଆଥ୍‌ଲେଟମାନଙ୍କ ପ୍ରଦର୍ଶନର ସେ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ସ୍ମାରକୀ, ଏକ ଶାଲ୍ ଏବଂ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସେ ତାଙ୍କ ଭାଷଣରେ କହିଥିଲେ 'ଦେବଭୂମି' କେବଳ ଜାତୀୟ କ୍ରୀଡ଼ା ଯୋଗୁ 'ଖେଳଭୂମି'ରେ ରୂପାନ୍ତରିତ ହୋଇ ନାହିଁ ଏହାର ଆଥ୍‌ଲେଟମାନେ ଗେମ୍ସରେ ଏଥର ଖୁବ୍ ଭଲ ପ୍ରଦର୍ଶନ କରିଛନ୍ତି। ଗେମ୍ସର ଗତ ସଂସ୍କରଣରେ ଉତ୍ତରାଖଣ୍ଡ ପଦକ ତାଲିକାର ୨୧ତମ ସ୍ଥାନରେ ରହିଥିଲା। ଏଥର କିନ୍ତୁ ରାଜ୍ୟ ଓଭରଅଲ୍ ଷ୍ଟାଣ୍ଡିଂର ୭ମ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତରାଖଣ୍ଡ କ୍ରୀଡ଼ାମନ୍ତ୍ରୀ ରେଖା ଆର୍ଯ୍ୟ, ବକ୍ସିଂ କିମ୍ବଦନ୍ତୀ ଏମ୍‌ସି ମେରୀକମ୍, ଅଲିମ୍ପିକ ପଦକ ବିଜୟୀ ଶୁଟର ଗଗନ ନାରଙ୍ଗ ଅନ୍ୟତମ। ଗେମ୍ସର ଏହି ସଂସ୍କରଣରେ ସର୍ଭିସେସ୍ ୧୨୧ ପଦକ (୬୮ ସ୍ୱର୍ଣ୍ଣ, ୨୬ ରୌପ୍ୟ, ୨୭ ବ୍ରୋଞ୍ଜ) ସହ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ପୂର୍ବରୁ ସର୍ଭିସେସ୍ କ୍ରମାଗତ ୪ଥର (୨୦୦୭, ୨୦୧୧, ୨୦୧୫ ଓ ୨୦୨୨) ପଦକ ତାଲିକାର ଶୀର୍ଷରେ ରହିଥିଲା। ସର୍ଭିସେସ୍ ତୁଳନାରେ ମହାରାଷ୍ଟ୍ର ଅଧିକ ୧୯୮ (୫୪ ସ୍ୱର୍ଣ୍ଣ, ୭୧ ରୌପ୍ୟ, ୭୩ ବ୍ରୋଞ୍ଜ) ପଦକ ଜିତିଥିଲା, ମାତ୍ର ସ୍ୱର୍ଣ୍ଣ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ରହିଥିବାରୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ହରିୟାଣା ମଧ୍ୟ ସର୍ଭିସେସ୍ ତୁଳନାରେ ଅଧିକ ୧୫୩ ପଦକ (୪୮ ସ୍ୱର୍ଣ୍ଣ, ୪୭ ରୌପ୍ୟ, ୫୮ ବ୍ରୋଞ୍ଜ) ଜିତିଥିଲା, କିନ୍ତୁ ସମାନ କାରଣରୁ ତୃତୀୟ ସ୍ଥାନରେ ରହିଥିଲା।

# କିଟ୍‌କୁ ସ୍ପୋର୍ଟ ଷ୍ଟାର ଏସେସ୍ ପୁରସ୍କାର

ଭୁବନେଶ୍ୱର, ୧୪।୨ (ବିଜୟ ରଣା)

 କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ କିଟ୍ ବିଶ୍ୱବିଦ୍ୟାଳୟକୁ ସ୍ପୋର୍ଟଷ୍ଟାର ଏସେସ୍ ପୁରସ୍କାର୨୦୨୫ ମିଳିଛି। କିଟ୍ ନିରବଚ୍ଛିନ୍ନ ଭାବେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଆସୁଛି। ଶୁକ୍ରବାର ମୁମ୍ବାଇଠାରେ 'ସ୍ପୋର୍ଟଷ୍ଟାର' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍‌କୁ ପୁରସ୍କୃତ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ସମ୍ମାନ ଗ୍ରହଣ କରିଥିଲେ। ୨୦୨୨ ପରେ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ପୁରସ୍କାର ଦ୍ୱିତୀୟ ଥର ମିଳିଛି। ସେହିପରି କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟ ଭାବରେ ମଧ୍ୟପ୍ରଦେଶ, କର୍ପୋରେଟ ଭାବେ ରିଲାଏନ୍ସ ଓ ପବ୍ଲିକ ସେକ୍ଟର ୟୁନିଟ ଭାବରେ ରେଲୱେ (ଆରଏସପିବି)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱନାଥନ୍ ଆନନ୍ଦଙ୍କ ସମେତ ବହୁ କ୍ରୀଡ଼ାବିତ୍ କୋଚ୍ ଓ ପ୍ରାକ୍ତନ କ୍ରୀଡ଼ାବିତ୍ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୪ ମସିହାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ନେତୃତ୍ୱରେ କିଟ୍ ଓ କିସ୍ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଭିତ୍ତିଭୂମି ଜରିଆରେ ଇତିମଧ୍ୟରେ ୨୩ ଜଣ ଅଲିମ୍ପିଆନ୍, ୩ଜଣ ପାରାଅଲିମ୍ପିଆନ୍, ୧୧ ଅର୍ଜୁନ ପୁରସ୍କାର ବିଜେତା ଓ ଜଣେ ଖେଳରତ୍ନ ପୁରସ୍କାର ବିଜେତା ସୃଷ୍ଟି ହୋଇପାରିଛନ୍ତି।



ପୁରସ୍କାର ଗ୍ରହଣ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ (ମଝି)।

# ପ୍ରଗତି, ବାପୁଜି କ୍ଲବ ସେମିରେ

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୮ମ ନବ ଦାଶ ଏବଂ ୪ର୍ଥ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ଓ ବାପୁଜି କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ତୃତୀୟ କ୍ୱାର୍ଟର ଫାଇନାଲରେ ସୋଲାର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୪୧ ରନ କରିଥିଲା। ବିଜୟ ଲକ୍ଷ୍ୟକୁ ପ୍ରଗତି ସ୍ପୋର୍ଟିଂ ୧୮.୫ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ୪ ଉଇକେଟ ସଫଳତା ପାଇଥିବା ପ୍ରଗତିର ସୁମନ ଦାସ ଅତିଥି ରାକେଶ ମହାନ୍ତିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ବାପୁଜି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୭୪ ରନ କରିଥିଲା। ଜବାବରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନରେ ସୀମିତ ରହିଥିଲା। ବିଜୟୀ ଦଳ ପକ୍ଷରୁ ଦ୍ରୁତ ୫୬ ରନ କରିଥିବା ଆର୍ଯ୍ୟଶ୍ରୀ ଭଞ୍ଜ ଅତିଥି କୈଳାସ ପାତ୍ରଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ନେଇଥିଲେ।


## ତୀର୍ଥ ଭ୍ରମଣ ସ୍ପେଶାଲ

ORGR- BANAMALI PANDA, KHAIRABAD, JAJPUR, M-9437310046, 9668114682

ପ୍ୟାକେଜ୍ ଟ୍ରେନ୍ ଟୁର୍: ୧ମ ଯାତ୍ରା: ତା.୧୯.୦୪.୨୫ରେ ଭୁବନେଶ୍ୱରରୁ ବାହାରି ପ୍ରୟାଗରାଜ ସଙ୍ଗମ, ଅଯୋଧ୍ୟା, ବନାରସ, ଗୟା ଓ ବୁଦ୍ଧଗୟା ହୋଇ ତା.୨୫.୦୪ ରିଖରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା (ପୂର୍ବ ଭାରତ ଓ ନେପାଳ): ତା.୦୭.୦୫ରେ ଭୁବନେଶ୍ୱରରୁ ବାହାରି କୋଲକାତା ହୋଇ ନିୟୁ ଜଲପାଇଗୁଡ଼ି, ସିଲିଗୁଡ଼ି, ଗ୍ୟାଙ୍ଗଟକ୍, ସିକିମ୍, ବାବାଧାମ, ଦାର୍ଜିଲିଂ, ଟାଇଗର ହିଲ୍, ନେପାଳ, ଜନକପୁର, କାଠମାଣ୍ଡୁ, ସୀତା ଜନ୍ମସ୍ଥାନ, ସୀତା ବିବାହ ମଣ୍ଡପ, ଜ୍ୟୋତିର୍ଲିଙ୍ଗ ବାବା ପଶୁପତି ନାଥ, ବୁଢ଼ା ନୀଳକଣ୍ଠ, ଶମ୍ଭୁନାଥ, ଗୌହାଟୀ, ଶକ୍ତିପୀଠ ମା' କାମାକ୍ଷୀ ଦେବୀ, ନବଦୀପଧାମ, ମାୟାପୁରୀ ହୋଇ ତା.୧୯.୦୫ରେ ଭୁବନେଶ୍ୱରରେ ପହଞ୍ଚିବ। ୩ୟ ଯାତ୍ରା (ଉତ୍ତର ଭାରତ): ଭୁବନେଶ୍ୱରରୁ ତା.୨୪.୦୫ରେ ବାହାରି ପ୍ରୟାଗରାଜ, ଆହ୍ଲାବାଦ (ତ୍ରିବେଣୀସଙ୍ଗମ), ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ, ଦିଲ୍ଲୀ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣ ଧାମ, କେଦାରନାଥ, ନୂଆ ଅଯୋଧ୍ୟା, କାଶୀ, ବାରଣାସୀ, ଗୟା (ପିଣ୍ଡଦାନ), ବୁଦ୍ଧଗୟା ହୋଇ ତା.୧୦.୦୬ ରିଖରେ ପୁରୀ ପହଞ୍ଚିବ। ୪ର୍ଥ ଯାତ୍ରା: ଉତ୍ତରାଖଣ୍ଡ ଚାରିଧାମ ତା.୨୯.୦୫ରେ ଭୁବନେଶ୍ୱରରୁ ବାହାରି ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣ ଧାମ, ଜ୍ୟୋତିର୍ଲିଙ୍ଗ କେଦାରନାଥ, ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ଦର୍ଶନ ସାରି ତା. ୧୨.୦୬ରେ ପୁରୀ ପହଞ୍ଚିବ।
ବ୍ୟବସ୍ଥା: ଭଲ ଗାଇଡ୍/ ସମ୍ପୂର୍ଣ୍ଣ ଦାୟିତ୍ୱ- ସକାଳ ଚା, ଦୁଇଓଳି ଖାଦ୍ୟ, ଲଜିଂ, ଧର୍ମଶାଳା ରହଣି ଓ ପାର୍ଶ୍ୱ ଗାଡିଖର୍ଚ୍ଚ ସହ ଜଣପ୍ରତି ୧ମ ଯାତ୍ରା- ଟ.୮,୫୦୦ଙ୍କା, ୩ ଏ ଟ.୧୨,୫୦୦ଙ୍କା। ୨ୟ ଯାତ୍ରା - ଟ.୨୭,୫୭୫ଙ୍କା, ୩ ଏ ଟ.୩୦,୫୫୫ଙ୍କା। ୩ୟ ଯାତ୍ରା- ଟ.୧୮,୫୦୦ଙ୍କା, ୩ ଏ ଟ.୨୬,୫୦୦ଙ୍କା। ୪ର୍ଥ ଯାତ୍ରା- ଟ.୧୭,୫୦୦ଙ୍କା, ୩ ଏ ଟ.୨୦,୫୦୦ଙ୍କା। ପ୍ରତ୍ୟେକ ଯାତ୍ରା ପାଇଁ ଅଗ୍ରିମ ୨୦୦୦/୫୦୦୦ ଟଙ୍କା ଦେଇ ନିମ୍ନ ଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ଶୀଘ୍ର ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୧୦ ଦିନ ପର୍ଯ୍ୟନ୍ତ ଅଗ୍ରିମ ଗ୍ରହଣ କରାଯିବ ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।
କଟକ-୯୪୩୮୪୦୮୬୦୫, ଭୁବନେଶ୍ୱର- ୮୮୯୫୮୧୩୨୨୨, ସମ୍ବଲପୁର-୯୪୩୭୫୮୮୪୬୪, ପୁରୀ-୯୪୩୭୪୩୫୦୦୨, ଅନୁଗୁଳ- ୯୮୬୧୪୫୩୬୪୧, ବାରିପଦା- ୭୮୫୪୮୬୧୨୨୩, ଆଠମଲ୍ଲିକ- ୮୯୧୭୪୯୯୧୬୩, ଢେଙ୍କାନାଳ- ୮୫୯୬୮୦୬୬୯୦, ବାଲେଶ୍ୱର- ୯୯୩୭୦୭୪୦୨୩, କେନ୍ଦୁଝର-୯୯୩୮୬୮୦୨୩୦, ବ୍ରହ୍ମପୁର- ୯୮୬୧୧୭୦୬୮୩, ବଲାଙ୍ଗୀର- ୯୪୩୭୧୯୫୦୫୮, ରାଉରକେଲା- ୬୩୭୦୭୪୭୧୯୭, କଳାହାଣ୍ଡି- ୭୮୯୪୭୩୧୭୭୪, ଭଦ୍ରକ- ୯୬୬୮୧୧୪୬୮୨, ବୌଦ୍ଧ- ୯୭୭୮୮୧୭୩୦୫, କେନ୍ଦ୍ରାପଡ଼ା- ୯୦୪୦୪୧୬୬୦୪, ନୟାଗଡ଼- ୬୩୭୧୨୩୩୭୦୫, ଜଗତସିଂହପୁର-୯୯୩୭୧୭୮୨୫୫


# ଓଡ଼ିଶା ଏଫ୍‌ସିର ସପ୍ତମ ବିଜୟ


ବିଜୟରେ ଉଲ୍ଲସିତ ଓଡ଼ିଶା ଏଫ୍‌ସି ଖେଳାଳି।

### ଇଣ୍ଡିଆନ ସୁପର ଲିଗ୍

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଓଡ଼ିଶା ଏଫ୍‌ସି ୩-୧ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଛି। ଫଳରେ ଓଡ଼ଇଶା ଏଫ୍‌ସିର ପ୍ଲେ-ଅଫ୍ ପ୍ରବେଶ ଆଶା ଉଜ୍ଜୀବିତ ରହିଛି। ହାଇଦ୍ରାବାଦ ଏଫ୍‌ସି ପକ୍ଷରୁ ଷ୍ଟିଫାନ ସାପିକ୍ ୩୦ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ବିଜୟୀ ଦଳ ପକ୍ଷରୁ ମୋର୍ତାଦା ଫଲ୍ ୪୭, ହ୍ୟୁଗୋ ବୌମସ ୪୯ ଓ ରହିମ ଅଲୀ ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ଓଡ଼ିଶା ଏଫ୍‌ସିକୁ ବିଜୟୀ କରିଥିଲେ। ୨୧ ମ୍ୟାଚରୁ ୭ମ ବିଜୟ ସହ ୨୯ ପଏଣ୍ଟ ପାଇ ଓଡ଼ିଶା ଦଳ ଟେବୁଲର ୭ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ହାଇଦ୍ରାବାଦ ଏଫ୍‌ସି ୨୦ ମ୍ୟାଚରୁ ୧୨ଶ ପରାଜୟ ବରଣ କରିଛି। ଚଳିତ ସିଜନ ପ୍ରାରମ୍ଭରେ ହୋଇଥିବା ମୁକାବିଲାରେ ମଧ୍ୟ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରିଥିଲା।

# ନ୍ୟାୟ ଆଶାରେ ଜାତୀୟ ପଦକ ବିଜେତା ଶକ୍ତିଉତ୍ତୋଳକ

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ଆହୁରି ମଧ୍ୟ ଅନେକ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ଏପରି ଅନେକ କ୍ରୀଡ଼ାବିତ୍ ଅଛନ୍ତି ଯେଉଁମାନେ କି ସିନିୟର ଜାତୀୟ ସ୍ତରରେ ଗଣ୍ଡାଗଣ୍ଡା ପଦକ ଜିତିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଛି। ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ସରକାରୀ ନିଯୁକ୍ତିରୁ ବଞ୍ଚିତ କରାଯାଉଛି। ହକ୍ ପାଇଁ ସେମାନଙ୍କୁ ଲଢ଼େଇ କରିବାକୁ ପଡୁଛି। ଶୁକ୍ରବାର ଏଠାରେ ଏକ ଖବରଦାତା ସମ୍ମିଳନୀ କରି ଏପରି ଗୁରୁତର ଅଭିଯୋଗ ଆଣିଛନ୍ତି ଡଜନେରୁ ଅଧିକ ଜାତୀୟ ପଦକ ବିଜେତା ଶକ୍ତିଉତ୍ତୋଳକ। ସେମାନଙ୍କ ମଧ୍ୟରେ ଅଛନ୍ତି ଦେବୀ ସିଂ, ଦେବାଶିଷ ମହାନ୍ତି, ଦୀପକ ନାୟକ, ଅଭିଷେକ ମହନ୍ତ, ଭାରତୀ ପାତ୍ର, ଶିମରଣୀ ସିଂ, ସୁଷମା ରାୟ, ସ୍ୱାଗତିକା ଖଟେଇ, ଧନମଣି ଟୁଡୁ, ତେଜବ ସୁନା, ରାଜସ୍ମିତା ସାହୁ ଓ ପ୍ରଭାତୀ ସିଂ। ୨୦୧୫ରୁ ସରକାରଙ୍କ ଯୋଜନା ଅନୁସାରେ ୨୬ଟି ଖେଳରେ ସିନିୟର ଜାତୀୟ ପ୍ରତିଯୋଗିତାରେ ପଦକପ୍ରାପ୍ତ ଖେଳାଳିଙ୍କୁ ସରକାର ଓଡ଼ିଶା ପୋଲିସରେ ଗ୍ରୁପ୍-ସି ଓ ଗ୍ରୁପ୍-ଡିରେ ସିଧାସଳଖ ନିଯୁକ୍ତି ବ୍ୟବସ୍ଥା ରହିଛି। ଏହି କ୍ରୀଡ଼ା ଶୃଙ୍ଖଳାଗୁଡ଼ିକ ମଧ୍ୟରେ ଶକ୍ତିଉତ୍ତୋଳନ ଅନ୍ୟତମ।

ପ୍ରକାଶଯୋଗ୍ୟ ଯେ ଭାରତୀୟ ପାୱାରଲିଫ୍ଟିଂ ଫେଡେରେଶନ ପୂର୍ବରୁ ଏହି କ୍ରୀଡ଼ାରେ ବିଶ୍ୱର ସର୍ବୋଚ୍ଚ ସଂଘ ଅନ୍ତର୍ଜାତୀୟ ପାୱାରଲିଫ୍ଟିଂ ଫେଡେରେଶନ ସହ ଅନୁବନ୍ଧିତ ଥିଲା। ତାହାକୁ ଅନ୍ତର୍ଜାତୀୟ ସଂଘ ୨୦୧୭ରେ ଭାଙ୍ଗି ଭାରତରେ ଶକ୍ତିଉତ୍ତୋଳନର ସୁପରିଚାଳନା ନିମନ୍ତେ ଏକ ଆଡ୍‌ହକ କମିଟି ଗଠନ କରିଥିଲା। ଏହି କମିଟି ଜରିଆରେ ବିଧିବଦ୍ଧଭାବେ ଭାରତର ସମସ୍ତ ଶକ୍ତିଉତ୍ତୋଳକ ସଂଘକୁ ନେଇ ସେହିବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅନ୍ତର୍ଜାତୀୟ ସଂଘର ନିର୍ଦ୍ଦେଶରେ ଜାତୀୟ ଶକ୍ତିଉତ୍ତୋଳନ ସଂଘର ନାମ ପାୱାରଲିଫ୍ଟିଂ ଇଣ୍ଡିଆ ରଖାଯାଇଥିଲା। ଏହାକୁ ଅନ୍ତର୍ଜାତୀୟ ପାୱାରଲିଫ୍ଟିଂ ସଂଘ ସ୍ୱୀକୃତି ମଧ୍ୟ ଦେଇଥିଲା। ତେଣୁ ପାୱାରଲିଫ୍ଟିଂ ଇଣ୍ଡିଆ ଭାରତରେ ଏକମାତ୍ର ଜାତୀୟ ଶକ୍ତିଉତ୍ତୋଳନ ସଂଘଭାବେ ସ୍ୱୀକୃତ ଅନୁଷ୍ଠାନ। ୨୦୨୧ରେ ଏହି ସଂଘ ଅଧୀନରେ ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ୩ ଜଣ ଓଡ଼ିଆ ପୋଲିସ ବିଭାଗରେ ନିଯୁକ୍ତି ପାଇଛନ୍ତି। ୨୦୨୨ରେ ଅନ୍ୟ ୯ ଜଣଙ୍କୁ ପୋଲିସ ଡିଜି ଅଫିସକୁ ସାର୍ଟିଫିକେଟ ଭେରିଫିକେଶନ ପାଇଁ ଡକାଯାଇଥିଲା। ମାତ୍ର ସେତେବେଳେ କ୍ରୀଡ଼ା ବିଭାଗର ଅଧିକାରୀ ଦ୍ୱନ୍ଦ୍ୱରେ ରହିବାରୁ ସାର୍ଟିଫିକେଟଗୁଡ଼ିକୁ ପୁଣିଥରେ ଭେରିଫିକେଶନ ପାଇଁ ପଠା ଯାଇଥିଲା, ଯାହାର ଉତ୍ତର ଆଜି ପର୍ଯ୍ୟନ୍ତ କ୍ରୀଡ଼ା ବିଭାଗ ପକ୍ଷରୁ ପୋଲିସ ବିଭାଗକୁ ଦିଆଯାଇନାହିଁ। ଫଳରେ ୨୦୨୨ରୁ ଏପର୍ଯ୍ୟନ୍ତ ଜାତୀୟ ଶକ୍ତିଉତ୍ତୋଳନରେ ସଫଳତା ଲାଭ କରିଥିବା କୌଣସି କ୍ରୀଡ଼ାବିତ୍ ଚାକିରି ପାଇବା ସମ୍ଭବ ହୋଇନାହିଁ ବୋଲି ଶକ୍ତିଉତ୍ତୋଳକ ଦେବାଶିଷ ମହାନ୍ତି ପ୍ରକାଶ କରିଛନ୍ତି। ଏହାକୁ ବିରୋଧ କରି ୯ ଜଣ ଶକ୍ତିଉତ୍ତୋଳକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମକଦ୍ଦମାକୁ ଗ୍ରହଣ କରି କେସ୍ ନ ସରିବା ମଧ୍ୟରେ ସରକାର ଚାହିଁଲେ ଶକ୍ତିଉତ୍ତୋଳକଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ମତ ରଖିଥିଲେ। ମାତ୍ର ଏହାସତ୍ତ୍ୱେ କ୍ରୀଡ଼ା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଡଜନେରୁ ଊର୍ଦ୍ଧ୍ୱ ପଦକ ଜିତି ବେକାର ହୋଇ ରହିଥିବା ଦେବୀ ସିଂ କହିଛନ୍ତି ଯେ, ମୁଁ ଅନେକ ପରିଶ୍ରମ କରି ଜାତୀୟ ସ୍ତରରେ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛି। ମାତ୍ର ଏବେ ଛେଳି ଚରାଇ ଜୀବନ ଅତିବାହିତ କରିବାକୁ ପଡୁଛି। ତେଣୁ ନୂଆ ସରକାର ଶୀଘ୍ର ଆମକୁ ନ୍ୟାୟ ପ୍ରଦାନ କଲେ ଆମେ ଉପକୃତ ହେବୁ। ଧନମଣି ଟୁଡୁ ମଧ୍ୟ ସମାନ ମତ ରଖିଛନ୍ତି। ଚାକିରି ନ ମିଳିବାରୁ ପୋଟ ପୋଷିବା ପାଇଁ ମୁଁ ତାମିଲନାଡୁରେ କାମକରି ଚଳୁଛି। ସରକାର ରାଜ୍ୟର ଯୋଗ୍ୟ ଶକ୍ତିଉତ୍ତୋଳକଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ସେ ଆଶା ରଖିଛନ୍ତି।


ଖବରଦାତା ସମ୍ମିଳନୀରେ ଶକ୍ତିଉତ୍ତୋଳକମାନେ ସେମାନଙ୍କ ପଦକ ପ୍ରଦର୍ଶନ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ